

‘ଦାଦା ସାହେବ ଫାଲ୍‌କେ’କୁ ନେଇ ଚର୍ଚ୍ଚା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-79 ◆FRIDAY ◆12 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୯ ◆ଶୁକ୍ରବାର ◆୧୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ୭୨ ଘଣ୍ଟାରେ ୬ ମୁସ୍‌ଲିମ ଦେଶ ଉପରେ ଇସ୍ରାଏଲର ଆକ୍ରମଣ

## ୨୦୦ ମୃତ, ସହସ୍ରାଧିକ ଆହତ



■ ଜେରୁଜେଲମ, ୧୧।୯ (ଏଜେନ୍ସି): ଗତ ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ୬ଟି ମୁସଲିମ୍ ଦେଶ ଉପରେ ଆକ୍ରମଣ କରିଛି । ଏହି ୬ଟି ଦେଶ ହେଲା ଗାଜା (ପାଲେଷ୍ଟାଇନ), ସିରିଆ, ଲେବାନନ୍, କାତାର, ୟେମେନ ଓ ଟ୍ୟୁନିସିଆ । ଏହି ଆକ୍ରମଣରେ ୨୦୦ରୁ ଅଧିକ ଲୋକ ନିହତ ହୋଇଥିବା ବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ସୋମବାରରୁ ବୁଧବାର ମଧ୍ୟରେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା । ଏହି ଦେଶଗୁଡିକରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ତରଫରୁ କୁହାଯାଇଛି । ଅବଶ୍ୟ ଏନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସନ୍ତୋଷ ଜାହିର କରିଛନ୍ତି । କିନ୍ତୁ ୯/୧୧ ଆତଙ୍କବାଦୀ ଆକ୍ରମଣ ପରେ ଆମେରିକା ଯାହା କରିଥିଲା, ଆମେ ତାହା କରିଛୁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି ନେତାନ୍ୟାହୁ । ମଙ୍ଗଳବାର ଇସ୍ରାଏଲ କାତାର ରାଜଧାନୀ ଦୋହା ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା । ହମାସ ମୁଖ୍ୟ ଖଲିଲ-ଅଲ ହାୟାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥଲା ବୋଲି ଇସ୍ରାଏଲ କହିଥିଲା । ଏଥିରେ ଅଲ ହାୟାଙ୍କ ପୁଅ, ଅଫିସ ଡାଇରେକ୍ଟର, ୩ଜଣ ଗାର୍ଡ, ଜଣେ କାତାରର ସୁରକ୍ଷାକର୍ମୀଙ୍କ ସହ ୬ ଜଣ ମୃତ୍ୟୁବରଣ କରିଥିଲେ । ୭୨ ଘଣ୍ଟା ମଧ୍ୟରେ ହୋଇଥିବା ଆକ୍ରମଣରେ ଗାଜାରେ ୧୫୦, ୟେମେନରେ ୧୦, ଲେବାନନ୍‌ରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ । କିନ୍ତୁ ଟ୍ୟୁନିସିଆ ଓ ସିରିଆରେ କେହି ମୃତାହତ ହୋଇଥିବା ଜଣାପଡ଼ିନାହିଁ । ଗାଜାରେ ୨୦୨୩ରୁ ଏପର୍ଯ୍ୟନ୍ତ ୬୪, ୦୦୦ ଲୋକ ଯୁଦ୍ଧରେ ଅର୍ଥାତ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାତାର ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛନ୍ତି । କାତାର ନେତାଙ୍କୁ ଫୋନ୍ କରି ମୋଦୀ ଏହାର ନିନ୍ଦା କରିବା ସହିତ କହିଛନ୍ତି ଯେ କାତାରର ସାର୍ବଭୌମତ୍ୱର ସୁରକ୍ଷାକୁ ସମ୍ମାନ ଦିଆଯିବା ଉଚିତ ।

## ବ୍ୟାଙ୍କ ଋଣ ନ ଶୁଝିଲେ ଲକ୍ ହେବ ଫୋନ୍




■ ମୁମ୍ବଇ, ୧୧।୯ (ଏଜେନ୍ସି): ଋଣଦାତାଙ୍କ ପୁନରୁଦ୍ଧାର କ୍ଷମତା ବୃଦ୍ଧି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ନୂତନ ନିୟମ ଆଣିବାକୁ ବିଚାର କରୁଛି । ଏହି ନିୟମ ଅନୁଯାୟୀ, ଋଣଦାତାମାନେ ବହୁ ଦୂରରେ ଥାଇ ମଧ୍ୟ ଖିଲାପକାରୀଙ୍କ ଫୋନ୍ ଲକ୍ କରିପାରିବେ । ଗତ ବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ ଋଣଦାତାମାନଙ୍କୁ ଋଣ ଖିଲାପକାରୀଙ୍କ ଫୋନ୍ ଲକ୍ କରିବାକୁ କହିଥିଲା । ଡିଭାଇସ୍ ଲକ୍ ବା ବନ୍ଦ କରିବା ପାଇଁ ଋଣ ପ୍ରଦାନ ସମୟରେ ଋଣଗ୍ରହୀତାଙ୍କ ଫୋନ୍‌ରେ ଏକ ଆପ୍ ସଂସ୍ଥାପିତ ହେବ । ଋଣଦାତାଙ୍କ ସହ ଆଲୋଚନା ପରେ ଆର୍‌ବିଆଇ ଆଗାମୀ କିଛି ମାସ ମଧ୍ୟରେ ଫେୟାର ପ୍ରାକ୍ଟିସ୍ କୋଡ୍ ଅପଡେଟ୍ କରିବା ସହିତ ଫୋନ୍-ଲକ୍ କରିବା ପଦ୍ଧତି ଉପରେ ନିର୍ଦ୍ଦେଶାବଳୀ ଜାରି କରିପାରେ । ଏଥିରେ ଆର୍‌ବିଆଇ ଦୁଇଟି ଜିନିଷ ସୁନିଶ୍ଚିତ କରିବାକୁ ଚାହୁଁଛି, ପ୍ରଥମତଃ ଋଣଦାତାମାନେ ଫୋନ୍ ଲକ୍ କରି ଋଣ ▶ପୃଷ୍ଠା-୧୦

## ‘ଡ୍ରଗ୍ ମନି’ ରାକେଟ: ୨୬୪ କୋଟି ଜବତ

**ନାଇଜେରିଆ ପଠାଯାଇଛି ୫୯୮ କୋଟିର କମିସନ**

**ସପ୍ତାହକୁ ପଠା ଯାଉଥିଲା ୧୮୪ କୋଟି ଟଙ୍କା**

■ ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ତେଲେଙ୍ଗାନା ଇଗଲ ଫୋର୍ସ ବଡ଼ଧରଣର ହାୱାଲା ର୍ୟାକେଟର ପର୍ଦ୍ଦାଫାସ କରିଛି । ବିଦେଶରୁ ରହି ଭାରତରେ ନିଶା ଚାଲାଣ କରାଯାଉଥିଲା ଏବଂ ଏଥିରୁ ମିଳୁଥିବା ବିପୁଳ ଅର୍ଥକୁ ହାୱାଲା ମାଧ୍ୟମରେ କଳାରୁ ଧଳା କରାଯାଉଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ୩୦ ନିୟୁତ ଡଲାର (୨୬୪ କୋଟି ଟଙ୍କା) ଜବତ କରିଛି । ଏହି ମାମଲାରେ ୫ ରାଜ୍ୟରୁ ୫୦ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ଏହି କଳା କାରବାରର ଚେର ବିଦେଶକୁ ଲମ୍ବିଛି । ବିଦେଶରୁ ନିଶା ଦ୍ରବ୍ୟ ଆଣି ଦେଶରେ ବିକ୍ରି କରାଯାଉଥିଲା । ସୂଚନା ଅନୁଯାୟୀ ନାଇଜେରିଆ ନାଗରିକ ଓନେଇସି ଏସୋମିଚ କେନେଥ ଓରଫ ମାକ୍ସୱେଲଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା । କୋକେନ ଏବଂ ଏକାଷ୍ଟାସି ଟାବ୍‌ଲେଟ ବିକ୍ରି ସମୟରେ ସେ ଧରାପଡ଼ିଥିଲା । ▶ପୃଷ୍ଠା-୧୦

# ସାର ପାଇଁ ସାରାରାତି ଅନିଦ୍ରା

## ଘନଘନ ସମୀକ୍ଷା; ଫଳ ଶୂନ୍

■ ଭୁବନେଶ୍ୱର, ୧୧।୯ (ସମିସ): ଆବଶ୍ୟକ ସମୟରେ ସାର ପାଉ ନାହାନ୍ତି ଚାଷୀ । ସମବାୟ ସମିତିରେ ସାର ପାଇଁ ଲମ୍ବା ଧାଡ଼ି ଲାଗୁଛି । ରାତି ସାରା ଅନିଦ୍ରା ହୋଇ ସାରକୁ ଅପେକ୍ଷା କରିବା ସତ୍ତ୍ୱେ ବି ଚାଷୀ ନିରାଶରେ ଘରକୁ ଫେରୁଛି । ଯେତିକି ସାର ଲ୍ୟାମ୍ପ୍‌ସକୁ ଆସୁଛି, ତାହା ପର୍ଯ୍ୟାପ୍ତ ହେଉନି । ଅନେକ ସ୍ଥାନରେ ଲ୍ୟାମ୍ପ୍‌ସକୁ ସାର ନ ଆସି ବେସରକାରୀ ଡିଲର୍‌ଙ୍କୁ ସାର ଦିଆଯାଉଥିବା ଅଭିଯୋଗ ହେଉଛି । ଏ ସବୁ ଭିତରେ ଚାଷୀ କେବେ ସାର ପାଇବ ଓ କେବେ କ୍ଷେତରେ ପକାଇବ ତାହାକୁ ନେଇ ଚାଷୀଙ୍କ ଚିନ୍ତା ପଶିଛି । ବିଭାଗୀୟ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, କୃଷି ସଚିବ ଆଦି ସାର ପ୍ରସଙ୍ଗରେ ଘନଘନ ବୈଠକ କରିବା ସତ୍ତ୍ୱେ ଚାଷୀଙ୍କ ସମସ୍ୟା ସମାଧାନ ହେଉନାହିଁ । ଏପରି ସ୍ଥିତିରେ ଚାଷୀମାନେ କେବେ ସାର ପାଇବେ ତାହାକୁ ନେଇ ପ୍ରଶ୍ନ ଉଠିଛି ।

ତଥ୍ୟ ଅନୁସାରେ ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିଲା ▶ପୃଷ୍ଠା-୧୦



**ସରକାର କହୁଛନ୍ତି ପର୍ଯ୍ୟାପ୍ତ ଅଛି; ଚାଷୀ ପାଇଲାବେଳକୁ ହଟହଟା**

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ସାର କଳାବଜାର ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଲୋକସେବା ଭବନରେ ସାର ଯୋଗାଣର ସମୀକ୍ଷା କରିଛନ୍ତି । ଜିଲ୍ଲାଗୁଡ଼ିକରେ ଥିବା ପାକ୍‌ସ ଓ ଲାମ୍ପସ୍ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାର କଳାବଜାରୀ, ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଯାଞ୍ଚ ସ୍ଥାନରେ ସାରକୁ ଜବତ ନ କରି ସେହି ସାରକୁ ନିକଟସ୍ଥ ପାକ୍‌ସ କିମ୍ବା ଲ୍ୟାମ୍ପ୍‌ସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେବା ସହ ବନ୍ୟାଞ୍ଚଳରେ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେ ବିଷୟରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଇଣ୍ଡସ୍ ଅକ୍ସନ୍ ରିପୋର୍ଟ: ଘରୋଇ ବିଦ୍ୟାଳୟରେ ୨୫% ଗରିବ ପିଲା

## ଆର୍‌ଟିଇ ପାଠପଢ଼ାରେ ଓଡ଼ିଶା ପ୍ରଥମ

**ସଫଳତା ନେଇ ଖୁସିବ୍ୟକ୍ତ କଲେ ନବୀନ ପଟ୍ଟନାୟକ**

**ବିଜେଡି ସରକାରଙ୍କ ସଫଳ କାର୍ଯ୍ୟାନ୍ୱୟନର ପ୍ରତିଫଳନ**



■ ଭୁବନେଶ୍ୱର, ୧୧।୯ (ସମିସ): ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ)ରେ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବାରେ ରେକର୍ଡ କରିଛି ଓଡ଼ିଶା । ଆର୍‌ଟିଇ ଅଧୀନରେ ଘରୋଇ ବିଦ୍ୟାଳୟରେ ନାମ ଲେଖାଇଥିବା ରାଜ୍ୟର ୯୭ ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି । ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଇଣ୍ଡସ୍ ଅକ୍ସନ୍ ପକ୍ଷରୁ ପ୍ରକାଶିତ ଶିକ୍ଷା ଅଧିକାର ଆଇନ୍ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି । ଉତ୍ତରାଖଣ୍ଡ ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟରେ ପ୍ରାୟ ୯୧ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି । ୫-ଟି ଉପକ୍ରମ ଅଧୀନରେ ବିଦ୍ୟାଳୟର ରୂପାନ୍ତରୀକରଣ କରିବା ପରେ ଆର୍‌ଟିଇ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରି ପାରିଛି । କରୋନା ମହାମାରୀ ପରେ ଶିକ୍ଷା କ୍ଷେତ୍ର ବ୍ୟାପକ ପ୍ରଭାବିତ ହେବା ସତ୍ତ୍ୱେ ଆର୍ଥିକ ଅନଗ୍ରସର ପିଲାମାନେ ପାଠପଢ଼ା ଜାରି ରଖିଛନ୍ତି । ସାରା ଦେଶରେ ଆର୍‌ଟିଇ ▶ପୃଷ୍ଠା-୧୦

## ୧୮ରୁ ବିଧାନସଭାର ମୌସୁମୀ ଅଧିବେଶନ

**୧୬ରେ ସର୍ବଦଳୀୟ ବୈଠକ**

■ ଭୁବନେଶ୍ୱର, ୧୧।୯ (ସମିସ): ଆସନ୍ତା ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ । ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ୧୬ ତାରିଖରେ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଛନ୍ତି । ବୈଠକରେ ବିଧାନସଭା ଶୃଙ୍ଖଳିତ ପରିଚାଳନା ନେଇ ବାଚସ୍ପତି ସବୁ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ । ଅଧିବେଶନରେ କେମିତି ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହେବ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ କେମିତି ବିରୋଧୀଙ୍କୁ ପୂରା ▶ପୃଷ୍ଠା-୧୦

### ଆୟୁଷ୍ମାନ କାର୍ଡରେ ଚିକିତ୍ସା ସୁବିଧା ଦେଉନାହାନ୍ତି କର୍ତ୍ତୃପକ୍ଷ

## ଡାକ୍ତରଖାନାରେ ବନ୍ଧା ପଡ଼ିଛି ପୁଅ

**ଫି’ ବଦଳରେ ନିଜ କିଡ୍‌ନୀ ଦେବାକୁ ବାପା କରୁଛି ଗୁହାରି**



■ ଭୁବନେଶ୍ୱର, ୧୧।୯ (ସମିସ): ରାଜ୍ୟରେ ରୋଗୀଙ୍କ ପାଇଁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କାର୍ଡକୁ ଆଶୀର୍ବାଦ ବୋଲି ପ୍ରଚାର କରାଯାଉଛି; ମାତ୍ର ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ଆୟୁଷ୍ମାନ କାର୍ଡକୁ ଗ୍ରହଣ କରିବାକୁ ଅରାଜି । ଅନେକ ସ୍ଥାନରେ ଏହି ସ୍ୱାସ୍ଥ୍ୟ କାର୍ଡ ଆଶୀର୍ବାଦ ବଦଳରେ ରୋଗୀଙ୍କ ପାଇଁ ଅଭିଶାପ ପାଲଟିଛି । ଘରୋଇ ହସ୍ପିଟାଲ ଚିକିତ୍ସା ପାଇଁ ରୋଗୀଙ୍କୁ ଭର୍ତ୍ତି କରି ଦେଉଛନ୍ତି ସିନା, ପରବର୍ତ୍ତୀ ସମୟରେ ଆୟୁଷ୍ମାନ କାର୍ଡକୁ ଗ୍ରହଣ କରୁନାହାନ୍ତି । ଫଳରେ ହସ୍‌ପିଟାଲର ଲମ୍ବା ଡାକ୍ତରୀ ଚିଠା ଓ ମୋଟା ବିଲ୍ ସାଧାରଣ ଗରିବ ଲୋକଙ୍କୁ ରାସ୍ତାର ଭିକାରୀ କରି ଦେଉଛି । ଏପରି ସ୍ଥଳରେ ବିଭିନ୍ନ ଡାକ୍ତରଖାନାରେ ରୋଗୀ ଓ ସେମାନଙ୍କ ▶ପୃଷ୍ଠା-୧୦

### ଭାଦ୍ରବରେ ଗ୍ରୀଷ୍ମର ଭ୍ରମ

## ଚାନ୍ଦବାଲି ଦେଶର ଦଶମ ଉତ୍ତପ୍ତ ସହର

■ ଭୁବନେଶ୍ୱର, ୧୧।୯ (ସମିସ): ଭାଦ୍ରବ ମାସରେ ଗ୍ରୀଷ୍ମର ଭ୍ରମ ସୃଷ୍ଟି ହୋଇଛି । ରାଜ୍ୟରେ ବର୍ଷା ବନ୍ଦ ହେଉ ହେଉ ହଠାତ୍ ତାତି ଆରମ୍ଭ ହୋଇଛି । ଖରାର ପ୍ରକୋପ ସାଙ୍ଗକୁ ଆର୍ଦ୍ରତା ଯୋଗୁଁ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି । ଗୁରୁବାର ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ୩୬.୮ ଡିଗ୍ରୀ ସହ ଚାନ୍ଦବାଲି ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ଦଶମ ଉତ୍ତପ୍ତ ସହର ପାଲଟିଛି । ଚାନ୍ଦବାଲି ତଳକୁ ନୟାଗଡ଼ରେ ୩୬.୫, ଭୁବନେଶ୍ୱରରେ ତାପମାତ୍ରା ୩୬ ଡିଗ୍ରୀ ରହିଥିବା ବେଳେ ବାଲେଶ୍ୱର, କଟକ, ପୁରୀ, ବାରିପଦା, ସମ୍ବଲପୁର, ଭଦ୍ରକ, ଜଗତସିଂହପୁର ଆଦିରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି । ବର୍ତ୍ତମାନ ଆକାଶ ନିର୍ମଳ ରହୁଛି । ଏହାସହିତ ବଙ୍ଗୋପସାଗର ପଟୁ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ହେତୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ମାତ୍ରା ମଧ୍ୟ ରହୁଛି । ଏହା ପ୍ରଭାବରେ ଦିନବେଳା ସୂର୍ଯ୍ୟଙ୍କ ପ୍ରଖର କିରଣ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି । ଦିନ ବେଳା ସୃଷ୍ଟି ହେଉଥିବା ଏହି ସ୍ଥିତି ଯୋଗୁଁ ଅପରାହ୍ଣରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନୁକୂଳ ହେଉଛି । ଏହି କ୍ରମରେ ଗୁରୁବାର ବାରିପଦା, ରାୟଗଡ଼ା ଓ ପାରଳାଖେମୁଣ୍ଡି ଆଦିରେ ୧୫-୨୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇଥିବା ରେକର୍ଡ ହୋଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ଆସନ୍ତା ୨ ଦିନ ମଧ୍ୟରେ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ▶ପୃଷ୍ଠା-୧୦









# ସିଟି କଟକ

## ହାଇକୋର୍ଟରେ କଟକ ସହର ସମସ୍ୟା

# ଏସ୍‌ସିବିରେ ଅନ୍‌ଲାଇନ୍ ଓପିଡି ଟିକଟ ପଞ୍ଜୀକରଣରେ ବୃଦ୍ଧି

କଟକ,୧୧।୯ (ସମିସ):

ଆଜି କଟକ ସହର ସମସ୍ୟା ଶୁଣାଣି କରିଛନ୍ତି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ। ଏସସିବି ମେଡିକାଲ କଲେଜ ହସପିଟାଲ ସମେତ ଏଏଚଆରସି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ କଟକ ଶିଶୁଭବନରେ ରୋଗୀଙ୍କ ଓପିଡି ବା ଆଉଟଡୋର ଟିକଟ ପାଇଁ ମାନୁଆଲ ସହ ଅନଲାଇନ ରେଜିଷ୍ଟ୍ରେସନ ଆରମ୍ଭ କରାଯାଇଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କ ପକ୍ଷରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଭର୍ଚୁଆଲ ଶୁଣାଣିରେ ଏସ୍‌ସିବି ଓ ଶିଶୁଭବନ ଅଧୀକ୍ଷକ ଉପସ୍ଥିତ ରହି ଏହାର ବିବରଣୀ ଉପସ୍ଥାପନ କରିଥିଲେ। ଏସସିବିରେ ଗତ ଜୁଲାଇ ମାସରେ ମୋଟ ୧ଲକ୍ଷ୮ ୯୨୨ଜଣ ରୋଗୀ ଓପିଡି ଟିକଟ କରିଥିଲା ବେଳେ ଏଥିରୁ ୨୫୩୧୭ଜଣ ଅନଲାଇ ନରେ ବୁକିଂ କରିଥିଲେ। ସେହିଭଳି ଅଗଷ୍ଟରେ ମୋଟ ୧ ଲକ୍ଷ ୯୪ ହଜାର ୩୬୧ ମଧ୍ୟରୁ ୩୦ ହଜାର ୬୪୨ ଅନଲାଇନ ପଞ୍ଜୀକରଣ କରିଥିଲେ। ଏପରିକି ଆଜି ଗୋଟିଏ ଦିନରେ ୨୧୦୦ରୁ ଅଧିକ ରୋଗୀ ଦିନ ଗୋଟାଏ ସୁଦ୍ଧା ଅନଲାଇନ ପଞ୍ଜୀକରଣ କରିଥିବା ନେଇ ଅଧୀକ୍ଷକ ଜଣାଇଥିଲେ। ଶିଶୁଭବନରେ ମଧ୍ୟ ଗତ ଅଗଷ୍ଟ ୮ରୁ ଏହି ସେବା ଆରମ୍ଭ ହୋଇଥିବା ବେଳେ ମୋଟ ୧୭ ହଜାର ମଧ୍ୟରୁ ୫୪୪ ଓ ସେପ୍ଟେମ୍ବରରେ ବର୍ତ୍ତମାନ ସୁଦ୍ଧା ୧୦୮ ରେଜିଷ୍ଟ୍ରେସନ କରିଥିବା କୁହାଯାଇଛି।



### ଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କ'ଣ ପଦକ୍ଷେପ ନେଇଛ ଜଣାଅ

କଟକ ଚଣ୍ଡୀ ମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଇଁ ଷୋଡଶ ଉପଚାର ପୂଜା ଆରମ୍ଭ ହେବାକୁ ଯାଉଥିବା ବେଳେ ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ଜିଲ୍ଲା ପ୍ରଶାସନ ଓ କମିସନରେଟ ପୁଲିସକୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ। ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଜାରି ରହିଥିବା ବେଳେ ମନ୍ଦିର ସମ୍ମୁଖ ସଂକୀର୍ଣ୍ଣ ରାସ୍ତା ପାଇଁ ଟ୍ରାଫିକ ଭିଡ ଅଣାୟତ୍ତ ହେଉଛି। ପାର୍ବଣ ବେଳେ ବାରବାଟୀ ଷ୍ଟାଡିୟମ-ଶେଖବଜାର-ଚାନ୍ଦିନୀଚୌକ ରାସ୍ତା ଭିଡକୁ ନିୟନ୍ତ୍ରଣ କରିବା ତଥା ମନ୍ଦିରରେ ଦର୍ଶନ ଓ ଗାଡି ପାର୍କିଂ ପାଇଁ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ କହିଛନ୍ତି ହାଇକୋର୍ଟ।

### ମେଡିକାଲରେ ଅତ୍ୟାଧୁନିକ ରୋଷଘର ଓ ଖାଦ୍ୟପେୟ ନିର୍ଦ୍ଦେଶାବଳୀ ଅନୁପାଳନକୁ ଗୁରୁତ୍ୱ

ଏସସିବି ମେଡିକାଲ କଲେଜ ଓ ହସପିଟାଲ ସମେତ କଟକ ସହରର ବିଭିନ୍ନ ସରକାରୀ ହସପିଟାଲ ଗୁଡିକରେ ଅତ୍ୟାଧୁନିକ ରୋଷଶାଳା ଓ ଖାଦ୍ୟପେୟ ନିର୍ଦ୍ଦେଶାବଳୀ-୨୦୨୨ର ଅନୁପାଳନ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ଚିକିତ୍ସା ପ୍ରତିଷ୍ଠାନରେ ଅତ୍ୟାଧୁନିକ ରୋଷଘର ସହ ରୋଗୀ ମାନଙ୍କୁ ସନ୍ତୁଳିତ ତଥା ସ୍ୱାସ୍ଥ୍ୟକର ଖାଦ୍ୟ ବିତରଣ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଦିଗରେ କଣ ପଦକ୍ଷେପ ନିଆଯାଇଛି ସେ ସଂକ୍ରାନ୍ତରେ ସତ୍ୟପାଠ ଦେବାକୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ଶୁଣାଣି ନଭେମ୍ବର୧୩କୁ ଧାର୍ଯ୍ୟ କରାଯାଇଛି।

### ୨୧ରେ ବୁଢ଼ାଗଣେଶ ଭସାଣି ଉତ୍ସବକୁ ଅନୁମତି

କଟକ,୧୧।୯ (ସମିସ): କଟକ ନଗର ବୁଢା ଗଣେଶ କମିଟି ତରଫରୁ ଆଜି ହାଇକୋର୍ଟରେ ବୁଢାଗଣେଶଙ୍କ ବିଧି ମୁତାବକ ଭସାଣୀକୁ ଯୁକ୍ତି ଉପସ୍ଥାପନା କରାଯାଇଥିଲା। ଆସନ୍ତା ୧୬ତାରିଖରେ ଘାଣ୍ଟା ଓଷା ପଡୁଅଛି। ବୁଢା ଗଣେଶଙ୍କ ବିଧି ଓ ପରମ୍ପରା ଅନୁସାରେ ଘାଣ୍ଟ ପରେ ହିଁ ବିସର୍ଜନ କରାଯାଇ ଭସାଣ ଅନୁଷ୍ଠିତ ହୋଇଥାଏ। ହାଇକୋର୍ଟଙ୍କ ୨୦୨୨ମସିହା ନିର୍ଦ୍ଦେଶ ଅନୁସାରେ କଟକ ସହରରେ ପାଖାପାଖି ୧୭ଟି ସ୍ଥାନରେ ବୁଢା ଗଣେଶ ମୂର୍ତ୍ତିକୁ ଘାଣ୍ଟ ଉପରେ ଭସାଣିକୁ ଅନୁମତି ମିଳିଥିଲା। କିନ୍ତୁ ଚଳିତ ବର୍ଷ ୬୩ ଟି ପୂଜା ମଣ୍ଡପ ଘାଣ୍ଟ ଖିଆ ଗଣେଶ ବୋଲି କହି ଏଗୁଡିକର ବିସର୍ଜନକୁ ୨୧ତାରିଖରେ କରିବା ପାଇଁ ନିବେଦନ କରାଯିବାକୁ ନେଇ ବିବାଦ ଉପୁଜିଥିବା ବେଳେ କଟକ ବୁଢା ଗଣେଶ ପୂଜା କମିଟି ତରଫରୁ ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ହାଇକୋର୍ଟଙ୍କ ୨୦୨୨ମସିହା ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ କହିଥିଲେ। କଟକ ଡିସିପି ୧୭ବୁଢା ଗଣେଶଙ୍କୁ ଆସନ୍ତା ୨୧ତାରିଖ ଦିନ ଭସାଣି ପାଇଁ ଅନୁମତି ଦିଆଯିବ ବୋଲି ଅଦାଲତରେ କହିଥିଲେ।

### ବାୟୁ ଓ ଜଳ ପ୍ରଦୂଷଣ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ନିଅ

କଟକ ସହରରେ ବାୟୁ ପ୍ରଦୂଷଣ ସ୍ଥିତି ବେଶ ଗମ୍ଭୀର ହୋଇଆସୁଥିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିପର୍ଯ୍ୟସ୍ତ ରାସ୍ତାଘାଟ ଓ ବିଭିନ୍ନ ନିର୍ମାଣ ସାମଗ୍ରୀକୁ ବେଆଇନ ଭାବେ ରାସ୍ତାଘାଟ ପାଶ୍ୱର୍ରେ ଜମା ରଖିବା ଦ୍ୱାରା ବାୟୁମଣ୍ଡଳକୁ ଦୂଷିତ ଧୂଳିକଣା ଆଚ୍ଛାଦିତ କରୁଛି। ଏହା ବାୟୁ ପ୍ରଦୂଷଣ ସ୍ତର ବୃଦ୍ଧିରେ ସହାୟକ ହେଉଛି। ଅନୁରୂପ ଭାବେ ଜଳ ପ୍ରଦୂଷଣ ମଧ୍ୟ ବିଭିନ୍ନ କାରଣରୁ ବୃଦ୍ଧି ପାଉଛି। ଏଣୁ ଏହା ବିରୋଧରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଜର କ୍ଷମତା ବଳରେ ନିଜ ଆଡୁ ନୋଟିସ ଜାରି ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ହାଇକୋର୍ଟରେ ଆଜି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରଶ୍ମିକା ପ୍ରିୟଦର୍ଶିନୀ ଉପସ୍ଥିତ ରହିଥିବା ବେଳେ ଅଦାଳତ ଗତ ଜାନୁଆରିରୁ ଅଦ୍ୟାବଧି ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପ୍ରସଂଗରେ ରିପୋର୍ଟ ତଲବ କରିଛନ୍ତି। ବାୟୁପ୍ରଦୂଷଣ ମାତ୍ରା ପରଖିବା ପାଇଁ ଏୟାର କ୍ୱାଲିଟି ଇଣ୍ଡେକ୍ସ ନିର୍ଦ୍ଧାରଣ କରାଯାଉଥିଲା ବେଳେ ଏବେ ଡିଜିଟାଲ ପଦ୍ଧତିରେ ଆରମ୍ଭ ହୋଇଛି। ମର୍କତନଗରରେ ଏହାର ଅନଲାଇନ ମନିଟରିଂ କରାଯାଉଛି ଯାହାକୁ ସିଧାସଳଖ କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସର୍ଭର ସହ ସଂଯୁକ୍ତ କରାଯାଇଛି। ବ୍ୟସ୍ତବହୁଳ ବାଦାମବାଡି, ଲିଙ୍କରୋଡ ଓ ବାରବାଟୀ ଷ୍ଟାଡିୟମ ନିକଟରେ ଏବେ ମାନୁଆଲ ବ୍ୟବସ୍ଥା ଉପଲବ୍ଧ ରହିଛି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା।

■ ଦାଦାବଟି ମାଗିବା ଘଟଣା

## ପାଲଟା ଏତଲା ଦେଲେ ଶିବାଶିଷ

କଟକ,୧୧।୯ (ସମିସ): ଚାଉଳିଆଗଞ୍ଜ ଥାନାରେ ହୋଇଥିବା ଦାଦାବଟି ମାଗିବା ପ୍ରସଙ୍ଗ ଓ ଡି-ବ୍ରଦର୍ସ ସହିତ ଲିଙ୍କ୍ ନେଇ ହୋଇଥିବା ଏତଲାର ପ୍ରତିଜବାବରେ ଟ୍ରକ୍ ମାଲିକ ଶିବାଶିଷ ଦାସ ପାଲଟା ଏତଲା ଦେଇଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ତାଙ୍କ ଡି-ବ୍ରଦର୍ସ ସହିତ କୌଣସି ଲିଙ୍କ୍ ନାହିଁ। ନୂଆ ମାଲଗୋଦାମରେ ବିକାଶ କୁମାର ପରିଡାଙ୍କ ଟ୍ରକ୍ ମାଲ୍ ଲୋଡ୍ କରୁଥିବା ସମୟରେ ଦୀପକ ପ୍ରଧାନ ଏବଂ ନାରାୟଣ ପ୍ରଧାନ ନାମକ୨ଜଣ ବ୍ୟକ୍ତି ସେଠାରେ ପହଞ୍ଚି ଦାଦାବଟି ମାଗିଥିବା ଥାନାରେ ଅଭିଯୋଗ ହୋଇଥିଲା। ସେମାନେ ଡି-ବ୍ରଦର୍ସଙ୍କ ପ୍ରମୁଖ ସହଯୋଗୀ ଶିବ ପ୍ରସାଦ ଗୋଛୀ ଏବଂ ଶିବାଶିଷ ଦାସ ନାଁ ନେଇ ଗାଳି ଗୁଲଜ କରିବା ସହିତ ଲକ୍ଷାଧିକ ଟଙ୍କା ଦାଦାବଟି ଦେବାକୁ ଜିଦି ଧରିଥିବା ଘଟଣା ସମ୍ପୂର୍ଣ୍ଣ ଭାବେ ମିଛ ଓ କପୋଳକଳ୍ପିତ ବୋଲି ଅଭିଯୋଗକାରୀ ଶିବାଶିଷ ପୁଲିସ ନିକଟରେ ପ୍ରକାଶ କରିଛନ୍ତି।

**ଡି-ବ୍ରଦର୍ସ ସହିତ ସମ୍ପର୍କ ଅଭିଯୋଗ ମିଛ**

ଗତ ୨୨ତାରିଖରେ ବିକାଶ ପରିଡ଼ା ଚାଉଳିଆଗଞ୍ଜ ଥାନାରେ ୪ଜଣଙ୍କ ନାଁରେ ଏତଲା ଦେଇଥିଲେ। ଏହି ମାମଲାରେ ଶିବାଶିଷ ନିଜ ପାଲଟା ଏତଲାରେ ଦର୍ଶାଇଛନ୍ତି ଯେ, ବିକାଶଙ୍କ ଟ୍ରକ୍ ଚାଳକ ସଂଘ ଓ ଟ୍ରକ୍ ମାଲିକଙ୍କ ସହିତ ତାଙ୍କର ମତାନ୍ତର ରହିଥିଲା। ବିକାଶଙ୍କ ବିରୋଧରେ ଟ୍ରକ ମାଲିକ ସଂଘ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାତ୍ର ଲଗାତାର ଭାବେ ଶ୍ରୀ ପରିଡ଼ା ମିଛ ମାମଲାରେ ଶିବାଶିଷଙ୍କ ଫସାଉଥିବା ସେ ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ବିକାଶ ଦେଇଥିବା ଏତଲାରେ ଦର୍ଶାଇଥିଲେ ଯେ, ନୂଆ ମାଲଗୋଦାମରେ ତାଙ୍କ ଟ୍ରକ୍ ମାଲ୍ ଲୋଡ୍ କରୁଥିବା ସମୟରେ ଦୀପକ ଏବଂ ନାରାୟଣ ନାମକ୨ଜଣ ବ୍ୟକ୍ତି ସେଠାରେ ପହଞ୍ଚି ଦାଦାବଟି ମାଗିଥିଲେ। ସେମାନେ ଡି-ବ୍ରଦର୍ସଙ୍କ ପ୍ରମୁଖ ସହଯୋଗୀ ଶିବ ଏବଂ ଶିବାଶିଷ ନାଁ ନେଇ ଗାଳି ଗୁଲଜ କରିବା ସହିତ ଲକ୍ଷାଧିକ ଟଙ୍କା ଦାଦାବଟି ଦେବାକୁ ଜିଦି ଧରିଥିଲେ। ଅଭିଯୋଗକାରୀ ବିକାଶଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେବା ସହିତ ଧଳସାମନ୍ତ ଭ୍ରାତା(ଡି-ବ୍ରଦର୍ସ)ଙ୍କ ନିର୍ଦ୍ଦେଶରେ ଟଙ୍କା ମଗାଯାଉଛି, ଯଦି ଟଙ୍କା ନଦେଉ ତେବେ ପରିଣାମ ଭୟଙ୍କର ହେବ ବୋଲି ଅଭିଯୁକ୍ତ ଦୀପକ ଓ ନାରାୟଣ କହି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହା ସମ୍ପୂର୍ଣ୍ଣ ଭାବେ ମିଛ ଏବଂ ଘଟଣା ଦିନ ଶିବାଶିଷ ଆଦୌ ସେଠାରେ ନଥିଲେ ବୋଲି କହିଛନ୍ତି।

## ଡ୍ରିମ୍‌ସ ସ୍କୁଲ ଅଫ ଫ୍ୟାସନ୍ ଡିଜାଇନିଂରେ ସ୍ୱାଗତ ଉତ୍ସବ

କଟକ,୧୧।୯ (ସମିସ): ଡ୍ରିମ୍‌ସ ସ୍କୁଲ ଅଫ ଫ୍ୟାସନ୍ ଡିଜାଇନିଂରେ ସ୍ୱାଗତ ଉତ୍ସବ ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍‌ଘାଟନ କରିବା ସହ କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ଅବସରରେ ଡ. ରଥ ସୃଜନଶୀଳତାର ପରିପ୍ରକାଶ ନିମନ୍ତେ ଫ୍ୟାସନ ଡିଜାଇନିଂ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ।




ସମ୍ମାନିତ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଫ୍ୟାସନ ଡିଜାଇନିଂରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ପ୍ରାଧ୍ୟାପକ ଲୋକନାଥ ବେହେରା, ଶିଳ୍ପଉଦ୍ୟୋଗୀ ପ୍ରେମେନ୍ଦ୍ର କୁମାର ସାହୁ, ଆଇନଜୀବୀ ଝାନ୍‌ସୀ ରାଣୀ ଦାସ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। 'ଡିନ୍' ସୋନାଲି ପଣ୍ଡା ସ୍ୱାଗତ ଅଭିଭାଷଣ ଓ ପ୍ରାଧ୍ୟାପକ ନୀତେଶ ରାଜ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଗୀତା ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ଶ୍ୱାତୀସନ୍ଧ୍ୟା ଦୀପ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପିକା ଶୁଭଶ୍ରୀ ଦାସଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବ୍ରାଉନ୍‌ସୁଗର ଜବତ: ଜଣେ ଗିରଫ

କଟକ,୧୧।୯ (ସମିସ): ସିଆରଆରଆଇ ଥାନା ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳରେ ଥିବା ଜୟରାମ ପଣ୍ଡା ତୋଟାରୁ ୧୫ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏହାକୁ ବିକ୍ରି କରିବାକୁ ଆସିଥିବା ଅଭିଯୁକ୍ତ ରକେଟ୍ ଲେଙ୍କା(୨୯)କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି।

## ଶୀର୍ଷାନନ୍ଦ ସଙ୍ଗୀତ ସନ୍ଧ୍ୟା

କଟକ,୧୧।୯ (ସମିସ): 'ବାଜେ ବଇଁଶି ନାଚେ ଘୁଙ୍ଗୁର... ଏଇ ମିଳନ ଯୁଗ ଯୁଗର' ... କେରି କେରି ସୁନା ଦୁବ ଭଳି ସଂଗୀତ ମୂର୍ଚ୍ଛନାରେ ବିଭୋର ହୋଇ ଉଠିଥିଲା ମଙ୍ଗଳବାର ସନ୍ଧ୍ୟାରେ ୱିଣ୍ଡସର ପ୍ୟାଲେସ ପରିସର। ଗଗନ କଳାସଙ୍ଗମ ଏବଂ ଶୀର୍ଷାନନ୍ଦ ଫ୍ୟାନ୍ କ୍ଲବ୍ ପକ୍ଷରୁ ମହମ୍ମଦ ମୋକିମ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ଶୀର୍ଷାନନ୍ଦ ସଙ୍ଗୀତ ସନ୍ଧ୍ୟା। ପ୍ରତିଷ୍ଠିତ ଗୀତିକାର ଶୀର୍ଷାନନ୍ଦ ଦାସକାନୁନ୍‌ଗୋଙ୍କ ପ୍ରଶଂସକମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ସଙ୍ଗୀତ ସନ୍ଧ୍ୟାରେ ଉଦ୍ୟୋଗପତି ସୁରେନ୍ଦ୍ର ନାଥ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଅର୍ଚ୍ଚନା ଦାସକାନୁନ୍‌ଗୋ ଓ ସୁବ୍ରତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶୀର୍ଷାନନ୍ଦ ଦାସକାନୁନ୍‌ଗୋଙ୍କ ସମେତ ଅନେକ ପ୍ରତିଷ୍ଠିତ ତଥା ଆଗଧାଡ଼ିର କଣ୍ଠଶିଳ୍ପୀ ଓ ଗୀତିକାରମାନେ ଏଥିରେ ସାମିଲ ହୋଇଥିଲେ। କଣ୍ଠଶିଳ୍ପୀ ତୃପ୍ତି ଦାସ, ଗୀତା ପଟ୍ଟନାୟକ, ବିଭୁ ଦାସ, ଶିଉଲି ଘୋଷ, ମନ୍ମଥ ମିଶ୍ର, ଶୈଳଭାମା ମହାପାତ୍ର, ସୁଧାକର ମିଶ୍ର, ମାନସୀ ପାତ୍ର ଓ ମିତ୍ରଭାନୁ ମହାନ୍ତି, ଚିତ୍ରଭାନୁ ମହାନ୍ତି, ବିକାଶ ଦାସ, ବିଶ୍ୱଜିତ, ସଂଗୀତା ମହାପାତ୍ର, ସୁଭାଷ ଦାସ, ଅରବିନ୍ଦ ଦତ୍ତ, ମନୋଜ ହରିଚନ୍ଦନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ କଣ୍ଠଶିଳ୍ପୀମାନଙ୍କ କଣ୍ଠରେ ସେହି ସଙ୍ଗୀତ ସନ୍ଧ୍ୟା ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଅଭିନେତା ବ୍ରଜ, ସିଦ୍ଧାନ୍ତ ମହାପାତ୍ର ଓ ପ୍ରଦ୍ୟୁମ୍ନ ଲେଙ୍କା, ଅନୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶୀର୍ଷାନନ୍ଦ ଫ୍ୟାନ୍ କ୍ଲବ୍‌ର ଯୁବ ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।




ଆସୁଛନ୍ତି ମାଆ



## ଆକର୍ଷଣ ପାଲଟିବ 'ଅପରେସନ ସିନ୍ଦୂର' ତୋରଣ

**ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିଙ୍କାଫିଙ୍କା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....**

କଟକ,୧୧।୯ (ସମିସ):

ଆକର୍ଷଣୀୟ ତୋରଣ ନିର୍ମାଣ କରି ପ୍ରତିବର୍ଷ ଚର୍ଚ୍ଚାରେ ରହିଥାଏ ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି। ପୂଜା ପାଇଁ ପ୍ରସ୍ତୁତି ଜୋରଦାର ଭାବେ ଆଗେଇ ଚାଲିଛି। ୧୯୫୨ ମସିହାରେ ପୂଜା କମିଟିରେ ପ୍ରଥମ କରି ପଞ୍ଚମୁଖୀ ମହାଦେବଙ୍କ ପୂଜା କରାଯାଇ ଦଶହରା ପାଳନର ମୂଳଦୁଆ ପକାଇଯାଇଥିଲା। ପରେ କିଛିବର୍ଷ ବଗଳାମୁଖୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ୧୯୬୨ ମସିହାରୁ ଦେବୀ ଦୁର୍ଗା ମଣ୍ଡପରେ ପୂଜା ପାଇ ଆସୁଛନ୍ତି। ମା'ଙ୍କର ସୁନା ମୁକୁଟ ୨୦୧୯ ମସିହାରେ କରାଯାଇଥିଲା। ସୁନା ଅଳଙ୍କାର ମଧ୍ୟରେ ଚିକ, ନୋଥ, ସିନ୍ଥି, ଟିକା, କାନ ଫୁଲ ସମେତ ପାଶ୍ୱର୍ ଦେବାଦେବୀଙ୍କ ପାଇଁ ମଧ୍ୟ ସୁବର୍ଣ୍ଣ ଅଳଙ୍କାର ରହିଛି। ଏହା ସହ ୨୦୧୧ ମସିହାରେ ଚାନ୍ଦିର ମେଢ଼ କରାଯାଇଥିଲା। ଯାହାକି ୩ କ୍ୱିଣ୍ଟାଲ ଚାନ୍ଦିରେ ନିର୍ମାଣ ହୋଇଛି। ଚଳିତବର୍ଷ ଆଉ ୧୦ କେଜି ଓଜନର ଚାନ୍ଦି ଅଳଙ୍କାର ପ୍ରସ୍ତୁତ କରାଯାଇଛି। ଏଥରର ପୂଜା ବଜେଟ ହେଉଛି ୨୦ ଲକ୍ଷ ଟଙ୍କା। ମହାଷ୍ଟମୀରେ ଶତାଧିକ ଶ୍ରଦ୍ଧାଳୁଙ୍କ ପାଇଁ ଖିରୀ ଭୋଗ କରାଯାଇ ବଣ୍ଟାଯିବ। ଏହାସହ ଦଶମୀରେ ଦହି ପଖାଳ ବଣ୍ଟାଯିବ। ଭାରତୀୟ ସେନାର 'ଅପରେସନ ସିନ୍ଦୂର' ଥିମ୍‌ରେ ତୋରଣ ନିର୍ମାଣ ହେବ। ଏହାର ଉଚ୍ଚତା ୫୦ ଫୁଟ ଥିବା ବେଳେ ଚଉଡା ରହିବ ୫୦ ଫୁଟ। କଟକର କାରିଗର ତୋରଣ ନିର୍ମାଣରେ ଲାଗି ପଡ଼ିଛନ୍ତି। ଶ୍ରଦ୍ଧାଳୁଙ୍କ ସୁରୁଖୁରୁରେ ଦର୍ଶନ ଓ ପାଞ୍ଚରାତି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଯୁବକ ସଂଘର ସଦସ୍ୟମାନେ ପରିଚାଳନା କରିବେ। ଭସାଣୀରେ ଚଳିତବର୍ଷ ବଲାଙ୍ଗୀର ବାଜା, ସାଲେପୁର ବାଦ୍ୟ ଓ ବ୍ରହ୍ମପୁର ବ୍ୟାଣ୍ଡ ପାର୍ଟି ସମେତ ପାରମ୍ପରିକ ବାଦ୍ୟ ଦେଖିବାକୁ ମିଳିବ।

**ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି**






### ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ



ପୂଜା କମିଟି ସବୁବେଳେ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦିଏ। ଯୁବକ ସଂଘର ସମସ୍ତ ସଦସ୍ୟଙ୍କ ସମେତ କମିଟି ପକ୍ଷରୁ ବିଶେଷ ପଦକ୍ଷେପ ନିଆଯିବ। ଶ୍ରଦ୍ଧାଳୁମାନେ ସୁରୁଖୁରୁରେ କିପରି ଦର୍ଶନ କରିବେ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କୌଣସି ବାଧା ନଉପୁଜିବ ସେଥିପାଇଁ ଦୃଷ୍ଟି ଦିଆଯିବ। ମହାଷ୍ଟମୀରେ ମା'ଙ୍କ ନିକଟରେ ଖିରୀ ଭୋଗ କରାଯାଇ ବଣ୍ଟାଯିବ।

ସୁବାସ ଚନ୍ଦ୍ର ବେହେରା, ସଭାପତି

### ନୂଆ ତୋରଣ ମୁଖ୍ୟ ଆକର୍ଷଣ



ପ୍ରତ୍ୟେକ ବର୍ଷ ଦଶହରାକୁ ଅନେକ ଲୋକ କଟକ ମୁହାଁ ହୁଅନ୍ତି। ଏହା ଭିତରେ ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ହୋଇଥିବା ତୋରଣ ଦେଖିବାକୁ ଭିଡ ହୁଏ। ନୂଆ ପ୍ରକାରର ତୋରଣ ଏଠାକାର ମୁଖ୍ୟ ଆକର୍ଷଣ। ଚଳିତଥର ଅପରେସନ ସିନ୍ଦୂରର ତୋରଣ କରାଯାଉଛି। ପୁଲିସ ପ୍ରଶାସନର ନିୟମକୁ ଅଧିକ ଗୁରୁତ୍ୱ ଦିଆଯିବ।

ପ୍ରଫୁଲ ସାହୁ, ସାଧାରଣ ସମ୍ପାଦକ

## ଏନ୍‌ଏସି ଘୋଷଣାରୁ ବଞ୍ଚିତ ବଣାଇଁ

# ବିଜେଡିର ୮ ଘଣ୍ଟିଆ ବନ୍ଦ ଡାକରା

**ବଣାଇଁ, ୧୧।୯ (ସମିସ):** ବଣାଇଁକୁ ଏନ୍‌ଏସି ଘୋଷଣାରୁ ବାଦ୍ ଦିଆଯିବା ପ୍ରତିବାଦରେ ବିଜେଡି ପକ୍ଷରୁ ଆସନ୍ତା ୧୩ ତାରିଖରେ ୮ ଘଣ୍ଟିଆ ବଣାଇଁ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ୯ ତାରିଖରେ ହେବାକୁ ଥିବାବେଳେ ପରେ ସ୍ଥଗିତ ରଖାଯାଇଥିଲା। ରାଜ୍ୟ ସରକାରଙ୍କ ବଣାଇଁ ପ୍ରତି ବୈମାତୃକ ମନୋଭାବ, ସବୁ ଯୋଗ୍ୟତା ଥାଇ ଏନ୍‌ଏସି ଘୋଷଣାରୁ ବଞ୍ଚିତ କରାଯାଇଥିବା ପ୍ରତିବାଦରେ ଏବେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଯାଉଛି।୧୩ତାରିଖ ଶନିବାର ଦିନ ଆଠ ଘଣ୍ଟିଆ ବନ୍ଦ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ସହ ଆଜି ଏଥିନେଇ ପ୍ରଶାସନିକ ସ୍ତରରେ ସୂଚନା ଦିଆଯାଇଛି। ସମସ୍ତ ଜନ ପ୍ରତିନିଧି, ବିଭିନ୍ନ ସଙ୍ଗଠନର ସଦସ୍ୟ, ବୁଦ୍ଧିଜୀବୀ ଏବଂ ବଣାଇଁ ଏନ୍‌ଏସିରେ ହେବାକୁ ଚାହୁଁଥିବା ଭଦ୍ରବ୍ୟକ୍ତିଙ୍କୁ ଅନୁରୋଧ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଣାଇଁକୁ ଏନ୍‌ଏସି ଘୋଷଣା କରିସାରିଥିଲେ କିନ୍ତୁ ଡବଲ ଇଞ୍ଜିନ ସରକାର ବୈମାତୃକ ମନୋଭାବ ପୋଷଣ କରି ବଣାଇଁକୁ ଉପେକ୍ଷା କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଏଣୁ ଦଳ ପକ୍ଷରୁ ଆସନ୍ତା ଶନିବାର ସକାଳ ୬ ଘଟିକାରୁ ୨ ଘଟିକା ପର୍ଯ୍ୟନ୍ତ ବଣାଇଁ ବନ୍ଦ ଡାକରା ଦିଆ ଯାଇଥିବା ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି। ପ୍ରସ୍ତାବିତ ବଣାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବିଜୁ ଛକ, ଉପରବାହାଲ ଛକ, ନୂଆଗାଁ ଛକରେ ଜାତୀୟ ରାଜପଥ ଅବରୋଧ ସାଙ୍ଗକୁ ୮ ଘଣ୍ଟିଆ ବନ୍ଦରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର ଓ ଗାଡ଼ି ଚଳାଚଳ ବନ୍ଦ କରାଯିବ ବୋଲି ପ୍ରଦତ୍ତ ପ୍ରେସ ବିବୃତ୍ତିରେ ବିଜେଡି ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଉଲ୍ଲେଖ କରିଛନ୍ତି।

## ଯୁବକଙ୍କୁ ହତ୍ୟା ଧମକ ଅଭିଯୋଗ

**ରାଉରକେଲା, ୧୧।୯ (ସମିସ):** ଜଣେ ଯୁବକଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବାସନ୍ତୀ କଲୋନୀ ଇ/୭୭ ଘରର ଦୀପ୍ତିକାନ୍ତ ନାୟକ ସ୍ଥାନୀୟ ଅଟୋ ଷ୍ଟାଣ୍ଡ ନିକଟ ଏକ ଦୋକାନକୁ କିଛି ସାମଗ୍ରୀ ଆଣିବାକୁ ବୁଧବାର ରାତିରେ ଯାଇଥିଲେ। ହଠାତ୍ ସ୍ଥାନୀୟ ଅଞ୍ଚଳର ଲିପୁ ନାମକ ଯୁବକ ଆସି ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ପରେ ହତ୍ୟା ଧମକ ଦେଇଥିଲେ। ଏନେଇ ଗୁରୁବାର ଅଭିଯୋଗ ହେବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା





**କୋଇଡ଼ା, ୧୧।୯ (ସମିସ)**

ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ ସାନଇନ୍ଦୁପୁରର ଗିରୱାଲ ହାଟିଙ୍ଗ ଠାରେ ଜଣେ ବୃଦ୍ଧଙ୍କୁ ଏକ ଦନ୍ତା ଘରୁ ଟାଣିଆଣି ମାରିଦେଇଛି। ମୃତକ ହେଲେ ଶିବରାମ ବଡ଼ାଇକ (୬୦)। ସେ ଘରେ ଶୋଇଥିବାବେଳେ ହାତୀ ତାଙ୍କୁ ଘରୁ ଟାଣଇନେଇ କଚାଡ଼ି ଦେଇଥିଲା। ତାଙ୍କ ମୃତଦେହ ଘରେ ସେମିତି ପଡ଼ିରହିଥିବାବେଳେ ରାତିଠାରୁ ଦିନ ୧୧ଟା ଯାଏଁ ବନ ବିଭାଗ ପହଞ୍ଚି ନ ଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ପରେ ବନ ବିଭାଗ ଓ କୋଇଡ଼ା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ କ୍ଷତିପୂରଣ ଦାବି ପ୍ରତିଶ୍ରୁତି ଦେଇ ଶବ ଉଦ୍ଧାର କରିଥିଲା। ପରେ ବ୍ୟବଚ୍ଛେଦ ନିମନ୍ତେ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ଅନ୍ୟପଟେ ଏ ଦନ୍ତା ଏ ଅଞ୍ଚଳରେ ୨୦ରୁ ଅଧିକ ଜୀବନ ନେଇଥିବା ବେଳେ ବହୁ କ୍ଷୟକ୍ଷତି ଘଟାଇ ଚାଲିଛି ଯାହା ପାଇଁ ଲୋକେ ରାତି ଅନିଦ୍ରା ହେଉଛନ୍ତି ଏବଂ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଘର ଭାଙ୍ଗି ଧାନ ଚାଉଳ ଖାଉଛନ୍ତି ହାତୀ



**ବଣାଇଁ, ୧୧।୯ (ସମିସ):** ବଣାଇଁ ରେଞ୍ଜର ବଡ଼ପୋଷ, ତଳିତା ଗୋଗୁଆ, ଧରଣୀଧର ପାଲି, କେନ୍ଦ୍ରିକଳା, ଗୋବିନ୍ଦପୁର ଇତ୍ୟାଦି ଗ୍ରାମଗୁଡ଼ିକରେ ଦୀର୍ଘ ଦିନ ଧରି ତିନୋଟି ଦନ୍ତା ହାତୀ ଉତ୍ପାତ କରୁଥିବା ବେଳେ ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମରେ ପଶି ଘର ଭାଙ୍ଗୁଥିବା ନଜରକୁ ଆସୁଛି। ଆଜି ଭୋର ସକାଳ ସମୟରେ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମର କମଳ ଲୋଚନ ସାମନ୍ତଙ୍କ ଘରକୁ ଭାଙ୍ଗି ଧାନ ଚାଉଳ ଖାଇବା ସହ ଆସବାବପତ୍ର ନଷ୍ଟ କରିଥିବା ବେଳେ ସେହିପରି ଭାବେ ଆଦର୍ଶ ବିଦ୍ୟାଳୟ ନିକଟରେ ଘର କରିଥିବା ବିଜୟ ଲୁହୁରାଙ୍କ ଘରକୁ ମଧ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ସୌଭାଗ୍ୟବଶତଃ ଉଭୟ ପରିବାରର ଲୋକେ ଅଳ୍ପକେ ବର୍ତ୍ତିଛନ୍ତି। ବନବିଭାଗ ହାତୀ ମାନଙ୍କ ଚଳପ୍ରଚଳ ଉପରେ ତୀକ୍ଷ୍ଣ ନଜର ରଖିଛି। ଚାଷ କାର୍ଯ୍ୟ ସମୟରେ 'ଏବେ ଦୁଇ ଦୁଇଟି ହାତୀ ବନବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏ ପଟେ ଅଧିକାଂଶ ଗାଁଗୁଡ଼ିକରେ ଷ୍ଟ୍ରିଟ ଲାଇଟ୍‌ଗୁଡ଼ିକ ଅଚଳ ରହିଥିବାରୁ ଅନ୍ଧକାରର ସୁଯୋଗରେ ହାତୀ ଗାଁ ଭିତରେ ପଶୁଥିବା ଅଭିଯୋଗ ହେଉଛି।



# ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍-୨ ଦ୍ୱାରା ଦୁଇ ନୂଆ ରେକର୍ଡ

**ରାଉରକେଲା, ୧୧।୯ (ସମିସ):** ସେଲ୍ ଆର୍‌ଏସ୍‌ପିର ଅତ୍ୟାଧୁନିକ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍‌ଏସ୍‌ଏମ୍-୨) ବିଭାଗ ସେପ୍ଟେମ୍ବର ୧୦ ତାରିଖରେ ୯୬୭୧ ଟନ୍ ସ୍ଲାବ୍ ରୋଲିଂ କରି ମୋଟ ୯୪୫୦ ଟନ୍ ଓଜନର ୪୩୯ଟି କଏଲ୍ ଉତ୍ପାଦନ ପୂର୍ବକ ନୂତନ ରେକର୍ଡ ସୃଷ୍ଟି କରିଛି। ଏହା ରୋଲିଂ ହୋଇଥିବା ମୋଟ ସ୍ଲାବ୍ ସଂଖ୍ୟା, ମୋଟ ସ୍ଲାବ୍ ଓଜନ ଏବଂ କଏଲ୍ ଓଜନ ଦୃଷ୍ଟିରୁ ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ। ଏଥିସହିତ ମିଲ ଗତ ସେପ୍ଟେମ୍ବର ୭ ତାରିଖରେ ମୋଟ ୯୬୩୮ ଟନ୍ ସ୍ଲାବ୍ ଓଜନ ରୋଲିଂ କରି ୪୩୮ କଏଲ୍ ଉତ୍ପାଦନର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ସଫଳତା ନିମନ୍ତେ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ସେପ୍ଟେମ୍ବର ୧୧ ତାରିଖରେ ଏଚ୍‌ଏସ୍‌ଏମ୍-୨ ବିଭାଗ ଗସ୍ତ କରିଥିଲେ। ତାଙ୍କ ସହ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ଅନୀଲ କୁମାର, ମାଇନ୍ସ ଓଜି ଓ ଏମ, ସିଏମଏଲଓର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ଉପସ୍ଥିତ ଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ବର୍ମା ନିଜର ବକ୍ତବ୍ୟରେ ଏଚ ଏସ ଏମ-୨ ବିଭାଗ ର ସାମୁହିକଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏଭଳି ନୂତନ ମାଇଲଖୁଣ୍ଟ ହାସଲ କରିବା ବିଷୟରେ ନିଜର ଆତ୍ମବିଶ୍ୱାସ ପ୍ରକଟ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ନିର୍ବାହୀ ନିର୍ଦ୍ଦେଶକମାନେ ମଧ ଏହି ସଫଳତା ପାଇଁ ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଚ୍‌ଏସ୍‌ଏମ୍ ଏବଂ ଆନୁସଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର, ଆର୍‌ଏସ୍‌ପି ପ୍ରବନ୍ଧନକୁ ସେମାନଙ୍କର ନିରନ୍ତର ସମର୍ଥନ ଏବଂ ପ୍ରେରଣା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ସଫଳତା ଏଚ୍‌ଏସ୍‌ଏମ୍-୨ର ସମନ୍ୱିତ ପ୍ରୟାସ ଏବଂ ବିଭିନ୍ନ ସହଯୋଗୀ ବିଭାଗ ଯଥା ପିପି ଏଣ୍ଡ ସି, ରୋଲ ସପ୍, ସି ଏଣ୍ଡ ଆଇ ଟି, ଇନ୍‌ଷ୍ଟ୍ରୁମେଣ୍ଟେସନ, ସେଣ୍ଟ୍ରାଲ ମେକାନିକାଲ ଏଣ୍ଡ ଇଲେକ୍ଟ୍ରିକାଲ ବିଭାଗ, ଡିଜାଇନ, ରିଫ୍ରାକ୍ଟୋରି, ଟ୍ରାଫିକ, ଇଏମଡି, ଏମଏମ, ସିସିଡବ୍ଲୁ, ଏସଏମଏସ-୧ ଏବଂ ୨ ତଥା ଅନ୍ୟ ସହଯୋଗୀ ସଂସ୍ଥାଗୁଡ଼ିକ ସମେତ ଅନେକ ପ୍ରମୁଖ ବିଭାଗର ସମର୍ଥନରେ ସମ୍ଭବ ହୋଇପାରିଛି।




# ୧୩ରେ ଅଷ୍ଟମ ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

**ରାଉରକେଲା, ୧୧।୯ (ସମିସ):** ଜୟଦେବ କଳାବିକାଶ କେନ୍ଦ୍ର, ରାଉରକେଲା ଦ୍ୱାରା ଆୟୋଜିତ ମା' ବାଟମଙ୍ଗଳା ୮ମ ଜାତୀୟ ଅହୋରାତ୍ର ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଜଗଦାସ୍ଥିତ ମା' ବାଟମଙ୍ଗଳା ଶକ୍ତି ପୀଠ ଠାରେ ଆସନ୍ତା ୧୩ ତାରିଖ ସନ୍ଧ୍ୟା ୬ ଘଟିକାରୁ ଆରମ୍ଭ ହୋଇ ୧୪ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ଚାଲିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜଗଦା ନବଜୀବନ ମଣ୍ଡଳ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଉପଦେଷ୍ଟା ତଥା ଅଧକ୍ଷ ସଞ୍ଜୀବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଓ ଅନ୍ୟ ଅଧିକାରୀମାନେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ଏହି ଅହୋରାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ୬୦ରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିବେ। ଯେଉଁଥିରେ ରାଜ୍ୟ ବାହାରୁ ୧୫ ଜଣ, ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫ ଜଣ ସମେତ ଆଞ୍ଚଳିକ କ୍ଷେତ୍ରରୁ ୩୦ ଜଣ କଳାକାର ସଙ୍ଗୀତ କ୍ଷେତ୍ରରେ ନିଜର ପାରିଦର୍ଶିତା ପ୍ରଦର୍ଶନ କରିବେ। ହିନ୍ଦୁସ୍ଥାନୀ, କର୍ଣ୍ଣାଟକୀ ଓ ଓଡିଶୀ ସଙ୍ଗୀତର ତ୍ରିବେଣୀ ସଂଗମରେ ଭୁବନେଶ୍ୱରର ପ୍ରସିଦ୍ଧ ମର୍ଦ୍ଦଳ ବାଦକ ସଚ୍ଚିଦାନନ୍ଦ ଦାସ, ପୁରୀରୁ ଗୁରୁ ଜାମିନୀ କାନ୍ତ ମିଶ୍ର, ଭୁବନେଶ୍ୱରରୁ ତାବଲା ବାଦକ କୁଳମଣି ସାହୁ, ପୁରୀରୁ ଓଡିଶୀ ଗାୟକ ଅଚ୍ୟୁତ ମହାରଣା, ବଲାଙ୍ଗୀରରୁ ଶୁଭ୍ରାଂଶୁ ଶେଖର ମିଶ୍ର, ବାଲେଶ୍ୱରରୁ ସନ୍ତୁର ବାଦକ ନନ୍ଦକିଶୋର ଦାସ, ସତ୍ୟଜିତ ମହାରଣା, ରାଉରକେଲାରୁ ପୁଲିନ ରାଉତରାୟ ଓ ବୀଣାପାଣି ରଥ, ମୁମ୍ବାଇ ରୁ ଘନଶ୍ୟାମ ଚାନ୍ଦ, କେରଳରୁ ସୁଶ୍ରୀ ରୀତାଂଶ୍ରୀ ଆୟାର, ନୂଆଦିଲ୍ଲୀରୁ କପିଳ କୁମାର, ଜତିନ ଦୟାଲ, ପୁନେରୁ ସୁଶ୍ରୀ ସନିକା କୁଲକର୍ଣ୍ଣି, କୋଲକାତାରୁ କମଲାକ୍ଷ ମୁଖାର୍ଜୀ, ସୁପ୍ରଭାତ ଭଟ୍ଟାଚାର୍ଯ୍ୟ, ଭୁବନେଶ୍ୱରରୁ ସୁଶ୍ରୀ ଶ୍ୟାମଳୀ ଲେଙ୍କା ଓ ସୌମ୍ୟରଞ୍ଜନ ଗାହାଣ, ମୁରଲୀଧର ସ୍ୱାଇଁ, ଦୀପକ ନାୟକ, ସୁଶ୍ରୀ ସୁଚିସ୍ମିତା ନନ୍ଦ, ରାଉରକେଲାରୁ ଫକୀର ଚରଣ ପତି, ଡା ସୁଶାନ୍ତ କୁମାର ପାଣି ପ୍ରମୁଖ ଯୋଗଦେବେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଯୋଜନା କରିବେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଜୁଏଲ ଓରାମ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତି, ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଅନୀଲ କେରକେଟ୍ଟା, ନାଟ୍ୟକାର ଡ. ସଞ୍ଜୟ ହାତୀ ଓ ମୁମ୍ବାଇର ଅଖିଳ ଭାରତୀୟ ଗନ୍ଧର୍ବ ମହାବିଦ୍ୟାଳୟର ସମ୍ପାଦକ ଜାମିନୀକାନ୍ତ ମିଶ୍ର ଅତିଥି ଭାବେ ଯୋଗ ଦେବେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ରଜେନ୍ଦ୍ର ଦାଶ, ପ୍ରଭାତ କୁମାର ମହାନ୍ତି, ସୁବୋଧ ଚନ୍ଦ୍ର ଲାକ୍ରା, ତ୍ରିଲୋଚନ ପରିଡ଼ା, ଧର୍ମାନନ୍ଦ ପୃଷ୍ଟି, ସ୍ୱର୍ଣ୍ଣରେଖା ମହନ୍ତ, ଭୋଲାନାଥ ମାଝୀ, ହରିହର ପଣ୍ଡା, ଦିଲ୍ଲିପ କୁମାର ପତି, ଲକ୍ଷ୍ମୀଧର ନାୟକ, ସୁନନ୍ଦା ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ସୁଶାନ୍ତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।




## କୁମାରୀ ଜୟପୁରିୟାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର



**କୁତ୍ରା, ୧୧।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗଠାରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କୁମାରୀ ଜୟପୁରିୟାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ସୁନ୍ଦରଗଡ଼ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ତାଙ୍କୁ ସମ୍ମାନିତ କରାଯାଇଛି। ଜିଲ୍ଲାପାଳ ଡ. ସୁଭାଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ହେବା ପରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ଶୁଭେଚ୍ଛା ଜଣାଇଥିଲେ।

## ଲକ୍ଷ୍ମୀପୋଷଠାରେ ପଞ୍ଚଦିବସୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**କୁତ୍ରା, ୧୧।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଲକ୍ଷ୍ମୀପୋଷଠାରେ ବୁଧବାରଠାରୁ ପଞ୍ଚଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନ ଉମେଶ ବ୍ରଦର ସେମିଫାଇନାଲରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଦିନ ରାଉରକେଲା ଏସ୍କ ଏଡି ଷ୍ଟ୍ରାଇକର ଦଳ ସେମିଫାଇନାଲରେ ଉତ୍ତୀର୍ଣ୍ଣ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସେଲ କର୍ମଚାରୀ ଦିଲ୍ଲୀପ କୁଜୁର ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ କପିଲ୍ ଲାକ୍ରା ଯୋଗଦେଇ ଖେଳାଳିଙ୍କୁ ଭାଇଚାରା ଓ ଶାନ୍ତିଶୃଙ୍ଖଳାରେ ଖେଳିବାକୁ ଆହ୍ୱାନ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ପୁରସ୍କାର ନଗଦ ୫୦ହଜାର ଓ ଟ୍ରଫି, ଦ୍ୱିତୀୟ ପୁରସ୍କାର ୩୫ ହଜାର ଓ ଟ୍ରଫି, ତୃତୀୟ ଓ ଚତୁର୍ଥ ୧୫ହଜାର ଓ ଟ୍ରଫି ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ଉତ୍ସବ ତା୧୪ରିଖ ରଖାଯାଇଛି।



## ବାଇକ୍ ଚୋର ଗିରଫ; ୨ ବାଇକ୍ ଜବତ

**ରାଉରକେଲା, ୧୧।୯ (ସମିସ):** ବାଇକ୍ ଚୋରି ଅଭିଯୋଗରେ ଛେଣ୍ଡ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିବା ସହ ତା' ନିକଟରୁ ଚୋରି ହୋଇଥିବା ଦୁଇଟି ବାଇକ୍ ଜବତ କରିଥିବା ଜଣାପଡ଼ିଛି। ଗିରଫ ଯୁବକ ହେଉଛି ରାଉରକେଲାର କଲ୍ୟାଣୀ ନଗରର ରାଜେଶ ଦାସ (୨୫)। ସୂଚନା ମୁତାବକ ଛେଣ୍ଡ କଲୋନୀର ଫେଜ୍-୧ର କଲ୍ୟାଣୀ ନଗର ନିବାସୀ ଜ୍ଞାନେନ୍ଦ୍ର ପାଣିଗ୍ରାହୀ ସେପ୍ଟେମ୍ବର ୯ ତାରିଖରେ ତାଙ୍କ ଆକ୍ଟିଭା ଚୋରି ହୋଇଥିବା ନେଇ ଛେଣ୍ଡ ଥାନାରେ ଅଭିଯୋଗ କରିଥିଲେ। ଛେଣ୍ଡ ଥାନା ପୁଲିସ ଏ ନେଇ ଚୋରି ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ପୁଲିସ ଚଢଉ କରି ଗୋଟିଏ ହୋଣ୍ଡା ଆକ୍ଟିଭା ଏବଂ ଗୋଟିଏ ହିରୋ ହୋଣ୍ଡା ସୁପର ସ୍ପ୍ଲେଣ୍ଡର ମୋଟର ସାଇକେଲ ଜବତ କରିଛି। ଏହି ଘଟଣାରେ ପୁଲିସ ଭଦ୍ରକ ଜିଲ୍ଲାର ମୂଳ ବାସିନ୍ଦା ତଥା ରାଉରକେଲାର କଲ୍ୟାଣୀ ନଗରରେ ରହୁଥିବା ରାଜେଶ ଦାସ (୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।



# ଆର୍‌ଏସ୍‌ପି ସ୍କୁଲ ଘରୋଇକରଣ ପ୍ରତିବାଦରେ ଆନ୍ଦୋଳନ ପ୍ରସ୍ତୁତି




**ରାଉରକେଲା, ୧୧।୯ (ସମିସ)**

ରାଉରକେଲା ଇସ୍ପାତ କାରଖାନାର ସ୍କୁଲ ଘରୋଇକରଣ ପ୍ରତିବାଦରେ ଆନ୍ଦୋଳନ ପାଇଁ ରାଉରକେଲା ଶ୍ରମିକ ସଂଘ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏନେଇ ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଂଘର ସାଧାରଣ ପରିଷଦ ବୈଠକରେ ଆଲୋଚନା ହୋଇଥିଲା। ସଂଘର ବରିଷ୍ଠ ଉପସଭାପତି ଅକ୍ଷୟ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କହିଲେ ରାଉରକେଲା ଇସ୍ପାତ କାରଖାନା ଅଧୀନରେ ପରିଚାଳିତ ସ୍କୁଲଗୁଡ଼ିକୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇଥିବା ଘଟଣା ଅତ୍ୟନ୍ତ କ୍ଷୋଭର ବିଷୟ। ଏହା ପଛରେ କିଛି ଅସାଧୁ ଗୋଷ୍ଠୀଙ୍କ ହାତ ଥିବା ନେଇ ସେ ସନ୍ଦେହ ବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ ରାଉରକେଲା ଶ୍ରମିକ ସଂଘ ପୂର୍ବରୁ ଆଞ୍ଚଳିକ ଶ୍ରମ କମିଶନରଙ୍କ ନିକଟରେ ଏ ନେଇ ଅଭିଯୋଗ କରିଥିଲା। ସେ କହିଲେ ଯେ ଆପୋସ ଆଲୋଚନା ବେଳେ ଏବେ ଅଧ୍ୟୟନ କରୁଥିବା ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀଙ୍କ ସନ୍ତାନଙ୍କର ସ୍କୁଲ ଫିଂକୁ ଶ୍ରୀଶ୍ରୀ ରବିଶଙ୍କରଙ୍କ ଟ୍ରଷ୍ଟ ପକ୍ଷରୁ ୧୦ ବର୍ଷ ପର୍ଯ୍ୟନ୍ତ ନ ବଢ଼ାଇବାକୁ ରାଜି ହୋଇଥିବା ଜଣାପଡ଼ିଛି। କିନ୍ତୁ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ଦାବି କରାଯାଇଛି ଯେ ରବିଶଙ୍କର ଟ୍ରଷ୍ଟ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ। ସହରର ବାସଗୃହ, ରାସ୍ତାଘାଟର ଦୁରବସ୍ଥା ଏପରିକି କର୍ମଚାରୀମାନଙ୍କର ବାସଗୃହ ସଂକ୍ରାନ୍ତୀୟ ସର୍ବନିମ୍ନ ସମସ୍ୟା ସମାଧାନରେ ଅହେତୁକ ବିଳମ୍ବ ବିଷୟରେ ଉଲ୍ଲେଖ କରି ସାଧାରଣ ସମ୍ପାଦକ ଶ୍ରୀ ବେହେରା କହିଥିଲେ ଯେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏସବୁ ପ୍ରତି ଧ୍ୟାନ ନ ଦେଇ ଓଲଟା ସହରାଞ୍ଚଳ ଓ ଆଇଜିଏଚ୍‌କୁ ବିଭିନ୍ନ ଉପାୟରେ ଘରୋଇ ହାତରେ ଟେକି ଦେବାକୁ ଚକ୍ରାନ୍ତ ଚଳାଇଛନ୍ତି, ଯାହାକୁ ରାଉରକେଲା ଶ୍ରମିକ ସଂଘ କେବେ ବରଦାସ୍ତ କରିବ ନାହିଁ। ସେ ସ୍ପଷ୍ଟ କରିଥିଲେ ଯେ, ଆସନ୍ତା ୨୨ରୁ ୨୪ ତିନି ଦିନ ତିନୋଟି ସ୍ଥାନ ଟାଉନ ଇଂଜିନିୟରିଂ, ଟାଉନ ସର୍ଭିସ ଏବଂ ଆଇଜିଏଚ ସମ୍ମୁଖରେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯିବ। ଯଦି ଏଥିପାଇଁ କିଛି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ରାଉରକେଲା ଇସ୍ପାତ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସାଧାରଣ ସମ୍ପାଦକ ଶ୍ରୀ ବେହେରା ଚେତାବନୀ ଦେଇଥିଲେ। ଏହି ବୈଠକରେ ସଂଘର ଉପସାଧାରଣ ସମ୍ପାଦକ, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ସହିତ କାଉନସିଲ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଯୌନ ପୀଡ଼ିତାଙ୍କୁ କ୍ଷତିପୂରଣ ନିମନ୍ତେ ଆଇନ ସଚେତନତା ଶିବିର




**ବଣାଇଁ, ୧୧।୯ (ସମିସ):** ବଣାଇଁ ଗଡ଼ ମହାବିଦ୍ୟାଳୟ ପରିସରରେ ଯୌନ ଶୋଷଣ ପୀଡ଼ିତାଙ୍କୁ କ୍ଷତିପୂରଣ ନିମନ୍ତେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବଣାଇଁ ତାଲୁକ ଆଇନ ସେବା ସଂସ୍ଥାର ପ୍ରାଧିକରଣ ତଥା ବଣାଇଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ଚେୟାରମେନ ଆଶୁତୋଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୁନ୍ଦର ଗଡ଼ ଅତିରିକ୍ତ ଜିଲ୍ଲା ଜଜ୍ ତଥା ଅତିରିକ୍ତ ପକ୍ସୋ ଜଜ୍ ଜ୍ଞାନରଞ୍ଜନ ପଟ୍ଟନାୟକ, ବଣାଇ ସବ ଜଜ୍ ରଞ୍ଜନ କୁମାର ପ୍ରଧାନ, କୋଇଡା ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଶ୍ରୀମତୀ ଶୁଭ ଲକ୍ଷ୍ମୀ ପ୍ରିୟଦର୍ଶିନୀ, ତାଲୁକ ଆଇନ ସେବା ସଂସ୍ଥାର ରିଟେନର ଦିନେଶ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସମ୍ମାନିତ ଅତିଥିମାନେ ଯୌନ ଶୋଷଣ ପୀଡ଼ିତାଙ୍କୁ କିପରି ସରକାରୀ ଭାବେ କ୍ଷତିପୂରଣ ମିଳିପାରିବ ଏବଂ ତା'ର ଆଇନଗତ ଦିଗ ଉପରେ ସଚେତନ କରାଇବା ସହ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀ ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ସିଭିଲ୍ କୋର୍ଟ କର୍ମଚାରୀ ତାଲୁକ ଆଇନ ସେବା ସଂସ୍ଥାର ବ୍ରିଜେଶ କୁମାର ସାହୁ, ଅନ୍ତର୍ଯ୍ୟାମୀ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଜେନାମଣି ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବଉଳା ସମିତିରେ ଟଙ୍କା ନେଇ ଗଣ୍ଡଗୋଳ

## ● ଜୀବନ ପ୍ରତି ବିପଦ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ବାଲେଶ୍ୱର, ୧୧।୯ (ସମିସ): ଭୋଗରାଇ ଥାନା ଅର୍ନ୍ତଗତ କାନ୍ଥଭଉଁରୀ ପଞ୍ଚାୟତର ବିଚିତ୍ରପୁର ଗ୍ରାମର କିଛି ବ୍ୟକ୍ତିଙ୍କ ଦ୍ୱାରା ୨୦୧୭ମସିହାରେ ମା' ବଉଳମାଳା ସମିତି ଗଠନ ହୋଇଥିଲା। ଏଠାରେ ଟଙ୍କା ଜମା ଓ ଋଣ ନେବାର ବ୍ୟବସ୍ଥା ହୋଇଥିଲା। ହେଲେ ଏବେ ସେଇ ସମିତିରେ ଟଙ୍କା ଜମା ଓ ଋଣନେବାକୁ କେନ୍ଦ୍ର ଗଣ୍ଡଗୋଳ ହୋଇଥିବା ବେଳେ ସେଇ ସମିତିରେ ସାମିଲ ଥିବା ତପନ କୁମାର ଦାସଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଥିବା ନେଇ ସେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କଠାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ୨୦୧୭ମସିହା ନଭେମ୍ବର ୧ତାରିଖରେ କିଛି ବ୍ୟକ୍ତିଙ୍କ ଦ୍ୱାରା ମା' ବଉଳମାଳା ସମିତି ରଣସିଂପୁରଠାରେ ଗଠନ କରାଯାଇଥିଲା। ଏହି ସମିତିରେ ଟଙ୍କା ଜମା କରାଯିବା ସହ ଋଣର ବ୍ୟବସ୍ଥା ମଧ୍ୟ ହୋଇଥିଲା। ହେଲେ ଏବେ ସମିତିର କ୍ୟାସିୟର ଏଗାର ଲକ୍ଷ ପଚାଶ ହାଜାର ଏବଂ ଋଣ ମାଲିକ ବିଚିତ୍ରପୁର ସମିତିର ପ୍ରାୟ ଚାରିଲକ୍ଷ ପଚାଶ ହଜାର ଟଙ୍କା ନ ଦେବାରୁ ସମିତିରେ ବାରମ୍ବାର ଗଣ୍ଡଗୋଳ ହେଉଛି। ଏପରିକି ଯେଉଁମାନେ ସମିତିରୁ ଋଣ ନେଇଥିଲେ, କ୍ୟାସିୟର ଏବଂ ଋଣ ମାଲିକ ସେମାନଙ୍କଠାରୁ ଋଣ ଉଠାଇନେଇଛନ୍ତି। ହଠାତ ସମିତିର ମାଲିକ ଗତମାସ ୩୦ତାରିଖ ରାତିରେ ତାଙ୍କୁ ଫୋନ କରି ତାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ସେ ଏକ ଲକ୍ଷ ତିରିଶ ହଜାର ଟଙ୍କା ହଡପ କରିନେଇଛନ୍ତି ବୋଲି ତାଙ୍କୁ କହିଥିଲେ। ଏପରିକି ସେ କିଛି କହିବାକୁ ଉଦ୍ୟମ କରୁଥିବା ବେଳେ ସେମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନିଜ ଜୀବନ ପ୍ରତି ବିପଦ ଥିବା ନେଇ ସେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଠାରେ ଅଭିଯୋଗ କରିବା ସହ ଏହି ଘଟଣାରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର

ବାଲେଶ୍ୱର, ୧୧।୯ (ସମିସ): ରେମୁଣା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ଅଧାପକ ପ୍ରଶାନ୍ତ କୁମାର ବରାଳଙ୍କ ନେତୃତ୍ୱରେ ମଞ୍ଚର କର୍ମକର୍ତ୍ତା ରେମୁଣା ଥାନା ଅଧିକାରୀ ବିମଳ କୁମାର ନାୟକଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ କୁହାଯାଇଛି ଯେ, ବରିଷ୍ଠ ନାଗରିକମାନଙ୍କୁ ତୁରନ୍ତ ସେମାନଙ୍କ ପରିଚୟପତ୍ର ପ୍ରଦାନ କରାଯାଉ। ବିଶେଷ କରି ଜିଲ୍ଲାସ୍ତରୀୟ ବୈଠକ ଗତମାସରେ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ହୋଇଥିବା ନିଷ୍ପତ୍ତି ଅନୁସାରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ପାଇଁ ସ୍ଥାନୀୟ ପୁଲିସ ଅଧିକାରୀଙ୍କୁ ଆବେଦନ କରିବାକୁ କୁହାଯାଇଥିଲା। ଏପରିକି କେତେକ ବ୍ଲକରେ ପରିଚୟପତ୍ର ପ୍ରଦାନ କରାଯାଉଥିବା ନେଇ ମଞ୍ଚର କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଏହି ଦାବିପତ୍ର ପ୍ରଦାନବେଳେ ସଙ୍ଗଠନର ବରିଷ୍ଠ ସଦସ୍ୟ ବ୍ରହ୍ମାନନ୍ଦ ଦାସ, ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାଢ଼ୀ, ସମ୍ପାଦକ ନିରଞ୍ଜନ ମହାରଣା, ଅବନିକାନ୍ତ ପ୍ରଧାନ, ପ୍ରଦୀପ କୁମାର ବେହେରା, ରଘୁନାଥ ଭୋଇ, ପ୍ରଦୀପ ମିଶ୍ର, ଅଜୟ ନାୟକ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ବାଲେଶ୍ୱର, ୧୧।୯ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ଉପଲକ୍ଷେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଏବଂ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରି ସାମ୍ପ୍ରତିକ ସମୟରେ ଆତ୍ମହତ୍ୟା ଏକ ପ୍ରମୁଖ କାରଣ ସାଜିଛି ବୋଲି ମତ ରଖିବା ସହିତ ଏହାକୁ କିପରି ରୋକା ଯାଇପାରିବ ସେ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କୋର୍ଟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ବ୍ରଜ କିଶୋର ଗିରି, ବାର୍ ଆସୋସିଏସନ୍ ସଭାପତି କେଶବ କୁମାର ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ତଥା ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ସୁମନ୍ ଜେନା ଏହି ଶିବିରକୁ ପରିଚାଳନା କରିଥିଲେ।

## ପ୍ରକଳ୍ପ ଅଟକଳ ଅନୁସାରେ କାର୍ଯ୍ୟ କରୁନାହାନ୍ତି ଠିକାଦାର

# ଦୁର୍ନୀତି ଧରିଲେ କାଉନସିଲର

ବାଲେଶ୍ୱର, ୧୧।୯ (ସମିସ): ସରକାରୀ ପ୍ରକଳ୍ପ ଅଟକଳ ଅନୁସାରେ କାର୍ଯ୍ୟ କରୁନାହାନ୍ତି ଠିକାଦାର। ଉପସ୍ଥିତ ବୁଦ୍ଧି ଖଟାଇ ଦୁର୍ନୀତି ଧରିଲେ କାଉନସିଲର। ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୫ ନମ୍ବର ୱାର୍ଡରେ ଦେଖିବାକୁ ମିଳିଛି ଏଭଳି ଘଟଣା। ୱାର୍ଡର ମାନସିଂ ବଜାର ମଛୁଆ ସାହି ମସଜିଦ ନିକଟସ୍ଥ ଦେବଗୋସ୍ୱାମୀ ଗଳିର କଂକ୍ରିଟ ମେଟାଲିଂ କରାଯାଇ ପେଭର ବ୍ଲକର ରାସ୍ତା ଏବଂ ନାଳ ନିର୍ମାଣ ପାଇଁ ପୌରପାଳିକା ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଇଂଜିନିୟରିଂ ଲାଇସେନ୍ସରେ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ଦୁଇଟି କାର୍ଯ୍ୟାଦେଶ ପୌରପାଳିକା ପକ୍ଷରୁ ଦିଆଯାଇଥିଲା। ଗଳିର ଭଗବାନ ବିଶ୍ୱାଳଙ୍କ ଘରଠାରୁ ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ଘର ପର୍ଯ୍ୟନ୍ତ ଗୋଟିଏ ରାସ୍ତା ଏବଂ ଅନ୍ୟଟି ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ଘର ଠାରୁ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଘର ପର୍ଯ୍ୟନ୍ତ ରାସ୍ତା ପାଇଁ ଟଙ୍କା ମଞ୍ଜୁର କରାଯାଇଥିଲା। ତେବେ ଇଂଜିନିୟରିଂ ଲାଇସେନ୍ସରେ ହୋଇଥିବା ଉକ୍ତ କାର୍ଯ୍ୟକୁ ତଞ୍ଚକତା କରି ଅଧିକ ଟଙ୍କା ଚଳୁ କରିବା ଉଦ୍ଦେଶ୍ୟରେ କଂକ୍ରିଟ ନ କରି



ପୁନଃ କାର୍ଯ୍ୟ ହେବ: ଏମ୍‌ଇ

ଖାଲି ବାଲିରେ ପେଭର ବ୍ଲକ ପକାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ହସ୍ତକ୍ଷେପ କଲେ କାଉନସିଲର ମିତା ପଟ୍ଟନାୟକ। ପ୍ରଥମେ କାର୍ଯ୍ୟକୁ ତଦାରଖ କରିବା ସହ ସ୍ଥାନୀୟ ଲୋକଙ୍କ ସହ କଥାବାର୍ତ୍ତା ପରେ ଏଥିରେ ଦୁର୍ନୀତି ହୋଇଥିବା ସେ ଜାଣିବାକୁ ପାଇଥିଲେ। ପୌରପାଳିକାର ଏମ୍‌ଇ, ଜେଇ, ଏବଂ ଇଂଜିନିୟରିଂ ଲାଇସେନ୍ସ ରେ କାମ ଆଣି ଅଣ ଇଂଜିନିୟର ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖଙ୍କୁ ଉକ୍ତ ରାସ୍ତା ବାବଦରେ କାଉନସିଲର ପଚାରିବାରୁ ସବୁ କଥା ପଦାକୁ ଆସିଥିଲା। ଏ ନେଇ ଏମ୍‌ଇ ସିମାଞ୍ଚଳ ମିଶ୍ରଙ୍କୁ ପଚାରିବାରୁ ପୁଣିଥରେ ଉକ୍ତ ଦୁଇଟି ରାସ୍ତାରେ ବିଛା ଯାଇଥିବା ପେଭର ବ୍ଲକକୁ ବାହାର କରାଯାଇ କଂକ୍ରିଟ ମେଟାଲିଂ କରାଯିବା ପରେ ପୁଣି ପେଭର ବ୍ଲକ ଲଗାଯିବ ବୋଲି କହିଛନ୍ତି। ତେବେ ପୌରପାଳିକା ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଦୁର୍ନୀତିକୁ ଧରାଯାଇଥିବାରୁ ବିଭିନ୍ନ ମହଲରୁ କାଉନସିଲର ମିତା ପଟ୍ଟନାୟକଙ୍କୁ ସାଧୁବାଦ ଜଣାଯାଇଛି। ସରକାର ଜନସାଧାରଣଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କିଛି ଅସାଧୁ ଠିକାଦାର, ରାଜନେତା ଏବଂ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସରକାରୀ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଉକ୍ତ ଲାଇସେନ୍ସକୁ କଳା ତାଲିକାଭୁକ୍ତ କରିବା ପାଇଁ କାଉନସିଲର ମିତା ପଟ୍ଟନାୟକ ଦାବି କରିଛନ୍ତି।

# ପାଚିକା ସହାୟିକା ସଂଘର ବିକ୍ଷୋଭ

ବାଲେଶ୍ୱର, ୧୧।୯ (ସମିସ): ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ଅନୁସାରେ, ପାଚିକାମାନଙ୍କୁ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ କରାଯିବା




ସହ ସରକାରୀ ମାନ୍ୟାତା ପ୍ରଦାନ କରାଯାଉ। ଏହାଛଡା ୧୨ମାସର ଦରମା ସାଙ୍ଗକୁ ବର୍ଷକୁ ଦୁଇଖଣ୍ଡ ଶାଢ଼ୀ, ପ୍ରସୂତି କାଳୀନ ଛୁଟି, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତ ପ୍ରଦାନ, ଖଣ୍ଡିଆ ଦରମା ପାଚିକା ସହାୟିକାଙ୍କ ଖାତାକୁ ପ୍ରଦାନ କରିବା, ଯେଉଁ ପାଚିକାମାନେ ୨୮ ମାସର ବକେୟା ଭତ୍ତା ପାଇ ନାହାନ୍ତି ତାହା ସେମାନଙ୍କୁ ତୁରନ୍ତ ପ୍ରଦାନ କରିବା ଆଦି ଦାବି କରାଯାଇଥିଲା। ଏ ନେଇ ସେମାନେ ସ୍ଥାନୀୟ ଷ୍ଟେସନରୁ ଏକ ଶୋଭାଯାତ୍ରାରେ ୫ଶହରୁ ଅଧିକ ମହିଳା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ ସମାବେଶରେ ରାଜ୍ୟ ସମ୍ପାଦିକା ଇଷାନୀ ଷଡଙ୍ଗୀ, ଜିଲ୍ଲା ସଭାପତି ମୃତ୍ୟୁଞ୍ଜୟ ରାଉତ, ସମ୍ପାଦିକା ପୂର୍ଣ୍ଣିମା ବେହେରା, ସିଆଟିୟୁର ବିଜୟ ପାତ୍ର, କିଶୋର ଲେଙ୍କା, କନକ ଦାସ, ନିରଞ୍ଜନ ପୃଷ୍ଟି, ରମାକାନ୍ତ ରାଉତ, ରମାକାନ୍ତ ରଣା, ବସନ୍ତ ପ୍ରଧାନ, ମଞ୍ଜୁଲତା ଦାସ, ରାମଶଙ୍କର ଜେନ, ସବିତା ଧଳ, ମାନତୀ ହୁଇ, ସୁକାନ୍ତି ମହାଳିକ, ଦ୍ରୌପଦୀ ସାହୁ, ରେବତୀ ସ୍ୱାଇଁ, ଆଦିକନ୍ଦ ପାଳ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

# ଯୋଗ ଓ ବ୍ୟାୟାମ ଶିବିର

ବାଲେଶ୍ୱର, ୧୧।୯ (ସମିସ): ଜାତୀୟ ଖେଳ ଦିବସ ଉପଲକ୍ଷେ ୟୁକୋ ବ୍ୟାଙ୍କ ଅଞ୍ଚଳ କାର୍ଯ୍ୟାଳୟ ବାଲେଶ୍ୱର ତତ୍ତ୍ୱାବଧାନରେ ୟୁକୋ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ସଂସ୍ଥା(ଆରସେଟି) ଆନୁକୂଲ୍ୟରେ ଏକ ଯୋଗ ଓ ବ୍ୟାୟାମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ଭାବେ ୟୁକୋ ବ୍ୟାଙ୍କର ଜୋନାଲ ମ୍ୟାନେଜର ସୁଦିପ ଡାକୁଆ ଉଦଘାଟନ କରିଥିଲେ। ୟୁକୋ ଆରସେଟି ବାଲେଶ୍ୱର ନିର୍ଦ୍ଦେଶକ ସୁବ୍ରତ ମହାକୁଳଙ୍କ ତତ୍ତ୍ୱାବଧାନ ଏବଂ ଯୋଗ ପ୍ରଶିକ୍ଷକ ହରି ମହାଳିକଙ୍କ ସହଯୋଗରେ ପରିଚାଳନା କରାଯାଇଥିଲା। ଅଭିଷେକ ସ୍ୱାଇଁ, ପ୍ରିୟଙ୍କା ସାହୁ, ଶଙ୍କର ମାହାଳି, ପ୍ରଦୀପ ନାୟକ, ସନ୍ଦୀପ ପଣ୍ଡା, ସସ୍ମିତା ଦାସ୍ ଏବଂ ଆରସେଟିର ସମସ୍ତ ପ୍ରଶିକ୍ଷାର୍ଥୀ ସହଯୋଗ କରିଥିଲେ।

# 'ଜଳ ହିଁ ଜୀବନ' ଆଲୋଚନାଚକ୍ର

ବାଲେଶ୍ୱର, ୧୧।୯ (ସମିସ) : ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ଏକ ମଣ୍ଡପ ପରିସରରେ ଡ. ନରୋତ୍ତମ ପରିଡ଼ାଙ୍କ ସଭାପତିତ୍ୱରେ 'ଜଳ ହିଁ ଜୀବନ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମଣିଷମାନଙ୍କ ଦେହରୁ ଏସିଡ କିପରି କମିବ ଓ ଶୁଦ୍ଧ ଜଳ ଯଥା ଏନାଜିକ କଙ୍ଗେନ ଜଳ ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ଏହି ଜଳ ବ୍ୟବହାର କଲେ ଦେହରୁ ସମସ୍ତ ପ୍ରକାର ରୋଗ ଭଲ ହୋଇଯିବ ବୋଲି ଅତିଥି ଭାବେ ଆସିଥିବା ଅଶୋକ ପଣ୍ଡା ଓ ଅଜୟ କୁମାର ନାୟକ ପ୍ରମୁଖ ମତ ରଖିଥିଲେ। ଏହାଛଡା ଆଲୋଚନା ସହିତ ବିଭିନ୍ନ ପନିପରିବାକୁ ସାଦା ଜଳ, ବୋତଲରେ ବିକ୍ରି ହେଉଥିବା ଜଳ ବ୍ୟବହାର ଉପରେ ପରୀକ୍ଷା କରି ଦେଖାଇଥିଲେ। ଏହି ଆଲୋଚନାଚକ୍ରରେ ବ୍ରହ୍ମାନନ୍ଦ ଦାଶ ପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ଭଜନ ଗାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶାନ୍ତ ବରାଳ, ଚକ୍ରଧର ଦାସ, ଧନେଶ୍ୱର ପାତ୍ର, ସନ୍ତୋଷ ବେହେରା, ରବିନାରାୟଣ ବେହେରା, ପଦ୍ମଲୋଚନ ପଣ୍ଡା, କୃଷ୍ଣମୋହନ ମହାରଣା, ଶ୍ରୁତିଧର ସାହୁ, ମୁକ୍ତିଲତା ଆଇଚ, ପ୍ରତିମା ମଲ୍ଲିକ, ରୁକ୍ମଣୀ ନାୟକ, ମଞ୍ଜୁଳା ପଣ୍ଡା, ଅନନ୍ତ ଚରଣ ପୋଥାଳ, ପ୍ରଭାକର ସାହୁ, ପ୍ରଦୀପ ମିଶ୍ର, ଯୋଗେଶଚନ୍ଦ୍ର ବେହେରା, ଗିରିଶଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଆମେ ଭିନ୍ନ-ଅନନ୍ୟ ; ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ



**ଶ୍ରୀ ଦେବଦତ୍ତ ସ୍ୱାଇଁ**
ଅଧ୍ୟକ୍ଷ
ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ

**୧୯୯୯ ମସିହାରେ କଟକରେ ଏକ ଛୋଟ କୋଠରୀରେ ଆରମ୍ଭ ହୋଇଥିବା ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଆଜି ପରିଣତ ହୋଇଛି ବିଶାଳ ଅନୁଷ୍ଠାନରେ । ସେହି ଅନୁଷ୍ଠାନ ହେଉଛି ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ । ସାମ୍ପ୍ରତିକ ଆବାସିକ ଓ ଦିବାଧାୟୀ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଗ୍ରୁପ୍‌ର ଶିକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ, ସ୍ୱତନ୍ତ୍ର ଓ ଅନନ୍ୟ । ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନଟି ଦ୍ୱିତୀୟ ଗୃହ ଅର୍ଥାତ୍ 'ହୋମ୍ ଫାର୍ ଫ୍ରମ୍ ହୋମ୍' । ସମନ୍ୱିତ ଶିକ୍ଷଣ ବ୍ୟବସ୍ଥା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶ ଓ ଆନ୍ତରିକ ପରିବେଶ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଏକ ଭିନ୍ନ ଶିକ୍ଷାନୁଷ୍ଠାନର ପରିଚୟ ଦେଇଛି । ଏ ସଂକ୍ରାନ୍ତରେ ଶିକ୍ଷା ପ୍ରତିଷ୍ଠାନ ସମୂହର ଅଧ୍ୟକ୍ଷ ଦେବଦତ୍ତ ସ୍ୱାଇଁଙ୍କ ସହ ଆନ୍ତରିକ ବାର୍ତ୍ତାଳାପ...**

୧. **କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

● ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି । ତରୁଣମାନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅତୁଟ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା । ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା ।

୨. **ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

● ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ । ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ । ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍‌ଡ୍ ଲର୍ଣ୍ଣି, କ୍ୱିଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ । ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ ।

୩. **ଆପଣଙ୍କ ଇନଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

● ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାନ ଦେଉଛୁ । ଆମର ଫରକ୍ ହେଉଛି ଏକ 'ହୋଲିଷ୍ଟିକ୍ ଆପ୍ରୋଚ୍' । ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ । ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ ।

୪. **କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

● କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି । ଏହା ଏକ ଷ୍ଟାଣ୍ଡାର୍ଡାଇଜ୍‌ଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ । ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ । ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ ।

୫. **ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

● ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ' । ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ । ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ । ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ ।

୬. **ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

● ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ । ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ଣ୍ଣି ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ । ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ । ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ । ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି ।

୭. **ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ୍, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଇଛନ୍ତି?**

● ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି । ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ । ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ ।

୮. **କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

● PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ | AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭଇଣ୍ଟରନେଟ୍ ଆବଶ୍ୟକ । ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ । ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ ।

୯. **ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍ଟ୍ ଆଶାତୀତ, ଏ ବିଷୟରେ କଣ କହିବେ?**

● ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାନ ଦେଇଆସିଛୁ । ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ। ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱଚ୍ଛଭାବେ ଭଲ ହୋଇଆସୁଛି ।

୧୦. **ଚଳିତ ବର୍ଷ ଆପଣଙ୍କ ଇନଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍ପର, ଏ ଶ୍ରେୟ କାହାକୁ ଦେବେ?**

● ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ । ଏହା ଏକ ସାମୂହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ ।

୧୧. **ବିଭିନ୍ନ ଘରୋଇ କଲେଜରେ ଫାକ୍ଲଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

● ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ । ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖୁ ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍ । ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ ( Faculty-Student Ratio) ବଜାୟ ରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ ।

୧୨. **ସାଂପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

● ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ୱଷ୍ଟ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ । ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି । ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ । ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ ।

୧୩. **ରାଜ୍ୟର ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି । ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

● ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟ ଅସ୍ତିତ୍ୱହୀନ । ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ । ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ । କୌଣସି ପ୍ରକାରର ଉତ୍ପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ ।

୧୪. **ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

● 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ । ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ । ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ । ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

୧୫. **ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ ରଖୁଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

● କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି । କେବଳ ଏକାଡେମିକ୍ ମାର୍କ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ । ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ । ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ । ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି ।

୧୬. **ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

● ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି । ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ସିବିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି । ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

୧୭. **ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

● ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ । କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର । ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି । ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ।

୧୮. **ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

● ଅଭିଭାବକମାନେ ଆମର ଅଭିନ୍ନ ଅଂଶ । ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ହୋଇନଥାନ୍ତା । ଅଭିଭାବକଙ୍କର ଭୂମିକା କେବଳ ଫି ଦେବାରେ ସୀମିତ ନୁହେଁ । ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଧାରଣରେ ସାହାଯ୍ୟ କରେ । ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ ।

୧୯. **ଅଧ୍ୟକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

● ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା | ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ । ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

୨୦. **ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ? ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍**

● ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କରାଇ ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ । ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିଚ୍ୟୁତ ହୁଅ ନାହିଁ । ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ । ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ ।

### ପେପରମିଲ୍ ଅବସରପ୍ରାପ୍ତ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ପ୍ରସଙ୍ଗ

# କର୍ତ୍ତୃପକ୍ଷଙ୍କୁ ତହସିଲକୋର୍ଟରୁ ନୋଟିସ

ଜୟପୁର, ୧୧।୯ (ସମିସ): ଜୟପୁର ନିକଟସ୍ଥ ଗାଗନାପୁର ସେଓ୍ଵା ପେପରମିଲର ଅବସରପ୍ରାପ୍ତ କର୍ମଚାରୀ ଙ୍କୁ ପରିଚାଳନା କର୍ତ୍ତୃପକ୍ଷ ଗ୍ରାଚ୍ୟୁଏଟି ଟଙ୍କା ପ୍ରଦାନ କରିନାହାନ୍ତି। ଏଥିନେଇ ସ୍ଥାନୀୟ ଡେପୁଟି ଶ୍ରମ କମିଶନରଙ୍କ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପ୍ରଥମ ଦଫାରେ ୧୯ ଜଣ ଅଭିଯୋଗକାରୀଙ୍କୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଆଇନ ଅନୁଯାୟୀ ତୁରନ୍ତ ବକୟା ଗ୍ୟାଚୁଏଟି ଟଙ୍କା ଦେବାକୁ ଡେପୁଟି ଶ୍ରମ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା; କିନ୍ତୁ ପେପର ମିଲ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶନାମାକୁ ଅଣଦେଖା କରିଥିବା ଯୋଗୁଁ ଓପିଡିଆର ଆଇନ ଅନୁଯାୟୀ ଜିଲ୍ଲାପାଳଙ୍କ କୋର୍ଟରେ ମାମଲା ରୁଜୁ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆବେଦନକାରୀ ମାନେ ଜୟପୁର ତହସିଲଦାରଙ୍କ କୋର୍ଟରେ ମାମଲା ରୁଜୁ କରିଥିଲେ। ଏହି ଆବେଦକୁ ଗ୍ରହଣ କରାଯାଇ ତହିସଲ କୋର୍ଟ ପକ୍ଷରୁ ଏକ ମାମଲା ରୁଜୁ ହେବା ସହ ପେପରମିଲ୍ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆଇନ ଅନୁଯାୟୀ ଆଜି କୋର୍ଟ ନୋଟିସ ଜାରୀ କରିବା ନିଜ ପକ୍ଷରୁ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନୋଟିସର ପ୍ରତିଉତ୍ତର ଏବଂ ମାମଲା ରହିଥିବା ପର୍ଯ୍ୟନ୍ତ କାରଖାନାର କୌଣସି ସମ୍ପତ୍ତି ବିକ୍ରି ହୋଇପାରିବ ନାହିଁ ଏବଂ କାରଖାନାର ପରିସର ଭିତରୁ କୌଣସି ସାମଗ୍ରୀ ବାହାରକୁ ଯାଇ ପାରିବନାହିଁ ଏବଂ କୌଣସି ସ୍ଥାବର ସମ୍ପତି ବିକ୍ରି ହୋଇପାରିବ ନାହିଁ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି ବୋଲି ମାମଲା ଦାୟର କରିଥିବା ପ୍ରଥମ ସଂଘର ସଭାପତି ତଥା ଅବସରପ୍ରାପ୍ତ କର୍ମଚାରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୮ ରୁ ଅବସରପ୍ରାପ୍ତ କର୍ମଚାରୀ ମାନେ ଗ୍ରାଚ୍ୟୁଏଟି ଏବଂ ଅନ୍ୟାନ୍ୟ ବକୟା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ୪୩ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଯାଇଛି। ଏହି ମାମସା ରୁଜୁରେ ବରିଷ୍ଠ କର୍ମଚାରୀ ନେତା ବସନ୍ତ କୁମାର ବେହେରା ଏବଂ ସରକାରୀ ଆଇନଜୀବୀ ବିଷ୍ଣୁପ୍ରସାଦ ପାତ୍ର ସହାୟତା କରିଥିଲେ।

## ଢ଼ାବାରେ ଧମକ ଦେଇ ଟଙ୍କା ମାଗିବା ଘଟଣା: ୩ ଅଭିଯୁକ୍ତ ଗିରଫ



ଜୟପୁର,୧୧।୯ (ସମିସ): ଜୟପୁର-ବୋରିଗୁମ୍ମା ଜାତୀୟ ରାଜପଥ ତେଲିଗୁଡା ନିକଟରେ ଏକ ଢାବା ହୋଟେଲର ସ୍ଥାନୀୟ ବଙ୍ଗଳାବାଡ ଅଞ୍ଚଳର ୬ ଜଣ ଯୁବକ ଗତ ୬ ତାରିଖରେ ହୋଟେଲରେ ଖାଇବା ସହ ପନିର ତରକାରୀ ତେଲ ଅଧିକ ରହିଥିବା ନେଇ ପାଟିତୁଣ୍ଡ କରିଥିଲେ। ଏହିପରି ଦାଦାବଟି ଟଙ୍କା ଦେବାକୁ ଦାବି କରିବା ସହ ଢାବା ମାଲିକଙ୍କୁ ଆକ୍ରମଣ କରିଥିବା ସହିତ ଢାବାର ଆସବପତ୍ର ଭାଙ୍ଗିଥିବା ନେଇ ଅଭିଯୋଗକାରୀ ଢାବା ମାଲିକ ବାଲ୍ମିକୀ ମହାପାତ୍ର ଗତ ୭ ତାରିଖରେ ଟାଉନଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୁଲିସ ୩ଜଣ ଅଭିଯୁକ୍ତ ବଙ୍ଗଳବାଡର ପୂର୍ଣ୍ଣ ନାୟକ (୧୯), ରିତେଶ ମୁଦୁଲୀ (୨୧) ଏବଂ ଶୁଭମ ଘଡେଇ (୧୯) ଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୩ ଅଭିଯୁକ୍ତ ଫେରାର ରହିଛନ୍ତି। ମାମଲା ଅନୁଯାୟୀ, ସମୁଦାୟ ୬ଜଣ ଅଭିଯୁକ୍ତ ହୋଟେଲକୁ ଯାଇ ହୋଟଲରେ ଖାଇବା ସହ ପାଲଟା ୫ହଜାର ଟଙ୍କା ଦାଦାବଟି ମାଗିଥିଲେ। ହୋଟେଲ ମାଲିକ ଶ୍ରୀ ମହାପାତ୍ର ଟଙ୍କା ଦେବାକୁ ମନା କରିବାରୁ ସେମାନେ ଦୋକାନ ବନ୍ଦ କରିବାକୁ ଧମକ ଦେଇଥିଲେ। ମାଲିକ ଓ କର୍ମଚାରୀମାନେ ପ୍ରତିବାଦ କରିବା ପରେ ଯୁବକମାନେ ଗାଳିଗୁଲଜ ସହ ମାଡ ମାରିଥିଲେ। ମାରଣାସ୍ତ୍ରରେ ଆକ୍ରମଣ କରି ହୋଟେଲ ଆସବାବପତ୍ର ଭାଙ୍ଗି ଦେଇଥିଲେ। ଏପରିକି ହୋଟେଲ ମାଲିକଙ୍କ ସୁନା ଚେନ ଲୁଟିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏସଆଇ ସିଦ୍ଧାନ୍ତ ବେହେରା ୩ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଥିବା ନେଇ ଟାଉନଥାନାଧିକାରୀ ଉଲ୍ଲାସଚନ୍ଦ୍ର ରାଉତ କହିଛନ୍ତି।

## ଏ.ସିରୁ ତମ୍ବା ତାର ଚୋରି ମାମଲା: ଜଣେ ଗିରଫ

ଜୟପୁର,୧୧।୯ (ସମିସ): ଜୟପୁର ସହରର ଶ୍ରୀରାମ ନଗର ଅଞ୍ଚଳର ଭଡ଼ା ଗୃହରେ ରହୁଥିବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଘରରେ ଲାଗିଥିବା ଶୀତତାପ ନିୟନ୍ତ୍ରଣ (ଏ.ସି)କୁ ସଂଲଗ୍ନ ହୋଇଥିବା ତମ୍ବାତାର ଚୋରି ମାମଲାରେ ଟାଉନଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲା ବାପୁଜୀ ନଗର ଅଞ୍ଚଳର ଝାଡୁଦାର କଲୋନୀର ନିଖିଳ ଆକୋଜି(୧୯)। ଗତ ସେପ୍ଟେମ୍ବର ୧ ତାରିଖରେ ଘରର ବାହାର ପାଖରେ ରହିଥିବା ଏସି ପଙ୍ଖାକୁ ସଂଲଗ୍ନ ହୋଇଥିବା ତମ୍ବାତାର ଚୋରି ହୋଇଥିଲା। ଭିତରେ ଏ.ସି କାର୍ଯ୍ୟ କରୁନଥିବା ଯୋଗୁଁ ମରାମତି ପାଇଁ ମେକାନିକକୁ ଡାକିଥିଲେ। କିନ୍ତୁ ମେକାନିକ ଯାଞ୍ଚ ବେଳେ ବାହାରେ ଲାଗିଥିବା ଏ.ସି ଫ୍ୟାନକୁ ସଂଯୋଗ କରୁଥିବା ତମ୍ବାତାର ନଥିବା ନେଇ କହିଥିଲେ। ଏଥିରୁ ମାଜିଷ୍ଟ୍ରେଟଙ୍କ ପରିବାର ଚୋରି ହୋଇଥିବା ନେଇ ସ୍ପଷ୍ଟ ହେବା ପରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିନେଇ ଥାନାରେ ମାମଲା ରୁଜୁ ହେବା ପରେ ଏଏସଆଇ କାର୍ତ୍ତିକ ମିଶ୍ର ଘଟଣାର ତଦନ୍ତ କରିଥିଲେ। ଆଜି ଟାଉନପୁଲିସ ଗିରଫ ଅଭିଯୁକ୍ତ ନିଖିଳଙ୍କ ନିକଟରୁ ଚୋରି ହୋଇଥିବା ୫୨ ସିଏମ ତମ୍ବାତାର ଜବତ କରିଛନ୍ତି ବୋଲି ଟାଉନଥାନାଧିକାରୀ ଶ୍ରୀ ରାଉତ କହିଛନ୍ତି।

## ଚାଷୀଙ୍କ ଟଙ୍କା ଲୁଟ୍ ମାମଲା: ଫେରାର ତୃତୀୟ ଅଭିଯୁକ୍ତ ଗିରଫ

ଜୟପୁର, ୧୦।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ପୁଲିସ ପକ୍ଷରୁ ଚାଷୀଙ୍କଠାରୁ ଏକ ଲକ୍ଷ ଟଙ୍କା ଲୁଟ ମାମଲାରେ ଫେରାର ତୃତୀୟ ତଥା ଅନ୍ତିମ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଗୋପବନ୍ଧୁ ନଗର ଅଞ୍ଚଳର କୃଷ୍ଣ ଟାକ୍ରୀ (୨୦)। ଏହି ମାମଲାର ଗତ ଅଗଷ୍ଟ ୩୦ ତାରିଖରେ ପୁଲିସ ଦୁଇଜଣ ଲୁଟେରାଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ୨୦ ହଜାର ଟଙ୍କା ଚୋରିରେ ବ୍ୟବହୃତ ଗୋଟିଏ ସ୍କୁଟି ଜବତ କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ଗତ ଜୁଲାଇ ୩ ତାରିଖରେ ଜୟପୁର ସଦରଥାନା ହାଡିଆ ଗ୍ରାମର ଚାଷୀ କମଳଲୋଚନ ଭତ୍ରା ଏବଂ ଅନ୍ୟାନ୍ୟ ୫ଜଣ ଚାଷୀ ସେମାନଙ୍କ ଖରୀଫ ଧାନ ବିକ୍ରି ବାବଦକୁ ଜମା ହୋଇଥିବା ୩ ଲକ୍ଷ ୯୦ ହଜାର ଟଙ୍କା ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାରୁ ବାହାର କରି ସ୍ଥାନୀୟ ଏକ ହୋଟେଲରେ ଖାଇବା ପରେ ସେମାନେ ଆସିଥିବା ବୋଲେର ଯୋଗେ ଫେରୁଥିବା ବେଳେ ସ୍ଥାନୀୟ ବେଲ ରୋଡଠାରେ ୩ ଜଣ ଦୁର୍ବୃତ ସେମାନଙ୍କ ବୋଲେରକୁ ଅଟକାଇଥିଲେ। ସେମାନଙ୍କ ମୋବାଇଲ ହୋଟେଲରୁ ନେଇଯାଇଥିବା ନେଇ ମିଥ୍ୟା ଅଭିଯୋଗ କରିବା ସହ ଜୋରଜବରଦସ୍ତ ବୋଲେର ଭିତରେ ପ୍ରବେଶ କରିବା ସହ ସେମାନଙ୍କ ଉଠାଣ ହୋଇଥିବା ଟଙ୍କା ବ୍ୟାଗକୁ ଟାଣି ନେଉଥିବା ବେଳେ ଚାଷୀମାଙ୍କ ସହିତ ଅନ୍ୟ ୩ ଜଣଙ୍କୁ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହିପରି ବ୍ୟାଗରୁ ଟଙ୍କା ତଳେ ପଡିଯାଇଥିଲା। ଏହାରୁ ସୁଯୋଗ ନେଇ ୩ଜଣ ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଲୁଟ କରିବା ସହ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଥିନେଇ ଚାଷୀ ଶ୍ରୀ ଭତ୍ରା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ଏସ.ଆଇ ଗୋବିନ୍ଦ ଚନ୍ଦ୍ର ହାଂସଦା କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୨୦ ହଜାର ଟଙ୍କା ଜବତ କରଥିଲେ ଏବଂ ଲୁଟେରାଙ୍କ ଦ୍ୱାରା ବ୍ୟବହୃତ ଗୋଟିଏ ସ୍କୁଟି (ଓଡି୨୪-ଏ-୩୮୪୦)କୁ ଜବତ କରିଥିଲେ।

## ବାଇକ୍‌କୁ ଧକ୍କାଦେଲା କାର୍; ଜଣେ ଗୁରୁତର

ପଟ୍ଟାଙ୍ଗି, ୧୧।୯ (ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କାଉଗୁଣ୍ଠା ଘାଟି ନିକଟରେ ବାଇକକୁ ଧକ୍କା ଦେଲା ଏକ କାର। ପଟ୍ଟାଙ୍ଗିଠାରୁ ପାଙ୍ଗିଗୁଡ଼ା ଗ୍ରାମର ୱାର୍ଡସଭ୍ୟ ପାଙ୍ଗୀନାୟକ ଦୟା ନିଜ ଗ୍ରାମ ଦୁସୁରିଗୁଡ଼ା ଗ୍ରାମକୁ ବାଇକ ଯୋଗେ ସାଥୀଙ୍କ ସହ ଫେରୁଥିଲେ। ରାସ୍ତାର ବିପରୀତ ପାଶ୍ୱର୍ ଦେଇ ଓଡି ୨୨ ଜି ୭୨୯୬ ବିଶିଷ୍ଟ ଏକ କାର ଆସି ଧକ୍କା ଦେଇଥିଲା। ଉକ୍ତ ସମୟରେ ସମ୍ବାଇ ସରପଞ୍ଚ ଦେବକୀ ଗଣ୍ଡ ଏବଂ ସମିତିସଭ୍ୟ ଲକ୍ଷ୍ମଣ ପଡ଼ାଲ୍ ନିଜ ଗ୍ରାମବାସୀଙ୍କ ସହ ଉକ୍ତ ଦିଗ ଦେଇ ଯାଉଥିଲେ। ଘଟଣାସ୍ଥଳରେ ସେ ନିଜ ସାଥୀଙ୍କ ସହ ବାଇକ ଆରୋହୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗିକୁ ସ୍ଥାନାନ୍ତର କରିଥିଲେ। ଉକ୍ତ ଘଟଣାରେ ୱାର୍ଡମେମ୍ବର ପାଙ୍ଗୀନାୟକ ଦୟାଙ୍କ ଗୋଡ଼ ଏବଂ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଯୋଗୁଁ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଯୋଗୁଁ ପରିବାର ବର୍ଗ ତାଙ୍କୁ ଆନ୍ଧ୍ର ଚିକିତ୍ସା କରିବା ନିମନ୍ତେ ନିଷ୍ପତ୍ତି ନେଇଥିବା ନେଇ ଜଣାପଡିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ନେଇ ଜଣାପଡିଛି।

## ଡିଏଭି ଭି. ଏସ୍ ବିଦ୍ୟାଳୟରେ କ୍ୟାପଟେନ୍, ଆସିଷ୍ଟାଣ୍ଟ କ୍ୟାପଟେନ୍ ମନୋନୀତ



ସୁନାବେଡ଼ା, ୧୧।୯ (ସମିସ): ହାଲ୍ ଟାଉନ୍‌ସିପ୍‌ରେ ଥିବା ଭଞ୍ଜ ମଣ୍ଡପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଡିଏଭି ଭି. ଏସ୍ ବିଦ୍ୟାଳୟରେ ବିଦ୍ୟାଳୟର କ୍ୟାପଟେନ୍, ଆସିଷ୍ଟାଣ୍ଟ କ୍ୟାପଟେନ୍ ଓ ବିଭିନ୍ନ ବିଭାଗର କ୍ୟାପଟେନ୍ ମାନଙ୍କୁ ମନୋନୀତ କରାଯାଇଛି। ମୁଖ୍ୟଅତିଥି ଭାବେ କୋବ୍ରା ବାଟାଲିୟନରକମାଣ୍ଡାଣ୍ଟ-୨୦୨ଅମିତ୍‌କୁମାରବିଭିନ୍ନବିଭାଗର କ୍ୟାପ୍‌ଟେନ୍‌ମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ନେତୃତ୍ୱ, ଦାୟିତ୍ୱବୋଧ ଓ ଶୃଙ୍ଖଳାର ଆଦର୍ଶ ସ୍ଥାପନା କରିବା ପାଇଁ ତାଙ୍କର ଅଭିଭାଷଣରେ କହିଥିଲେ। ଏହି ଉତ୍ସବରେ ହାଲ୍ ଟାଉନ୍‌ସିପର ପ୍ରଥମ ମହିଳା ସୋପ୍ନା ସୋନାଲିକା ଜେନା ମନୋନୀତ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବାସୁଦେବ ପାଣିଗ୍ରାହୀ ଶପଥ ଗ୍ରହଣ କରାଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ

ଚନ୍ଦାହାଣ୍ଡି, ୧୧।୯ (ସମିସ): ନବରଙ୍ଗପୁର ଜିଲ୍ଲା ଥାନା ଦଲବେଡା ଗ୍ରାମର କୋହରାପଡାରେ ପୂର୍ବଶତ୍ରୁତା ସହ ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। କୋହରାପଡାର ଗଗନେ ମାଝୀ ଓ ତାଙ୍କ ସ୍ତ୍ରୀ ହେମନ୍ତି ମାଝୀଙ୍କୁ ସେ ସାହିର ଘନ ମାଝୀ, ଅନନ୍ତରାମ ମାଝୀ, କ୍ଷୀର ମାଝୀ, ମନ୍ଦାର ମାଝୀ, ଫୁଲମତି ମାଝୀ ଏବଂ ବୁଟି ମାଝୀ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଯାହାଫଳରେ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ କାନ ଛିଣ୍ଡିଯାଇ ଗୁରୁତର ଅବସ୍ଥାରେ ଗଗନେ ମାଝୀ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଗଗନେ ମାଝୀ ଚନ୍ଦାହାଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉଭୟ ପକ୍ଷଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

# ଆମେ ଭିନ୍ନ-ଅନନ୍ୟ ; ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ

**୧୯୯୯ ମସିହାରେ କଟକରେ ଏକ ଛୋଟ କୋଠରୀରେ ଆରମ୍ଭ ହୋଇଥିବା ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଆଜି ପରିଣତ ହୋଇଛି ବିଶାଳ ଅନୁଷ୍ଠାନରେ । ସେହି ଅନୁଷ୍ଠାନ ହେଉଛି ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ । ସାମ୍ପ୍ରତିକ ଆବାସିକ ଓ ଦିବାଧାୟୀ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଗ୍ରୁପ୍‌ର ଶିକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ, ସ୍ୱତନ୍ତ୍ର ଓ ଅନନ୍ୟ। ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନଟି ଦ୍ୱିତୀୟ ଗୃହ ଅର୍ଥାତ୍ 'ହୋମ୍ ଫାର୍ ଫ୍ରମ୍ ହୋମ୍' । ସମନ୍ୱିତ ଶିକ୍ଷଣ ବ୍ୟବସ୍ଥା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶ ଓ ଆନ୍ତରିକ ପରିବେଶ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଏକ ଭିନ୍ନ ଶିକ୍ଷାନୁଷ୍ଠାନର ପରିଚୟ ଦେଇଛି । ଏ ସଂକ୍ରାନ୍ତରେ ଶିକ୍ଷା ପ୍ରତିଷ୍ଠାନ ସମୂହର ଅଧ୍ୟକ୍ଷ ଦେବଦତ୍ତ ସ୍ୱାଇଁଙ୍କ ସହ ଆନ୍ତରିକ ବାର୍ତ୍ତାଳାପ...**



**ଶ୍ରୀ ଦେବଦତ୍ତ ସ୍ୱାଇଁ**
ଅଧ୍ୟକ୍ଷ
ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ

୧. **କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

- ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି। ତରୁଣମାନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅତୁଟ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା। ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା।

୨. **ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

- ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ। ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ। ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍‌ଡ୍ ଲର୍ଣ୍ଣି, କ୍ୱିଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ।

୩. **ଆପଣଙ୍କ ଇନଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

- ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାନ ଦେଉଛୁ। ଆମର ଫରକ୍ ହେଉଛି ଏକ 'ହୋଲିସ୍ଟିକ୍ ଆପ୍ରୋଚ୍'। ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ। ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ।

୪. **କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

- କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି। ଏହା ଏକ ଷ୍ଟାଣ୍ଡାର୍ଡାଇଜ୍‌ଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ। ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ। ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ।

୫. **ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

- ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ'। ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ। ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ। ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ।

୬. **ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

- ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ। ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ଣ୍ଣି ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ। ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ। ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ। ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି।

୭. **ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ୍, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଇଛନ୍ତି?**

- ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି। ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ। ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ।

୮. **କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

- PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ। AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭଇଣ୍ଟରନେଟ୍ ଆବଶ୍ୟକ। ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ। ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ।

୯. **ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍‌ଟ୍ ଆଶାତୀତ, ଏ ବିଷୟରେ କଣ କହିବେ?**

- ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାୟ ଦେଇଆସିଛୁ। ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ। ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱଚ୍ଛଭାବେ ଭଲ ହୋଇଆସୁଛି।

୧୦. **ଚଳିତ ବର୍ଷ ଆପଣଙ୍କ ଇନଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍ପର, ଏ ଶ୍ରେୟ କାହାକୁ ଦେବେ?**

- ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ। ଏହା ଏକ ସାମୂହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ।

୧୧. **ବିଭିନ୍ନ ଘରୋଇ କଲେଜରେ ଫାକୁଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

- ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ। ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖୁ ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍। ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ ( Faculty-Student Ratio) ବଜାୟ ରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ।

୧୨. **ସାଂପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

- ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ୱଚ୍ଛ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ। ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି। ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ। ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ।

୧୩. **ରାଜ୍ୟର ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି। ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

- ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟ ଅସ୍ତିତ୍ୱହୀନ। ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ। ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ। କୌଣସି ପ୍ରକାରର ଉତ୍ପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ।

୧୪. **ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

- 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ। ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ। ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ। ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

୧୫. **ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ ରଖୁଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

- କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି। କେବଳ ଏକାଡେମିକ୍ ମାର୍କ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ। ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ। ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ। ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି।

୧୬. **ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

- ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି। ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ସିଟିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି। ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

୧୭. **ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

- ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ। କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର । ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି। ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।

୧୮. **ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

- ଅଭିଭାବକମାନେ ଆମର ଅଭିନ୍ନ ଅଂଶ। ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ହୋଇନଥାନ୍ତା । ଅଭିଭାବକଙ୍କର ଭୂମିକା କେବଳ ଫି ଦେବାରେ ସୀମିତ ନୁହେଁ। ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ। ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ ।

୧୯. **ଅଧ୍ୟକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

- ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା | ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ। ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

୨୦. **ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ? ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍**

- ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କରାଇ ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ । ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିସ୍ମୃତ ହୁଅ ନାହିଁ। ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ। ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ ।

ମା' ଆସୁଛନ୍ତି

# ୫୬ବର୍ଷରେ ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା



**ମୋରଡ଼ା, ୧୧।୯ (ସମିସ)**

ଚଳିତ ବର୍ଷ ମୋରଡ଼ା ବ୍ଲକ ସଦର ମହକୁମା ଚିତ୍ରଡାର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ କଲିକତାର ଏକ ଇସ୍କନ ମନ୍ଦିର ଭଳି ସୁନ୍ଦର ଭାବେ ତୋରଣ ନିର୍ମାଣ କାର୍ଯ୍ୟ କରାଯାଉଥିବାର ଦେଖିବାକୁ ମିଳୁଛି। ୪୦ଫୁଟ ଉଚ୍ଚତା ଏବଂ ୧୩୦ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ବିରାଜିବେ ମା' ଦୁର୍ଗା। ଦୀର୍ଘ ୫୬ବର୍ଷ ଧରି ଚାଲିଆସୁଥିବା ଏହି ପୂଜାମଣ୍ଡପରେ ପ୍ରତିବର୍ଷ ଭିନ୍ନଭିନ୍ନ ଡିଜାଇନ୍‌ର ତୋରଣ ଅନୁଷ୍ଠିତ ହୁଏ। ଆଖପାଖ ଅଞ୍ଚଳ ସହ ଚିତ୍ରଡା ବସଷ୍ଟାଣ୍ଡକୁ ବସ୍‌ରେ ପ୍ରବେଶ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହା ଆକର୍ଷିତ କରିଥାଏ। ଏହି ତୋରଣ ନିର୍ମାଣରେ ପଶ୍ଚିମବଙ୍ଗର ପ୍ରାୟ ୧୫ ଜଣ କାରିଗର କାମ ନିଯୋଜିତ ହୋଇଛନ୍ତି। ତେବେ ଚଳିତ ବର୍ଷ ମା'ଙ୍କ ମୂର୍ତିର ଉଚ୍ଚତା ୧୮ରୁ ୨୦ ଫୁଟ୍ ରହିଥିବା ବେଳେ ମୂର୍ତ୍ତି ଓ ମେଢ଼ ନିର୍ମାଣ ବି ବଙ୍ଗୀୟ କାରିଗର କରୁଛନ୍ତି। ରଙ୍ଗବେରଙ୍ଗର ଲାଇଟ୍‌ରେ ଝଲସିବ ତୋରଣ। ଚଳିତ ବର୍ଷ ମଡର୍ଣ୍ଣ ଲାଇଟ୍ ଥିମ୍‌ରେ ଝଲସିବ ବଜାର ରାସ୍ତା। ବିଧି ଅନୁସାରେ ୬ଷ୍ଠୀରୁ ୧୦ମୀ ପର୍ଯ୍ୟନ୍ତ ରୀତିନୀତିରେ ମା'ଙ୍କ ପୂଜା କରାଯିବ। ମା'ଙ୍କ ନିକଟରେ ବିଭିନ୍ନ ରକମର ଖେଚୁଡ଼ି ଭୋଗସହ ଚରୁଅନ୍ନ ଓ ଦହି ପଖାଳ ଭୋଗ ଲାଗିବ। ସେହିପରି ୩ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକମ ଓ ମେଲୋଡ଼ି ପରିବେଷଣ

- **ମୂର୍ତ୍ତି ଓ ତୋରଣ ନିର୍ମାଣରେ ଲାଗିପଡ଼ିଛନ୍ତି ପଶ୍ଚିମବଙ୍ଗ କାରିଗର**
- **କଲିକତାର ଇସ୍କନ ମନ୍ଦିର ଭଳି ହେଉଛି ତୋରଣ**

କରାଯିବା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ପୂଜା ସମୟରେ ମହିଳା ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ଲାଇନ୍ କରାଯିବ। ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ୧୯୭୦ ମସିହାରୁ ମା'ଙ୍କ ପୂଜା ଆରମ୍ଭ କରାଯାଇଥିବା ବେଳେ ତାହା ଆଜି ୫୬ବର୍ଷରେ ପଦାର୍ପଣ କରିଛି। ଚିତ୍ରଡା ସାର୍ବଜନୀନ ଦୁର୍ଗା ପୂଜା କମିଟିରେ ୧୦୦ରୁ ଅଧିକ ସକ୍ରିୟ ସଦସ୍ୟଙ୍କ ସହଯୋଗରେ ପୂଜାକୁ ଆୟୋଜନ କରାଯାଉଛି। ତେବେ ଦଶମୀ ଦିନରେ ମା'ଙ୍କ ନିକଟରେ ପରସା ଯାଇଥାଏ ଦହି ପଖାଳ। ପୂଜା ପରେ ଭକ୍ତମାନଙ୍କୁ ଦହି ପଖାଳ ସାଙ୍ଗକୁ ରୋହିମାଛ ଭୋଗ ବଣ୍ଟନ କରାଯାଉଥିବାର ପରମ୍ପରା ରହିଛି।

### ସେମାନଙ୍କ ମୁହଁରୁ..

ଦୀର୍ଘ ଏତେ ବର୍ଷର ପୂଜା କମିଟିକୁ ବଞ୍ଚାଇ ରଖିବା ପାଇଁ କୌଣସି ସଦସ୍ୟଙ୍କ ମନରେ କଷ୍ଟ ନହେବା ପାଇଁ ବର୍ତ୍ତମାନ ସୁଦ୍ଧା ସଭାପତି, ସମ୍ପାଦକ କିମ୍ବା କୌଣସି ପଦପଦବୀ ବଣ୍ଟନ କରାଯାଇନାହିଁ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ଥିମ୍‌କୁ ନେଇ ତୋରଣ ପ୍ରସ୍ତୁତ କରାଯାଉଛି। ଅଷ୍ଟମୀରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ରହିବ। ଦର୍ଶନ ପାଇଁ ମହିଳା ଓ ପୁରୁଷ ଭିନ୍ନ ଲାଇନ୍ କରାଯିବା ସହ ପୁଲିସ ପ୍ରଶାସନ, କମିଟିର ସଦସ୍ୟମାନେ ମଧ୍ୟ ସଜାଗ ରହିବେ। ସେହିପରି ଅଗ୍ନିନରାପତ୍ତା ବ୍ୟବସ୍ଥା, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ।

**ଅମ୍ବୁଜ କୁମାର ମହାନ୍ତ**
(ମୁଖ୍ୟ ସଦସ୍ୟ, ସାର୍ବଜନୀନ ଦୁର୍ଗାପୂଜା କମିଟି)

ଚଳିତ ବର୍ଷ ପୁଲିସର ନିୟମ ଅନୁସାରେ ଭସାଣୀ ଅନୁଷ୍ଠିତ ହେବ। ଯଦି ଡିଜେ ବଜାଇବାକୁ ଅନୁମତି ନମିଳେ ତେବେ ପାରମ୍ପରିକ ବାଦ୍ୟରେ ମା'ଙ୍କୁ ମେଲାଣି ଦିଆଯିବ। ଭସାଣି ଦିନ ମେଢ଼ ପୂଜାମଣ୍ଡପରୁ ଭସାଣି ଶୋଭାଯାତ୍ରା କରାଯାଇ ରାଜାବନ୍ଧରେ ମା'ଙ୍କୁ ମେଲାଣି ଦିଆଯିବ। ତେବେ ଶାନ୍ତିଶୃଙ୍ଖଳାରେ କିପରି ପୂଜା ହୋଇପାରିବ ଏଥିପ୍ରତି ଦୃଷ୍ଟି ଦିଆଯିବା ସହ ପୁଲିସର ସହଯୋଗ ଲୋଡ଼ିବୁ।

**ଜୟନ୍ତ ବେହେରା**
(ବରିଷ୍ଠ ସଦସ୍ୟ, ସାର୍ବଜନୀନ ଦୁର୍ଗାପୂଜା କମିଟି)

# ତାଳପଦା ଦୁର୍ଗାପୂଜା ପ୍ରସ୍ତୁତି ବୈଠକ



**ବଡ଼ସାହି, ୧୧।୯ (ସମିସ):** ବଡସାହି ବ୍ଲକ ଅଧୀନ ତାଳପଦାଠାରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜା ସର୍ବପୁରାତନ। ଚଳିତ ବର୍ଷ ଏହା ୮୧ ବର୍ଷରେ ପଦାର୍ପଣ କରୁଛି। ଏହାର ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଜଗନ୍ନାଥ ପାତ୍ର ସଭାପତିତ୍ୱ କରିଛନ୍ତି। ମୁଖ୍ୟଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି, ବ୍ଲକ ଚେୟାରମ୍ୟାନ ମିନତୀ ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁନିଲ କୁମାର ଦାଶ, ବଡସାହି ମଣ୍ଡଳ ସଭାପତି ଭବାନୀଶଙ୍କର ସାହୁ, ପୂର୍ବତନ କଲେଜ ଅଧକ୍ଷ୍ୟ ପ୍ରଦୀପ କୁମାର ପଣ୍ଡା, ସାମ୍ବାଦିକ ଅମୀୟ କୁମାର ବଳ, ସମ୍ପାଦକ ରଞ୍ଜନ କୁମାର ବେହେରା, ଉପସଭାପତି ଲକ୍ଷ୍ମୀଧର ରାଉତ, ଯୁଗ୍ମ ସମ୍ପାଦକ ସତ୍ୟ ନାରାୟଣ ନାୟକ ଓ କୋଷାଧକ୍ଷ୍ୟ ଦୀପକ ପାତ୍ରଙ୍କ ସମେତ ଗ୍ରାମବାସୀ, ଅଞ୍ଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତମାନେ ଉପସ୍ଥିତ ରହି ଏହା କିପରି ଆକର୍ଷଣୀୟ ଓ ସରସ ସୁନ୍ଦର ହୋଇପାରିବ ସେନେଇ ମତାମତ ଦେଇଥିଲେ। ୭ଦିନ ଚାଲିବାକୁ ଥିବା ବେଳେ ଆକର୍ଷଣୀୟ ମେଢ ଆଲୋକ ସଜ୍ଜା, ପ୍ରତ୍ୟେକ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଭକ୍ତି ସଙ୍ଗୀତ, ଡ୍ୟାନ୍ସ ଧମାକା, ମେଲୋଡି, ଆଧୁନିକ ବାଣରେ ରାବଣ ପୋଡି ଓ ୩ଦିନ ଅପେରା ପରିବେଷଣ ହେବ ବୋଲି କମିଟି ସୂତ୍ରରୁ ଜଣାଯାଇଛି। ଏଥିପାଇଁ ଉପଦେଷ୍ଟା କମିଟି ମଧ୍ୟ ଗଠନ କରାଯାଇଥିବା ବେଳେ କମିଟି ସଦସ୍ୟମାନଙ୍କ ମଧ୍ୟରେ ଦାୟିତ୍ୱ ମଧ୍ୟ ବଣ୍ଟନ କରାଯାଇଛି। ଅଧ୍ୟାତ୍ମିକ ଓ ଆକର୍ଷଣୀୟ ସମିଶ୍ରଣରେ ଏହି ପୂଜାକୁ ପାଳନ କରିବା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଗ୍ରାମବାସୀ ଓ ଯୁବକମାନେ ଏଥିରେ ସହଯୋଗ କରିବା ପାଇଁ ସଭାପତି ଅନୁରୋଧ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଠେଙ୍ଗାତାଣ୍ଡି ନଦୀଘାଟରୁ ୬ ଟ୍ରାକ୍ଟର ଜବତ



**ମୋରଡ଼ା, ୧୧।୯ (ସମିସ):** ମୋରଡ଼ା ଥାନା ଅଧୀନ ଠେଙ୍ଗାତାଣ୍ଡି ନଦୀଘାଟରେ ବୁଧବାର ରାତି ୮ଟା ସମୟରେ ଚୋରାରେ ବାଲି ଉତ୍ତୋଳନ ହେଉଥିବାର ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ସୁମିତ କୁମାର ସରେନ ପୁଲିସ ଫୋର୍ସ ସହିତ ଚଢ଼ଉ କରିଛନ୍ତି। ପୁଲିସ ଆସିବାର ଜାଣିପାରି ବାଲି ମାଫିଆ, ଡ୍ରାଇଭର ଏବଂ ଲେବରମାନେ ନଦୀ ଭିତରେ ଟ୍ରାକ୍ଟରଗୁଡିକୁ ଛାଡି ପଳାଇ ଯାଇଥିଲେ। ତେବେ ଶ୍ରୀ ସରେନ ୬ଟି ଟ୍ରାକ୍ଟର ଏବଂ ୬ଟି ବାଲି ଉତ୍ତୋଳନରେ ବ୍ୟବହାର ହେଉଥିବା ବେଲଚାକୁ ଜବତ କରି ଚିତ୍ରଡା ଫାଣ୍ଡିରେ ରଖିଥିବାର ଜଣାପଡ଼ିଛି। ଏ ସମ୍ପର୍କରେ ତାଙ୍କର ପ୍ରତିକ୍ରିୟା ନେବାରୁ ସମସ୍ତ ଗାଡିଉପରେ ମାମଲା ହେବାସହ ୧୨ଜଣକ ନାମରେ ମାମଲା ରୁଜୁ ହୋଇଥିବା ବେଳେ ଜଣେ ବି ଗିରଫ ହୋଇନାହାନ୍ତି ବୋଲି ସେ କହିଛନ୍ତି।

**୧୨ ଜଣଙ୍କ ନାମରେ ମାମଲା**

# ଅତିରିକ୍ତ ପୁଲିସ ଡିଜିଙ୍କ ଠାକୁରମୁଣ୍ଡା ଗସ୍ତ

**ମହୁଲଡିହା, ୧୧।୯ (ସମିସ):** ଓଡ଼ିଶା ସରକାରଙ୍କ ଅତିରିକ୍ତ ପୁଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଠାକୁରମୁଣ୍ଡା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ସେ ଭୁବନେଶ୍ୱରରୁ ଆନନ୍ଦପୁର-ଠାକୁରମୁଣ୍ଡା ୫୩ ନମ୍ବର ରାଜ୍ୟ ରାଜପଥରେ ଆସି ମହୁଲଡିହା ଥାନାରେ ନ ଅଟକି ଠାକୁରମୁଣ୍ଡା ଥାନାରେ ଚାଲିଥିବା ଷ୍ଟାଫ କ୍ୱାର୍ଟରର ଅଗ୍ରଗତି ଦେଖିବା ସହିତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା କରିଥିଲେ। ସେଠାରୁ ନିର୍ମାଣଧୀନ ଠାକୁରମୁଣ୍ଡା ବସଷ୍ଟାଣ୍ଡ କାର୍ଯ୍ୟର ଅଗ୍ରଗତି ବୁଲି ଦେଖିଥିଲେ। ସେଠାରୁ କରଞ୍ଜିଆ ଦେଇ ରାଇରଙ୍ଗପୁର ଯିବାର କାର୍ଯ୍ୟକ୍ରମ ଥିବା ସେ ପ୍ରକାଶ କରିଥିଲେ। ପରିଦର୍ଶନ ସମୟରେ ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ୫ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟକର୍ମୀ ପୁରସ୍କୃତ

**ବାରିପଦା, ୧୧।୯ (ସମିସ):** ଶାମାଖୁଣ୍ଟା ବ୍ଲକ ଅଧୀନରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ପକ୍ଷରୁ ଏନକ୍ୟୁଏଏସ୍ ପୁରସ୍କାରପ୍ରାପ୍ତ ୫ଟି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଭାରପ୍ରାପ୍ତ ଅଧିକାରୀ ଡା. ପି.କେ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ ଯୋଗଦେଇ ଜଗନ୍ନାଥପୁର, କରଞ୍ଜିଆ, ଟିକରପଡ଼ା, ଆମ୍ବଡୁବି ଓ ଗଡଡିହାର ସ୍ୱାସ୍ଥ୍ୟକର୍ମୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ରବୀନ୍ଦ୍ର କୁମାର ଦାଶ, ବିଡିଓ ମୁନା ସେଠୀ, ବିଇଓ ଦୀପ୍ତିମୟୀ ସିଂ, ସିଡିପିଓ ସୁରେଖା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିପିଏମ ମଧୁଲିକା ପାତ୍ର ବିବରଣୀ ପାଠ କରିବା ସହିତ ଜାତୀୟ ସ୍ୱାସ୍ଥ୍ୟମିଶନର କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ ନିର୍ମାଣାଧୀନ ବିପିଏଚୟୁ ଗୃହର ନକ୍ସା ସହିତ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।



# ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ



**ଶ୍ରୀ ଦେବଦତ୍ତ ସ୍ୱାଇଁ**
**ଅଧକ୍ଷ**
**ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍**

**୧. କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

- ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି। ତରୁଣମନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅତୁଟ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା। ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା।

**୨. ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

- ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ। ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ। ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ। ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍‌ଡ୍ ଲର୍ନି, କ୍ୱିଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ

**୩. ଆପଣଙ୍କ ଇନଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

- ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାୟ ଦେଉଛୁ। ଆମର ଫରକ୍ ହେଉଛି ଏକ 'ହୋଲିସ୍ଟିକ୍ ଆପ୍ରୋଚ୍'। ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ। ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ।

**୪. କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନଷ୍ଟିଚ୍ୟୁଟ୍ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

- କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି। ଏହା ଏକ ସ୍ଟାଣ୍ଡାର୍ଡାଇଜଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ। ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ। ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ।

**୫. ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

- ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ'। ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ। ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ। ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ।

**୬. ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

- ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ। ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ନି ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ। ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ। ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ। ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି।

**୭. ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଇଛନ୍ତି?**

- ଯାହା ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି। ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ। ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ। ତେଣୁ, ବିଜ୍ଞାନ ଶିକ୍ଷା ଉପରେ ଆମର ବିଶେଷ ଗୁରୁତ୍ୱ

**୮. କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

- PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ। AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭ ଇଣ୍ଟରନେଟ୍ ଆବଶ୍ୟକ। ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ। ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ।

**୯. ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍ଟ୍ ଆଶାତୀତ, ଏ ବିଷୟରେ କଣ କହିବେ?**

- ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାୟ ଦେଇଆସିଛୁ। ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ। ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱତଃଭାବେ ଭଲ ହୋଇଆସୁଛି।

**୧୦. ଚଳିତ ବର୍ଷ ଆପଣଙ୍କ ଇନଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍ପର, ଏ ଶ୍ରେୟ କାହାକୁ ଦେବେ?**

- ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ। ଏହା ଏକ ସାମୁହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ।

**୧୧. ବିଭିନ୍ନ ଘରୋଇ କଲେଜରେ ଫାକୁଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

- ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ। ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖୁ ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍। ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ ( Faculty-Student Ratio) ବଜାୟ ରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ।

**୧୨. ଆଜିକାଲିର ସାଂପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

- ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ୱଚ୍ଛ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ। ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି। ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ।

**୧୩. କିସ୍ ଭଳି ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି। ଆପଣଙ୍କ ଇନଷ୍ଟିଚ୍ୟୁଟ୍ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

- ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟଅସ୍ତିତ୍ୱହୀନ। ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ। ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ। କୌଣସି ପ୍ରକାରର ଉତ୍ପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ।

**୧୪. ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

- 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ। ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ। ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ। ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

**୧୫. ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ୍ ରଖୁଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

- କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି। କେବଳ ଏକାଡେମିକ୍ ମାର୍କ୍ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ। ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ। ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ। ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି।

**୧୬. ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

- ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି। ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ସିବିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି। ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

**୧୭. ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

- ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ। କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି। ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।

**୧୮. ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

- ଅଭିଭାବକମାନେ ଆମର ଅଭିନ୍ନ ଅଂଶ। ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ନଥାନ୍ତା। ଅଭିଭାବକଙ୍କର ଭୂମିକା କେବଳ ଫୀ ଦେବା ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ। ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ।

**୧୯. ଅଧକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

- ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା। ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ। ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

**୨୦. ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ?**

ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍ ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କର। ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିଚ୍ୟୁତ ହୁଅ ନାହିଁ। ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ। ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ।

## ପୁଣି 'ବିକାଶ' ନାଁରେ 'ବିନାଶ'

# ରାସ୍ତା ପାଇଁ ବଳିପଡୁଛି ଶହ ଶହ ଗଛ

ଧାମନଗର, ୧୧।୯ (ସମିସ)



ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ତଥା ପରିବେଶ ସୁରକ୍ଷା ପାଇଁ ଆସନ୍ତା ୧୭ ତାରିଖରେ ରାଜ୍ୟ ସରକାର ସାରା ରାଜ୍ୟରେ ୭୫ ଲକ୍ଷ ଗଛ ଲଗାଇବାକୁ ଯୋଜନା କରୁଛନ୍ତି। ଏ ନେଇ ସରକାରୀ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲୁଛି। କିନ୍ତୁ ଅନ୍ୟ ପଟେ ଧାମନଗରରେ ଚାଲିଛି ପରିବେଶ ନଷ୍ଟ। ରାସ୍ତା ପ୍ରଶସ୍ତୀକରଣ ନାଁରେ ଶହ ଶହ ବିରାଟକାୟ ଗଛକୁ କାଟିରେ ମାଟିରେ ଲୋଡ଼ିଦିଆଯାଉଛି। ବିକାଶ ନାଁରେ ଚାଲିଛି ଏହି ବିନାଶଲୀଳା।

୧୬ନମ୍ବର ଜାତୀୟ ରାଜପଥ ଧାମନଗର ଛକ ଠାରୁ ଧାମନଗର ବଡ଼ ବଜାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ହେବ ପ୍ରଶସ୍ତୀକରଣ। ବର୍ତ୍ତମାନ ରାସ୍ତା ଚଉଡ଼ା ୨୨ ଫୁଟ ଥିବା ବେଳେ ଆଉ ୧୪ଫୁଟ ବଢ଼ିବା ସହ ଦୁଇ ପଟକୁ ଅନ୍ୟୁନ ୬.୫ ଫୁଟ ଲେଖାଏଁ ଚଉଡ଼ା ହେବ ଅର୍ଥାତ ପାଖାପାଖି ୩୬ ଫୁଟ ପ୍ରସ୍ଥ ହେବା ସହ ରାସ୍ତା ମଝିରେ ଡିଭାଇଡର ରହିବ। ଏହି ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବାରୁ ଏକ ନମ୍ବର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ତା' ପୂର୍ବରୁ ପରିବେଶକୁ ନଷ୍ଟ କରାଯାଉଛି। ଏଥିପାଇଁ ଦୁଇ ପଟରେ ଥିବା ଗଛଗୁଟିକୁ କାଟିବା ଆରମ୍ଭ କରିଛି ବନନିଗମ। ପାଖାପାଖି ୩ ହଜାର ଗଛ କାଟିବାକୁ ଥିବା ବେଳେ ୨ ହଜାରରୁ ଊର୍ଦ୍ଧ୍ବ ଗଛ କଟା ଅଭିଯାନ ଜାରି ରହିଛି। ସୋମବାରଠାରୁ ମୟୂରଭଞ୍ଜ, ଦେବଗଡ଼, କରଞ୍ଜିଆ, ଠାକୁରମୁଣ୍ଡା ଆଦି ବନାଞ୍ଚଳ ଅଧୀନରୁ ଅଭିଜ୍ଞ କଟୁରିଆ ଓ ସହଯୋଗୀ ଦୁଇ/ତିନି ଦଳ ହୋଇ ୬୦ରୁ ଊର୍ଦ୍ଧ୍ବ ଗଛ କଟାଳି ଏହି ଗଛକଟା ଅଭିଯାନରେ ସାମିଲ ହୋଇଛନ୍ତି। କେଇ ମିନିଟ ଅନ୍ତରରେ ଟଳି ପଡୁଛି ବଡ଼ ବଡ଼ ଗଛ।

ଗୋଟିଏ ପଟରେ ବନୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଅନ୍ୟ ପଟେ ଶହ ଶହ ବିରାଟକାୟ ଗଛକୁ ମାଟିରେ ଲୋଟି ଦିଆଯାଉଛି। ଅତୀତରେ ଭଦ୍ରକ-ଆରଡ଼ି ରାସ୍ତା ନିର୍ମାଣରେ ମଧ୍ୟ ହଜାର ହଜାର ଗଛ କାଟି ସଫା କରିଦିଆଯାଇଛି। ଏଭଳି ବେଆଇନ୍ ଗଛ କାଟିବା ସମ୍ପର୍କରେ ବନବିଭାଗ ସହିତ ଯୋଗାଯୋଗ କରାଯାଇଥିଲା। ଧାମନଗର ରେଞ୍ଜର ସୁଷମା ସାହୁଙ୍କ ବଦଳି ହୋଇଥିବାରୁ ନୂତନ ରେଞ୍ଜର ଭାବେ ବବଲୁ ମଲ୍ଲିକ ଦାୟିତ୍ୱ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ସହ ଯୋଗାଯୋଗ ହୋଇପାରି ନଥିଲା। କିନ୍ତୁ ଫରେଷ୍ଟର ବସନ୍ତ ମାଝୀ କହିଛନ୍ତି, ଏହା ଅନ୍ୟୁନ ୫ ବର୍ଷିଆ ପ୍ରକଳ୍ପ। ବନିନିଗର ପକ୍ଷରୁ ପ୍ରଥମେ ଗଛ କଟାଯାଇ ସ୍ଥାନ ଅଧିଗ୍ରହଣ ପରେ ପ୍ରଶସ୍ତୀକରଣ ଓ ବୃକ୍ଷରୋପଣ କରାଯିବ। ତେବେ ୧୪ ଫୁଟ ଭିତରେ ଆସୁଥିବା ବୃକ୍ଷ କଟାଯାଇ ଅନ୍ୟ ଗଛଗୁଡ଼ିକୁ ବାଦ ଦିଆଯିବା ପାଇଁ ନିର୍ଦ୍ଦେଶ ଅଛି ବୋଲି ଫରେଷ୍ଟର ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ଏହି ଗଛ କାଟି ସବୁ ନିୟମ ଅନୁଯାୟୀ କାର୍ଯ୍ୟ ହେଉଛି ନା ବାଟମାରଣା ହେଉଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ଗଛକଟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିକଳ୍ପ ବ୍ୟବସ୍ଥା ନ କରି ଏମିତି ବିକାଶ ନାଁରେ ବିନାଶ କରିବାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି।

## ଫେକର ସହ ଆଇଓସିଏଲ୍ ମଧ୍ୟରେ ଏମ୍ଓୟୁ



**ଭଦ୍ରକ, ୧୧।୯ (ସମିସ):** ଫେରୋ ଆଲୟସ୍ କର୍ପୋରେସନ୍ ଲିମିଟେଡ୍ ଏବଂ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଫର୍ଣ୍ଣେସ୍ ଅଏଲ୍‌ରୁ ସଷ୍ଟେନେବଲ୍ ଏଲପିଜିକୁ ପରିବର୍ତ୍ତନ କରିବା ପାଇଁ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଫେରୋ ଆଲୟସ୍ କର୍ପୋରେସନ୍ ଲିମିଟେଡ୍ (ଫେକର) ଘୋଷଣା କରିଛି ଯେ ଏହା ଏହାର ଫର୍ଣ୍ଣେସ୍ ତେଲ-ଆଧାରିତ କାର୍ଯ୍ୟକୁ ଏଲ୍‌ପିଜି (ତରଳ ପେଟ୍ରୋଲିୟମ୍ ଗ୍ୟାସ୍)କୁ ପରିବର୍ତ୍ତନ କରାଯିବ। କାର୍ବନ ନିର୍ଗମନରେ ଯଥେଷ୍ଟ ହ୍ରାସ ଏବଂ ଭାରତର ସବୁଜ ଶକ୍ତି ପରିବର୍ତ୍ତନରେ ଏହାର ଭୂମିକାକୁ ସୁଦୃଢ଼ କରିବା ପାଇଁ ଏହା ସହଯୋଗ କରିବ। ଏମଓୟୁର ସର୍ତ୍ତାବଳୀ ଅନୁଯାୟୀ, ଆଇଓସିଏଲ ଏକ ସଫା ବିକଳ୍ପ ଇନ୍ଧନ ଭାବରେ ଏଲ୍‌ପିଜି ଯୋଗାଣ କରିବ। ଏହି ପରିବର୍ତ୍ତନ ଉଚ୍ଚ-ନିର୍ଗମନ ଇନ୍ଧନ ଉତ୍ସ ସହିତ ଜଡ଼ିତ ସ୍ୱାସ୍ଥ୍ୟ ଏବଂ ପରିବେଶଗତ ପ୍ରଭାବକୁ ଯଥେଷ୍ଟ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହି ପରିବର୍ତନ ଫର୍ଣ୍ଣେସ୍ ତେଲ ବ୍ୟବହାରରୁ ବାର୍ଷିକ କାର୍ବନ ନିର୍ଗମନକୁ ପ୍ରାୟ ୩,୦୨୦ ଟନ୍‌ରୁ ପ୍ରାୟ ୨୫୨ ଟନ୍‌କୁ ହ୍ରାସ କରିବ। 'ପାରମ୍ପରିକ ଫର୍ଣ୍ଣେସ୍ ତେଲ ଅପେକ୍ଷା ଏଲ୍‌ପିଜି ଗ୍ରହଣ କରିବା ଆମର ପରିବେଶଗତ ପାଦଚିହ୍ନକୁ ହ୍ରାସ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ବୋଲି ଫେକର ସିଇଓ ପଙ୍କଜ ଶର୍ମା କହିଛନ୍ତି।

## ମା'ଙ୍କ ଆଗମନରେ ହସୁଛି କାଶତଣ୍ଡୀ



**ତିହିଡ଼ି, ୧୧।୯ (ସମିସ):** ଆରମ୍ଭ ହୋଇଛି ପାର୍ବଣ ଋତୁ। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ପରେ ପରେ ଆରମ୍ଭ ହୋଇଯାଏ ଅନ୍ୟ ପାର୍ବଣର ମାହୋଲ। ଆଉ କିଛି ଦିନ ପରେ ଆରମ୍ଭ ହେବ ଷୋଡ଼ଶ ଉପଚାର ପୂଜା। ଧରାବରତଣ କରିବେ ମାଆ ଜଗତଜନନୀ। ଦେବୀ ଦୁର୍ଗାଙ୍କ ଧରାବତରଣ ପୂର୍ବରୁ ଧରାପୃଷ୍ଟର ବିଛାଇ ହୋଇଗଲାଣି କାଶତଣ୍ଡୀର ଚାଦର। ବାହୁଡ଼ି ଯାଇଛି ଧାରା ଶ୍ରାବଣ। ଆଶ୍ୱିନରେ ମା'ଙ୍କ ଆବାହନୀ ବାର୍ତ୍ତା ନେଇ ଆସିଛି କାଶତଣ୍ଡି। ଧୀର ପବନରେ ଦୋଳି ଖେଳୁଛି। ପ୍ରକୃତିର ଅନନ୍ୟ ବରଦାନ କାଶତଣ୍ଡି। ନଈ ପଠାରୁ ପୋଖରୀ ତୁଠ, ଜମି ହିଡ଼, ରାସ୍ତାକଡ଼ ସବୁଠି କାଶତଣ୍ଡିର ଫୁଆରା। ଦୋଳାୟମାନ କେରାକେରା କାଶତଣ୍ଡି ସମ୍ଭାର କବି, ଲେଖକଙ୍କୁ ଆନମନା କରୁଛି। ବାଟୋଇଙ୍କୁ ବି କ୍ଷଣିକ ପାଇଁ ନିଜ ପାଖେର ଅଟକାଇ ଦେଉଛି। କାଶତଣ୍ଡୀର ସୌନ୍ଦର୍ଯ୍ୟେର ବିଭୋର କବିର କଲମରୁ ଝରିଆସ ଶବ୍ଦର ମାଳା। କେବଳ କବି ଭାବୁକ କି ଲୋକଙ୍କୁ ନିଜ ପାଖେର ସୀମିତ ରଖିନି ଏ ବାସହୀନ ଫୁଲ। ମା'ଙ୍କ ସହିତ କାଶତଣ୍ଡିର ରହିଛି ଅନେକ ସାମଞ୍ଜସ୍ୟ। ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀକୁ ରେଖାପଞ୍ଚମୀ କୁହାଯାଏ। ସେହିଦିନ ଜଗନ୍ନାଥଙ୍କୁ ରାହୁରେଖା ଧାରଣ କରାଯାଏ। କାଶତଣ୍ଡିକୁ ବେଣୀ କରି ଘର ଘର ଟାଙ୍ଗି ପରିବାରର ଶୁଭ ମନାସା ଯାଇଥାଏ। ମା'ଙ୍କ ଆଗମନ ଓ ପ୍ରକୃତିର ଶୋଭା ବଢ଼ାଇବାକୁ ସବୁଜିମା ବୃକ୍ଷଲତାର ଧଳାଶାଢ଼ିର ପଣତ ଢାଙ୍କି ଦିଏ ଏହି କାଶତଣ୍ଡି।

### ମେଡିକାଲ ଅଧିକ୍ଷକଙ୍କ ବିରୋଧରେ ସିଏଚ୍ଓଙ୍କ ଅଭିଯୋଗ ଘଟଣା

## ସିଡିଏମ୍ଓ ବଦଳିଲେ ନିଷ୍ପତ୍ତି ବଦଳୁଛି

**ଭଣ୍ଡାରିପୋଖରୀ, ୧୧।୯ (ସମିସ):** ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ମାନସିକ ନିର୍ଯାତନା, ବ୍ୟକ୍ତିଗତ ମର୍ଯ୍ୟାଦାହାନୀ ଟୀକାଟିପ୍ପଣୀ ପ୍ରଦାନ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନଙ୍କ ଗୁରୁତର ଅଭିଯୋଗର ସାନି ତଦନ୍ତ ପାଇଁ ଗଠନ ହୋଇଥିବା କମିଟି ପୁନଃ ତଦନ୍ତ କରିବ ନାହିଁ ବୋଲି ଭାରପ୍ରାପ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା.ସୁଧିରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଗତ ୩୦ ତାରିଖରେ ଅବସର ପୂର୍ବଦିନ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୨୫୫୫ ଅନୁଯାୟୀ ୬ ଜଣିଆ ନୂତନ କମିଟି ଗଠନ କରାଯାଇ ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଆଦେଶ ଦେଇଥିଲେ। ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମୂଳ ଅଭିଯୋଗ

### ହେବନି ପୁନଃ ତଦନ୍ତ

ପତ୍ରକୁ ତଦନ୍ତ ପାଇଁ ବିଚାରକୁ ନେବା ସହ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.ସ୍ୱାଇଁଙ୍କ ବିରୋଧରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ପୂର୍ବ ଅଭିଯୋଗ ଓ ଆୟୁଷ ଡାକ୍ତରମାନଙ୍କ ପୂର୍ବ ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହା ଦ୍ୱାରା ଗତ ଅଗଷ୍ଟ ମାସରେ ୩ ଜଣିଆ ତଦନ୍ତ କମିଟିର ରିପୋର୍ଟକୁ ଗ୍ରହଣ କରାଯାଇନଥିଲା। ପୂର୍ବ ତଦନ୍ତ ଆଦେଶ ଦେଇଥିବା ସିଡିଏମଓ ଏବେ ପୁନର୍ବାର ସେହି ଦାୟିତ୍ୱ ଗ୍ରହଣ କରିଥିବାରୁ ବିଦାୟୀ ସିଡିଏମଓଙ୍କ ସାନି ତଦନ୍ତ ଆଦେଶ ଓ ପରିବର୍ଦ୍ଧିତ କମିଟି ଗଠନ ଏବେ ଅକାମୀ ହୋଇଯାଇଛି। ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭିଯୋଗ ଓ ପ୍ରତ୍ୟାଭିଯୋଗ ଘଟଣା ଏବେ ଜଟିଳ ରୂପ ନେଇଛି। ପୁନଃ ତଦନ୍ତ ନହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିଡିଏମଓ ଡା.ନାୟକ ପ୍ରକାଶ କରିଛନ୍ତି। ଡାକ୍ତର ଅଭାବକୁ ଢାଲ କରି ଭରପୁର ସୁଯୋଗ ଉଠାଉଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଅର୍ଥନୀତି ବିଭାଗର ସ୍ୱାଗତ ଉତ୍ସବ




**ଦୋବଲ, ୧୧।୯ (ସମିସ):** ଧାମନଗର ସ୍ନାତକ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ମହାବିଦ୍ୟାଳୟ ପରିସରରେ ଦିଆଯାଇଛି। ସଭାମୁଖ୍ୟ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥ ଭାବେ ପ୍ରାଧ୍ୟାପକ ସନ୍ଦୀପ କୁମାର ଘୋଷ, ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ ମୁଖ୍ୟବକ୍ତା ଡ. ମନୋଜ କର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପୂର୍ବକ ଛାତ୍ରଛାତ୍ରୀ ନିଜ ଜୀବନର ଲକ୍ଷ୍ୟକୁ ନେଇ ଆଗେଇବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ୱାଗତିକା ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ସହ ସ୍ୱାଗତ ସମ୍ଭାଷଣ ଓ ଅନ୍ୟତମ ବିଭାଗୀୟ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ନନ୍ଦ ଅତିଥି ପରିଚୟ ପ୍ରଦାନ ଓ ଛାତ୍ରୀ ଶୁଭ୍ରଜ୍ୟୋତି ମହାଳିକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ସଫଳ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନୁପସ୍ଥିତ ପ୍ରଧାନ ଶିକ୍ଷକ ନିଲମ୍ବିତ

**ବାରିକପୁର, ୧୧।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଖଡ଼ିସିଙ୍ଗା ଉଚ୍ଚ ବିଦ୍ୟାଳୟର ବିବାଦୀୟ ପ୍ରଧାନ ଶିକ୍ଷକ ଜୟସିଂ ସର୍ଦ୍ଦାରଙ୍କୁ ଶିକ୍ଷା ବିଭାଗ ନିଲମ୍ବିତ କରିଛି। ପ୍ରଧାନ ଶିକ୍ଷକ ଜଣଙ୍କ ଦୀର୍ଘ ମାସ ହେବ ବିଦ୍ୟାଳୟରେ ଅନୁପସ୍ଥିତ ରହୁଥିଲେ। ଏପରିକି ମଧ୍ୟାହ୍ନ ଭୋଜନ ଖାଦ୍ୟରେ ଅନିୟମିତତା ଓ ସ୍କୁଲ ପାଣ୍ଠି ହଡ଼ପ ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ହୋଇଛି। ତେଣୁ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ମାନେ ତିନି ଦିନ ଧରି ସ୍କୁଲ ବନ୍ଦ କରି ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ତଦନୁଯାୟୀ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ବିଦ୍ୟାଳୟ ଠାରେ ପହଞ୍ଚି ଅଭିଯୋଗ ସମ୍ପର୍କରେ ତଦନ୍ତ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ଅଭିଯୋଗ ଆଧାରରେ ଗତ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୁଗ୍ମ ସଚିବ ପ୍ରଧାନ ଶିକ୍ଷକ ଜଣଙ୍କୁ ନିଲମ୍ବିତ କରିଛନ୍ତି।

## ଓଲଟିଲା ମିନି ଟ୍ରକ୍

**ବାରିକପୁର, ୧୧।୯ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀ ଠାରେ ଏକ ମାଲ ବୋଝେଇ ଆଇଚର ଟ୍ରକ ଓଲଟି ପଡ଼ିଥିବା ଜଣାପଡ଼ିଛି। ଟ୍ରକଟି ଆଜି ଅପରାହ୍ନ ପ୍ରାୟ ୫.୩୦ ମିନିଟ୍ ସମୟରେ ଭଦ୍ରକ ପଟୁ କଟକ ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଛି। ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରେ ଥିବା ଡ୍ରାଇଭର ଜଣଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛି।

## ବୃକ୍ଷରୋପଣ ପାଇଁ ପ୍ରସ୍ତୁତି

**ବାରିକପୁର, ୧୧।୯ (ସମିସ):** ଚଳିତ ମାସ ୧୭ ତାରିଖ ଦିନ ପ୍ରତ୍ୟକ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗୋଟିଏ ଗୋଟିଏ ପଞ୍ଚାୟତରେ ପ୍ରାୟ ୫ ଶହ ଗଛ ଲଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦେବଦତ୍ତ ଦାଶଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଥିବା ଜଣାପଡ଼ିଛି। ରାଜ୍ୟସ୍ତରୀୟ ଭିସି ଜରିଆରେ କେଉଁ ଭଳି ବୃକ୍ଷରୋପଣ ହେବ ସେନେଇ ପରାମର୍ଶ ଦିଆଯାଇଛି। ଆୟୋଜିତ ବୈଠକରେ ବ୍ଲକ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ସମେତ ନିର୍ବାଚିତ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ ପ୍ରମୁଖ ଉପସ୍ଥିତ ଥିଲେ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବନ୍ତ/ଆଗରପଡ଼ା, ୧୧।୯ (ସମିସ):** ପୁରୁଷଣ୍ଡି ବୁଢ଼ା ଗଣେଶ ପୂଜା କମିଟି ପକ୍ଷରୁ ବିଭିନ୍ନ ସ୍କୁଲରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପ୍ରମୋଦ ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସରପଞ୍ଚ ପ୍ରକାଶ ବିଶ୍ୱାଳ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆର୍ଯ୍ୟ ଆଶୀର୍ବାଦ ନାୟକ, ଶୁଭଙ୍କର ନାୟକ, ଅଭିଜିତ ବିଶ୍ୱାଳ, କାଳନ୍ଦୀ ସାହୁ, ପୂଜାରାଣୀ ସେଠୀ, ଗୀତାଞ୍ଜଳୀ ମହାକୁଡ଼ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁମନ୍ଦିରରେ ଦିଗ୍‌ବିଜୟ ଦିବସ

**ବନ୍ତ/ଆଗରପଡ଼ା, ୧୧।୯ (ସମିସ):** ବନ୍ତ ବ୍ଲକ ଅଧୀନସ୍ଥ ନିମାପଡ଼ା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିର ପରିସରରେ ପ୍ରଧାନ ଗୁରୁମା ଇତିଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିବେକାନନ୍ଦଙ୍କ ଦିଗ୍‌ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଆଇନଜୀବୀ ମନୋରଞ୍ଜନ ଦାସ ଯୋଗଦେଇ ଉକ୍ତ ଦିବସରେ ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ ସୁଦୂର ଆମେରିକାର ଚିକାଗୋ ସମ୍ମିଳନୀରେ ନିଜର ଓଜସ୍ୱୀନୀ ଭାଷଣ ସାରା ବିଶ୍ୱକୁ ଚକିତ କରିଥିଲା। ତାଙ୍କର ମହାନ ଆଦର୍ଶରେ ଯୁବଶକ୍ତିମାନେ ଅନୁପ୍ରାଣୀତ ହେବାକୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଜୀ ପ୍ରଶନ୍ନ କୁମାର ରଥ, ସୁନିଲ ରାଉଳ, ଗୁରୁମା ଦମୟନ୍ତି ପାଣିଗ୍ରାହୀ, ଉଷାରାଣୀ ବେହେରା ପ୍ରମୁଖ ମହାପୁରୁଷଙ୍କ ଗୁଣାବଳୀ ବିଷୟରେ ବକ୍ତବ୍ୟ ଦେଇଥିଲେ। ଗୁରୁମା ସବିତା ଦାସ, ସୌଭାଗ୍ୟମଞ୍ଜରୀ ପରିଡ଼ା, ମିନତୀ ଲତା ରାଉତ, ସସ୍ମିତା ପତି, ପ୍ରଭାତି ପତି, ସାବିତ୍ରୀ ମାଝୀ, ନିରୁପମା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## କାମରେ ଆସୁନାହିଁ ବୈତରଣୀ ସେତୁ



**ବାରିକପୁର, ୧୧।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ରୋଡ ନିକଟସ୍ଥ ବନ୍ଧାଳମଢିଆଳୀ ଗାଁ ପାର୍ଶ୍ୱ ବୈତରଣୀ ନଦୀ ଉପରେ ନିର୍ମିତ ହୋଇଥିବା ସେତୁ ଦୀର୍ଘ ଦିନ ହେବ କୌଣସି କାର୍ଯ୍ୟରେ ଆସୁନାହିଁ। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ କୋରେଇ ଉପଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗତ ପାଞ୍ଚ, ସାତ ବର୍ଷ ପୂର୍ବରୁ ଏଠାରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବରୁଣ୍ଡେଇ ବନ୍ଧାଳ ସେତୁ ନାମରେ ଏହା ନିର୍ମିତ ହୋଇଥିବା ବେଳେ ଏଥିପାଇଁ ସରକାର ୩୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି। ଦୀର୍ଘ ଦିନ ହେବ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଭଦ୍ରକ ସମେତ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ଗମନାଗମନ ପଥକୁ ହ୍ରାସ କରିବା ପାଇଁ ଏହି ସେତୁ ନିର୍ମିତ ହୋଇଥିବା ବେଳେ ଏବେ ସଂଯୋଗୀ ରାସ୍ତା ନିର୍ମାଣ ବିନା ଏହା ଅଚଳ ହୋଇଯାଇଛି। କୋରେଇ ପାର୍ଶ୍ୱ ପରୁଣ୍ଡେଇ ଠାରେ ସେତୁ ସଂଯୋଗ ରାସ୍ତା ନିର୍ମାଣ ହୋଇଥିବା ବେଳେ ବନ୍ଧାଳମଢିଆଳୀ ପାର୍ଶ୍ୱରେ ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ଲୋକମାନେ ସିଡ଼ି ଲଗାଇ ସେତୁ ଉପରକୁ ଉଠି ଅପରପାର୍ଶ୍ୱକୁ ଯାତାୟାତ କରୁଥିବା ଦେଖା ଯାଇଛି। ସ୍ଥାନ ବାଦ ଯୋଗୁଁ ରାସ୍ତା ନିର୍ମାଣ ହୋଇନଥିବା ଜଣାପଡ଼ିଛି। ଏପଟେ ସେତୁ ନିର୍ମାଣ କରୁଥିବା ଠିକା ସଂସ୍ଥା କାର୍ଯ୍ୟ କ୍ଷେତ୍ରରୁ ପଳାଇ ଯାଇଥିବା ବେଳେ ସଂଯୋଗୀ ରାସ୍ତା ନିର୍ମାଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘ ମାସ ହେବ ବୈତରଣୀ ଉପରେ ନବ ନିର୍ମିତ ସେତୁ ଦଣ୍ଡାୟମାନ ହୋଇଥିବା ବେଳେ ରାସ୍ତା ନିର୍ମାଣ ବିନା ଏହା ଜନସାଧାରଣ ମାନଙ୍କ ପାଇଁ କାମରେ ଆସୁନାହିଁ। ଇତିମଧ୍ୟରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଭଦ୍ରକ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚି ସ୍ଥାନ ବାଦ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। କେଉଁଦିନ ରାସ୍ତା ନିର୍ମାଣ ହେବ ଓ ନୂତନ ସେତୁ ଉପରେ ଲୋକେ ଗାଡିମଟର ନେଇ ଯାତାୟାତ କରିବେ ତାହା ଦେଖିବାକୁ ବାକି ରହିଲା।

## ଅବ୍ୟବସ୍ଥାରେ ତିହିଡ଼ି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ

**ଦୋଳସାହି, ୧୧।୯ (ସମିସ):** ଅଭିଯୋଗ ସତ୍ତ୍ୱେ ବି କିଛି ସୁଧାର ହେଲାନାହିଁ। ତିହିଡି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟକୁ ବିଗତ ୩ ବର୍ଷ ଧରି ଔଷଧ ସରକାରଙ୍କ ତରଫରୁ ଆସୁନଥିବା ସହ ଡାକ୍ତର ପଦବୀ ଖାଲି ପଡ଼ିଥିବା ଗତ କିଛି ଦିନ ତଳେ ଦୈନିକ 'ସକାଳ'ରେ ଖବର ପରିବେଷଣ ହୋଇଥିଲା। ତେବେ ଏଥିନେଇ ସରାକାରଙ୍କ ପାଖରୁ କୌଣସି ସମାଧାନ ହେଉନଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ଅଧିନ ରେ ୧୮ ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହଛି। ଏଥିରୁ ୫ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ୩ ବର୍ଷ ଧରି ପ୍ରାଣୀ ଚିକିତ୍ସା ନିମନ୍ତେ କୌଣସି ଔଷଧ ଆସୁ ନଥିବା ବିଭାଗ ପକ୍ଷରୁ ସୁଚନା ମିଳିଛି। ପ୍ରାଣୀଙ୍କ ଚିକିତ୍ସା ରେ ନାନାଦି ବାଧାବିଘ୍ନ ହେଉଥିନା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।




# କାଞ୍ଜିଆପାଳର ଦୁଃଖ ଗେଙ୍ଗୁଟି ନଦୀର ତିନି ଏସ୍‌କେପ୍

ଦୋବଲ, ୧୧।୯ (ସମିସ)



ଧାମନଗର ବ୍ଲକ ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଗାଁ ପାଇଁ ଦୁଃଖର କାରଣ ସାଜିଛି ଗେଙ୍ଗୁଟି ନଦୀର ତିନି ଏସ୍‌କେପ୍। ଗାଁର ପଶ୍ଚିମରେ ଥିବା ପାହାଡ଼ପୁର ଗାଇଛନ୍ଦା ଏସ୍‌କେପ୍, ମହାପୁରୁଷ ଆଶ୍ରମ ନିକଟ ମଠ ମାହାରା ଓ ଗାଁର ପୂର୍ବ ଉତ୍ତରକୁ ଥିବା କନକେଇ ଏସ୍‌କେପ୍। ବନ୍ୟା ଆସିଲେ ବୈତରଣୀର ଶାଖା ନଦୀ ଗେଙ୍ଗୁଟିର ପାଣି ଏହି ତିନି ଏସ୍‌କେପ୍ ବାଟେ ଗାଁ ଭିତରକୁ ପଶିଥାଏ। ଫଳରେ ଗାଁରୁ ଖଡ଼ିପଦାକୁ ସଂଯୋଗ କରୁଥିବା ରାସ୍ତା ବୁଡ଼ିଯାଏ। ଠିକ୍ ସେମିତି ଗାଇଛନ୍ଦା ଏସ୍‌କେପ୍ ପାଣିରେ ଆନନ୍ଦପୁର ପଞ୍ଚାୟତର ପାହାଡ଼ପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଏଣୁ ଗାଁରେ ରହୁଥିବା ୨୦୦ରୁ ଅଧିକ ପରିବାରର ୧୦୦୦ରୁ ଅଧିକ ଲୋକ ଜଳବନ୍ଦୀ ହୋଇ ରହନ୍ତି। ବଢ଼ି ପାଣି ନ ଛାଡ଼ିଲା ଯାଏ ଗାଁ ଭିତରେ ରହିବାକୁ ବାଧ୍ୟ ହୁଅନ୍ତି। ଏମିତିକି କେହି କେହି ନିଜ ଘରୁ ପଡ଼ିଶା ଘରକୁ ବି ଯାଇ ପାରନ୍ତି ନାହିଁ। ସ୍ୱାଧୀନତା ପରଠାରୁ ଏ ଅବସ୍ଥା ଲାଗି ରହିଛି। ବର୍ଷା ଦିନେ ପାଣି ଆସିଲେ ଘର ଭିତରେ ଜାକିଜୁକି ହୋଇ ରହିବାକୁ ପଡ଼ିଥାଏ। ଆଉ ବନ୍ୟା ଚିର ସହଚର ହୋଇଥିବାରୁ ଲୋକେ ଘର କରିବା ବେଳେ ପାଖରୁ ମାଟି ଖୋଳି ଡିଅ ଉପରେ ଘର କରିଥାନ୍ତି। ଏଣୁ ବନ୍ୟା ଆସିଗଲେ, ଆଉ ଜଣଙ୍କ ଘରକୁ ଯିବା କଷ୍ଟ ହୋଇପଡ଼େ। ମୋବାଇଲ ନଥିବା ଯୁଗରେ ବନ୍ୟା ବେଳେ ଗାଁ ଲୋକଙ୍କ ଅବସ୍ଥା କହିଲେ ନସରେ। ଏବେ ମୋବାଇଲ୍ ଫୋନ୍ ଆସିବା ପରେ ବାହାରକୁ ସିନା ଯାଇ ପାରୁନାହାନ୍ତି। ହେଲେ ଦୁନିଆ ସହ ସମ୍ପର୍କ ରଖି ପାରୁଛନ୍ତି। ଅସୁବିଧା ସେତେବେଳେ ହୁଏ, ଯେତେବେଳେ ବନ୍ୟା ସମୟରେ ଗାଁର କେହି ଅସୁସ୍ଥ ହୁଅନ୍ତି। ଡାକ୍ତରଖାନାକୁ ନେବା ଲାଗି କୌଣସି ସାଧନ ରହିନଥାଏ। ଫୋନ୍ ଯୋଗେ ଓଡ୍ରାଫ ହେଉ କି ଅଗ୍ନିଶମ ବିଭାଗକୁ ଡାକିଲେ ସେମାନେ ଆସି ଉଦ୍ଧାର କରିଥାନ୍ତି। ଗାଁ ଲୋକଙ୍କ ସୁବିଧା ପାଇଁ ଦୀର୍ଘ ବର୍ଷ ହେଲା ପାହାଡ଼ପୁର ଗାଇଛନ୍ଦା ଏସକେପ୍ ଉପରେ ପୋଲଟିଏ କରିବାକୁ ଦାବି ହେଉଅଛି। ପଞ୍ଚାୟତ ବା ମୁଖ୍ୟାଳୟକୁ ଯୋଗାଯୋଗ କରିବା ସବୁବେଳେ ସମ୍ଭବ ନୁହଁ। କାରଣ କାଞ୍ଜିଆପାଳରୁ ଖଡ଼ିପଦାକୁ ଯିବା ପାଇଁ ହେଲେ ଦୁଇଟି ଏସକେପର ପାଣିକୁ ଅତିକ୍ରମ କରିବାକୁ ହେବ। ରାସ୍ତା ଉଚ୍ଚା କରିଦେଲେ ବନ୍ୟା ପାଣି ନିଷ୍କାସନ ହୋଇପାରିବ ନାହିଁ। ଆଉ ଉଚ୍ଚା ରାସ୍ତା ପାଇଁ ଅନାବଶ୍ୟକ ଭାବେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ହେବ। କେବଳ ଗାଇଛନ୍ଦା ଉପରେ ପୋଲ ହୋଇଗଲେ ଗାଁ ଲୋକେ ପାହାଡ଼ପୁରରୁ ଭାୟା ଆନନ୍ଦପୁର ହୋଇ ଯାଜପୁର ମେଡିକାଲକୁ ଯାଇପାରିବେ। ଛାତ୍ରଛାତ୍ରୀମାନେ ଯାଜପୁରର ରାମବାଗ ରିଜିଓନାଲ କଲେଜ, ରାମବାଗ ମହିଳା ମହାବିଦ୍ୟାଳୟ, ଯାଜପୁରରେ ବିରଜା ମହିଳା ମହାବିଦ୍ୟାଳୟ ଓ ନରସିଂହ ଚୌଧୁରୀ ମହାବିଦ୍ୟାଳୟକୁ ପଢ଼ିବାକୁ ଯାଇପାରିବେ। ସ୍ୱାସ୍ଥ୍ୟସେବା ପାଇପାରିବେ। ମିଳିଥିବା ସୂଚନା ଅନୁସାରେ, ଗାଇଛନ୍ଦା ଉପରେ ପୋଲ କରିବା ଲାଗି ସ୍ଥାନୀୟ ଲୋକେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ଦାବି କରି ଆସିଥିଲେ। ଏହାପରେ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଜଳ ସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ପକ୍ଷରୁ ମିଳିତ ଭାବେ ସର୍ଭେ କରାଯାଇଛି। ଖୁବଶୀଘ୍ର ପୋଲ ନିର୍ମାଣ ହେବ ବୋଲି ଆଶା କରାଯାଉଛି।





## ପୁଲିସ ବାବୁଙ୍କ ମୋହ
# ସିପିଙ୍କ ନିର୍ଦ୍ଦେଶ ପରେ ବି ଛାଡୁନାହାନ୍ତି ଗାଦି

ଭୁବନେଶ୍ୱର, ୧୧।୯ (ସମିସ): ପୁଲିସ କମିସନରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଏଏସ୍ଆଇ ଓ ଏସ୍ଆଇ। କମିସନରେଟ ପୁଲିସର ବିଭିନ୍ନ ଥାନା, ସେକ୍ସନ ଓ ରିଜର୍ଭ ଅଫିସରେ କାର୍ଯ୍ୟରତ ଅଧିକାରୀମାନେ ବଦଳି ଅର୍ଡର ପରେ ମଧ୍ୟ ନୂଆ ସ୍ଥାନରେ ଯୋଗଦେବା ପରିବର୍ତ୍ତେ ଗାଦି ମାଡ଼ି ବସି ରହୁଛନ୍ତି। ଗତ ସୋମବାର ପୁଲିସ କମିସନର ଲେଖିଥିବା ଏକ ଚିଠିରେ ଏଭଳି କିଛି କଥା ଉଲ୍ଲେଖ ରହିଛି। ବାରମ୍ବାର ଅବମାନନା ପରେ ବଦଳି ଆଦେଶ ସତ୍ତ୍ୱେ ଥାନା ଛାଡୁ ନ ଥିବା ଅଧିକାରୀଙ୍କୁ ତୁରନ୍ତ ନୂଆ ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ପୁଲିସ କମିସନର। ଭବିଷ୍ୟତରେ ମଧ୍ୟ ଏଭଳି ଗାଦି ମାଡ଼ି ବସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି।



- ବାରମ୍ବାର ଚିଠି ପରେ ଥାନା ଛାଡୁନାହାନ୍ତି ଅଧିକାରୀ
- ଭବିଷ୍ୟତରେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ

ପ୍ରାସଙ୍ଗିକ କାରଣ, ଥାନାଗୁଡ଼ିକରେ ଅଧିକାରୀଙ୍କ ଉପଲବ୍ଧତାକୁ ନେଇ କମିସନରେଟ ପୁଲିସ ମୁଖ୍ୟାଳୟ ପକ୍ଷରୁ ବିଭିନ୍ନ ଅଧିକାରୀମାନଙ୍କ ବଦଳି କରାଯାଇଥାଏ। ହେଲେ କମିସନରେଟ ପୁଲିସର ବିଭିନ୍ନ ଥାନା, ସେକ୍ସନ ଓ ରିଜର୍ଭ ଅଫିସରେ କାର୍ଯ୍ୟରତ ଏଏସ୍ଆଇ ଓ ଏସ୍ଆଇ ମାନେ ବଦଳିର ଦୀର୍ଘଦିନ ପରେ ମଧ୍ୟ ଗାଦି ଛାଡୁ ନଥିବା ପୁଲିସ କମିସନରଙ୍କ ନଜରକୁ ଆସିଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତା ଓ ଅନ୍ୟାନ୍ୟ ଦୃଷ୍ଟିରୁ ଅଧିକାରୀମାନଙ୍କୁ ବଦଳି କରାଯାଉଥିଲେ ହେଁ ସେମାନେ ନୂଆ ସ୍ଥାନରେ ଯୋଗ ଦେଉନାହାନ୍ତି।

ସେପଟେ ଗତମାସ ୩୦ ତାରିଖ ଦିନ ଭୁବନେଶ୍ୱର ଡିସିପି ଚନ୍ଦକା ଥାନାର ଜଣେ ମହିଳା ଏଏସ୍ଆଇ ଛବି ଜେନାଙ୍କୁ ବାଲିପାଟଣା ଥାନାକୁ ବଦଳି କରିଥିଲେ। ସେ ଚଳିତ ମାସ ୫ ତାରିଖ ଦିନ ବାଲିପାଟଣା ଥାନାରେ ଯୋଗ ଦେଇ ସାରିବା ପରେ ଆଉ ଏକ ଅର୍ଡର ପାଇଥିଲେ। ସେପ୍ଟେମ୍ବର ୨ ତାରିଖ ଦିନ ପୁଲିସ କମିସନର ତାଙ୍କୁ କଟକ ୟୁପିଡିକୁ ବଦଳି କରିଥିବା ଜାଣିବାକୁ ପାଇଥିଲେ। ପୁଲିସ କମିସନରଙ୍କ ଏହି ଅର୍ଡରଟି ୨ ତାରିଖର ହୋଇଥିଲେ ମଧ୍ୟ ଛବିଙ୍କ ନିକଟରେ ପହଞ୍ଚି ପାରି ନ ଥିଲା। ଫଳରେ ସେ କଟକ ୟୁପିଡି ବଦଳରେ ବାଲିପାଟଣା ଥାନାରେ ଯୋଗ ଦେଇଥିଲେ। ଗୋଟିଏ ଅଧିକାରିଣୀଙ୍କର ଦୁଇଟି ବଦଳି ଅର୍ଡରରୁ ସିପି ଓ ଡିସିପିଙ୍କ ମଧ୍ୟରେ ତାଳମେଳ ନ ଥିବା କଥା ସ୍ପଷ୍ଟ ହୋଇଥିଲା।

ଅନେକ କ୍ଷେତ୍ରରେ ଏଏସ୍ଆଇ ଓ ଏସ୍ଆଇଙ୍କ ବଦଳି ହେଉଥିଲେ ମଧ୍ୟ ଥାନା ଅଧିକାରୀ ଓ ସେକ୍ସନ ଇନଚାର୍ଜ ମାନେ ରିଲିଭ୍ କରୁ ନ ଥିବାରୁ ସେମାନେ ନୂଆ ସ୍ଥାନରେ ଯୋଗ ଦେଇ ପାରୁନାହାନ୍ତି। ତେବେ ଏଭଳି ଘଟଣା ପରେ ଚେତିଛନ୍ତି କମିସନରେଟ ପୁଲିସ ମୁଖିଆ। ଏଣିକି ବଦଳି ଅର୍ଡରର ୩ ଦିନ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ ରିଲିଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବଦଳି ନିର୍ଦ୍ଦେଶ ପରେ ଅଧିକାରୀଙ୍କୁ ରିଲିଭ କରିବା ଥାନା ଅଧିକାରୀଙ୍କ ଇଚ୍ଛାଧୀନ ବ୍ୟାପାର ନୁହଁ ବୋଲି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି। ରିଲିଭ୍ ନ କରିବାର କୌଣସି ବୈଧ କାରଣ ଥିଲେ ଥାନା ଅଧିକାରୀମାନେ ପୁଲିସ କମିସନରଙ୍କ ଠାରୁ ଅନୁମତି ଆଣିବେ ବୋଲି କୁହାଯାଇଛି। ଏଥିରେ କୌଣସି ଖିଲାପ କରିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି ପୁଲିସ କମିସନର। ଏନେଇ ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ ଗତ ସୋମବାର ଦିନ ଭୁବନେଶ୍ୱର, କଟକ ଓ ଟ୍ରାଫିକ ଡିସିପି ଏବଂ ସବୁ ଜୋନ୍ ଏସିପିଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରେମିକାକୁ ଦୁଷ୍କର୍ମ କରି ପ୍ରେମିକ ଗିରଫ



ଭୁବନେଶ୍ୱର, ୧୧।୯ (ସମିସ): ପ୍ରେମିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୋକସିଂ ଗାଁର ସୌମ୍ୟରଞ୍ଜନ ବେହେରା ଓରଫ୍ ଆଲୋକ (୨୩)। ପୁଲିସ ସୂଚନା ଅନୁସାରେ, ୨୦୨୨ ମସିହାରେ ଅଭିଯୋଗକାରିଣୀ ଓ ଆଲୋକ ତମାଣ୍ଡୋ ଅଞ୍ଚଳରେ ଥିବା ଏକ କ୍ୟାରିଅର ଏକାଡେମୀରେ ଟ୍ରେନିଂ ସମୟରେ ଉଭୟଙ୍କ ପରିଚୟ ହୋଇଥିଲା। ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିଚ୍ଛେଦ ଘଟିଥିଲା। ଗତକାଲି ଦିନ ୧୨ଟା ପ୍ରାୟ ସମୟରେ ଅଭିଯୋଗକାରିଣୀ ତମାଣ୍ଡୋସ୍ଥିତ ଭଡ଼ା ଘରେ ଏକା ଥିବାବେଳେ ଆଲୋକ ତାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ଏହାପରେ ପୀଡ଼ିତାଙ୍କୁ ଆକ୍ରମଣ କରି ଅଟକ ରଖିଥିଲା ଓ ତାଙ୍କର ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲା। ପୀଡ଼ିତା ପ୍ରତିରୋଧ କରିବାରୁ ପୁଣି ମାଡ଼ ମାରିଥିଲା। ଫଳରୁ ସେ ଆହତ ହୋଇଥିଲେ। ଏନେଇ ପୀଡ଼ିତା ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ଆଲୋକକୁ ଗିରଫ କରିବା ସହ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଥିଲା।

## ଜେଲ୍ ଗଲେ ୨ ମଦ ବେପାରୀ

ବାଲିଅନ୍ତା, ୧୧।୯ (ସମିସ): ବାଲିଅନ୍ତା ଥାନା ପୁଲିସ ଆଜି ଚୋରା ମଦ ବିକ୍ରି ଅଭିଯୋଗରେ ୨ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମଦ ବେପାରୀ ଦ୍ୱୟ ହେଲେ ବୁଦ୍ଧିପଡ଼ା ଗ୍ରାମର ପ୍ରଭାତ ପ୍ରଧାନ ଏବଂ ବଡ଼ଗଡ଼ ଥାନା ଅଧୀନ କେଶୁରାର ସନ୍ୟାସୀ ପାତ୍ର। ପ୍ରଭାତ ନିକଟରୁ ପୁଲିସ ସ୍କୁଟି ସମେତ ୧୫ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରିଥିଲା। ସେହିପରି ତଳଗଡ଼ ଛକ ନିକଟରେ ସନ୍ୟାସୀ ନିକଟରୁ ୧୪ ଲିଟର ଦେଶୀ ମଦ ଜବତ କରିଥଲା।

# ବାଣୀବିହାରରେ ମାଲମାଲ ବସ୍ତି

## ବିଏମ୍‌ସି ସହଯୋଗରେ ବସ୍ତିମୁକ୍ତ ହେବ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ



ଭୁବନେଶ୍ୱର, ୧୧।୯ (ସମିସ): ବାଣୀବିହାର ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିବା ପରେ କ୍ୱାର୍ଟର୍ସ ଜବରଦଖଲ ମୁକ୍ତ କରାଯାଇଛି। ଅସୁରକ୍ଷିତ ଘୋଷଣା ହୋଇଥିବା କିମ୍ବା କାହାକୁ ଆବଣ୍ଟନ ହୋଇ ନ ଥିବା କ୍ୱାର୍ଟର୍ସରେ ଅବୈଧ ଭାବେ ରହୁଥିବା ଲୋକଙ୍କୁ ବିଦା କରାଯାଇଛି। ହେଲେ କିଛି କର୍ମଚାରୀଙ୍କ ନାମରେ ଆଲର୍ଟ ହୋଇଥିବା କ୍ୱାର୍ଟର୍ସରେ ଅନ୍ୟମାନେ ଭଡ଼ାରେ ରହୁଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ କରାଯାଇ ନାହିଁ। ସେହିପରି କ୍ୱାର୍ଟର୍ସ ପାର୍ଶ୍ୱକୁ ଲାଗି ଘର ନିର୍ମାଣ କରି ଅନେକ ଲୋକ କ୍ୟାମ୍ପସ୍‌ରେ ରହୁଛନ୍ତି। ଏହାପରେ ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଣ୍ଟା ଭିଡ଼ିଛନ୍ତି। ବିଏମ୍‌ସି ସହ ଆଲୋଚନା ଜାରି ରହିଥିବାବେଳେ ଖୁବ୍ ଶୀଘ୍ର ଉଚ୍ଛେଦ ପ୍ରକ୍ରିୟା କରାଯିବ ବୋଲି କୁଳପତି କହିଛନ୍ତି। ଅପରପକ୍ଷରେ କ୍ୟାମ୍ପସ୍‌ରେ ଗଢ଼ିଉଠିଥିବା ବସ୍ତି ଉଚ୍ଛେଦ କରିବା ଆଉ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

ଆଜବେଷ୍ଟସ୍ ଦୁଇ ଫାଳରୁ ଆରମ୍ଭ ହୋଇଥିବା ଘର ସମୟକ୍ରମେ ବିରାଟ ଆକାର ନେଉଛି। ଯେତେବେଳେ ଇଚ୍ଛା ହେଲା ସେତେବେଳେ ଆକାର ବଢ଼ାଉଛନ୍ତି। ଖାଲି ସ୍ଥାନରେ ନୂତନ ନିର୍ମାଣ କରୁଛନ୍ତି। ପାଣି ଓ ବିଜୁଳି ପାଇବାରେ ମଧ୍ୟ କୌଣସି ଅସୁବିଧା ନାହିଁ। କିଛି ହାତଗୁଞ୍ଜା ଦେଲେ ଘରକୁ ପାଇପ୍ ବିଛାଇ ପାଣି ଓ ବିଦ୍ୟୁତ୍ ମିଳିଯାଉଛି। ଫଳରେ ଘର ନିର୍ମାଣ କରି ଭଡ଼ାରେ ଲଗାଇବାକୁ ମଧ୍ୟ ପଛାଉନାହାନ୍ତି। ଫଳରେ ପ୍ରାୟ ୨ଶହରୁ ଅଧିକ ଘର ନିର୍ମାଣ ହୋଇ କ୍ୟାମ୍ପସ୍ ଭିତରେ ବସ୍ତି ବସିଲାଣି। ମଙ୍ଗଳା ମନ୍ଦିର, ପରୀକ୍ଷା ହଲ୍ ଓ ତ୍ରିନାଥ ମନ୍ଦିର ପାର୍ଶ୍ୱରେ ଅନେକ ଘର ଗଢ଼ିଉଠିଛି। ଘରଗୁଡ଼ିକୁ ଦେଖିଲେ କାହିଁ କେତେ ଦିନରୁ ନିର୍ମାଣ ହୋଇଥିବା ବାରି ହେଉଛି। ସବୁ ଘରକୁ ପାଣି ଓ ବିଦ୍ୟୁତ୍ ସଂଯୋଗ ରହିଛି। କର୍ତ୍ତୃପକ୍ଷଙ୍କ ଅଜାଣତରେ ଏହା ଦୀର୍ଘ ବର୍ଷରୁ କିପରି ସମ୍ଭବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କ୍ୱାର୍ଟର୍ସ ପାଖକୁ ଲଗାଇ ବେଧଡ଼କ ଭାବେ ଘର ନିର୍ମାଣ କରୁଛନ୍ତି। ଅନେକ ପ୍ରଭାବଶାଳୀ ଲୋକ ସେଗୁଡ଼ିକୁ ଭଡ଼ାରେ ମଧ୍ୟ ଲଗାଉଛନ୍ତି। କ୍ୱାର୍ଟର୍ସରେ ରହୁଥିବା କିଛି ପୂର୍ବତନ କର୍ମଚାରୀ ଆଉ ଗାଁକୁ ଫେରୁ ନାହାନ୍ତି। ତା ପାଖକୁ ଘର କରି ପରପିଢ଼ୀ ପାଇଁ ବ୍ୟବସ୍ଥା କରିଛନ୍ତି। ବସ୍ତି ପାଇଁ ବିଶ୍ୱବିଦ୍ୟାଳୟରେ ନିଶା କାରବାର ବଢୁଥିବା ଛାତ୍ର ଓ ପୂର୍ବତନ ଛାତ୍ରମାନେ ବାରମ୍ବାର ଅଭିଯୋଗ କରୁଛନ୍ତି। ଏଣୁ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଖୁବଶୀଘ୍ର ବସ୍ତିମୁକ୍ତ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

## ବଳକା ମୂର୍ତ୍ତିର ବିକଳ୍ପ ବିନିଯୋଗ
# ଗଣେଶଙ୍କ ଦେହ; ବିଶ୍ୱକର୍ମାଙ୍କ ମସ୍ତକ

ଭୁବନେଶ୍ୱର, ୧୧।୯ (ସମିସ): ପଛକୁ ପଛ ଲାଗି ଲାଗି ରହିଛି ବିଭିନ୍ନ ଦେବା ଦେବୀଙ୍କ ପୂଜା। ଏଥିପାଇଁ ମୂର୍ତ୍ତି କାରିଗରମାନେ ଦିନରାତି ଲାଗି ମୂର୍ତ୍ତି ତିଆରି କରୁଛନ୍ତି। କିନ୍ତୁ ଯେତିକି ବି ମୂର୍ତ୍ତି ତିଆରି କରୁଛନ୍ତି ସେଥିରୁ ଯଦି କିଛିଟା ବଳକା ରହିଯାଉଛି ତେବେ ସେଥିରେ ଅନ୍ୟ ଦେବାଦେବୀଙ୍କ ମୂର୍ତ୍ତି ତିଆରି କରାଯାଇପାରୁଛି। ଏହା କେବଳ ସମ୍ଭବ ହୋଇଛି ଜଣେ ଦକ୍ଷ ମୂର୍ତ୍ତି କାରିଗରଙ୍କ କ୍ଷେତ୍ରରେ।

ସ୍ମାର୍ଟ ସିଟି ହେଉ ଅବା ଉପକଣ୍ଠରେ ପୂଜା ମାହୋଲ ଆରମ୍ଭରୁ ଗଣେଶ ପୂଜା ପଡୁଥିବାରୁ କାରିଗରମାନେ ପ୍ରଥମେ ଗଣେଶଙ୍କୁ ତିଆରି କରିଥାନ୍ତି। ବରାଦିଆ ସହିତ ବଜାରରେ ଗଣେଶ ମୂର୍ତ୍ତି ବିକ୍ରି ପରେ ଆଉ ଯେତିକି ମୂର୍ତ୍ତି ବଳିପଡ଼େ ସେଥିରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ତିଆରି କରୁଛନ୍ତି। ଗଣେଶଙ୍କ ମୂର୍ତ୍ତିରୁ କେବଳ ମଥା କଢ଼ା ଯାଇ ସେଥିରେ ବିଶ୍ୱକର୍ମାଙ୍କ ମଥା ଲାଗାଯାଉଛି। ଏଥିସହିତ ଗଣେଶଙ୍କ ପେଟକୁ ଟିକେ ସମାନ କରାଯାଉଛି। କିନ୍ତୁ ଖୁଦୁରୁକୁଣି ମୂର୍ତ୍ତି ଆବଶ୍ୟକତାଠାରୁ କମ୍ ଗଢ଼ା ଯାଉଥିବାରୁ ତାହା ଅଭାବ୍ ପଡୁଛି ବୋଲି କହିଛନ୍ତି କାରିଗର। ଯଦି କେଉଁ ବର୍ଷ ଖୁଦୁରୁକୁଣି ମୂର୍ତ୍ତି ବଳକା ରହିଯାଉଛି ସେଥିରେ କେବଳ ଫ୍ରେମ୍ କଢ଼ାଯାଇ ଅନ୍ୟ ମୂର୍ତ୍ତି ଦେହରେ ଲାଗାଯାଇଥାଏ। ଠିକ୍ ଏହିପରି ମଧ୍ୟ ବିଶ୍ୱକର୍ମା ପୂଜା ପରେ ବଳକା ବିଶ୍ୱକର୍ମା ମୂର୍ତ୍ତିରୁ ଗଜଲକ୍ଷ୍ମୀ ମୂର୍ତ୍ତି କରାଯାଉଛି। ବିଶ୍ୱକର୍ମା ମୂର୍ତ୍ତିରୁ ମଥା କାଢ଼ିବା ପରେ ବିଶ୍ୱକର୍ମା ମୂର୍ତ୍ତିକୁ ଦେବୀ ମୂର୍ତ୍ତିରେ ପରିଣତ କରାଯାଏ। ଯେହେତୁ ବିଶ୍ୱକର୍ମା ହସ୍ତୀ ଉପରେ ବିରାଜମାନ କରିଥିବା ବେଳେ ଗଜଲକ୍ଷ୍ମୀ ମଧ୍ୟ ହାତୀ ଉପରେ ବିରାଜମାନ ହୋଇଥାନ୍ତି। ଏଥିସହିତ ବିଶ୍ୱକର୍ମାଙ୍କର ୪ଟା ହସ୍ତ ତିଆରି ହୋଇଥିବା ବେଳେ ଗଜଲକ୍ଷ୍ମୀଙ୍କର ମଧ୍ୟ ୪ ଟା ହସ୍ତ ରହିଥାଏ। ଏଥିପାଇଁ ବଳକା ବିଶ୍ୱକର୍ମା ମୂର୍ତ୍ତିରେ ଗଜଲକ୍ଷ୍ମୀଙ୍କୁ କରିବା ସହଜ ହେଉଛି। ହେଲେ ଦୁର୍ଗା କିମ୍ବା କାର୍ତ୍ତିକେୟ ମୂର୍ତ୍ତି କରିବା ସହଜ ହେଉନାହିଁ। ଯେହେତୁ ବିଭିନ୍ନ ମଣ୍ଡପରେ ଦୁର୍ଗାଙ୍କର ମୂର୍ତ୍ତି ତିଆରି କରାଯାଉଛି ଏଥିପାଇଁ ଦୁର୍ଗା ମୂର୍ତ୍ତି ସମ୍ଭବ ହୋଇପାରୁନାହିଁ। ଠିକ୍ ଏମିତି କାର୍ତ୍ତିକେୟଙ୍କ ମୂର୍ତ୍ତି ମଧ୍ୟ କରିବା ସମ୍ଭବ ହେଉନାହିଁ। ଯେହେତୁ କାର୍ତ୍ତିକେୟଙ୍କର ଦୁଇ ହସ୍ତ ରହିବା ସହିତ ମୟୂର ବାହାନ ରହୁଛନ୍ତି ଏଥିପାଇଁ କାର୍ତ୍ତିକ ମୂର୍ତ୍ତି କରାଯାଉନାହିଁ।



**ବିଶ୍ୱକର୍ମାରୁ ଗଜଲକ୍ଷ୍ମୀ ମୂର୍ତ୍ତି କରିବ ସହଜ**

ତମାଣ୍ଡୋ ଅଞ୍ଚଳର ଜଣେ ମୂର୍ତ୍ତି କାରିଗର କୁହନ୍ତି ଦେବତାଙ୍କ ମୂର୍ତ୍ତିରେ ଦେବୀ ମୂର୍ତ୍ତି ହୋଇପାରିବ। ହେଲେ ଦେବୀ ମୂର୍ତ୍ତିରେ ଦେବତାଙ୍କ ମୂର୍ତ୍ତି ତିଆରି ହୋଇ ପାରିବନାହିଁ ବୋଲି କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି ବିଶେଷତଃ ମୂର୍ତ୍ତି ତିଆରି କରିବା ପାଇଁ ଗୋଟେ ମୂର୍ତ୍ତିକୁ ୪ ରୁ ୫ ଦିନ ସମୟ ଲାଗିଥାଏ ହେଲେ ବଳକା ମୂର୍ତ୍ତିରୁ ଦେବୀ ମୂର୍ତ୍ତି କରିବା ପାଇଁ ୨ ଦିନ ସମୟ ଲାଗିଥାଏ। ସବୁ ମୂର୍ତ୍ତି ୧ ଫୁଟ ରୁ ନେଇ ୧୦ ଫୁଟ ପର୍ଯ୍ୟନ୍ତ ମୂର୍ତ୍ତି ତିଆରି କରାଯାଉଛି। ବରାଦିଆ ମୂର୍ତ୍ତି ହେଲେ ଅଧିକ ଉଚ୍ଚାର ତିଆରି କରୁଛନ୍ତି। ଦର ସବୁ ୧ ହଜାର ଟଙ୍କାରେ ନେଇ ୨୦ ରୁ ୨୫ ହଜାର ଟଙ୍କା ଭିତରେ ରହୁଛି ବୋଲି ସେ କହିଛନ୍ତି।

# ୧୧ ଲକ୍ଷର ବ୍ରାଉନସୁଗର ଜବତ; ବେପାରୀ ଗିରଫ

ଭୁବନେଶ୍ୱର, ୧୧।୯ (ସମିସ): ବେଆଇନ ବ୍ରାଉନସୁଗର କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ରେଞ୍ଜ ୧ ଥାନା। ଗିରଫ ଅଭିଯୁକ୍ତ ହେଉଛି ଖାରବେଳ ନଗର ଥାନା ଅଧୀନସ୍ଥ ରାଜକୁମାର ବସ୍ତିର କୃଷ୍ଣଚନ୍ଦ୍ର ସାହୁ (୩୨)।

ପୁଲିସ ସୂଚନାନୁସାରେ, ସତ୍ୟନଗର ଅଞ୍ଚଳରେ ବ୍ରାଉନସୁଗର କାରବାର ଚାଲିଥିବା ଖବର ପାଇ ଅବକାରୀ ରେଞ୍ଜ ୧ ଥାନା ପୁଲିସ ଚଢ଼ଉ କରିଥିଲା। ରାଜକୁମାର ବସ୍ତିରୁ କୃଷ୍ଣଚନ୍ଦ୍ରକୁ ଅଟକ ରଖି ଯାଞ୍ଚ କରିଥିଲା। ତଲାସୀ ବେଳେ ତା ହେପାଜତରୁ ୧୧୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ଥିବା ବିଭିନ୍ନ ବେପାରୀଙ୍କୁ ଯୋଗାଉଥିବା ସ୍ୱୀକାର କରିଥିଲା। ଏନେଇ ଅବକାରୀ ଥାନା ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି କୃଷ୍ଣଚନ୍ଦ୍ରକୁ କୋର୍ଟ ଚାଲାଣ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ ବୋଲି ପୁଲିସ କହିଛି।

## • କ୍ରୁଟର ବୋର୍ଡ ବୈଠକ
# ସହରାଞ୍ଚଳ ପରିବହନ ବୃଦ୍ଧି ପାଇଁ ରଣନୀତି



ଭୁବନେଶ୍ୱର, ୧୧।୯ (ସମିସ): କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟର ୫୦ତମ ବୋର୍ଡ ବୈଠକ ଗୁରୁବାର ଦିନ ରାଜ୍ୟ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ କ୍ରୁଟ ଅଧକ୍ଷା ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ନିର୍ଦ୍ଦେଶକ ମଣ୍ଡଳୀ କ୍ରୁଟର କାର୍ଯ୍ୟ ଓ ଆଗାମୀ ଦିନରେ ବୃଦ୍ଧି ହେବାକୁ ଥିବା କାର୍ଯ୍ୟ ପରିସର ଉପରେ ସମୀକ୍ଷା କରିଥିଲେ। ସେହିଭଳି ରାଜ୍ୟରେ ସହରାଞ୍ଚଳ ପରିବହନକୁ ବୃଦ୍ଧି କରିବା ପାଇଁ ପ୍ରମୁଖ ରଣନୀତି ଉପରେ ଆଲୋଚନା ହୋଇଛି। ସୁରକ୍ଷା, ସେବା ଗୁଣବତ୍ତା ଏବଂ ଆମ ବସ୍ ସେବା ବିସ୍ତାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲ। ଯାହା ଓଡ଼ିଶାର ସ୍ଥାୟୀ ଗତିଶୀଳତା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

ବୈଠକରେ କ୍ରୁଟର ଉପାଧକ୍ଷ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର, ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର, କଟକ ଭୁବନେଶ୍ୱର ପୁଲିସ କମିଶନର ଏସ. ଦେବ ଦତ୍ତ ସିଂହ, କଟକର କେନ୍ଦ୍ରୀୟ ରେଞ୍ଜର ପୁଲିସ ଡିଆଇଜି ଡଃ. ସତ୍ୟଜିତ ନାଏକ ଏବଂ କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଡଃ. ଏନ. ଥିରୁମାଲା ନାଏକ ଉପସ୍ଥିତ ଥିଲେ। ବର୍ତ୍ତମାନ ଦୈନିକ ତିନି ଲକ୍ଷରୁ ଅଧିକ ଲୋକଙ୍କୁ ଯାତାୟତ ସେବା ଯୋଗାଇ ଦେଉଥିବା କ୍ରୁଟ ଏହାର ୬୭୦ଟି ଆମ ବସ୍ ସହିତ ଏକ ଅତ୍ୟନ୍ତ ସୁଲଭ ସାର୍ବଜନୀନ ପରିବହନ ଇକୋସିଷ୍ଟମ ସୃଷ୍ଟି କରିଛି ଯାହା ୧୩୯୯ କିଲୋମିଟର ନେଟୱାର୍କ ମଧ୍ୟରେ ୨୯୦ ଟି ଇ-ବସ୍ ସହିତ ୧୧୫ ଟି ରୁଟରେ ପ୍ରାୟ ୨୦୯୯ ଟି ବସ୍ ଷ୍ଟପ୍ ରହିଛି। କେନ୍ଦୁଝର, ବାରିପଦା, ଅନୁଗୁଳ, ଝାରସୁଗୁଡା, ବ୍ରହ୍ମପୁର ଏବଂ ସମ୍ବଲପୁରରେ ନୂତନ ଇଲେକ୍ଟ୍ରିକ୍ ବସ୍ ମୁତୟନ ହେବ। ଯାତ୍ରୀ ସୁରକ୍ଷା ବୃଦ୍ଧି କରିବା ପାଇଁ ସମସ୍ତ ନୂତନ ବସ୍ ରେ ଇନବିଲ୍ଟ ଆଡଭାନ୍ସଡ୍ ଡ୍ରାଇଭର୍ ଆସିଷ୍ଟାନ୍ସ ସିଷ୍ଟମ୍ କ୍ୟାମେରାର ବ୍ୟବହାର ହେବ।

# ଚାର୍ଜସିଟ୍‌ରେ ତ୍ରୁଟି ପାଇଁ ଖସି ଯାଉଛନ୍ତି ଅପରାଧୀ

ଭୁବନେଶ୍ୱର, ୧୧।୯ (ସମିସ): ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇବା ପରେ କମିସନରେଟ୍ ପୁଲିସର ଅସଲ ଚେହେରା ଧୀରେ ଧୀରେ ପଦାକୁ ଆସୁଛି। କଟକ ୟୁପିଡି କମିସନରେଟ୍ ପୁଲିସ ଅଧୀନରେ ଯାଉଥିବା ବେଳେ ସେଠାର ପୁଲିସ ଭଲ କାମ କରୁଥିବା ବେଳେ ଭୁବନେଶ୍ୱର ନ ହେବା ଚିନ୍ତାର ବିଷୟ ପାଲଟିଛି। କଟକ ୟୁପିଡି ସିସିଟିଏନ୍ଏସ୍' ର୍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟରେ ଥିବା ବେଳେ ଭୁବନେଶ୍ୱର ୧୫ ନମ୍ବରରେ ରହିଛି। ଯାହାକି ଏଠାର ପୁଲିସର ପାରିବା ପଣିଆ ପଦାରେ ପଡ଼ିଛି।

- ରାଜଧାନୀରେ ହେଉନି ମାମଲାର ସୁପରିଭିଜନ
- ଅନୁନ୍ନତ ଜିଲ୍ଲାଠାରୁ ଢେର ପଛରେ ଭୁବନେଶ୍ୱର

ରାଜଧାନୀ ପୁଲିସ ଘନ ଘନ ବୈଠକ କରି ପୁଲିସ ଅଧିକାରୀ ପରାମର୍ଶ ଦିଆଯାଉଥିବା ବେଳେ କାମରେ ତାହା କିଛି ଆସୁନି। ସବୁ କ୍ଷେତ୍ରରେ ଅନ୍ୟ ଜିଲ୍ଲା ପୁଲିସ ଠାରୁ ରାଜଧାନୀର ପୁଲିସ ପଛରେ ପଡ଼ିବା ସହରବାସୀଙ୍କୁ ଚକିତ କରିଛି। ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍‌ରୁ ଜଣାପଡ଼ିଛି ଯେ, ଏଠାରେ ବଡ଼ ବଡ଼ ସମ୍ବେଦନଶୀଳ ମାମଲାର ସୁପରିଭିଜନ (ତଦାରଖ) ଅଧିକାରୀ ରହୁନାହାନ୍ତି। ତଦନ୍ତକାରୀ ଅଧିକାରୀ ନିଜ ମନ ଇଚ୍ଛା ତଦନ୍ତ କରି କୋର୍ଟରେ ସିଡ଼ି ଏବଂ ଚାର୍ଜସିଟ୍ ପ୍ରଦାନ କରୁଛନ୍ତି। ଯେଉଁଥିରେ ଏକାଧିକ ତ୍ରୁଟି ରହୁଛି। ଅନେକ କ୍ଷେତ୍ରରେ ତଦନ୍ତକାରୀ ଅଧିକାରୀ ଲାଞ୍ଚନେଇ ମଧ୍ୟ ସମ୍ବେଦନଶୀଳ ମାମଲାକୁ ପ୍ରଭାବିତ କରିଥାଏ। ଫଳରେ ଅଭିଯୁକ୍ତମାନେ ସହଜରେ କୋର୍ଟରୁ ନିର୍ଦ୍ଦେଶରେ ଖସି ଆସୁଛନ୍ତି। ସୁପରିଭିଜନ ଅଧିକାରୀ ରହିଥିଲେ ତଦନ୍ତ ଅଧିକାରୀ ମାମଲାର ଦିଗ ମୋଡ଼ିବାକୁ ଭୟ କରିବେ। କିନ୍ତୁ ଏଠାରେ ଦିଆଯାଉନଥିବାରୁ ଆଇଓ ମନ ଇଚ୍ଛା ଯାହା ପାଉଛି କରୁଛି। କଟକ ୟୁପିଡ଼ିରେ ଏସିପି ଏବଂ ଅତିରିକ୍ତ ଡିସିପି ମାମଲାର ସୁପରିଭିଜନ୍ କରୁଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କଣ ପ୍ରମାଣ ରହିଛି, ସାକ୍ଷୀ କେଉଁମାନେ। ମେଡ଼ିକାଲ ରିପୋର୍ଟରେ କ'ଣ ରହିଛି, ତଦନ୍ତ ସମୟରେ କ'ଣ ସବୁ ପ୍ରମାଣ ମିଳିଛି। ସବୁ କିଛି ଟିକିନିଖି ମାମଲାର ତଦାରଖ କରିଥାନ୍ତି ସୁପରିଭିଜନ ଅଧିକାରୀ। ଫଳରେ ମାମଲା ଦୃଢ ହେବା ସହ ଅଭିଯୁକ୍ତଙ୍କୁ କୋର୍ଟରେ ସଜା ହୋଇଥାଏ। କିନ୍ତୁ କମିସନରେଟ୍ ପୁଲିସ ତାର ଓଲଟା ଦେଖିବାକୁ ମିଳୁଛି। ସମ୍ବେଦନଶୀଳ ମାମଲାର ସୁପରିଭଜନ କରିବାକୁ କୌଣସି ଅଧିକାରୀଙ୍କୁ ଦିଆଯାଉ ନାହିଁ। ୭ବର୍ଷରୁ ଅଧିକ ସଜା ଥିବା ମାମଲାରେ ଜଣେ ସୁପରିଭିଜନ ଅଧିକାରୀଙ୍କୁ ନିଯୁକ୍ତି କରାଯାଏ। କିନ୍ତୁ ଏଠାରେ ଏକାଧିକ ସମ୍ବେଦନଶୀଳ ମାମଲା ହେଉଥିଲେ ମଧ୍ୟ ବଡ଼ ଅଧିକାରୀଙ୍କୁ ସୁପରିଭିଜନ ଦାୟିତ୍ୱ ଦିଆଯାଉ ନାହିଁ। ସିସିଟିଏନ୍ଏସ୍ ସୁପରିଭିଜନ ପାଇଁ ୧୦ ମାର୍କ ଥିବା ବେଳେ କମିଶନରେଟ୍ ପୁଲିସ ପାଇଛି ୬.୫୯ ମାର୍କ। ଏହି ସମୟରେ କଟକ ପୁଲିସ ପାଇଛି ୯.୧୭ ମାର୍କ। ଅନୁସୂଚିତ ଜାତି ଏବଂ ଜନଜାତି ମାମଲାରେ ରାଜଧାନୀ ପୁଲିସ ୫ ମାର୍କରୁ ୨.୩୩ ମାର୍କ ପାଇଥିବା ବେଳେ କଟକ ପୁଲିସ ୩.୭୫ ପାଇଛି। କଟକ ପୁଲିସ ସବୁବେଳେ ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍‌ରେ ଦ୍ୱିତୀୟ କିମ୍ବା ପ୍ରଥମ ରହୁଥିବା ବେଳେ ରାଜଧାନୀ ପୁଲିସ ୨୦ ଭିତରେ ରହୁଛି। କମିସନରେଟ୍ ପୁଲିସକୁ ଅନ୍ୟ ଜିଲ୍ଲା ପୁଲିସ ଅନୁକରଣ କରନ୍ତି। ଏଠାରେ ଦକ୍ଷ ପୁଲିସ ଅଧିକାରୀ ଥିବା ବେଳେ ସବୁ କିଛି ସୁବିଧା ପାଇ ମଧ୍ୟ ପଛରେ ପଡ଼ିବା ଲଜ୍ୟା ଜନକ ବିଷୟ ବୋଲି ଚର୍ଚ୍ଚା ହେଉଛି।






କମିସନରେଟ୍ ପୁଲିସ ର୍ୟାଙ୍କିଙ୍ଗ୍ ପଛରେ ପଡ଼ିବା ନେଇ ଜଣେ ବରିଷ୍ଠ ପୁଲିସ ଅଧିକାରୀ ପଚରାଯାଇଥିଲା। ଏହାର ମୁଖ୍ୟ କାରଣ ହେଲା ସୁପରିଭିଜନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ ନ ଥିବା ବେଳେ ବଦଳି ପରେ ଜଣେ ପୁଲିସ ଅଧିକାରୀଙ୍କୁ ରିଲିଜ୍ ନକରିବା ଅନ୍ୟ ଏକ କାରଣ। ଜଣେ ପୁଲିସ ଅଧିକାରୀଙ୍କୁ କମିସନରେଟ୍ ପୁଲିସରୁ ଅନ୍ୟ ଜିଲ୍ଲାକୁ ବଦଳି କରାଯାଏ। ହେଲେ ଏଠାରେ ରିଲିଜ୍ କରାଯାଉ ନ ଥିବାର ତାଙ୍କର ମନୋବଳ ଭାଙ୍ଗି ଯାଉଛି। ଯେଉଁଥି ପାଇଁ ସେ ମାମଲା ସମ୍ପର୍କରେ କିଛିବି ମୁଣ୍ଡ ଖେଳାଇ ନ ଥାନ୍ତି। ଆହୁରି ମଧ୍ୟ ଅନେକ ପୁଲିସ ଅଧିକାରୀ ମାମଲା ସୁପରିଭିଜନ ଏବଂ ତଦନ୍ତ ଭାର ନେଇଥାନ୍ତି। ବଦଳି ପରେ ସେ ମାମଲାକୁ ହସ୍ତାନ୍ତର ନ କରି ପଳାଇଯାଇଥାନ୍ତି। ଫଳରେ ଉକ୍ତ ମାମଲା ତାଙ୍କ ନିକଟରେ ପଡ଼ି ରହିଥାଏ। ଯାହାକି ସିସିଟିଏନ୍ଏସ୍ ର୍ୟାଙ୍କିଙ୍ଗ୍ ଉପରେ ପ୍ରଭାବ ପକାଇ ଥାଏ। କମିସନରେଟ୍ ପୁଲିସ ବଡ଼ ବଡ଼ କଥା କହୁଥିବା ବାସ୍ତବରେ କିନ୍ତୁ କାମ ଶୂନ। କେତେକ ଗାଦି ମଡ଼ା ଅଫିସର ଏଠାରେ ଏସ୍ଆଇରୁ ଡିସିପି ହେବା ପର୍ଯ୍ୟନ୍ତ ପଦୋନ୍ନତି ପାଇ ପଡ଼ି ଅଛନ୍ତି। ସେମାନେ ମାମଲାର ତଦନ୍ତ କମ୍ କରୁଥିବା ବେଳେ କେବଳ ମାମଲାଟି ବଶି କରୁଛନ୍ତି। ଯେଉଁଥି ପାଇଁ ଅନ୍ୟ ଜିଲ୍ଲା ପୁଲିସ ଅପେକ୍ଷା ଢେର ପଛରେ ପଡ଼ିଛି କମିଶନରେଟ୍ ପୁଲିସ। ତେଣୁ ବଡ଼ ଅଧିକାରୀ ଥାନା ଅଧିକାରୀ, ଏସିପିଙ୍କୁ ତାଗିଦ କରିବା ସହ ଏହି ବ୍ୟବସ୍ଥାରେ କିଭଳି ସୁଧାର ଆସିବ ସେନେଇ ପରାମର୍ଶ ଦେବା ଆବଶ୍ୟକ ବୋଲି ଆଇନଜୀବୀମାନେ ମତ ଦେଇଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୧/୯/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୮୪,୬୪୮/- | ସୁନା: ୦୮.୩୦୦ ଗ୍ରାମ୍ | ରୁପା: ୧୪.୬୫୦ ଗ୍ରାମ୍





**ଜୀବନ ପ୍ରତି ବିପଦ ଆଶଙ୍କା**

## ପୁଲିସକୁ ସୁରକ୍ଷା ମାଗିଲେ ପୁରୀ ଜିଲ୍ଲା ଆପ୍ ସଭାପତି

ପୁରୀ,୧୧।୯ (ସମିସ): ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ଏସ୍‌ପିଙ୍କୁ ସୁରକ୍ଷା ମାଗିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ଏସ୍‌ପିଙ୍କୁ ଦେଇଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଜଣେ ସଚେତନ ନାଗରିକ ହିସାବରେ ପୁରୀର ସ୍ୱାର୍ଥ ରକ୍ଷା ପାଇଁ ସେ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ବିଶେଷକରି ବିଭିନ୍ନ ପ୍ରକାର ରାଜସ୍ୱ ଲୁଟ୍, ଜମି ଜବରଦଖଲ ତଥା ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଜମି ପ୍ଲଟିଂ ନେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗୁଛନ୍ତି। ଏହିସବୁ ପ୍ରସଙ୍ଗକୁ ସେ ତାଙ୍କ ସୋସିଆଲ ମିଡିଆ ସାଇଟ୍‌ରେ ପୋଷ୍ଟ କରିଥା'ନ୍ତି। ଏଣୁ କିଛି ଖଳ ପ୍ରକୃତିର ଲୋକ ଯଥା ଜମି ମାଫିଆ, ବାଲି ମାଫିଆ ଜେଲ୍ ଫେରନ୍ତା ଓ କିଛି ଠିକାଦାର ଗୁଣ୍ଡା ଶ୍ରେଣୀୟ ଯୁବକଙ୍କୁ ନିୟୋଜିତ କରି ତାଙ୍କୁ ଆକ୍ରମଣ ତଥା ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ସେ ସୂଚନା ପାଇଥିବା ଏସ୍‌ପିଙ୍କୁ ଅବଗତ କରାଇଛନ୍ତି ସଞ୍ଜୀବ। ତାଙ୍କ ଅଭିଯୋଗ ଏକ୍ସ ସମେତ ବିଭିନ୍ନ ଗଣମାଧ୍ୟମେ ପ୍ରକାଶ ପାଇବା ଯୋଗୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଫଳରେ ଭ୍ରଷ୍ଟାଚାରୀ ତଥା ଅସାମାଜିକ ବ୍ୟକ୍ତିମାନଙ୍କ ବେଆଇନ ଅର୍ଥ ଉପାର୍ଜନ ତଥା ଜମି ହଡ଼ପ ବାଧକ ହେଉଥିବାରୁ ସେମାନେ ତାଙ୍କୁ ଆକ୍ରମଣ ତଥା ହତ୍ୟା କରି ରାସ୍ତାରୁ ହଟାଇଦେବାକୁ ଯୋଜନା କରୁଥିବା ଏସ୍‌ପିଙ୍କୁ ଜଣାଇଛନ୍ତି। ତେଣୁ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ।

## ବିନୋବା ଥିଲେ ଭୂମିହୀନଙ୍କ ବନ୍ଧୁ

ପୁରୀ,୧୧।୯ (ସମିସ): ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟ ନଗରଠାରେ ଗୁରୁବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଯୋଗଦେଇ କହିଲେ, ବିନୋବା ଭୂଦାନ ଆନ୍ଦୋଳନ ମାଧ୍ୟମରେ ଭାରତ ସାରା ପଦଯାତ୍ରା କରିବା ସହ ଭୂମି ମାଲିକଙ୍କଠାରୁ ଅବ୍ୟବହୃତ ଜମି ସଂଗ୍ରହ କରି ସେହି ଅଞ୍ଚଳର ଭୂମିହୀନଙ୍କୁ ଦାନ କରୁଥିଲେ। ସେ ଥିଲେ ଆର୍ଥିକ ସମତା ଓ ସମାଜବାଦୀ ସମାଜର ଅଗ୍ରଦୂତ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ପରିଷଦ ପକ୍ଷରୁ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ. କାର୍ତ୍ତିକ କୁମାର ଦାସ, ଅଶୋକ କୁମାର ମିଶ୍ର, ପ୍ରାକ୍ତନ ପୁଲିସ ଅଧିକାରୀ କୃପାସିନ୍ଧୁ ରାଉତରାୟ, ରାଜକିଶୋର ମହାନ୍ତି, ଶଙ୍କର ବାରିକ, ସର୍ବୋଦୟ ନଗର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

**ବ୍ଲକିଂ, ଚେକିଂ ଜୋର୍‌ଦାର କଲା ଜିଲ୍ଲା ପୁଲିସ୍**

## ୨୪ ଘଣ୍ଟାରେ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ

ପୁରୀ,୧୧।୯ (ସମିସ): ଆଗକୁ ଆସୁଛି ପାର୍ବଣ ଋତୁ। ପାର୍ବଣ ଋତୁରେ ଅପରାଧୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ରାତିରେ ନାକାବନ୍ଦୀ ଆରମ୍ଭ ହୋଇଛି। ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ କରାଯାଇଛି। ପୁରୀକୁ ଶାନ୍ତିପୂର୍ଣ୍ଣ ଓ ପର୍ଯ୍ୟଟକ, ସାଧାରଣ ଲୋକଙ୍କୁ ସୁରକ୍ଷିତ ଓ ନିରାପତ୍ତା ଯୋଗାଇଦେବା ପାଇଁ ପୁରୀ ପୁଲିସ ଏହି ଅଭିଯାନ ଜାରି ରଖିଥିବାବେଳେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ନୂଆ ଏସ୍‌ପିଙ୍କ ଯୋଗଦାନ ପରେ ଏବେ ଆକ୍ସନମୋଡ୍‌କୁ ଆସିଛି ପୁରୀ ପୁଲିସ। ଜିଲ୍ଲାବ୍ୟାପୀ ପୁଲିସ ବ୍ୟବସ୍ଥାକୁ ଚଳଚଞ୍ଚଳ କରାଯାଇଥିବା ବେଳେ ଅପରାଧୀମାନେ ମଧ୍ୟ ପୁଲିସର ଆଭିମୁଖ୍ୟକୁ ଦେଖି ଛାନିଆଁ ହେଲେଣି। ତେବେ ଏହାରି ଭିତରେ ଗାଡ଼ି ମୋଟର ଚେକିଂକୁ ବି ଜୋର୍‌ଦାର କରାଯାଉଛି। ପୁରୀ ସହର ମଧ୍ୟରେ ବିଶେଷକରି ଅଟୋଗୁଡ଼ିକ ଯେଉଁଭଳି ଭାବେ ଅବ୍ୟବସ୍ଥିତ ଢଙ୍ଗରେ ଚଳାଚଳ କରୁଛନ୍ତି ସେଥିପାଇଁ ପୁଲିସ ପକ୍ଷରୁ ଧରପଗଡ଼ ଚାଲିଛି। ବେଆଇନ ଗାଡ଼ିମୋଟର ଚଳାଚଳ ଏବଂ ପାର୍କିଂ କରିବା ଆଦି ବିଭିନ୍ନ କାରଣ ପାଇଁ ଗତ ୨୪ ଘଣ୍ଟାରେ ପୁଲିସ ଚାଳକଙ୍କଠାରୁ ଆଦାୟ କରିଛି ୫ ଲକ୍ଷ ୧୬ ହଜାର ଟଙ୍କା ଜରିମାନା। ସହରର ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ନାକା ଯାଞ୍ଚ ଓ ବ୍ଲକିଂ ସମୟରେ ଏହି ଜରିମାନା ଆଦାୟ କରାଯାଇଛି। ଟାଉନ ଥାନା ଅଞ୍ଚଳରୁ ସର୍ବାଧିକ ୧ଲକ୍ଷ ୪୦ ହଜାର ଟଙ୍କା, ଟ୍ରାଫିକ୍ ଥାନା ୯୬ ହଜାର ଟଙ୍କା, ତାଳବଣିଆ ଥାନା ୭୦ହଜାର, କୁମ୍ଭାରପଡ଼ା ଥାନା ୬୧ ହଜାର ଟଙ୍କା, ସମୁଦ୍ରକୂଳ ଥାନା ୪୭ ହଜାର ଟଙ୍କା, ବାସେଳିସାହି ଥାନା ୪୦ ହଜାର ଟଙ୍କା ଏବଂ ବଳିଆପଣ୍ଡା ଥାନା ଅଞ୍ଚଳରୁ ୨୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ପୁରୀକୁ ଆସୁଥିବା ପର୍ଯ୍ୟଟକ ଏବଂ ସହରବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପୁଲିସ ତା'ର ଅଭିଯାନକୁ ଆଗକୁ ଆହୁରି କଡ଼ାକଡ଼ି କରିବ ବୋଲି ସୂଚନା ଦେଇଛି।



## ଚୋରି ଦେଖିଦେବାରୁ ପରିବା ଦୋକାନୀଙ୍କୁ ଆକ୍ରମଣ

ପୁରୀ, ୧୧।୯ (ସମିସ): ଚୋରି ଦେଖିଦେବାରୁ ଜଣେ ପରିବା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ପରିବା ଦୋକାନୀ ହେଲେ ଚୁଡ଼ଙ୍ଗସାହି ମଧୁବନର ସୁକାନ୍ତ ଦାସ। ଏହି ଘଟଣାରେ ଟାଉନ ଥାନା ପୁଲିସ ଜଣେ ନାବାଳକକୁ କାବୁ କରିଥିବାବେଳେ ଅନ୍ୟ ୨ ଜଣ ନାବାଳକ ଫେରାର୍ ଅଛନ୍ତି। ଅଭିଯୁକ୍ତ ନାବାଳକଠାରୁ ପୁଲିସ ଏକ ଜିଆଇ ପାଇପ୍‌ରେ ସଂଯୁକ୍ତ ସାଇକଲ୍ କ୍ରାଙ୍କ ଜବତ କରିଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ସୁକାନ୍ତ ତାଙ୍କ ପରିବା ଦୋକାନ ବନ୍ଦ କରି ଜଗନ୍ନାଥ ବଲ୍ଲଭ ମଠ ପଛପାଖର୍ ଦେଇ ଘରକୁ ଯାଉଥିଲେ। ଏହି ସମୟରେ ୩ ଜଣ ନାବାଳକ ଏକ କ୍ୟାବିନ୍ ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହାଦେଖି ସୁକାନ୍ତ ସେମାନଙ୍କୁ ବାରଣ କରିଥିଲେ। ହେଲେ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ସୁକାନ୍ତଙ୍କୁ ଜିଆଇ ପାଇପ୍ ସଂଯୁକ୍ତ ସାଇକଲ କ୍ରାଙ୍କ୍‌ରେ ଆକ୍ରମଣ କରିଥିଲେ। ତାଙ୍କ ବାମ ହାତରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସୁକାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା (ନଂ.୪୩୯/୨୫) ରୁଜୁ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଣେ ନାବାଳକକୁ ଧରିବାକୁ ସଫଳ ହୋଇଥିଲା। ଗୁରୁବାର ତାକୁ ଜେଜେବିରେ ହାଜର କରାଯାଇଥିବାବେଳେ ଅନ୍ୟ ୨ ନାବାଳକଙ୍କୁ ଖୁବ୍‌ଶୀଘ୍ର ଧରାଯିବ। ଏହି ଘଟଣାରେ ଅନ୍ୟ କାହାର ହାତ ରହିଛି ତାଙ୍କୁ ଧରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୧।୯ (ସମିସ): ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟା ୧୦ରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୫ଟା ୫୦ରେ ସନ୍ଧ୍ୟା ଆଳତି ବଢ଼ିଥିଲା। ସନ୍ଧ୍ୟା ୬ଟାରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପୁରୀରୁ ଅପହୃତ ନାବାଳିକା ଆନ୍ଧ୍ରରୁ ଉଦ୍ଧାର

ପୁରୀ,୧୧।୯ (ସମିସ): ପୁରୀରୁ ନିଖୋଜ ଜଣେ ନାବାଳିକାକୁ ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରିଛି ପୁରୀ ପୁଲିସ। ଅଭିଯୋଗ ଅନୁଯାୟୀ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମ ମନ୍ଦିର ନିକଟରୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ଝିଅକୁ କେହି ଅପହରଣ କରିଥିବା ପରିବାର ପକ୍ଷରୁ କିଛିଦିନ ପୂର୍ବରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏହାକୁ ଗୁରୁତ୍ୱର ସହ ନେଇଥିଲା ପୁଲିସ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୩୩/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ମୋବାଇଲ କଲ୍ ରେକର୍ଡିଂ ଏବଂ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିବା ପରେ ପୁଲିସର ଏକ ୪ ଜଣିଆ ଟିମ୍ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେଠାରୁ ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁରୀ ଫେରୁଛନ୍ତି। ନାବାଳିକା ପୁରୀରେ ପହଞ୍ଚିବା ପରେ ତାକୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯିବ।

ଏହାପରେ ତାଙ୍କ ପରିବାର ଲୋକଙ୍କୁ ନାବାଳିକାକୁ ହସ୍ତାନ୍ତର କରାଯିବ। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ପୁରୀ ପୁଲିସ ସର୍ବଦା ମହିଳା, ଶିଶୁଙ୍କ ସୁରକ୍ଷା ପ୍ରତି ସଚେତନ ଓ ସତର୍କ ରହିଛି। କୌଣସି ପ୍ରକାର ଚାଲାଣ, ଶୋଷଣ ବା ଅପରାଧିକ କାର୍ଯ୍ୟକଳାପ ସହିତ ଜଡ଼ିତ ବ୍ୟକ୍ତିଙ୍କୁ ଆଦୌ ଛଡ଼ାଯିବ ନାହିଁ। ଯଦି ନାବାଳିକା, ମହିଳାଙ୍କ ପ୍ରତି କେହି ବ୍ୟକ୍ତି କିଛି ସନ୍ଦେହଜନକ କାର୍ଯ୍ୟକଳାପ କରିବାର ନଜରକୁ ଆସୁଛି ତେବେ ପୁଲିସକୁ ସୂଚନା ଦେବା ପାଇଁ ଏସ୍‌ପି ଶ୍ରୀ ସିଂ କହିଛନ୍ତି।

## ଆମେ ଭିନ୍ନ-ଅନନ୍ୟ ; ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ

୧୯୯୯ ମସିହାରେ କଟକରେ ଏକ ଛୋଟ କୋଠରୀରେ ଆରମ୍ଭ ହୋଇଥିବା ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଆଜି ପରିଣତ ହୋଇଛି ବିଶାଳ ଅନୁଷ୍ଠାନରେ । ସେହି ଅନୁଷ୍ଠାନ ହେଉଛି ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ । ସାମ୍ପ୍ରତିକ ଆବାସିକ ଓ ଦିବାଧ୍ୟାୟୀ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଗ୍ରୁପ୍‌ର ଶିକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ, ସ୍ୱତନ୍ତ୍ର ଓ ଅନନ୍ୟ । ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନଟି ଦ୍ୱିତୀୟ ଗୃହ ଅର୍ଥାତ୍ 'ହୋମ୍ ଫାର୍ ଫ୍ରମ୍ ହୋମ୍' । ସମନ୍ୱିତ ଶିକ୍ଷଣ ବ୍ୟବସ୍ଥା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶ ଓ ଆନ୍ତରିକ ପରିବେଶ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଏକ ଭିନ୍ନ ଶିକ୍ଷାନୁଷ୍ଠାନର ପରିଚୟ ଦେଇଛି । ଏ ସଂକ୍ରାନ୍ତରେ ଶିକ୍ଷା ପ୍ରତିଷ୍ଠାନ ସମୂହର ଅଧ୍ୟକ୍ଷ ଦେବଦତ୍ତ ସ୍ୱାଇଁଙ୍କ ସହ ଆନ୍ତରିକ ବାର୍ତ୍ତାଳାପ...



**ଶ୍ରୀ ଦେବଦତ୍ତ ସ୍ୱାଇଁ**
ଅଧ୍ୟକ୍ଷ
ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ

**୧. କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

- ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି । ତରୁଣମାନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅତୁଟ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା । ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା ।

**୨. ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

- ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ। ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ । ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍‌ଡ୍ ଲର୍ଣ୍ଣିଂ, କ୍ୱିଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ । ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ ।

**୩. ଆପଣଙ୍କ ଇନଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

- ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାନ ଦେଉଛୁ । ଆମର ଫରକ୍ ହେଉଛି ଏକ 'ହୋଲିଷ୍ଟିକ୍ ଆପ୍ରୋଚ୍' । ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ । ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ ।

**୪. କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

- କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି । ଏହା ଏକ ଷ୍ଟାଣ୍ଡାର୍ଡାଇଜଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ । ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ । ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ ।

**୫. ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

- ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ' । ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ । ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ । ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ ।

**୬. ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

- ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ । ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ଣ୍ଣିଂ ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ । ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପ୍ୟୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ । ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ । ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି ।

**୭. ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଇଛନ୍ତି?**

- ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି । ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ । ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ ।

**୮. କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

- PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ । AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭ ଇଣ୍ଟରନେଟ୍ ଆବଶ୍ୟକ । ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ । ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ ।

**୯. ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍ଟ୍ ଆଶାତୀତ, ଏ ବିଷୟରେ କଣ କହିବେ?**

- ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାୟ ଦେଇଆସିଛୁ । ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ। ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱଚ୍ଛଭାବେ ଭଲ ହୋଇଆସୁଛି ।

**୧୦. ଚଳିତ ବର୍ଷ ଆପଣଙ୍କ ଇନଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍ପର, ଏ ଶ୍ରେୟ କାହାକୁ ଦେବେ?**

- ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ । ଏହା ଏକ ସାମୂହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ ।

**୧୧. ବିଭିନ୍ନ ଘରୋଇ କଲେଜରେ ଫାକ୍ଲଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

- ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ । ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖି ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍ । ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ ( Faculty-Student Ratio) ବଜାୟ ରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ ।

**୧୨. ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

- ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ୱଚ୍ଛ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ । ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି । ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ । ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ ।

**୧୩. ରାଜ୍ୟର ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି । ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

- ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟ ଅସ୍ତିତ୍ୱହୀନ । ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ । ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ । କୌଣସି ପ୍ରକାରର ଉତ୍ପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ ।

**୧୪. ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

- 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ । ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ । ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ । ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

**୧୫. ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ ରଖିଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

- କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି । କେବଳ ଏକାଡେମିକ୍ ମାର୍କ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ । ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ । ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ । ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି ।

**୧୬. ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

- ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି । ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ସିବିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି । ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

**୧୭. ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

- ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ । କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର । ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି । ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ।

**୧୮. ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

- ଅଭିଭାବକମାନେ ଆମର ଅଭିନ୍ନ ଅଂଶ । ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ହୋଇନଥାନ୍ତା । ଅଭିଭାବକଙ୍କର ଭୂମିକା କେବଳ ଫି ଦେବାରେ ସୀମିତ ନୁହେଁ । ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ । ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ ।

**୧୯. ଅଧ୍ୟକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

- ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା । ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ । ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

**୨୦. ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ? ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍**

- ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କରାଇ ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ । ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିସ୍ମୃତ ହୁଅ ନାହିଁ । ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ । ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ ।



## ଭୁବନେଶ୍ୱର ସିଟି

### 'ଜାତୀୟ ସ୍ୱଚ୍ଛ ବାୟୁ ସହର-୨୦୨୪'

# ସାରା ଭାରତରେ ବିଏମ୍ସି ଚତୁର୍ଥ

ଭୁବନେଶ୍ୱର, ୧୧।୯ (ସମିସ): ସର୍ବ ଭାରତୀୟ ସ୍ତରରେ ବିଏମ୍ସିକୁ ମିଳିଲା ଆଉ ଏକ ସମ୍ମାନ। ଜାତୀୟ ସ୍ୱଚ୍ଛ ବାୟୁ ସହର ଭାବେ ଚତୁର୍ଥ ସ୍ଥାନ ହାସଲ କରିଛି ବିଏମ୍ସି। 'ସ୍ୱଚ୍ଛ ବାୟୁ ସର୍ବେକ୍ଷଣ-୨୦୨୪'ର ମୂଲ୍ୟାଙ୍କନରେ ବିଏମ୍ସି ଏହି ସମ୍ମାନର ଅଧିକାରୀ ହୋଇଛି। ଦ୍ୱିତୀୟ ବର୍ଗ ବା ୩ରୁ ୧୦ ଲକ୍ଷ ଜନ ସଂଖ୍ୟା ସହର ମଧ୍ୟରେ ଭୁବନେଶ୍ୱର ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଛି। ଦେଶର ମୋଟ ୧୩୦ଟି ସହର ଏହି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ସହରାଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଥିଲା।

ପ୍ରଥମ ବର୍ଗ-୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ, ଦ୍ୱିତୀୟ ବର୍ଗ-୩ରୁ ୧୦ ଲକ୍ଷ ଜନସଂଖ୍ୟା ଏବଂ ତୃତୀୟ ବର୍ଗରେ-୩ ଲକ୍ଷ ପର୍ଯ୍ୟନ୍ତ ଜନସଂଖ୍ୟା ବିଶିଷ୍ଟ ସହରକୁ ନିଆଯାଇଥିଲା। ୨୦୧୧ ଜନ ଗଣନା ଆଧାରରେ ଏହି ବର୍ଗିକରଣ କରାଯାଇଥିଲା। ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ସହରଗୁଡିକୁ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ମାନ୍ୟତା ପ୍ରଦାନ କରିଛନ୍ତି।




ରାଙ୍କିଙ୍ଗ କରିବା ପୂର୍ବରୁ ସମ୍ପୃକ୍ତ ମନ୍ତ୍ରଣାଳୟ ବିଭିନ୍ନ ଦିଗ ଯଥା-ରାସ୍ତାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପକ୍କା କରିବା, ଯାନ୍ତ୍ରିକ ସଫେଇକୁ ପ୍ରୋତ୍ସାହିତ କରିବା, ପୁରୁଣା ବର୍ଜ୍ୟବସ୍ତୁଗୁଡିକର ଜୈବ ପ୍ରତିକାର କରିବା, ସିଆଣ୍ଡି ଏବଂ କଠିନ ବର୍ଜ୍ୟ ପରିଚାଳନା, ଡମ୍ପ ସାଇଟର ପୁନରୁଦ୍ଧାର ହୋଇଥିବା ଭୂମିରୁ ନଗର ବାଟିକା, ଗ୍ରୀନବେଲ୍ଟ ବିକାଶ, ବୌଦ୍ଧିକ ଟ୍ରାଫିକ୍ ପରିଚାଳନନା ବ୍ୟବସ୍ଥା, ମିଆଓ୍ୱାକି ଜଙ୍ଗଲ, ଶିଳ୍ପରେ ସ୍ୱଚ୍ଛ ଇନ୍ଧନ ପରିବର୍ତ୍ତନ ଆଦିକୁ ତର୍ଜମା କରାଯାଇଥିଲା। ସ୍ୱଚ୍ଛ ବାୟୁ ପାଇଁ ଜାତୀୟ ମିଶନର ଏକ ଅଂଶ ଏବଂ ପ୍ରତିବର୍ଷ ସେପ୍ଟେମ୍ବର ୭ ରେ ନୀଳ ଆକାଶ ପାଇଁ ଆନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନରେ ଏହି ସମ୍ମାନ ପ୍ରଦାନ କରାଯାଏ। ୟୁଏଲବି ଦ୍ୱାରା ଦାଖଲ ହୋଇଥିବା ସହାୟକ ଡକ୍ୟୁମେଣ୍ଟ ସହିତ ସ୍ୱ-ମୂଲ୍ୟାଙ୍କନ ରିପୋର୍ଟ ଦାଖଲ କରିବା ଆଧାରରେ ମୂଲ୍ୟାଙ୍କନ କରାଯାଏ। ରିପୋର୍ଟ ଏବଂ ଡକ୍ୟୁମେଣ୍ଟଗୁଡିକ ପରିବେଶ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବାୟୁର ଗୁଣବତ୍ତା ମନିଟରିଂ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ। ପରିବେଶ ଓ ପରିବେଶ ମନ୍ତ୍ରଣାଳୟ ଏବଂ ସିସି ନିର୍ଦ୍ଦେଶାବଳୀରେ ଦିଆଯାଇଥିବା ମୂଲ୍ୟାଙ୍କନ ଢାଞ୍ଚା ଆଧାରରେ ସିପିସିବି ଦ୍ୱାରା ରାଙ୍କିଙ୍ଗ ପାଇଁ ଅଧିକ ଯାଞ୍ଚ ଏବଂ ମୂଲ୍ୟାଙ୍କନ କରାଯାଇଥାଏ।

ପ୍ରତିବର୍ଷ ଗ୍ରହଣ କରାଯାଉଥିବା ଏବଂ ପୂର୍ବ ଆର୍ଥିକ ବର୍ଷର ଅବଧି ଅର୍ଥାତ ୧ ଏପ୍ରିଲରୁ ୩୧ ମାର୍ଚ୍ଚ ପାଇଁ ଦାଖଲ ହୋଇଥିବା ମୂଲ୍ୟାଙ୍କନକୁ ଆଧାର କରି ସହରଗୁଡିକ ରାଙ୍କିଙ୍ଗ କରାଯାଏ। ଏହି ରାଙ୍କିଙ୍ଗ ପ୍ରକ୍ରିୟାରେ ଭୁବନେଶ୍ୱର ମହାନଗରନିଗମ ଚତୁର୍ଥସ୍ଥାନ ଅଧିକାର କରିଥିବାବେଳେ ଅମରାବତୀ ପ୍ରଥମ, ମୋରଦାବାଦ ଓ ଝାନ୍ସି ଦ୍ୱିତୀୟ ଏବଂ ଅଲ୍ୱାର ତୃତୀୟ ସ୍ଥାନ ହାସଲ କରିଛି। ବିଏମ୍ସିକୁ ଏହି ସମ୍ମାନ ମିଳିବା ପରେ ମେୟର, ଡେପୁଟି ମେୟର, କମିସନର, ସମସ୍ତ ଷ୍ଟାଣ୍ଡିଂ କମିଟର ଅଧ୍ୟକ୍ଷ, ଅଧ୍ୟକ୍ଷା, କର୍ପୋରେଟର, ବିଏମ୍ସି ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଏକ ଉତ୍ସାହର ମାହୋଲ ସୃଷ୍ଟି ହୋଇଛି।

## ଜିନ୍ଦଲ ଷ୍ଟେନଲେସର ଲକ୍ଷ୍ମୀ ମୁର୍ମୁଙ୍କୁ ଆଇଏସ୍ଏ ଜେଣ୍ଡର ଡାଇଭର୍ସିଟି ପୁରସ୍କାର



ଭୁବନେଶ୍ୱର,୧୧।୯ (ସମିସ): ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ୍ (ଆଇଏସଏ) ପକ୍ଷରୁ ଜିନ୍ଦଲ୍ ଷ୍ଟେନଲେସର ଯାଜପୁର ପ୍ଲାଣ୍ଟର ଲକ୍ଷ୍ମୀ ମୁର୍ମୁଙ୍କୁ ପ୍ରତିଷ୍ଠିତ ଜେଣ୍ଡର ଡାଇଭର୍ସିଟି ପୁରସ୍କାର ୨୦୨୫ ପ୍ରଦାନ କରାଯାଇଛି। ଚଳିତ ସପ୍ତାହରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଏସଏ ଷ୍ଟିଲ୍ କନକ୍ଲେଭର ଷଷ୍ଠ ସଂସ୍କରଣର କେନ୍ଦ୍ର ଭାରୀ ଶିଳ୍ପ ଏବଂ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀମତୀ ମୁର୍ମୁଙ୍କୁ ତାଙ୍କର ନେତୃତ୍ୱ, ସମାବେଶୀ ଭାବଧାରା ଏବଂ ମାନୁଫ୍ୟାକ୍ଚରିଂ ପ୍ଲାଣ୍ଟରେ ସମାନ କାର୍ଯ୍ୟସ୍ଥଳ ଗଢ଼ିବାରେ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଲକ୍ଷ୍ମୀ ମୁର୍ମୁ ଗତ ସାତ ବର୍ଷ ଧରି ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ସହିତ କାମ କରୁଛନ୍ତି। ତାଙ୍କର ଦୃଢ଼ ମନୋବଳ ଏବଂ ଶିଖିବା ଦିଗରେ ପ୍ରତିବଦ୍ଧତା ଯୋଗୁଁ ସେ ଏକ୍ସକାଭେଟର, ଜେସିବି, କ୍ରେନ୍ ଏବଂ ଫୋର୍କଲିଫ୍ଟ ଭଳି ଭାରୀ ଯନ୍ତ୍ରପାତି ପରିଚାଳନା କରିପାରୁଛନ୍ତି, ଯେଉଁଥିରେ ଉତ୍ପାଦନ ଶିଳ୍ପରେ ମହିଳାମାନଙ୍କୁ ଏଭଳି ସୁଯୋଗ ବହୁତ କମ୍ ମିଳେ।

## ତ୍ରିଲୋଚନ କାନୁନଗୋ ପ୍ରଥମ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୧୧।୯ (ସମିସ): ତ୍ରିଲୋଚନ କାନୁନଗୋ ଗତ ସାତ ଦଶନ୍ଧି ଧରି ଥିଲେ ଜଣେ ପ୍ରତିବଦ୍ଧତା ସମ୍ପୂର୍ଣ୍ଣ ଜନନେତା। ବିଭିନ୍ନ ସମୟରେ କଟକ ମ୍ୟୁନିସିପାଲଟିର ଅଧ୍ୟକ୍ଷ, ବିଧାୟକ ଓ ସାଂସଦ ଭାବରେ ସଧାରଣ ମଣିଷ, ଦେଶ ଓ ରାଜ୍ୟ ପାଇଁ ସଦା ସମର୍ପିତ ତାଙ୍କର କାର୍ଯ୍ୟଧାରା ଥିଲା ସମ୍ପୂର୍ଣ୍ଣ ନିଆରା ଓ ଲୋକାଭିମୁଖୀ। କଟକ ମ୍ୟୁନିସିପାଲିଟିର ପ୍ରଥମ ନିର୍ବାଚିତ ଚେୟାରମ୍ୟାନ, ବିଧାୟକ ଓ ସାଂସଦ ଭାବରେ ସେ ଜନଗଣଙ୍କ ହିତ ଓ ରାଜ୍ୟର ସ୍ୱାର୍ଥରେ ଅନେକ କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ଭଳି ଜଣେ ସମର୍ପିତ ବ୍ୟକ୍ତିତ୍ୟଙ୍କ କର୍ଯ୍ୟଶୈଳୀକୁ ଆଗାମୀ ପିଢି ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଗଠିତ ହୋଇଛି ଜନନେତା ତ୍ରିଲୋଚନ କାନୁନଗୋ ସ୍ମୃତି କମିଟି। ଏହି କମିଟି ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୨ ତାରିଖ ସନ୍ଧ୍ୟା ୫ ଘଟିକା ୩୦ ମିନିଟ ସମୟରେ ଭୁବନେଶ୍ୱର ଏଜି ଛକ ନିକଟସ୍ଥ ଜୟଦେବ ଭବନ ସଭା କକ୍ଷରେ ପ୍ରଥମ ତ୍ରିଲୋଚନ କାନୁନଗୋ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହେବ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପ୍ରଶିକ୍ଷଣ



ଭୁବନେଶ୍ୱର, ୧୧।୯ (ସମିସ): ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସେପ୍ଟମ୍ବର ୮ ତାରିଖରୁ ଆରମ୍ଭ ହୋଇଥିବା ଆୟୋଜିତ 'ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପ୍ରଶିକ୍ଷଣ' କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୫ଟି ବିଭାଗରୁ ୧୫୦ ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ, ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଅନନ୍ୟା ତ୍ରିପାଠୀ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ ପକ୍ଷରୁ ଆତ୍ମହତ୍ୟା ନିରାକରଣ ସଚେତନତା

ଭୁବନେଶ୍ୱର, ୧୧।୯ (ସମିସ): ବିଶ୍ୱ ଆତ୍ମହତ୍ୟା ନିରାକରଣ ଦିବସ ଉପଲକ୍ଷେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହସ୍ପିଟାଲ୍ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାରଙ୍କ ଉପସ୍ଥିତିରେ ମାନସିକ ରୋଗ ବିଭାଗ ପକ୍ଷରୁ ଏକ ବିଶାଳ ସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ମେଡିକାଲ୍ କଲେଜର ଡିନ୍ ଇନ୍ଚାର୍ଜ ପ୍ରଫେସର ସୌମ୍ୟରଞ୍ଜନ ଦାଶ, ମାନସିକ ବିଭାଗର ମୁଖ୍ୟ ପ୍ରଫେସର ଡ. ସୁରଜିତ ସାହୁ ଛାତ୍ରଛାତ୍ରୀମାନଙ୍କୁ ଆତ୍ମହତ୍ୟା ନ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ଏମ୍ବିବିଏସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଓ ଆତ୍ମହତ୍ୟା ନିରାକରଣ ସମ୍ପର୍କିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେବା ସହ ଓ ଛତ୍ରେଛାତ୍ରୀଙ୍କ ଦ୍ୱାରା ନାଟକ ପରିବେଷିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅଭିନେତ୍ରୀ ଡ. ଭୂମିକା ଦାଶ, ଏମ୍ବିବିଏସ୍ ଛାତ୍ର ତଥା ଅଭିନେତା ଲୋହିତ ଅକ୍ଷୟ ପଟ୍ଟନାୟକ ପ୍ରମୁଖ ମାନସିକ ଅବସାଦ ସମ୍ପର୍କିତ ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ନିର୍ଲିପ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ପ୍ରଫେସର ଶୁଭେନ୍ଦୁ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ସଂସ୍କୃତି ବିଚିତ୍ରା'ରେ 'ରାଜା ଇଡିପସ୍' ମଞ୍ଚସ୍ଥ



ଭୁବନେଶ୍ୱର, ୧୧।୯ (ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା'ରେ ନାଟକ 'ରାଜା ଇଡିପସ୍' ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ଗ୍ରୀକ୍ ନାଟ୍ୟକାର ସଫୋକ୍ଲିସ୍ଙ୍କ ଗ୍ରୀକ୍ କଥାବସ୍ତୁ ଉପରେ ଆଧାରିତ ମୂଳରଚନା ତଥା କୁଞ୍ଜ ରାଏଙ୍କ ଓଡିଆ ଅନୁବାଦିତ ଏହି ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱବିଦ୍ୟାଳୟର ନାଟକ ବିଭାଗ ଅଧ୍ୟାପକ ଦେବବ୍ରତ ପଟ୍ଟନାୟକ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ କୁଳସଚିବ ଅନାମିକା ଅଧିକାରୀଙ୍କ ସମେତ ବିଶିଷ୍ଟ ବାଗ୍ମୀ ଓ ସମାଜସେବୀ ଗୋଲକ ପ୍ରସାଦ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଲାଲ ବିରେନ୍ ପ୍ରସାଦ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ରହସ୍ୟ ଓ ରୋମାଞ୍ଚଭରା ମୂଳ ଗ୍ରୀକ୍ ରଚନାରୁ ଆଦୃତ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ଓ ଗଜେନ୍ଦ୍ର ନାୟକଙ୍କ ଦିଗ୍ଦର୍ଶନରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକର ଓଡିଆ ରୂପାନ୍ତରରେ କଳାକାର ଭାବେ ଚନ୍ଦ୍ରଶେଖର ରଣସିଂହ, ବିଷ୍ଣୁପଦ ପଣ୍ଡା, ରାକେଶ କୁମାର ଚାନ୍ଦ, ସାଇସ୍ୱରୂପ ଦେ, ସିଦ୍ଧାନ୍ତ ବଳିୟାରସିଂ, ରାକେଶ କୁମାର ସାହୁ, ଦେବପ୍ରସାଦ ପଣ୍ଡା, କାଜଲ ରାନୀ, ବିଜୟ ସାହୁ, ବର୍ଷା ପାଣି, ଶୁଭଲକ୍ଷ୍ମୀ ରାଉତରାୟ, ଏରିନା ମଞ୍ଜରୀ ମଲ୍ଲିକ, ଦିବ୍ୟାଂସି ମହାନ୍ତି, ଲୋହିତାକ୍ଷ ବେହେରା ଓ ଦେବାଂଶୀ ପଟ୍ଟନାୟକ ପ୍ରମୁଖ ଅଭିନୟ ପ୍ରଦର୍ଶନ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଥିବା ବେଳେ ହିମାଂଶୁ ଶେଖର ବେହେରା ଓ ପ୍ରଜ୍ଞାଦତ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଅଧ୍ୟାପକ ଡ. ଜ୍ଞାନ ରଞ୍ଜନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଦୁଗ୍ଧରେ ଅପମିଶ୍ରଣ ରୋକିବାକୁ ଦାବିକଲେ ଦୁଗ୍ଧଚାଷୀ

ଭୁବନେଶ୍ୱର, ୧୧।୯ (ସମିସ): ପାର୍ବଣ ଋତୁକୁ ଆଖି ଆଗରେ ରଖି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଅପମିଶ୍ରଣ ରୋକିବା ପାଇଁ ଦୃଢ ପଦକ୍ଷେପ ଦାବି କରିଛି ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ। ବିଭିନ୍ନ ମୁନ୍ସିପାଲିଟି ଓ କର୍ପୋରେସନ, ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀ, ମିଷ୍ଟାନ୍ନ ଭଣ୍ଡାର ମାଲିକ ଓ ଦୁଗ୍ଧ ଚାଷୀମାନଙ୍କର ମିଳିତ ବୈଠକ କରାଯାଇ ଏ ଦିଗରେ ଏକ ପଦକ୍ଷେପ ନିଆଯାଉ। ପାର୍ବଣ ଋତୁକୁ ଆଖି ଆଗରେ ରଖି ଅସାଧୁ ବେପାରୀମାନେ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ଅପମିଶ୍ରଣ କରି ବଜାରକୁ ଛାଡିବାର ଆଶଙ୍କା ରହିଛି। ତେଣୁ ଏହି ଅପମିଶ୍ରଣକାରୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଦାବି କରିଛନ୍ତି। କଟକ ଜିଲ୍ଲା ଗୁରୁଦିଝଟିଆ ଠାରେ କ୍ଷୀର ଅପମିଶ୍ରଣରେ ସମ୍ପୃକ୍ତ ଟ୍ୟାଙ୍କର ଡ୍ରାଇଭର ଓ ଅନ୍ୟ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯାଉ। ଯେଉଁ କମ୍ପାନୀକୁ ଟ୍ୟାଙ୍କରରେ ସମ୍ବଲପୁରରୁ କ୍ଷୀର ଆସୁଥିଲା ସେ କମ୍ପାନୀର ଲାଇସେନ୍ସ ବାତିଲ କରିବାକୁ ଓଡ଼ିଶା ଦୁଗ୍ଧ ଚାଷୀ ମହାସଂଘ ପକ୍ଷରୁ ଦାବି କରାଯାଇଛି।

## ସରକାରଙ୍କ ଉଦ୍ଦେଶ୍ୟରେ ଗ୍ରାମରକ୍ଷୀ ମହାସଙ୍ଘର ସ୍ମାରକପତ୍ର

ଭୁବନେଶ୍ୱର, ୧୧।୯ (ସମିସ): ନିଖିଳ ଓଡ଼ିଶା ଗ୍ରାମରକ୍ଷୀ ମହାସଙ୍ଘ ପକ୍ଷରୁ ସଭାପତି ପାଗଳ ଜେନା, ସମ୍ପାଦକ ସଞ୍ଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ, ଓଡ଼ିଶା ନାଗରିକ ମହାମଞ୍ଚ ଓ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ମହାସଂଘର ବିଭିନ୍ନ ଦାବି ସମ୍ପର୍କରେ ଅବଗତ କରାଇବା ସହିତ ଏକ ସ୍ମାରକପତ୍ର ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ ସେମାନଙ୍କୁ ସରକାରୀ କର୍ମଚାରୀ ଭାବେ ମାନ୍ୟତା ମିଳିଥିଲେ ବି ପ୍ରକୃତ ଚାକିରି ସର୍ତ୍ତାବଳୀ, ବିଭିନ୍ନ ଯୋଜନାରୁ ବଞ୍ଚିତ କରିବା, ଦରମାକୁ ୧୮, ୦୦୦କୁ ବୃଦ୍ଧି କରିବା ଆଦି ଦାବିକୁ ସଠିକ ଭାବେ ଉପସ୍ଥାପିତ କରିବା ସମ୍ପର୍କରେ ଆଗାମୀ ବିଧାନସଭାରେ ଦାବି ଉଭୟ ସରକାର ଓ ବିରୋଧୀ ଦଳର ବିଧାୟକଙ୍କୁ ଅବଗତ କରାଯିବା ନେଇ ଶ୍ରୀ ଶତପଥୀ ମତ ରଖିଥିଲେ। ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସମାଜସେବୀ କ୍ରାନ୍ତି କୁମାର ସକ୍ସେନା, ଦିବ୍ୟ, ସମାଜସେବୀକା ମାମାଲି ଦାସ, ସାମ୍ବାଦିକ ନବୀନ କୁମାର ଦାସ, ପ୍ରଶାନ୍ତଙ୍କ ସମେତ ଗ୍ରାମରକ୍ଷୀ ଉପସ୍ଥିତ ରହିଥିଲେ।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



ଭୁବନେଶ୍ୱର, ୧୧।୯ (ସମିସ): ପୂର୍ବରୁ ଅନେକ ସମୟରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ନିଜ କର୍ମ ଠାରୁ ଉର୍ଦ୍ଧ୍ୱକୁ ଯାଇ ମାନବିକତାର ପରିଚୟ ଦେଇଛନ୍ତି। ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଗୁଣପୁର ଡାକ୍ତରଖାନାରେ। ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟରେ ରକ୍ତହୀନତାରେ ପୀଡିତ ହୋଇ ଚିକିତ୍ସିତ ହେଉଥିବା ବବିତା ଗୁରୁବାରୀ ଜରୁରିକାଳୀନ ପରିସ୍ଥିତିରେ ଗୋଟିଏ ୟୁନିଟ ରକ୍ତ ଆବଶ୍ୟକ କରୁଥିଲେ। ଏହି ସମୟରେ ପଦ୍ମପୁର ଡାକ୍ତରଖାନାରୁ ଏକ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ ଗୁଣୁପୁର ଆସିଥିବାବେଳେ ବବିତାଙ୍କ ରକ୍ତ ଆବଶ୍ୟକତା ବିଷୟରେ ଜାଣିବାକୁ ପାଇଥିଲେ। ଏହି ଘଟଣା ଜାଣିବା ପରେ ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ବିନୋଦ କୁମାର ସାହୁକାର ତୁରନ୍ତ ସେହି ରୋଗୀଙ୍କ ପାଇଁ ଗୋଟିଏ ୟୁନିଟ ରକ୍ତଦାନ କରି ଏକ ମୂଲ୍ୟବାନ ଜୀବନ ବଞ୍ଚାଇଥିଲେ। ଉକ୍ତ ମାନବୀୟ କାର୍ଯ୍ୟ ପାଇଁ ରୋଗୀଙ୍କ ସମ୍ପର୍କୀୟ ତଥା ଡାକ୍ତରଖାନା କର୍ତ୍ତୃପକ୍ଷ ବିନୋଦଙ୍କୁ ସାଧୁବାଦ ଜଣାଇଛନ୍ତି।

## ଶିଶୁ ମନ୍ଦିରକୁ ପୋଷ୍ୟ ଭାବେ ଗ୍ରହଣ କଲା ରୋଟାରୀ କ୍ଲବ୍



ବଡ଼ରଘୁନାଥପୁର, ୧୧।୯ (ସମିସ): ରୋଟାରୀ କ୍ଲବ ଖାରବେଳ କଳିଙ୍ଗ ନଗର ପକ୍ଷରୁ ଭୋଲା ଗାଁ ଠାରେ ଅବସ୍ଥିତ ଆବାସିକ ଶିଶୁ ବିଦ୍ୟାମନ୍ଦିରକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଛି। କ୍ଲବର ସଭାପତି ଆଡଭୋକେଟ୍ ରୋଟାରୀଆନ ଦିଲ୍ଲୀପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ, ପୂର୍ବତନ ପ୍ରାନ୍ତପାଳ ଶିବବ୍ରତ ଦାଶ, ଉପ-ପ୍ରାନ୍ତପାଳ ଡକ୍ଟର ଶିଶିର କାନ୍ତ ଷଡ଼ଙ୍ଗୀ ଯୋଗ ଦେଇ ବୃକ୍ଷ ଚାରାରୋପଣ କରିଥିଲେ। ପରେ ପୋଷ୍ୟ ସ୍କୁଲ, ପାଠାଗାର ଏବଂ ଜଳ ବିଶୁଦ୍ଧ କରଣ ଉପକରଣକୁ ଉଦଘାଟନ କରିଥିଲେ। ପିଲାମାନଙ୍କ ଦ୍ୱାରା 'ଗଛଟିଏ ମୁଁ ଗଛଟିଏ' ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। କ୍ଲବର ସଭ୍ୟ ଡଃ କିଶୋର ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, କର୍ଣ୍ଣେଲ ଏସ୍ଜେ ରାଓ, ସୁରେନ୍ଦ୍ର ନାଥ ତ୍ରିପାଠୀ, ପିଏସ୍ଏନ୍ ପାତ୍ର, ରଞ୍ଜନ କୁମାର ପାତ୍ର ଏହିସବୁ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ଅଧ୍ୟାପିକାଙ୍କ ପରଲୋକ



ଭୁବନେଶ୍ୱର, ୧୧।୯ (ସମିସ): ଏମ୍ଡ଼ିସି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଗଙ୍ଗାଧର ରଥଙ୍କ କନ୍ୟା ଓ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନର ମାନବ ସମ୍ବଳ ଅଧିକାରୀ ଦୁର୍ଗେଶ ପଣ୍ଡାଙ୍କ ଧର୍ମପତ୍ନୀ ଏଲୋରା ପଣ୍ଡା (୫୫)ଙ୍କର ପରଲୋକ ଘଟିଛି। ସେ ସିଭି ରମଣ ବିଶ୍ୱବିଦ୍ୟାଳୟ, କିଟ ବିଜିନେସ ସ୍କୁଲ, ଆଇଏସଏଫ୍ ଆଇ ବିଜନେସ୍ ସ୍କୁଲରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ। ଯାଜପୁରର ଲୋକସଭା ସାଂସଦ ଡ. ରବିନାରାୟଣ ବେହେରା, କିଟ୍ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଅଜିତ ତ୍ରିପାଠୀ, ବରିଷ୍ଠ ପ୍ରଶାସକ ଅଶୋକ ତ୍ରିପାଠୀ, ସୁରେଶ ପଣ୍ଡା, ଅତିରିକ୍ତ ସଚିବ ରେଣୁ ପ୍ରଭା ନାୟକ ସମବେଦନା ଜଣାଇଛନ୍ତି।

### ସନ୍ଥ ବିନୋବା ଭାବେଙ୍କ ଜୟନ୍ତୀ ସମାରୋହ

## ୨୦୨୯ ସୁଦ୍ଧା ରାଜ୍ୟରେ ଭୂମିହୀନ ରହିବେ ନାହିଁ

ଭୁବନେଶ୍ୱର, ୧୧।୯ (ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ଭୂଦାନ ଆନ୍ଦୋଳନର ମୁଖ୍ୟ ପୁରୋଧା ମହାନ ସନ୍ଥ ଭାରତ ରତ୍ନ ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ସମାରୋହ ଜୟଦେବ ଭବନ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟିର ସଭାପତି ଜୟନ୍ତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଭୂମି ଅଧିକାର ଓ ଭୂଦାନ'ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଥିଲେ, ୨୦୨୯ ବେଳକୁ ଓଡ଼ିଶାରେ କେହି ଭୂମିହୀନ ରହିବେ ନାହିଁ। ବିଧାୟକ ଡ଼. ଅରୁଣ କୁମାର ସାହୁ କହିଲେ କି ସମାଜ ଓ ଦେଶର ପ୍ରକୃତ ବିକାଶ କେବଳ ଭୌତିକ ବିକାଶ ନୁହେଁ ବୌଦ୍ଧିକ ବିକାଶ ହେଲେ ହିଁ ହୋଇ ପାରିବ। ବିନୋବା ଭୁଦାନ ଆନ୍ଦୋଳନରେ ତ୍ୟାଗ ମାଧ୍ୟମରେ ଭୂମି ଆଣି ଭୂମିହୀନଙ୍କୁ ଦେବା ପାଇଁ ସାମାଜିକ ବୌଦ୍ଧିକ ବିକାଶ ପାଇଁ ଚେଷ୍ଟା କରିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କହିଥିଲେ ଯେ, ଶିଳ୍ପପତିଙ୍କ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ କିନ୍ତୁ ଭୂମିହୀନ ଲୋକଙ୍କ ପାଇଁ କେବେ ଜମି ଦିଆଯିବ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଲବ୍ୟ, ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ଅଧ୍ୟକ୍ଷା ଦମୟନ୍ତୀ ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିନୋବାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ୨ ଜଣକୁ ଗାନ୍ଧୀ ବିନୋବା ଶାନ୍ତି ସମ୍ମାନ ଓ ୭ ଜଣକୁ




ସର୍ବୋଦୟ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆସାମ କସ୍ତୁରବା ଗାନ୍ଧୀ ଟ୍ରଷ୍ଟ ଅଧ୍ୟକ୍ଷ ଦମୟନ୍ତୀ ଦେବୀ ଓ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ାଙ୍କୁ ଗାନ୍ଧୀ-ବିନୋବା ଶାନ୍ତି ପୁରସ୍କାର ଏବଂ ସେବା ସମାଜ ଗୁଣୁପୁରର ସୁଶ୍ରୀ ରାଜେଶ୍ୱରୀ ଦଳାଇ, ଜୟ କିରଣ ଟ୍ରଷ୍ଟର ସମ୍ପାଦିକା ସୁମିତ୍ରା ଜେନା, ଆସାମ କସ୍ତୁରବା ଟ୍ରଷ୍ଟର ଅନିମା ଦତ୍ତ, ଗୀତିକା ଦେବୀ, ଓଡ଼ିଶା ଉଦ୍ୟୋଗୀ ପରିବାର ଅଧ୍ୟକ୍ଷ ଶିବ ନାରାୟଣ ମିଶ୍ର, ସହିଦ ସ୍ମୃତି ପରିଷଦ ସମ୍ପାଦକ ପ୍ରମେଶ ମହାନ୍ତି, ଓଡ଼ିଶା ଫଲୋଅପ ର ଡ଼. ବିବି ହୃଦୟ ଆଦିଙ୍କୁ ସର୍ବୋଦୟ ସେବା ସମ୍ମାନ ୨୦୨୫ ଏବଂ ଗାୟିକା ଅନିନ୍ଦିତା ଦାସଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ମହିଳା ଆତ୍ମନିର୍ଭର ଅଭିଯାନର ଅଧ୍ୟକ୍ଷା ଡ଼ଃ ରୀନା ରାଉତରାୟ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରଖିଥିଲେ। ବିନୋବା ସେବା ପ୍ରତିଷ୍ଠାନର ସମ୍ପାଦକ ମନୋଜ ଜେନା, ସାମାଜିକ ବିଜ୍ଞାନୀ ସନ୍ଦୀପ ପଟ୍ଟନାୟକ ଆଲୋଚ୍ୟ ବିଷୟର ପୃଷ୍ଠଭୂମି ଉପରେ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ଼ ରଘୁନାଥ ମଣ୍ଡଳ, ନବଘନ ଦାସ, ସତ୍ୟବ୍ରତ ଜେନା, ପ୍ରଜ୍ଞା ପାରମିତା ମହାନ୍ତି, ପୂର୍ଣ୍ଣିମା ନାୟକ, ସନ୍ଦୀପ ମହାନ୍ତି, ସୁରେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଓଡ଼ିଶାରେ ବଳକା ଥିବା ୬୦ହଜାର ଭୂଦାନ ଜମିକୁ ଭୂମିହୀନ ମଧ୍ୟରେ ବଣ୍ଟନ କରିବାକୁ ସଭା ତରଫରୁ ଏକ ଦାବିପତ୍ର ରାଜସ୍ୱ ମନ୍ତ୍ରୀଙ୍କୁ ଦିଆଯାଇଥିଲା।

## ଖୁଦୁରୁକୁଣୀ ମହୋତ୍ସବରେ 'ତଅପୋଇ' ମଞ୍ଚସ୍ଥ

ଭୁବନେଶ୍ୱର, ୧୧।୯ (ସମିସ): ରାଜଧାନୀରେ ଥିବା ସର୍ବ ପୁରାତନ ଗ୍ରାମ ସୁନ୍ଦରପଦାରେ ଖୁଦୁରୁକୁଣୀ ମହୋତ୍ସବ ଉଦ୍ଯାପିତ ହୋଇଯାଇଛି। ଦୀର୍ଘ ୨୧ବର୍ଷ ଧରି ଚାଲିଥିବା ଖୁଦୁରୁକୁଣୀ ମହୋତ୍ସବ ପତିତପାବନ ଓ ସୁନ୍ଦରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଆସୁଛି। ଏହି ମହୋତ୍ସବରେ ସେବାପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏହା ସହି ୩୦ରୁ ୩୫ ଗୋଟି ଖୁଦୁରୁକୁଣୀ ମୂର୍ତ୍ତି ଯାହାକୁ ପ୍ରତ୍ୟେକ ବର୍ଷ ଅବିବାହିତ କନ୍ୟାମାନେ ପ୍ରସ୍ତୁତ କରୁଛନ୍ତି। ଏହି ଅବସରରେ ସୁନ୍ଦରପଦାର ଅଜିତ ନନ୍ଦଙ୍କ ନିର୍ଦ୍ଦେଶିତ ପୌରାଣିକ ନାଟକ 'ତଅପୋଇ' ମଞ୍ଚସ୍ଥ ହୋଇଥିଲା। ଏହି ସଭାରେ ଅତିଥି ଭାବେ ସଞ୍ଜୟ ଛୁଆଳସିଂ, ବିଷ୍ଣୁ ପ୍ରସାଦ ନନ୍ଦ ଓ କାକଟପୁରର ବ୍ୟଙ୍ଗ କବି ସମ୍ପଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଯାଦୁକର ଅରୁଣ ତାଙ୍କ ଯାଦୁ ପ୍ରଦର୍ଶିତ କରି ସମସ୍ତଙ୍କୁ ଆକୃଷ୍ଟ କରିଥିଲେ।





# ଆସୁଛନ୍ତି ମା'

## ଚକେଇସିଆଣି ଦୁର୍ଗାପୂଜା ସମିତି

# ରାଜସ୍ଥାନ ରାଜବାଟୀରେ ବିରାଜିବେ ଦୁର୍ଗା



ଭୁବନେଶ୍ୱର, ୧୧।୯(ସମିସ): ଏଥର ଦୁର୍ଗାପୂଜାରେ ଚକେଇସିଆଣି ଦୁର୍ଗାପୂଜା ସମିତି ପକ୍ଷରୁ ଆକର୍ଷଣ ପାଲଟିବ ରାଜସ୍ଥାନ ରାଜବାଟୀ। ଚଳିତ ବର୍ଷ ପୂଜା ୨୫ ବର୍ଷରେ ପହଞ୍ଚିଛି। ୬୦ ଫୁଟ୍ ଉଚ୍ଚତା ଏବଂ ଚଉଡ଼ା ୭୦ ଫୁଟ ବିଶିଷ୍ଟ ଏହି ତୋରଣ ଆକର୍ଷଣ କେନ୍ଦ୍ରବିନ୍ଦୁ ସାଜିବ। ଏଥିପାଇଁ ୨୦ରୁ ଊର୍ଦ୍ଧ୍ୱ କାରିଗର ନିୟୋଜିତ ହୋଇଛନ୍ତି। ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରାଯିବାକୁ ୪ ପାର୍ଶ୍ୱରେ ୪ଟି ବଡ଼ ବଡ଼ ଲାଇଟ୍ ଗେଟ୍ ନିର୍ମାଣ କରାଯିବ। ଇଣ୍ଡିଆଗେଟ୍, ତାଜମହଲ, ରାମ ମନ୍ଦିର ସମେତ ଆଉ ଏକ ଲାଇଟ୍ ଗେଟ୍‌ରେ ପୁରୁଣା କାଳିଆ ଜୀବନଶୈଳୀ ପ୍ରଦର୍ଶିତ ହେବ। ସେହିପରି ମା'ଙ୍କ ମୂର୍ତ୍ତିର ଉଚ୍ଚତା ୨୦ ଫୁଟ ରହିଛି ରହିଥିବା ବେଳେ ମେଢ଼ର ଉଚ୍ଚତା ୨୪ ଫୁଟ ରହିଛି। ମା'ଙ୍କ ସମେତ ପାର୍ଶ୍ୱ ଦେବାଦେବୀଙ୍କୁ ଚାନ୍ଦିରେ ସୁସଜ୍ଜିତ କରାଯିବ। ବିଧି ଅନୁସାରେ ଷଷ୍ଠୀରେ ବେଲ୍ୱବରଣୀ, ସପ୍ତମୀରେ ମା'ଙ୍କର ଚକ୍ଷୁଦାନ କରାଯିବ। ସପ୍ତମୀରେ ମା'ଙ୍କ ପାଖରେ ଉଖୁଡା, ମିଠା ଆଦି ଶୁଖିଲା ଭୋଗ ଅର୍ପଣ କରାଯିବା ସହ ଅଷ୍ଟମୀରେ ମା'ଙ୍କ ନିକଟରେ ମହିଳମାନେ ଶାଢ଼ି ପୂଜା କରିବେ ଏବଂ ମା'ଙ୍କ ପାଖରେ ଫଳ ଭୋଗ ଲାଗି ହେବ। ନବମୀରେ ମା'ଙ୍କୁ ସ୍ୱତନ୍ତ୍ର ଖେଚୁଡି ଖଟା ଭୋଗ ଅର୍ପଣ କରାଯିବ। ଏହି ଦିନରେ ପ୍ରାୟ ୧୫ହଜାର ଲୋକେ ପ୍ରସାଦ ସେବନ କରିବେ। ସେହିପରି ଦଶମୀରେ ଦହି ପଖାଳ କରାଯିବ। ଚଳିତବର୍ଷ ପୂଜା ବଜେଟ୍ ରହିଛ ୩୦ଲକ୍ଷ ଟଙ୍କା। ସେହିପରି ଶାନ୍ତଶୃଙ୍ଖଳାର ସହ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଡିଜେ ସାଙ୍ଗକୁ ପାରମ୍ପରିକ ବାଦ୍ୟଯନ୍ତ୍ରର ତାଳେ ତାଳେ ଭସାଣ ଉତ୍ସବ ଅନୁଷ୍ଠିତ ହେବ।



୩ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ କିଭଳି ଶାନ୍ତି ଶୃଙ୍ଖଳାରେ ପୂଜା ହୋଇପାରିବ ଏଥିପ୍ରତି ଦୃଷ୍ଟି ଦିଆଯିବ। ବରିଷ୍ଠ ନାଗରିକ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ସହ ଭିନ୍ନକ୍ଷମ ଶ୍ରଦ୍ଧାଳୁଙ୍କ ପାଇଁ ହ୍ୱିଲଚେୟାର ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ୧୦୦ ସ୍ୱେଚ୍ଛାସେବୀଙ୍କ ସମେତ ପୁଲିସ, ଅଗ୍ନିଶମ କର୍ମଚାରୀ ଉପସ୍ଥିତ ରହିବେ ଏବଂ ବିଭିନ୍ନ ସ୍ଥାନରେ ୧୫ଟି ସିସିଟିଭି କ୍ୟାମେରା ଲଗାଯିବ।

**-ଚୈତନ୍ୟ ଚରଣ ଦାସ, ସଭାପତି**



ଚଳିତ ବର୍ଷ ପୂଜା ମଣ୍ଡପ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରାଯିବ। ମା' ମାନେ ପ୍ଲାଷ୍ଟିକ୍ ପରିବର୍ତ୍ତେ ଚାଙ୍ଗୁଡ଼ି କିମ୍ବା ପିତଳ ଡାଲାରେ ଭୋଗ ଆଣିବେ। ପ୍ରାୟ ୬କିଲୋମିଟର ରାସ୍ତାକୁ ଆଲୋକମାଳାରେ ସଜାଯିବା ସାଙ୍ଗକୁ ମୀନା ବଜାର ବ୍ୟବସ୍ଥା ରହିବ। ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ଘଣ୍ଟ, ଢୋଲ ବାଜା, ତୁରୀ, ଘୋଡ଼ାନାଚ ଆଦିରେ ମା'ଙ୍କୁ ମେଲାଣି ଦିଆଯିବ।

**-ଦାଶରଥୀ ରାଉତ, ସମ୍ପାଦକ**

## 'ସମ୍ମମ'ରେ ମେଡିକାଲ ରେକର୍ଡସ ଦିବସ



ଭୁବନେଶ୍ୱର, ୧୧।୯(ସମିସ): ହସ୍ପିଟାଲ୍ ସମ୍ ଅଲ୍ଟିମେଟ ମେଡିକେୟାର ପକ୍ଷରୁ ନ୍ୟାସ୍‌ନାଲ୍ ମେଡିକାଲ୍ ରେକର୍ଡସ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମେଡିକାଲ୍ ରେକର୍ଡସ ବିଭାଗର ମୁଖ୍ୟ ଡାକ୍ତର ମାନସ ରଞ୍ଜନ ସେଠୀ, ସମ୍ମମର ଚିଫ ଏଗ୍‌ଜିକ୍ୟୁଟିଭ୍ ଅଫିସର ଡ. ଶ୍ୱେତପଦ୍ମା ଦାଶ, ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷ ଆଣିବା ନିମନ୍ତେ ମେଡିକାଲ୍ ରେକର୍ଡସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ଶପଥ ନିଆଯାଇଥିଲା।

## 'ହେଲଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ



ଭୁବନେଶ୍ୱର, ୧୧।୯(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଓ ୟୁନିସେଫର ମିଳିତ ସହଭାଗିତାରେ ସ୍ଥାନୀୟ ଏକ ହୋଟେଲରେ 'ହେଲଦି ଡାଏଟ୍ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଜଙ୍କ୍ ଫୁଡ୍ ଠାରୁ ଦୂରରେ ରହି ଘର ତିଆରି ଖାଦ୍ୟ ସହ ପାରମ୍ପରିକ ଖାଦ୍ୟ ତଥା ମାଣ୍ଡିଆ, ପଖାଳ ଓ ପିଠା ଆଦିକୁ ଆପଣେଇବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପୋଷଣ ବିଶେଷଜ୍ଞ ତଥା ୟୁନିସେଫର ବରିଷ୍ଠ ଅଧିକାରୀ ସୌରଭ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅନୁ ଚୌଧୁରୀ ପ୍ରମୁଖ ଯୋଗ ଦେଇଲେ। ଏହି ଅବସରରେ ସାମାଜିକ ବ୍ୟବହାରିକ ପରିବର୍ତ୍ତନ (ସୋସିଆଲ ବିହେଭିୟୀର ଚେଞ୍ଜ୍) ବିଷୟରେ ଏକ ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଏହି ପୋଷ୍ଟର ଦ୍ୱାରା ଅଙ୍ଗନବାଡ଼ି ମାଧ୍ୟମରେ ଗାଁ ଗାଁ ରେ ଜନ ସଚେତନତା ସୃଷ୍ଟି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଶେଷରେ ଅତିରିକ୍ତ ଶାସନ ସଚିବ ସ୍ୱର୍ଣ୍ଣପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ 'ଗ୍ଲୋବାଲ ୟୁନିଭରସିଟି ଫେୟାର'



ଭୁବନେଶ୍ୱର, ୧୧।୯(ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପକ୍ଷରୁ 'ଗ୍ଲୋବାଲ ୟୁନିଭର୍‌ସିଟି ଫେୟାର'ର ତୃତୀୟ ସଂସ୍କରଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଫେୟାରରେ ଭାରତ ସମେତ ଆମେରିକା, ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ସ୍ୱିଜରଲ୍ୟାଣ୍ଡ, ଆୟାର୍ଲାଣ୍ଡ, ଦୁବାଇ, ଫିନଲାଣ୍ଡ ଓ ବିଭିନ୍ନ ଦେଶର ବଡବଡ ଶିକ୍ଷାନୁଷ୍ଠାନ ସହ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ସମେତ ବିଭିନ୍ନ ସ୍କୁଲର ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର, ଇଣ୍ଟରନ୍ୟାସ୍‌ନାଲ୍ ପାଠ୍ୟକ୍ରମ ମୁଖ୍ୟ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁଇଦିନିଆ ନାଟକ ଉତ୍ସବ ଉଦ୍‌ଘାଟିତ

ବଡ଼ରଘୁନାଥପୁର, ୧୧।୯(ସମିସ): ରାଜଧାନୀ ଉପକଣ୍ଠ ବଡ଼ରଘୁନାଥପୁର ଗ୍ରାମ ଯୁବଶ୍ରୀ କ୍ଲବ୍‌ର ୩୦ ତମ ବାର୍ଷିକ ଉତ୍ସବ ଅବସରରେ ଦୁଇଦିନିଆ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଛନ୍ତି ସମାଜସେବୀ ଶଶୀକୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଜିତ୍ ସାମନ୍ତରାୟ, ଉଦ୍ୟୋଗୀ ବିଜୟ କୁମାର ଚୌଧୁରୀ, ସରୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ସାମନ୍ତରାୟ, ସମ୍ବିତ ସାମନ୍ତରାୟ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଥମ ସନ୍ଧ୍ୟାରେ ଅଜୟ ସ'ଙ୍କ ରଚିତ ସାମାଜିକ ନାଟକ 'କହିବାକୁ ଲାଜ ଶୁଣିଲେ ପାପ ମଞ୍ଚସ୍ଥ' ହୋଇଯାଇଛି। ଏକ ସମ୍ପୂର୍ଣ୍ଣ ପାରିବାରିକ କାହାଣୀକୁ ନେଇ ମଞ୍ଚସ୍ଥ ହୋଇଥିବା ନାଟକକୁ ରଚନା କରିଛନ୍ତି ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିଦେବ ଛୋଟରାୟ। ନାଟକରେ ଅଭିନୟ କରିଛନ୍ତି ନିରଞ୍ଜନ ପ୍ରଧାନ, ଭବାନୀ ସୁବୁଦ୍ଧି, ସାଇସିମ୍ରନଜିତ୍ ସାମନ୍ତରାୟ, ଗୋଲକ ପ୍ରଧାନ, ରଘୁ ପାଢ଼ୀ, ଅନିତା ବିଶ୍ୱାସ, ଜୟଶ୍ରୀ ମିଶ୍ର, କଣ୍ଢେଇ, ଡଲି, ସୋନାଲି। ନାଟକରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ମାଷ୍ଟର ରକି ଏବଂ ମାଷ୍ଟର ଚିଣ୍ଟୁ। ଉଦ୍‌ଘାଟନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ସିନେ ଅଭିନେତ୍ରୀ ଜିନା ସାମଲ। ସେହିଭଳି ଶୁକ୍ରବାର ଅନ୍ତିମ ସନ୍ଧ୍ୟାରେ ମଞ୍ଚସ୍ଥ ହେବାକୁ ଯାଉଛି ଡ. ନିହାର ମହାନ୍ତିଙ୍କ ରଚିତ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ'। ପ୍ରକାଶ ଥାଉ କି ଗତ ୨୯ ବର୍ଷ ଧରି ବଡ଼ରଘୁନାଥପୁର ଗ୍ରାମରେ ନାଟକ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି।

## ମାଧ୍ୟମିକ ସଂସ୍କୃତ, ହିନ୍ଦୀ ଶିକ୍ଷକଙ୍କ ଆନ୍ଦୋଳନ




ଭୁବନେଶ୍ୱର, ୧୧।୯(ସମିସ): ମିଳିତ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ମଞ୍ଚର ଆହ୍ୱାନରେ ଲୋୟର ପିଏମଜିରେ ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କୁ ନେଇ ଏକ ବିଶାଳ ଧାରଣା ଗୁରୁବାର ଲୋୟର ପିଏମଜିରେ ଅନୁଷ୍ଠିତ ହୋଇଥିଲା। ଚାରି ଦଫା ଦାବି ନେଇ ୩୦୦୦ ରୁ ଅଧିକ ଶିକ୍ଷକ ଉକ୍ତ ଆନ୍ଦୋଳନରେ ଯୋଗଦେବାର ଏକ ଘଣ୍ଟା ଭିତରେ ଶିକ୍ଷା ସଚିବଙ୍କ ଠାରୁ ଆଲୋଚନା ପାଇଁ ଖବର ଆସିଥିଲା। ଶିକ୍ଷା ସଚିବଙ୍କ ସହ ଆଲୋଚନା ସମୟରେ ନୂତନ କ୍ୟାଡର୍ ରୁଲ ବିଷୟରେ ଆଲୋଚନା ହୋଇଥିଲା। ଗତ ୮ ତାରିଖରେ କ୍ୟାଡର୍ ରୁଲ ବିଷୟରେ ସମ୍ପୂର୍ଣ୍ଣ ଆଲୋଚନା ହୋଇସାରିଥିବା ବେଳେ ଖୁବ୍‌ଶୀଘ୍ର ସେମାନଙ୍କ ଦାବି ପୂରଣ କରାଯିବ ବୋଲି ବିଭାଗୀୟ ସଚିବ ପ୍ରତିଶ୍ରୁତି ଦେଇଥିଲେ। ଭୋକେସନାଲ ବିଷୟକୁ ତୃତୀୟ ଭାଷାରୁ ଅଲଗା କରିବା ପାଇଁ ସରକାରୀ ସ୍ତରରେ ବିଚାର ବିମର୍ଶ ଚାଲିଛି ବୋଲି ସଚିବ କହିଥିଲେ। କ୍ୟାଡର୍ ଫାଇଲକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ସଚିବଙ୍କୁ ନିବେଦନ କରାଯାଇଥିଲା। ଆଲୋଚନା ସମୟରେ ଉତ୍ସାର ସଭାପତି ବିଜୟ କୁମାର ତ୍ରିପାଠୀ, ହିନ୍ଦୀ ଶିକ୍ଷକ ସଂଘର ସଭାପତି ଏସ୍‌କେ ସୁମନ ଓ ସମ୍ପାଦକ ଇପ୍‌ସିତା ରାଉଳ ଉପସ୍ଥିତ ରହିଥିଲେ।

## ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ 'ସମ୍ବନ୍ଧ'



ଭୁବନେଶ୍ୱର, ୧୧।୯(ସମିସ): ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ଚତୁର୍ଥ ବାର୍ଷିକ ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ସମ୍ମିଳନୀ 'ସମ୍ବନ୍ଧ' ଗୁରୁବାର ରେଳ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟୁଟିସିଆନ୍ ୱେଲଫେୟାର୍ ଆସୋସିଏସନ୍‌ର ରାଜ୍ୟ ସଭାପତି ସୁପ୍ରିୟା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ଆସୋସିଏସନ୍ ଅସହାୟ ଏବଂ ନିରାଶ୍ରୟ ମହିଳା ମାନଙ୍କୁ ତାଲିମ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରାଇବାରେ ସମସ୍ତ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲି। ଉପଦେଷ୍ଟା ଏମ୍. ଡି. ମନଓ୍ୱର ଅଲ୍ଲୀ ଯୋଗଦେଇ ବ୍ୟୁଟିସିଆନ୍ ଭଉଣୀମାନେ ବର୍ତ୍ତମାନ ଦିନରେ ନିଜ ଗୋଡ଼ରେ ନିଜେ ଠିଆ ହୋଇ ଅ।ନିର୍ଭରଶୀଳ ହେବା ସହ ପରିବାର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବାରେ ସଫଳ ହୋଇଛନ୍ତି ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବରିଷ୍ଠ ସମ୍ବାଦିକ ଭବାନୀ ମହାପାତ୍ର, ଦୁର୍ଗାଶିଷ, ଡା. ମାନସ ଦାସ, ମନ୍ଦାକୀନି ମିଶ୍ର, ବନସ୍ମିତା ପତି ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସୋସିଏସନ୍‌ର ରାଜ୍ୟ ସମ୍ପାଦିକା ସୁନୀତା ରାୟ, ରାଜ୍ୟ ଉପସଭାପତି କୃଷ୍ଣପ୍ରିୟା ତ୍ରିପାଠୀ, ରାଜ୍ୟ କୋଷାଧ୍ୟକ୍ଷ ଇତିଶ୍ରୀ ମହାନ୍ତି ପ୍ରମୁଖଙ୍କ ସହ ରାଜ୍ୟର ୨୦୦୦ରୁ ଅଧିକ ବ୍ୟୁଟିସିଆନମାନେ ଉପସ୍ଥିତ ଥିଲେ।

## ଓଇଏସ୍ ଓ ଇଣ୍ଡିଆନ ବ୍ୟାଙ୍କ୍ ପକ୍ଷରୁ ବୃକ୍ଷ ରୋପଣ



ଭୁବନେଶ୍ୱର, ୧୧।୯(ସମିସ): ଓଡ଼ିଶା ପରିବେଶ ସମିତି ଏବଂ ଇଣ୍ଡିଆନ ବ୍ୟାଙ୍କ୍ ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ଯୁଗ୍ମ ପୃଷ୍ଠପୋଷକତାରେ ଜଟଣୀ, ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିଆନ ବ୍ୟାଙ୍କ୍‌ର ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ଡିଜିଏମ୍ ରଣଞ୍ଜୟ ସିଂହ, ଏଜିଏମ୍ ମନୋରଞ୍ଜନ ସେଠୀ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷା ଲୋପାମୁଦ୍ରା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ, ଉପସଭାପତି ଡ. ଲାଲା ଏକେ ସିଂହ, ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର, ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ସଦସ୍ୟ ପ୍ର. ନିମାଇଁ ଚରଣ ମିଶ୍ର ଏବଂ ବିଶ୍ୱନାଥ ପୁହାଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପିଜିଟି ହରେକୃଷ୍ଣ ମହାପାତ୍ର ଏବଂ ମିନତୀ ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ବରୁ ପରିବେଶ ପ୍ରସଙ୍ଗ ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ଅତିଥି, ଓଇଏସ୍ ସଦସ୍ୟ, ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କର ମିଳିତ ପ୍ରୟାସରେ ୧୨୦ରୁ ଅଧିକ ନଡ଼ିଆ, ଆମ୍ବ, ପଣସ, ପିଜୁଳି, ସପେଟା, ଅଁଳା ପ୍ରଭୃତି ବିଭିନ୍ନ ଫଳଗଛ ଚାରା ରୋପଣ କରାଯାଇଛି।

## ସମାଜବାଦୀ ପାର୍ଟି ଓଡ଼ିଶା ପ୍ରଦେଶ କାର୍ଯ୍ୟକାରିଣୀ ଘୋଷଣା

ଭୁବନେଶ୍ୱର, ୧୧।୯(ସମିସ): ସମାଜବାଦୀ ପାର୍ଟିର ଓଡ଼ିଶା ରାଜ୍ୟ କାର୍ଯ୍ୟକାରିଣୀ ଘୋଷଣା କରାଯାଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ନିର୍ଦ୍ଦେଶକ୍ରମେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ସୁନୀଲ ସିଂହ ଯାଦବଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ଭାବେ ଶିବ ହାତି ଯାଦବ, ରାଜ୍ୟ ଉପସଭାପତି ଦେବେନ୍ଦ୍ର କଅଁର, ସାଧାରଣ ସମ୍ପାଦକ ପ୍ରତାପ କିଶୋର ବାରିକ, ମହିଳା ସଭାପତି ପୁଷ୍ପାଞ୍ଜଳି ଦାସ, ମିଡିଆ ସେଲ ସଭାପତି ପ୍ରଦୀପ ମିଶ୍ର, ଛାତ୍ର ପରିଷଦ ସଭାପତି ସୌଭାଗ୍ୟ ପରିଡ଼ା, ପ୍ରଦୀପ ଥାପ୍ପା, ଯୁବ ପରିଷଦ ରାଜ୍ୟ ସଭାପତି ଲୋହିଆ ବାହିନୀ ଧନୁ ଗୋପାଳ ଯାଦବ, ପଛୁଆ ଶ୍ରେଣୀ ସଭାପତି ମୁଲାୟମ ସିଂ ୟୁଥ୍ ବ୍ରିଗେଡ୍ ରଞ୍ଜିତ ଆଡ୍ ଜୁଏଡ୍ ଏବଂ ୨୨ଟି ଜିଲ୍ଲା ସଭାପତି ଯଥା ଭୁବନେଶ୍ୱର ସାଂଗଠାନିକ ଜିଲ୍ଲା ସଭାପତି ଭାବରେ ପ୍ରବୀଣ କୁମାର ନାୟକ, ଶୁଭକାନ୍ତ ଖଡିରତ୍ନ ଖୋର୍ଦ୍ଧା ଜିଲ୍ଲା ସଭାପତି ସମ୍ପଦ ତ୍ରିପାଠୀ ପୁରୀ ଜିଲ୍ଲା ସଭାପତି, ହୁଲାସ୍ ବାରିକ୍ ନୟାଗଡ଼ ଜିଲ୍ଲା ସଭାପତି, ଜଗଦୀଶ ଯାଦବ କଳାହାଣ୍ଡି ଜିଲ୍ଲା ସଭାପତି, ବେଣୁଧର ଗହୀର ଜିଲ୍ଲା ସଭାପତି ନୂଆପଡ଼ା ଅମିତ୍ ଦିଗ୍ଗଲ୍ କନ୍ଧମାଳ ଜିଲ୍ଲା ସଭାପତି, ଦୀପକ ସାହୁ ଜିଲ୍ଲା ସଭାପତି ଯାଜପୁର, ଜୟଦେବ ଜାଲ୍ ଜିଲ୍ଲା ସଭାପତି ବଲାଙ୍ଗୀର, ପ୍ରଦୀପ ଥାପ୍ପା ଜିଲ୍ଲା ସଭାପତି ବରଗଡ଼, ଅନିଲ୍ ଯାଦବ ଜିଲ୍ଲା ସଭାପତି ସମ୍ବଲପୁରକୁ ମନୋନୀତ କରାଯାଇଛି।

## ରାସ୍ତାକଡ଼ରେ ମୁକ୍ତାକାଶ ଭୋଜନାଳୟ

# ୪୦ ଟଙ୍କାରେ ପେଟପୂରା ଭୋଜନ

ଭୁବନେଶ୍ୱର, ୧୧।୯(ସମିସ): ନା ଅଛି ଏସି ନା ପଙ୍ଖା ନା ଭଲ ଚେୟାର ନା ଲାଇଟ୍। କିନ୍ତୁ ଖୋଲା ପବନ ଓ ଖୋଲା ଆକାଶ ତଳେ ପ୍ଲାଷ୍ଟିକ୍ ଚେୟାର ଉପରେ ବସି ହୋଟେଲ ଆହାରର ମଜା ନେଇ ପାରୁଛନ୍ତି ଲୋକମାନେ। ଅନେକଙ୍କ ଭାଗ୍ୟରେ ପ୍ଲାଷ୍ଟିକ୍ ଚଉକୀରେ ବସିବାର ସୁଯୋଗ ବି ନାହିଁ। ମୁକ୍ତାକାଶ ତଳେ ସେମାନଙ୍କୁ ଠିଆହୋଇ ମଧ୍ୟାହ୍ନ ଭୋଜନ କରିବାକୁ ପଡୁଛି। ଏବେ ରାଜଧାନୀ ରାସ୍ତାକଡ଼ରେ ଏଭଳି ମୁକ୍ତାକାଶ ହୋଟେଲ ସଂଖ୍ୟା ବଢ଼ିବାରେ ଲାଗିଛି। ଦିନ ମଜୁରିଆଙ୍କଠାରୁ ଆରମ୍ଭ କରି ମଧ୍ୟବିତ ଶ୍ରେଣୀର ଲୋକେ ବି ଏଭଳି ଭୋଜନକୁ ପସନ୍ଦ କରୁଛନ୍ତି।

ରାଜଧାନୀର ବିଭିନ୍ନ ଗଳିକନ୍ଦିରେ ବଡ଼ ବଡ଼ ରେସ୍ତୋରାଁ ସହ ହୋଟେଲ ମଧ୍ୟ ରହିଛି। ଏହି ସବୁଥିରେ ଇଣ୍ଡିଆନ୍, ଚାଇନିଜ୍ ଥାଇଫୁଡ୍, କଣ୍ଟିନେଣ୍ଟାଲ, ଜାପନିଜ୍, ଆଦି ପରି ଭଳିକି ଭଳି ଖାଦ୍ୟ ରହିଛି। ହେଲେ ରାସ୍ତାକଡ଼ର ଏହି ମୁକ୍ତାକାଶ ହୋଟେଲରେ ଭାତ, ଡ଼ାଲି, ସାଧା ତରକାରୀ, ଭଜା, ଶାଗ, ପାମ୍ପଡ଼, ଆଚାର ସହିତ ମାଛ, ଅଣ୍ଡା, ଚିକେନ୍, ମଟନ ଆଦି ଖାଦ୍ୟ ରହୁଛି। ଏଥିସହିତ କିଛି ସ୍ଥାନରେ ମଧ୍ୟ ଭେଜ୍ ବିରିୟାନୀ ଓ ନନ୍‌ଭେଜ୍ ବିରିୟାନୀ, ଫ୍ରାଏଡ୍ ରାଇସ୍ ମଧ୍ୟ ଉପଲବ୍ଧ ହେଉଛି। ବଡ଼ ବଡ଼ ହୋଟେଲ ଓ ରେସ୍ତୋରାଁରେ ଗୋଟିଏ ଆଇଟମ୍‌ର ମୂଲ୍ୟ ଶହେ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏଠାରେ ସାଧା ଖାଦ୍ୟର ମୂଲ୍ୟ ୪୦ ଟଙ୍କା ରହିଥିବା ବେଳେ ଆମିଷର ମୂଲ୍ୟ ୬୦ ଟଙ୍କା ରହୁଛି। ସାଧାରେ ୪ ରୁ ୬ଟା ଆଇଟମ୍ ରହୁଥିବା ବେଳେ ଆମିଷରେ ମଧ୍ୟ ୪ରୁ ୫ ଟା ଆଇଟମ୍ ରହୁଛି। ଏହି ସବୁ



### ମାର୍କେଟିଂ, ରୋଷେଇ ଜଞ୍ଜାଳରୁ ମୁକ୍ତି

ଖାଦ୍ୟକୁ ବ୍ୟବସାୟୀ ଘରୁ ରାନ୍ଧିକି ଆଣୁଛନ୍ତି। ସହରର ଆଇଜି ପାର୍କ, ମାଷ୍ଟର କ୍ୟାଣ୍ଟିନ୍, ପାସ୍‌ପୋର୍ଟ ଅଫିସ୍, ସିଆରପିଏଫ୍, ଜାଗମରା, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ଚନ୍ଦ୍ରଶେଖର ପୁର, ପଟିଆ, କିଟ୍ ଆଦି ସ୍ଥାନରେ ଦେଖିବାକୁ ମିଳୁଛି। ଏହି ମୁକ୍ତାକାଶ ହୋଟେଲରେ ଦୁଇ ପ୍ରହର ସମୟରେ ଅଧିକ ଗହଳି ଦେଖିବାକୁ ହେଉଛି। ସବୁଠାରୁ ଅଧିକ ଚାହିଦା ରହିଛି ନିରୋଳା ଅରୁଆ ଭାତ ସାଙ୍ଗକୁ ଛୁଙ୍କ ହାଲମା ଆଉ ଖଟା ଓ ଭଜା। ସବୁଠାରୁ ବଡ଼କଥା ହେଉଛି ରାସ୍ତାକଡ଼ରେ ଗରମ ଗରମ ଶୁଦ୍ଧ ସାକାହାରୀ ଭୋଜନ ପାଇଁ ଅନେକ ଲୋକେ ଏଭଳି ହୋଟେଲରେ ଭୋଜନ କରିବାକୁ ପସନ୍ଦ କରୁଛନ୍ତି।

ଏସବୁ ହୋଟେଲ ପାଇଁ କିନ୍ତୁ ରାସ୍ତାକଡ଼ରେ ରୋଷେଇ କରିବାକୁ ପଡୁନାହିଁ। ହୋଟେଲ ମାଲିକ ଘରେ ଏବଂ ରୋଷଶାଳାରେ ରୋଷେଇ କରି ଏଠାରେ ବିକ୍ରି କରୁଛନ୍ତି। ସମ୍ପୂର୍ଣ୍ଣ ଘରୋଇ ପରିବେଶରେ ପ୍ରସ୍ତୁତ ହେଉଥିବା ଏଭଳି ଭୋଜନରେ କମ୍ ତେଲ ମସଲା ବ୍ୟବହାର କରାଯାଉଛି ବୋଲି କହିଛନ୍ତି ପାସପୋର୍ଟ କାର୍ଯ୍ୟାଳୟ ସାମ୍ନାରେ ଦୋକାନ କରିଥିବା ଜଣେ ହୋଟେଲ ମାଲିକ। ଗୋଟିଏ ଗୋଟିଏ ହୋଟେଲରେ ଦିନକୁ ଶହେରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ମିଲ୍‌ସ ବିକ୍ରି ହେଉଛି। ତେବେ ଘରଭଡ଼ା ଏବଂ ବିଦ୍ୟୁତ୍ ବିଲ ବାବଦରେ ଟଙ୍କା ଦେବାକୁ ପଡୁ ନ ଥିବାରୁ ଲୋକଙ୍କୁ କମ୍ ପଇସାରେ ଏସବୁ ଭୋଜନ ଦେବା ସମ୍ଭବ ହେଉଛି ବୋଲି କହିଛନ୍ତି ଆଉଜଣ ହୋଟେଲ ମାଲିକ। ଏଥିପାଇଁ ଗାଁରୁ ସିଧାସଳଖ ଚାଉଳ କିଣି ନିଜ ପରିବାର ଲୋକେ ରୋଷେଇ କରୁଥିବାରୁ ଭୋଜନର ମୂଲ୍ୟ ବେଶି ପଡୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ହୋଟେଲ କିମ୍ବା ରେସ୍ତୁରାଁରେ ଲୋକଙ୍କ ଭିଡ଼ରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏପରିସ୍ଥଳେ ରାସ୍ତାକଡ଼ ମୁକ୍ତାକାଶ ହୋଟେଲରେ ଖୁବ୍ କମ୍ ସମୟ ମଧ୍ୟରେ ଖାଇବାକୁ ପରଷି ଦେଉଥିବାରୁ କର୍ମଜୀବୀ ଏହାକୁ ପସନ୍ଦ କରୁଛନ୍ତି। କେବଳ ବାହାର ଲୋକେ ବା କର୍ମଜୀବୀ କିମ୍ବା ଶ୍ରମିକ ଶ୍ରେଣୀର ଲୋକେ ନୁହନ୍ତି ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଛୋଟଛୋଟ ପରିବାର ଲୋକେ ଏଭଳି ଭୋଜନକୁ ପସନ୍ଦ କରୁଛନ୍ତି। ଘରେ ରୋଷେଇ ଜଞ୍ଜାଳରୁ ମୁକ୍ତି ପାଇଁ ଶହେ ଟଙ୍କା ଭିତରେ ମିଲ୍ସ ପାଇଯାଉଥିବାରୁ ପାର୍ସଲ ନେଉଛନ୍ତି ବୋଲି ଆଇଜି ପାର୍କ ପାଖକୁ ଖାଇବା ପାଇଁ ଆସିଥିବା ଜଣେ ଗ୍ରାହକ କହିଛନ୍ତି।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଜଗତସିଂହପୁର ଜିଲ୍ଲା ଗସ୍ତ

# ଜିଲ୍ଲା ଶିଶୁ ସୁରକ୍ଷା ସମ୍ପର୍କରେ କଲେ ସମୀକ୍ଷା

ଜଗତସିଂହପୁର, ୧୧।୯ (ସମିସ):



ଆଜି ଅପରାହ୍ନରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର ଓ ସଦସ୍ୟା ଶ୍ରୀମତୀ କସ୍ତୁରୀ ମିଶ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ଶିଶୁ ସୁରକ୍ଷା ବିଷୟରେ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଅଧ୍ୟକ୍ଷତା କରି ଶିଶୁଙ୍କ ମୌଳିକ ଅଧିକାର ଉପରେ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ଶ୍ରୀମତୀ ପାତ୍ର କହିଥିଲେ, ଆଜିର ଶିଶୁ ବିକଶିତ ଭାରତର ଆଧାର। ଏଥିପ୍ରତି ଆମେ ଗୁରୁତ୍ୱ ଦେବା ଆବଶ୍ୟକ। ସେ ଶିଶୁଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହ ଯୋଜନା କିପରି ଗୋଟିଏ ଶିଶୁ ପାଖରେ ପହଞ୍ଚିବ, ସେ ନେଇ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ଜିଲ୍ଲାର ଅଙ୍ଗନବାଡ଼ି କିପରି ସକ୍ଷମ ହୋଇପାରିବ, ସେ ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଛତୁଆ କେନ୍ଦ୍ର ପରିଦର୍ଶନ କରି ସ୍ଥିତି ବୁଝିବା ପାଇଁ ସେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କୁ ମଧ୍ୟ କହିଥିଲେ। ଯଦ୍ୱାରା ଶିଶୁ ସଠିକ୍ ମାନର ପୋଷଣ ପାଇପାରିବ। ଶିଶୁ ଶ୍ରମିକ ହାର କମାଇବା ପାଇଁ ପ୍ରଚେଷ୍ଟା କରିବାକୁ କହିଥିଲେ। ଶିଶୁ ଆଶ୍ରମ ସଂଖ୍ୟା କମାଇବା ପାଇଁ ପ୍ରୟାସ ରହିବା ଦରକାର ବୋଲି କହିଥିଲେ। ଫଳରେ ଶିଶୁଟି ଏକ ପରିବାର ପରିବେଶରେ ବଢ଼ିପାରିବ। ବ୍ଲକ୍, ତହସିଲ ଓ ପଞ୍ଚାୟତ ଅଫିସ୍ ଓ ବିଦ୍ୟାଳୟରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ଇତ୍ୟାଦି ଉପରେ ସଚେତନତା ପ୍ରୋଗ୍ରାମ କରିବା ପାଇଁ ଉପଦେଶ ଦେଇଥିଲେ। ଉଭୟ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ମଙ୍ଗଳ କମିଟି ସମନ୍ୱୟରେ କାର୍ଯ୍ୟ କରିବା ଜରୁରୀ ବୋଲି କହିଥିଲେ। ଏଥିସହିତ ସଂପୃକ୍ତ ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଆଜି ସେ ପ୍ରଥମେ ତିର୍ତ୍ତୋଲ ମହିଳା ଓ ଶିଶୁ ଡେସ୍କର କାର୍ଯ୍ୟଧାରା ପରିଦର୍ଶନ କରିଥିଲେ। ତତ୍‌ପରେ ତିର୍ତ୍ତୋଲ ବ୍ଲକ୍ ଅଧୀନସ୍ଥ ବଫାପୁର ଅଙ୍ଗନବାଡ଼ି ପରିଦର୍ଶନ କରିଥିଲେ। ପରେ ବନବିହାରୀ ଛତୁଆ କେନ୍ଦ୍ର ପରିଦର୍ଶନ କରିଥିଲେ। ଏହାପରେ ଜଗତସିଂହପୁର ବ୍ଲକ୍ ଅଧୀନସ୍ଥ ନରେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ପୁନଙ୍ଗ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଗସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ପରିଚାଳନା କରିଥିଲେ। ଶ୍ରୀମତୀ କସ୍ତୁରୀ ମିଶ୍ର ମଧ୍ୟ ଶିଶୁ ସୁରକ୍ଷାକୁ ଅତ୍ୟନ୍ତ ଗୁରୁତର ସହ ନେବାକୁ ଉପଦେଶ ଦେଇଥିଲେ। ଡିଏସପି ରଶ୍ମିରଞ୍ଜନ ଦାସ ମଧ୍ୟ ନିଜ ମତ ରଖିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା, କିଶୋର ନ୍ୟାୟ ବୋର୍ଡ ଅଧ୍ୟକ୍ଷ, ଜିଲ୍ଲା ଶ୍ରମ ବିଭାଗ ଅଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମାଜସେବୀ ଉପସ୍ଥିତ ଥିଲେ।

## ଶିଶୁ ସୁରକ୍ଷା ଆୟୋଗଙ୍କ ବଫାପୁର ଅଙ୍ଗନବାଡି ପରିଦର୍ଶନ

ତିର୍ତ୍ତୋଲ,୧୧।୯ (ସମିସ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଓ ସଦସ୍ୟା କସ୍ତୁରୀ ମିଶ୍ର ତିର୍ତ୍ତୋଲ ଗସ୍ତରେ ଆସି ତିର୍ତ୍ତୋଲ ଥାନା ଓ ତରଜଙ୍ଗା ପଞ୍ଚାୟତର ବଫାପୁର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ତିର୍ତ୍ତୋଲ ଥାନାରେ ଶିଶୁ ଓ ମହିଳା ଅଭ୍ୟର୍ଥନା ଗୃହ ଓ ଡେସ୍କ ସଠିକ ଭାବେ କାର୍ଯ୍ୟ କରୁଛି ନା ନାହିଁ ତଦାରଖ କରିଥିଲେ। ଶିଶୁ ସୁରକ୍ଷା ଦିଗରେ ଥାନା ଏସଡିପିଓ ଚିନ୍ମୟ ରାଉତ ଓ ଥାନା ଅଧିକାରୀ ପ୍ରଦୀପ ସେଠୀଙ୍କ ସହ ଆଲୋଚନା କରିଥିଲେ। ପରେ ବଫାପୁର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ସେଠାରେ ପିଲାଙ୍କ ଗହଣରେ ଘଣ୍ଟାଏ ବିତାଇଥିଲେ। ପିଲାଙ୍କୁ ସଠିକ ପୋଷଣ ଜାତୀୟ ଖାଦ୍ୟ ଦିଆଯାଉଛି ନା ନାହିଁ ବୁଝିଥିଲେ। କେନ୍ଦ୍ରରେ ଉତ୍ତମ ବ୍ୟବସ୍ଥା ରହିଥିବାରୁ ଅଙ୍ଗନୱାଡି କର୍ମୀ କବିତା ସେଠୀଙ୍କ ପ୍ରଶଂସା କରିଥିଲେ। ସରପଞ୍ଚ ରିତାଞ୍ଜଳି ମଲ୍ଲିକ, ସିଡିପିଓ ଅଶ୍ରୁମଣି ସୋରେନ, ଅଙ୍ଗନବାଡି କର୍ମୀ କବିତା ସେଠୀ, ସହାୟିକା ଯଶୋଦାରାଣୀ ବେହେରା, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ, ନରେଶ ଗୋଚ୍ଛାୟତ, ପୂର୍ବତନ ଅଧ୍ୟକ୍ଷ ରବିପ୍ରସନ୍ନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରକୁ ଛତୁଆ ବିତରଣ କରୁଥିବା କନିମୁଳ ପଞ୍ଚାୟତ ଙ୍ଗସର ଗ୍ରାମ ଛତୁଆ କେନ୍ଦ୍ର ପରିଦର୍ଶନ କରିଥିଲେ।



### ■ ତେନ୍ତୁଳିପଦା ବିଦ୍ୟାଳୟରେ ସାରଳା ପାଠଚକ୍ର

## ବରପୁତ୍ରଙ୍କ ପ୍ରତିମୂର୍ତ୍ତି ତାଲିକାରେ ସାରଳା ଦାସଙ୍କୁ ସାମିଲ କରାଯାଉ



ତିର୍ତ୍ତୋଲ, ୧୧।୯ (ସମିସ): ଆଦିକବି ସାରଳା ଦାସଙ୍କ ଜନ୍ମମାଟି ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦା ଗ୍ରାମସ୍ଥ ସରକାରୀ ଉପ୍ରା ବିଦ୍ୟାଳୟରେ ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀଙ୍କୁ ନେଇ ସାରଳା ପାଠଚକ୍ର ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପୀଠଚକ୍ରରେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଘୋଷିତ ୨୦ ଜଣ ବରପୁତ୍ର ତାଲିକାରେ ଓଡ଼ିଶା ଭାଷା ସାହିତ୍ୟର ପ୍ରାଣପ୍ରତିଷ୍ଠାତା ସାରଳା ଦାସଙ୍କ ନାମ ନ ଥିବାରୁ ଅତିଥିମାନେ କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟ ସରକାର ତାଙ୍କ ନାମ ସାମିଲ କରିବା ଦାବି କରିଥିଲେ। ପରିଷଦର ସଭାପତି ସୁରେଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୀଠଚକ୍ରରେ ମୁଖ୍ୟଅତିଥି ଶିକ୍ଷାବିତ୍ କମଳାକାନ୍ତ ପରିଜା, ମୁଖ୍ୟବକ୍ତା ପରିଷଦର ଉପଦେଷ୍ଟା ସୁବାସ ସାହୁ, ସମ୍ମାନିତ ଅତିଥି ପ୍ରାକ୍ତନ କୃଷି ଅଧିକାରୀ ରବିନ୍ଦ୍ର ସିଂହ, କବି ପ୍ରଭାତ ପରିଜା, ସାମ୍ବାଦିକ ଶ୍ରୀକାନ୍ତ ଦାଶ, ଶରତ ଦାଶ ସାରଳା ସାହିତ୍ୟ ଜୀବନରେ ଉପାଦେୟତା ଓ ଉତ୍କର୍ଷତା ସମ୍ବନ୍ଧରେ ମତପୋଷଣ କରିଥିଲେ। ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶ୍ରଦ୍ଧାଞ୍ଜଳି ଦାସ, କବିତା ସେଠୀ, ମଧୁସ୍ମିତା ବେହେରା, ସଞ୍ଜିବ ପରିଜା, ସୁରେନ୍ଦ୍ର ସାହୁ, ନମିତା ସିଂହ ପ୍ରମୁଖ ଅଂଶଗ୍ରହଣ କରିଥିବାବେଳେ କବି ଆଶିଷ ପରିଜା ଧନ୍ୟବାଦ ଦେଇଥିଲେ।

## କାନୁନଗୋସାହିକୁ ରାଜସ୍ୱ ଗ୍ରାମ ଦାବି

ନାଉଗାଁ,୧୧।୯ (ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ ପଞ୍ଚାୟତର କାନୁନଗୋସାହି ଗାଁ ରାଜସ୍ୱ ଗ୍ରାମ ନାଉଗାଁଠାରୁ ପ୍ରାୟ ଦେଢ କିମି ଦୂର। ଲୋକ ସଂଖ୍ୟା ୧ ହଜାରରୁ ଅଧିକ ରହିଛି। ଏହି ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବାକୁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଆଜି ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଏହାର ସମାଧାନ କରାଯିବାକୁ ଅନୁରୋଧ କରାଯାଇଛି।



## ହୋଟେଲରୁ ବିଦେଶୀମଦ ଜବତ, ଜଣେ ଗିରଫ

ଜଗତସିଂହପୁର,୧୧।୯ (ସମିସ): ଜଗତସିଂହପୁର ଏସ୍‌ଡିପିଓ ଆଜିଙ୍କ୍ୟା ମାନେଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ଅନ୍ତର୍ଗତ ସାଁପୁର ଆରଟିଓ ଅଫିସ ଛକ ନିକଟରେ ଥିବା ବାସୁକ୍ରିଷ୍ଣା ହୋଟେଲ ଉପରେ ଚଢ଼ଉ କରି ପୁଲିସ ୩୦.୧୪୦ ଲିଟର ବିଦେଶୀମଦ ଜବତ କରିଛି। ଏହି ମାମଲାରେ ସର୍ବେଶ୍ୱର ଖୁଣ୍ଟିଆ ନାମକ ଜଣେ ବ୍ୟକ୍ତିକୁ ଗିରଫ କରାଯାଇଥିବା ସଦର ଥାନା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି। ଏହି ହୋଟେଲରେ ଚୋରାରେ ମଦ ବ୍ୟବସାୟ ଚାଲିଥିବା ଖବର ପାଇବା ପରେ ପୁଲିସ ଚଢ଼ଉ କରିଥିଲା। ସେହିପରି ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ସିଙ୍ଗାରପୁର ପୋଲ ନିକଟରୁ ସ୍ଥାନୀୟ ପୁଲିସ ଶଙ୍କର୍ଷଣ ସିଂ ନାମକ ଜଣେ ଚୋରା ବ୍ୟବସାୟୀକୁ ଗିରଫ କରିଛି। ତା' ନିକଟରୁ ୨୭ ବୋତଲ ବିଦେଶୀ ମଦ ଓ ଏକ ସ୍କୁଟିକୁ ପୁଲିସ ଜବତ କରିଛି। ପରେ ଶଙ୍କର୍ଷଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି।

## ସମବାୟ ସମିତି ସଭାପତି ଓ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ

ରଘୁନାଥପୁର,୧୧।୯ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ୟୁରିଆ ସାରର ଉତ୍କଟ ଅଭାବ ନେଇ ଚାଷୀ ହଟହଟା ହେଉଥିବାବେଳେ ତାରପୁର ପ୍ରାଥମିକ କୃଷି ସମବାୟ ସମିତି ଓ ମା' ନାରାୟଣୀ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି ଓ ସଭାପତି ଦେବେନ୍ଦ୍ର ସ୍ୱାଇଁ ପ୍ରାଥମିକ କୃଷି ସମବାୟ ସମିତିକୁ ଆସିଥିବା ସାରକୁ ମନଇଚ୍ଛା କୌଣସି ନୋଟିସ ନ ଦେଇ ନିଜ ଲୋକଙ୍କୁ ବାଣ୍ଟିବାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତାରପୁର ସରପଞ୍ଚ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସଭାପତି ଦେବେନ୍ଦ୍ର ସ୍ୱାଇଁଙ୍କୁ ଆମ ସାମ୍ବାଦିକ ଯୋଗାଯୋଗ କଲେ ସେ କହୁଛନ୍ତି, ଆମ ଇଚ୍ଛା ଆମେ ଯାହାକୁ ସାର ଦେବୁ, ତୁମର କ'ଣ ଗଲା। କଲେକ୍ଟରଙ୍କ ସହ ଯୋଗାଯୋଗ କର। ସଭାପତିଙ୍କ ଏଭଳି କଥା କେତେଦୂର ଯୁକ୍ତିଯୁକ୍ତ ତାହା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଯଦି ଏଭଳି ଚାଲେ ବଡ଼ଧରଣର ଚାଷୀ ଆନ୍ଦୋଳନକୁ ସରକାର ଓ ପ୍ରଶାସନ ଅଟକାଇ ପାରିବେନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ଅନସୂୟା ନାୟକଙ୍କ ପରଲୋକ

କୁଜଙ୍ଗ,୧୧।୯ (ସମିସ): ପଙ୍କପାଳ ପଞ୍ଚାୟତ ପହଣା ଗ୍ରାମର ସେବା ନିବୃତ୍ତ ସିଆର୍‌ସିସି ତଥା ବିଜେପି ନେତା ସନ୍ତୋଷ ନାୟକଙ୍କ ପତ୍ନୀ ଅନସୂୟା ନାୟକ(୬୨)ଙ୍କ ପରଲୋକ ହୋଇଯାଇଛି। ସେ କିଛିବର୍ଷ ଧରି ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସୌମ୍ୟରଞ୍ଜନ ପଟ୍ଟନାୟକ, ଝିଅ ସ୍ମରଣିକା ପଟ୍ଟନାୟକ, ସାଗରିକା ପଟ୍ଟନାୟକ, ଜ୍ୱାଇଁ ପ୍ରବୀନ ତ୍ରିପାଠୀ, ଅଜିତ ସିଂହରାଠୋର ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ବିଜେପି ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ, ଶିଳ୍ପମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା, ବିଜେପି ପଞ୍ଚାୟତ ପ୍ରମୁଖ ସୁଦାମ ମଲ୍ଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବଡ଼କୋରକୋର୍ ଗାଁ ରାସ୍ତା ଶୋଚନୀୟ



ରଘୁନାଥପୁର,୧୧।୯ (ସମିସ): ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଅଢେଇକୂଳ ପଞ୍ଚାୟତ ବଡ଼କୋରକୋର ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଗ୍ରାମର କେତେକ ବ୍ୟକ୍ତି ରାସ୍ତା କରାଇ ଦେଉ ନ ଥିବାରୁ ରାସ୍ତା ଅବସ୍ଥା ଏଭଳି ହୋଇଛି। ବହୁ ବର୍ଷ ପୂର୍ବେ ଗ୍ରାମବାସୀଙ୍କ ଉଦ୍ୟମରେ ପ୍ରାଥମିକ ବିଦ୍ୟାଳୟ ଖୋଲାଯାଇଥିଲା। ଏହି ସ୍କୁଲ ନାମରେ ଥିବା ଜମି ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ସ୍କୁଲକୁ ଯିବାକୁ ଥିବା ମୁଖ୍ୟ ରାସ୍ତା ଗ୍ରାମର ଗୋପୀନାଥଜୀଉଙ୍କ ନାମରେ ଥିବାବେଳେ ମାର୍ଫତଦାର ଭାବେ ଅନାଦି ଦାସ ଦଖଲ କରିଆସୁଥିଲେ। ଶ୍ରୀ ଦାସ ଜୀବିତ ଥିବାବେଳେ ସ୍କୁଲ ଆଗରେ ଥିବା ରାସ୍ତାକୁ ବ୍ଲକ୍ ପକ୍ଷରୁ ମୋହରମ କରାଯାଇଥିଲା। ଏହି ରାସ୍ତା ନିର୍ମାଣରେ ଗ୍ରାମବାସୀ ସହଯୋଗ କରିଥିଲେ। ଅନାଦି ଦାସଙ୍କ ଦେହାନ୍ତ ପରେ ତାଙ୍କର ଦୁଇପୁତ୍ର ଉକ୍ତ ରାସ୍ତାକୁ ଢଳେଇ କରାଇ ଦେଉନାହାନ୍ତି। ଅବସର ପରେ ବଡ଼ପୁଅ ଗାଁକୁ ଆସି ଲୋକଙ୍କୁ ପାଦଚଲା ରାସ୍ତା ବନ୍ଦ କରିଦେବା ଯୋଜନାରେ ଅଛନ୍ତି। ମୋ ଝିଅ ଦୁଇଜଣ କନିଷ୍ଠ ଯନ୍ତ୍ରୀ ଓ ଜ୍ୱାଇଁ ବିରିଡି ଜଳସେଚନ ବିଭାଗ ଅତିରିକ୍ତ ଯନ୍ତ୍ରୀ ଥିବାରୁ ଲୋକଙ୍କୁ ବିଭିନ୍ନ ଧମକ ଦେଇ ଜନସାଧାରଣ ରାସ୍ତା ବନ୍ଦ କରିଦେବାକୁ ବସିଛନ୍ତି। ସେ କହୁଛନ୍ତି, ଆମେ ଜମି ଦେବାରୁ ସ୍କୁଲ ହୋଇଛି। ଗୋପୀନାଥଜୀଉଙ୍କ ମାର୍ଫତଦାର କିଭଳି ଜମି ବିକ୍ରୟ କଲେ ସେ ନେଇ ଲୋକଙ୍କ ମନରେ ସନ୍ଦେହ ଉପୁଜିଲାଣି। ପୈତୃକ ସମ୍ପତ୍ତି କ୍ରୟ ବିକ୍ରୟ କରାଯାଇଥାଏ। ମାର୍ଫତଦାର ଥିବା ବ୍ୟକ୍ତି ଗୋପାଳଜୀଉଙ୍କ ଜମି ଯଦି ସ୍କୁଲକୁ ଦାନ କରିଥିଲେ, ପୁଅମାନେ ସେଠାକୁ ରାସ୍ତା କରିବାକୁ ବିରୋଧ କାହିଁ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଗୋପୀନାଥଜୀଉଙ୍କ କେତେକ ଜମିକୁ କିଛି ଲୋକଙ୍କୁ ରହିବା ପାଇଁ ବିକ୍ରୟ କରିଥିଲେ ବି ଜମି କ୍ରେତା ସେହି ଜମିକୁ ଘରବାରି କରିପାରୁଛନ୍ତି ନା ସ୍ଥାନୀୟ ବାସିନ୍ଦା ପ୍ରମାଣପତ୍ର ପାଇପାରୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପାଇ ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା ଓ ସିଡିପିଓ ତୃପ୍ତିଲତା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଦୁରବସ୍ଥା ଦେଖିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ପକ୍ଷରୁ ସରୋଜ ରାୟ, ଅନୁପ ସ୍ୱାଇଁ, ମାନସ ପଣ୍ଡା, ପ୍ରଭାତ ପଣ୍ଡା, ଶକ୍ତିଶଙ୍କର ପଟ୍ଟନାୟକ, ନବକିଶୋର ମହାରଣା, କୃତ୍ତିବାସ ମହାପାତ୍ର, ପ୍ରଳୟ ସାହୁ ପ୍ରମୁଖ ଦାବି ଉଠାଇଥିଲେ ଯେ ମାର୍ଫତଦାର ପରିବାର ଯଦି ଏହି ଢଳେଇ ରାସ୍ତାକୁ ବିରୋଧ କରନ୍ତି, ତେବେ ଠାକୁରଙ୍କ ଜମି ଦେବୋତ୍ତର ବିଭାଗକୁ ହସ୍ତାନ୍ତର କରାଯିବ। ପରେ ଗ୍ରାମବାସୀ ଗୋପୀନାଥଜୀଉଙ୍କ ମନ୍ଦିର ପୁନରୁଦ୍ଧାର ଓ ପର୍ବପର୍ବାଣୀ ପାଇଁ କମିଟି ଗଠନ ନିମନ୍ତେ ଦାବି ଉଠାଇଥିଲେ। ଯଦି ରାସ୍ତା ନିର୍ମାଣରେ ମାର୍ଫତଦାର ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ଗ୍ରାମବାସୀ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

### ଆଇନର ଆଶ୍ରୟ ନେବାକୁ ଗ୍ରାମବାସୀଙ୍କ ଚେତାବନୀ

## ଭେଷଜ ନିରୀକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଜଗତସିଂହପୁର,୧୧।୯ (ସମିସ): ଜଗତସିଂହପୁର ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ଭେଷଜ ନିରୀକ୍ଷକ ମନସ୍ୱିନୀ ବିଶ୍ୱାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ନୂତନ ନିରୀକ୍ଷକ ରୋଲେନ୍ସ ଭୂୟାଁଙ୍କୁ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘର ନୂତନ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ସାହୁ, ସାରଦା ପ୍ରସନ୍ନ ଶତପଥୀ, ରଶ୍ମିରଞ୍ଜନ ଜେନା, ବିଶ୍ୱଜିତ ସ୍ୱାଇଁ, ଏସକେ ନିୟଜଉଦ୍ଦିନ, ଆଶିଷ ମହାପାତ୍ର, ସୌମେନ୍ଦ୍ର ଖୁଣ୍ଟିଆ, ପ୍ରଭାତ ସାହୁ, ସୁବାସ ସାହାଣୀ, ବିବେକ ମହାନ୍ତି, ପ୍ରଶାନ୍ତ ପାଲ, ସଂଜୀବ ଦାସ, ନିରଞ୍ଜନ ମହାନ୍ତି, ଶୁଭକାନ୍ତ ମିଶ୍ର ଓ ବିଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ବିରିଡ଼ି ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

## ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା



ଜଗତସିଂହପୁର,୧୧।୯ (ଇମିସ): ବିରିଡ଼ି ପଞ୍ଚାୟତ ସମିତିର ନବମ ସ୍ୱତନ୍ତ୍ର ବୈଠକ ପଞ୍ଚାୟତ ସମିତି ସଭା ଗୃହରେ ଅଧ୍ୟକ୍ଷା ମମତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡିଓ ଆୟୁଷୀ ପତି ସ୍ୱାଗତ କରିବା ସହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ସରକାରୀ ଯୋଜନାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳମତ ନିର୍ବିଶେଷରେ ମିଳିମିଶି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ସଭ୍ୟା ଦୀପ୍ତିମୟୀ ରାୟ, ଏବିଡିଓ ନିରୋଦ ସାମଲ, ବିଇଓ ମିହିର ପାଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିରିଡି ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ମନରେଗା ଯୋଜନା, ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ଆଦି କାର୍ଯ୍ୟରେ ରହିଥିବା ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ତ୍ୟୋଦୟ ସର୍ଭେରେ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ସମ୍ପର୍କରେ ବହୁ ଅଭିଯୋଗ ତାଙ୍କର ହସ୍ତଗତ ହୋଇଥିବା ବିଧାୟକ ଡ. ଭୋଇ ଅସନ୍ତୋଷ ପ୍ରକାଶ କରିବା ସହିତ ସମସ୍ତ ଯୋଜନାରେ ହିତାଧିକାରୀ ଚୟନ ବେଳେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଯୋଗ୍ୟ ବ୍ୟକ୍ତିଙ୍କୁ ସର୍ଭେ କରାଯାଇ ଗୃହ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅଣଖିଆ ନିକଟ ବସୁଧା ଯୋଜନା ଓଭରହେଡ଼ ପାଣି ଟାଙ୍କି ଦୀର୍ଘ ଦିନରୁ ସଫା ହୋଇ ନ ଥିବାରୁ ଶିଉଳି ବାହାରୁଥିବା ବିଭାଗୀୟ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେହି ଶୁଣୁ ନ ଥିବା ବୈଠକରେ ଅଭିଯୋଗ ହୋଇଥିଲା। ସେହିପରି ଭୋଟର କାର୍ଡ ଓ ଅନଲାଇନ୍ ଆବେଦନରେ ତାଳମେଳ ରହୁ ନ ଥିବାରୁ ନୂତନ ଭତ୍ତା ସହ ୮୦ ବର୍ଷରୁ ଅଧିକ ଯୋଗ୍ୟ ବ୍ୟକ୍ତି ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇଥିବା, ୨୨ ମୌଜା ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବା ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ ଉଠାଇଥିଲେ। ବୈଠକରେ ସରପଞ୍ଚ, ସମିତି ସଭ୍ୟସଭ୍ୟାଙ୍କ ସମେତ ଅତିରିକ୍ତ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବେହେରା, ବିପିଏମ ରୁଦ୍ରପ୍ରତାପ ନନ୍ଦ, ବିଏସଏସଓ ଜ୍ୟୋତିର୍ମୟୀ ଜେନା, ବିପିସି ମଧୁସ୍ମିତା ବିଶ୍ୱାଳଙ୍କ ସହ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ପୂର୍ବତନ ଜିଲ୍ଲା ପରିଷଦ, ସମତିସଭ୍ୟ, ସରପଞ୍ଚଙ୍କ ବୈଠକ




ବାଲିକୁଦା,୧୧।୯ (ସମିସ): ବାଲିକୁଦା ବ୍ଲକ୍‌ର ପୂର୍ବତନ ଜିଲ୍ଲା ପରିଷଦ, ସମିତିସଭ୍ୟ ଓ ସରପଞ୍ଚଙ୍କ ବୈଠକ କାଳିଓ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲ୍ଲା ସରପଞ୍ଚ, ସମିତି ସଭ୍ୟ ଓ ସରପଞ୍ଚ ସଙ୍ଘ ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାଲିକୁଦା, ନାଉଗାଁ, କୁଜଙ୍ଗ, ତିର୍ତ୍ତୋଲ ବ୍ଲକର ପୂର୍ବତନ ଜନପ୍ରତିନିଧି ଯୋଗ ଦେଇ ସ୍ୱାସ୍ଥ୍ୟବୀମା, ଭୁବନେଶ୍ୱରରେ ପଞ୍ଚାୟତ ଭବନ ନିର୍ମାଣ, ସେବା ନିବୃତ୍ତ ଜନପ୍ରତିନିଧିଙ୍କୁ ଅବସରକାଳୀନ ଭତ୍ତା ଦାବି କରାଯାଇଥିଲା। ଜିଲ୍ଲାର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ସମସ୍ୟା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏ ଅବସରରେ ବାଲିକୁଦା ସାଂସଦ ପ୍ରତିନିଧି ପ୍ରଶାନ୍ତ ସ୍ୱାଇଁ ଓ ନାଉଗାଁ ସାଂସଦ ପ୍ରତିନିଧି ଲଲାଟେନ୍ଦୁ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ବାଲିକୁଦା ବ୍ଲକର ନାରାୟଣ ମହାରଣା, ପ୍ରଶାନ୍ତ ବାରିକ, ନୃସିଂହ ସ୍ୱାଇଁ, ଯତୀନ୍ଦ୍ର ନାୟକ, ମହନୀ ରାଉତ, ଶିବବ୍ରତ ଦାସ, ବାବାଜୀ ସେଠୀ, ହରିଶ୍ଚନ୍ଦ୍ର ଶତପଥୀ, ହେମନ୍ତ ସେଠୀ, ଘନଶ୍ୟାମ ବେହେରା, ଜୟରାମ ଦାସ, ସବ୍ୟସାଚୀ ଦାସ, ରମେଶ ସ୍ୱାଇଁ, ସମୀର ସେନାପତି, ଶୁଭେନ୍ଦୁ ଭୋଳ, ନିରଞ୍ଜନ ବେଉରା, ଅକ୍ଷୟ ଜେନା, ଡମ୍ବରୁଧର ସ୍ୱାଇଁ, ମୁରଲୀଧର ରାଉତ ପ୍ରମୁଖଙ୍କ ସହ ସମସ୍ତ ବ୍ଲକର ଶତାଧିକ ଜନପ୍ରତିନିଧି ଯୋଗ ଦେଇଥିଲେ।

# କଳିଙ୍ଗ ବାଲିଯାତ୍ରା ପ୍ରଥମ ପ୍ରସ୍ତୁତି ବୈଠକ

ପାରାଦୀପ,୧୧।୯ (ସମିସ):



କଳିଙ୍ଗ ବାଲିଯାତ୍ରା ପାଇଁ ଆଜି ଅଫିସର୍ସ କ୍ଲବ୍‌ରେ ପ୍ରଥମ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କର, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ଦାସ, ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନଭେମ୍ବର ୪ରୁ ଆୟୋଜିତ ହେବାକୁ ଥିବା କଳିଙ୍ଗ ବାଲିଯାତ୍ରାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ କଳିଙ୍ଗ ନୌବାଣିଜ୍ୟର ପ୍ରତୀକ ବାଲିଯାତ୍ରାକୁ ଭବ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ ଗତବର୍ଷ ଅପେକ୍ଷା ଏ ବର୍ଷ ଅଧିକ ସୁନ୍ଦର ଭାବେ ବାଲିଯାତ୍ରା ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଶାନ୍ତିଶୃଙ୍ଖଳାର ସହ ଏହି ଉତ୍ସବ ପାଳନ କରିବା ପାଇଁ ମତାମତ ଦେଇଥିଲେ। ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସୁନ୍ଦର ଭାବେ ପାଳନ କରାଯିବା ନେଇ ମତ ରଖିଥିଲେ। ପୌର ନିର୍ବାହୀ ଅଧିକାରୀ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କମିଟିର ସମସ୍ତ ସଦସ୍ୟସଦସ୍ୟା, ବିଭିନ୍ନ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ, ସହରର ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

୨୦୧୯ରୁ ବାଲିଯାତ୍ରା କମିଟି ପକ୍ଷରୁ ଆୟବ୍ୟୟ ହିସାବ ଦିଆ ନ ଯିବାରୁ ଗଣମାଧ୍ୟମ ପ୍ରତିନିଧି କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବରୁ ବାଲିଯାତ୍ରା କମିଟି ପ୍ରସ୍ତୁତି ବୈଠକରେ ଏହି ହିସାବ ସମସ୍ତ କମିଟି ମେମ୍ବରଙ୍କ ସମ୍ମୁଖରେ ଦେଉଥିବାବେଳେ ବର୍ତ୍ତମାନ ଏହି ହିସାବକୁ ସର୍ବ ସମ୍ମୁଖରେ କାହିଁକି ସାର୍ବଜନୀନ କରାଯାଉନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ ରଖିଥିଲେ ମଧ୍ୟ କମିଟି ଅଧ୍ୟକ୍ଷ ଏ ସମ୍ପର୍କରେ ମୁଁହ ଖୋଲି ନ ଥିଲେ। ଯାହା ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସରକାର ପରିବର୍ତ୍ତନ ପରେ କେତେକ ସଦସ୍ୟଙ୍କ ନାମ କମିଟି ପକ୍ଷରୁ କାଟି ଦିଆଯାଇଥିବାରୁ ସେମାନଙ୍କୁ ବୈଠକକୁ ନିମନ୍ତ୍ରଣ କରାଯାଇ ନ ଥିଲା। ପାରାଦୀପରେ ବାଲିଯାତ୍ରା ଆୟୋଜନ କରିବାର ପ୍ରମୁଖ ଭୂମିକା ଥିବା ବିଜୁବାବୁ ଓ ସ୍ୱର୍ଗତ ଦାମବାବୁଙ୍କୁ ଏହି ବାଲିଯାତ୍ରାରେ ଉଚିତ ସମ୍ମାନ ଦିଆଯାଉ ନ ଥିବାରୁ କିଛି ସଦସ୍ୟ ଅସନ୍ତୋଷ ପ୍ରକାଶ କରିବା ସହ ବାଲିଯାତ୍ରା ପେଣ୍ଡାଲରେ ବିଜୁବାବୁଙ୍କ ଫଟୋଚିତ୍ର ରଖିବାକୁ ଦାବି କରିଥିଲେ।

## ଛତି ଗୋଟାଇବାକୁ ଯାଇ ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ



କୁଣ୍ଢେଇଗୋଳା,୧୧।୯ (ସମିସ): ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅଧୀନ କୁରଡପଶି ଗ୍ରାମରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ଜୀବନ ଯାଇଥିବା ଜଣାପଡିଛି। ଗାଁର କୋହ୍ଲ ନାୟକ (୭୦) ଆଜି ସକାଳୁ ଗାଁର ଜଙ୍ଗଲକୁ ଛତି ତୋଳିବାକୁ ଯାଇଥିବା ବେଳେ ସେଠାରେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରି ଦଳି ଦେଇଥିଲା। ଘଟଣା ପରେ ସେଠାକୁ ଯାଇଥିବା ଅନ୍ୟ କେତେକ ଗ୍ରାମବାସୀ ମୃତକଙ୍କ ପରିବାର ସମେତ ବନ ବିଭାଗ ଓ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ଫରେଷ୍ଟରେଞ୍ଜର ନିରଞ୍ଜନ ଧରୁଆ, ଫରେଷ୍ଟର ମନ୍ମଥ ବେହେରା, କୁଣ୍ଢେଇଗୋଳା ଥାନା ଅଧିକାରୀ ଜନ୍ କୁଜୁର୍ ଓ ବନ ବିଭାଗର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ସୂଚନା ରହିଛି। ଅନ୍ୟ ପକ୍ଷରେ ସ୍ଥାନୀୟ ଅଞ୍ଚଳରେ ପ୍ରତିବର୍ଷ ହାତୀ ଆକ୍ରମଣରେ ବାରମ୍ବାର ଗ୍ରାମବାସୀଙ୍କର ମୃତ୍ୟୁ ଘଟୁଥିଲେ ମଧ ହାତୀ ମାନଙ୍କୁ ଅନ୍ୟତ୍ର ଘଉଡାଇଇବାରେ ବନ ବିଭାଗ ବିଫଳ ହୋଇଥିବା ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଉଛି। ବର୍ତ୍ତମାନ ଧାନ ଫସଲକୁ ହାତୀ ମାନେ ନଷ୍ଟ କରୁଥିବା ବେଳେ ବନ ବିଭାଗ ଏହାର ସ୍ଥାୟୀ ସମାଧାନ କରି ପାରୁନାହିଁ। ତେଣୁ ଯଥାଶୀଘ୍ର ଏଥିପ୍ରତି ବନ ବିଭାଗ ସ୍ଥାନୀୟ ଅଞ୍ଚଳରୁ ହାତୀ ମାନଙ୍କୁ ଅନ୍ୟତ୍ର ଘୋଉଡାଇ ଅଞ୍ଚଳରେ ଲୋକଙ୍କ ଧନ ଓ ଜୀବନ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦେବଗଡ଼ ବନଖଣ୍ଡର ୯୫ ପଞ୍ଚାୟତକୁ ଚାରା ବିତରଣ



ଦେବଗଡ଼,୧୧।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ୧୭ ତାରିଖ ଦିନ ଦେଶ ବ୍ୟାପି ଏକ ଦିବସୀୟ ବନୀକରଣ 'ମାଙ୍କ ପାଇଁ ଗଛଟିଏ' ଅଭିଯାନ ଅନୁଷ୍ଠିତ ହେବ। ଏନେଇ ଦେବଗଡ଼ ବନଖଣ୍ଡ ପକ୍ଷରୁ ଜିଲ୍ଲାର ୭୦ ପଞ୍ଚାୟତ ଓ ଅନୁଗୁଳ ଜିଲ୍ଲାର ୨୫ ପଞ୍ଚାୟତରେ ବନ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଚାରା ଯୋଗାଣ ଗତକାଲି ସମାପ୍ତ ହୋଇଛି। ଏହି ଉପଲକ୍ଷେ ସ୍ଥାନୀୟ ଫରେଷ୍ଟ ବାରାକ ଠାରେ ବନଖଣ୍ଡ ଅଧିକାରିଣୀ ସୁଶ୍ରୀରଶ୍ମି ଜୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀ ଓ ଅରୁଣ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଦେବଗଡ଼ ବନଖଣ୍ଡ ଅଧୀନ ସମସ୍ତ ୯୫ ପଞ୍ଚାୟତକୁ ସବୁଜ ପଞ୍ଚାୟତରେ ପରିଣତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶେଷ ପଞ୍ଚାୟତକୁ ଚାରା ବିତରଣ ନିମନ୍ତେ ସବୁଜରଥକୁ ଜିଲ୍ଲାପାଳ ଶ୍ରୀ ସାହୁ ସବୁଜ ପତାକା ଦେଖାଇ ପ୍ରେରଣ କରିଥିଲେ।

● ୧୭ରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ଅବସରରେ ଅନୁଷ୍ଠିତ ହେବ ଏକକାଳୀନ ଚାରାରୋପଣ

## ଜଙ୍ଗଲ ଜମିକୁ ମେଟାଲିକ କମ୍ପାନୀ ବ୍ୟବହାର କରୁଥିବା ଅଭିଯୋଗ କଲେ ଗ୍ରାମବାସୀ

ଝାରସୁଗୁଡ଼ା,୧୧।୯ (ସମିସ): ଝାରସୁଗୁଡ଼ା ସଦର ବ୍ଲକ୍ ମରାକୁଠା ଠାରେ ଥିବା ଓଡ଼ିଶା ମେଟାଲିକ କମ୍ପାନୀ ଗାଁରେ ଥିବା ଜଙ୍ଗଲ ଜମିକୁ ନିଜ ବ୍ୟବହାରରେ ଲଗାଇ ଥିବା ଅଭିଯୋଗ କରି ମରାକୁଠା ଗ୍ରାମବାସୀ ଗତକାଲି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଗାଁରେ ଥିବା ଗୋଚର ଓ ଜଙ୍ଗଲ ଜମିକୁ ଓଡ଼ିଶା ମେଟାଲିକ କମ୍ପାନୀ ନିଜ ଅକ୍ତିଆରରେ ରଖି ବ୍ୟବହାର କରୁଛି। ଏହା ସହିତ କହେଁଇ ନାଲାକୁ କାନ୍ଥ ଦେଇ କମ୍ପାନୀ ବ୍ୟବହାର କରୁଥିବା ବେଳେ ଗାଁର ଶ୍ମଶାନ ଭୂଇଁକୁ ମଧ ନିଜ ଅକ୍ତିଆର ରଖିଛି। ଏହାଦ୍ୱାରା ଗାଁର ଗାଇ ଗୋରୁଙ୍କ ଚାରଣ ଭୂମିର ଅଭାବ, ଶବଦାହ ଏବଂ ପାଖ ଅଞ୍ଚଳରେ ବୃକ୍ଷରୋପଣ ଆଦି କାର୍ଯ୍ୟରୁ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି। ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଗ୍ରାମବାସୀ ତୁରନ୍ତ ଏହାର ତଦନ୍ତ କରି ଗ୍ରାମବାସୀଙ୍କୁ ଜମି ଫେରାଇବା ସହିତ ଲୋକମାନଙ୍କୁ ମୌଳିକ ସୁବିଧା ପାଇବାରେ ସହଯୋଗ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ ମରାକୁଠା ସରପଞ୍ଚ ଲିଲି ତନ୍ତୀ, ସମିତି ସଭ୍ୟ ସୁଜାତା ମେହେର, ନାଏବ ସରପଞ୍ଚ ଆଶିଷ ଗର୍ଡିଆଙ୍କ ସହିତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏ ନେଇ ଓଡ଼ିଶା ମେଟାଲିକର ଅଜିତ ସିଂ ପଚାରିବାରୁ ସେ ମତାମତ ଦେବାକୁ ମନା କରିଥିଲେ।

# ଗୋ ମାଫିଆଙ୍କ ଗାଡ଼ି ଧକ୍କାରେ ଟୋଲ୍ କର୍ମଚାରୀ ମୃତ

ଇବଥର୍ମାଲ,୧୧।୯ (ସମିସ)



ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ୍ ଜାତୀୟ ରାଜପଥ ତଥା ରେଙ୍ଗାଲି ଥାନା ଅଧୀନ ଗୋବିନ୍ଦପୁର ଟୋଲ୍‌ଗେଟ୍ ଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣକ କଦମଡିହି ପର୍ସିଆନ୍ ଗାଁର ଅନିଲ ପଟେଲ ଓ ସେ ଟୋଲ୍‌ଗେଟ୍ କର୍ମଚାରୀ ବୋଲି ଜଣାପଡିଛି। ବୁଧବାର ରାତି ପ୍ରାୟ ୩ଟାରେ ଏକ ଗୋରୁ ବୋଝେଇ ଗାଡ଼ି ଗୋବିନ୍ଦପୁର ଟୋଲ୍ ଗେଟ୍ ଠାରେ ଅନିଲଙ୍କୁ ଧକ୍କା ଦେଇ ଅନେକ ବାଟ ଘୋଷାଡି ନେଇଥିଲା। ପରେ ମାଫିଆମାନେ ଗାଡ଼ି ଛାଡି ଫେରାର ହୋଇଥିଲେ। ରେଙ୍ଗାଲି ପୁଲିସ ଗାଡ଼ିକୁ ଜବତ୍ କରି ସେଥିରେ ଥିବା ୬ଟି ଗୋରୁଙ୍କୁ ଉଦ୍ଧାର କରିଥିଲା। ଘଟଣା ଜଣାପଡିବା ପରେ ଅନିଲଙ୍କ ପରିବାର ଲୋକଙ୍କ ସମେତ ଅଞ୍ଚଳବାସୀ ଟୋଲ୍ ଗେଟ୍ ପାଖରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ୍ ଶବକୁ ଉଠେଇ ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା। ହେଲେ ଶବ ଅଣାଯିବା ପରେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଝାରସୁଗୁଡାରୁ ଛତିଶଗଡ ଯୋଗାଯୋଗ ବନ୍ଦ ହୋଇ ରାସ୍ତାରେ ଲମ୍ବା ଲାଇନରେ ଯାନବାହନ ଛିଡା ହୋଇଥିଲା। ଅନିଲ ଟୋଲ ଗେଟ୍‌ରେ କାର୍ଯ୍ୟରତ ଅବସ୍ଥାରେ ଦୁର୍ଘଟଣାରେ ଜୀବନ ହାରିଥିବାରୁ ତାଙ୍କ ପରିବାରର ଜଣକୁ ଟୋଲ ଗେଟ୍‌ରେ ଚାକିରି ସହ ଉଚିତ କ୍ଷତିପୂରଣ ଦେବାକୁ ପ୍ରବଳ ଦାବି ହୋଇଥିଲା। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଲଖନପୁର ଅତିରିକ୍ତ ତହସିଲଦାର ଅଜିତ ମହନ୍ତ, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ଲଖନପୁର ଆଇଆଇସି ସୌମେନ୍ଦ୍ର ନାଏକ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଟୋଲ ଗେଟ୍ କର୍ତ୍ତୃପକ୍ଷ ପହଞ୍ଚି ବହୁ ବୁଝାସୁଝା କରିଥିଲେ। ପରେ ରାତି ପ୍ରାୟ ୮ଟା ୩୦ ବେଳକୁ ମାମଲା ସମାଧାନ ହୋଇଥିଲା। ମୃତକଙ୍କ ପରିବାରକୁ ୪ ଲକ୍ଷ ୭୦ ହଜାର ଟଙ୍କା କ୍ଷତିପୂରଣର ଦେବାକୁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା କୁହାଯାଇଛି।

**କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ**

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ପାୱାରପ୍ଲାଣ୍ଟ ପରିଦର୍ଶନ



ଇବଥର୍ମାଲ,୧୧।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଅନୁଶା ଏକ୍କା, ସମ୍ବିତ ମୁଣ୍ଡା ତଥା ଲଖନପୁର ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକ ଗୁରୁବାର ହଠାତ୍ ଲଖନପୁର ବ୍ଲକ୍ ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ପାୱାରପ୍ଲାଣ୍ଟ ଅଞ୍ଚଳ ପରିଦର୍ଶନରେ ଆସି ଫେରି ଯାଇଛନ୍ତି। ଗତ କିଛିମାସ ତଳେ ସ୍ଥାନୀୟ ଅଞ୍ଚଳରେ ଚିଲିକା, ରମ୍ପେଲା, କୁମ୍ଭାରବନ୍ଧ ତଥା ପିପିଲିକାନି ପଞ୍ଚାୟତ ଜନସାଧାରଣଙ୍କୁ ନେଇ ଗଠିତ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ଜିଲ୍ଲାପାଳ ସମେତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଅଭିଯୋଗ କରିଥିଲା। ଏହି ଆଧାରରେ ଗସ୍ତ ଥିଲା ବୋଲି ଅଧିକାରୀ ଅନୁଶା ଏକ୍କା ପ୍ରକାଶ କରିଛନ୍ତି। ସେମାନେ ପ୍ରଥମେ ଆସି ପରିବେଶ କମିଟି ସଦସ୍ୟ ମାନଙ୍କୁ ଭେଟିବା ପରେ ପାଉଁଶ ପରିବହନର ବ୍ୟବସ୍ଥା, ଜଳ ନିଷ୍କାସନର ବ୍ୟବସ୍ଥା ତଥା ରାସ୍ତା ଅବସ୍ଥା ଅନୁଧ୍ୟାନ କରିଥିଲେ। ଏହି ସମୟରେ ପରିବେଶ କମିଟିର ସାଧାରଣ ସମ୍ପାଦକ ଭୋନାଥ ବଢ଼େଇ, କୁମ୍ଭାର ବନ୍ଧ ସମିତି ସଭ୍ୟ ରମାକାନ୍ତ ମିର୍ଦ୍ଧା, ପିପିଲିକାନି ସମିତି ସଭ୍ୟ ବିଦ୍ୟାଧର ଚାନ୍ଦ, ତପନ ପାଟଯୋଷୀ ପ୍ରମୁଖଙ୍କ ସହ ଭେଟ କରି ପରିଦର୍ଶନ ପରେ ଚାଲି ଯାଇଥିଲେ। ଏହା ଉପରେ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ଏବଂ ଏହାର ସହିତ ପ୍ରତିକାର ପଦକ୍ଷେପ ସକାଶେ ଲେଖିବୁ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରିଣୀ ଏକ୍କାଙ୍କ ଠାରୁ ପ୍ରକାଶ।

## ଜିଲ୍ଲା ନୂତନ ଅବକାରୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ଝାରସୁଗୁଡ଼ା,୧୧।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ନୂତନ ଅବକାରୀ କାର୍ଯ୍ୟାଳୟ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଛତିଶଗଡ ସମେତ ଅନ୍ୟାନ୍ୟ ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ଦୃଷ୍ଟିରୁ ଏବଂ ରେଳ ଜଙ୍କସନ ଦୃଷ୍ଟିରୁ ବେଆଇନ ମାଦକ ଦ୍ରବ୍ୟର ପ୍ରବେଶ ଓ ଏହା ଉପରେ ପ୍ରତିବନ୍ଧକ ଲଗାଇବା ଏହାର ଏକ ମୁଖ୍ୟ ଉଦ୍ଦେଶ୍ୟ ରହିବ। ଏହଛଡ଼ା ଅବକାରୀ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟଶୈଳୀକୁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରଦାନ ଦିଗରେ କାର୍ଯ୍ୟାଳୟ ପଦକ୍ଷେପ ନେବ ବୋଲି ଆଶାବ୍ୟକ୍ତ କରିବା ସହ ବିଭାଗୀୟ ଅଧିକାରୀ ଏ ଦିଗରେ ଯତ୍ନବାନ ହେବାକୁ କାର୍ଯ୍ୟ କରିବେ ବୋଲି ବିଧାୟକ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ କହିଥିଲେ। ଅବକାରୀ ଅଧୀକ୍ଷକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଆଞ୍ଚଳିକ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଭାତ ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବକାରୀ ଉପ ଆରକ୍ଷୀ ଅଧୀକ୍ଷିକା ଶେର୍ଲି ଏକ୍କା, ଅବକାରୀ ଇନିସ୍ପେକ୍ଟର କ୍ଷିତିଶ ଦାସ, ବନ୍ଦନା ପଟ୍ଟନାୟକଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଧାୟକ, ଜିଲ୍ଲାପାଳ ଓ ଡିଏଫଓ ନୂତନ ଭାବେ ନିର୍ମିତ ଅବକାରୀ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ।

## କଫ ସିରପ୍ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

ଦେବଗଡ଼,୧୧।୯ (ସମିସ): ଦେବଗଡ଼ ଥାନାଞ୍ଚଳ ଅଧୀନ ରଙ୍ଗିଆଗୁଡା ଅଞ୍ଚଳରୁ ପୁଲିସ ଚଢ଼ଉ କରି ବେଆଇନ କଫ ସିରପ୍ ଜବତ କରିଛି। ଉକ୍ତ ଘଟଣାରେ ରଙ୍ଗିଆଗୁଡାର ଜୟ ଭଗବାନ ସାହୁ(୨୮)କୁ ପୁଲିସ ଗିରଫ କରିବା ସହ ତାଙ୍କ ନିକଟରୁ ୩୮ଟି କଫ ସିରପ୍ ବୋତଲ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଦେବଗଡ଼ ଥାନାଞ୍ଚଳର ରଙ୍ଗିଆଗୁଡା ଅଞ୍ଚଳର ଜୟ ଭଗବାନ ସାହୁଙ୍କ ଘରେ ବେଆଇନ ଭାବେ କଫ ସିରପ ବିକ୍ରି କରୁଥିବା ପୁଲିସ ବିଶେଷ ସୂତ୍ରରୁ ସୂଚନା ପାଇଥିଲା। ଆଜି ଜୟ ଭଗବାନଙ୍କ ଘରେ ପୁଲିସ ଚଢ଼ଉ କରି ଏକ ପ୍ଲାଷ୍ଟିକ ପଲିଥିନରୁ ୩୮ଟି କଫ ସିରପ ବୋତଲ ଜବତ କରିଥିଲା। ସେଥିମଧ୍ୟରୁ ୨୮ଟି ଏସକଫ ବୋତଲ ଓ ୧୦ଟି ଆର୍‌ଏକ୍ସ ଟସ୍ କଫ ସିରପ୍ ବୋତଲ ମିଳିଛି। ବିନା ଲାଇସେନ୍ସରେ ବେଆଇନ ବିକ୍ରି ପାଇଁ ଅଭିଯୁକ୍ତ ଜୟ ଭଗବାନ ସମ୍ବଲପୁରରୁ ଆଣି ସେ ଦେବଗଡ଼ରେ କଫ ସିରପ୍ ବିକ୍ରି କରୁଥିବା ବେଳେ ଆଜି ଅଭିଯୁକ୍ତକୁ ପୁଲିସ କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି।

## ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କୁ ଝାରସୁଗୁଡ଼ାରେ ସ୍ୱାଗତ



ଝାରସୁଗୁଡ଼ା,୧୧।୯ (ସମିସ): ସିନେ ତାରକା ତଥା ଦିଗପହଣ୍ଡିର ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କୁ ଝାରସୁଗୁଡ଼ା ବିଜେପି ପକ୍ଷରୁ ସ୍ୱାଗତ କରାଯାଇଛି। ଗୁରୁବାର ଟ୍ରେନ ଯୋଗେ ବିଧାୟକ ଶ୍ରୀ ମହାପାତ୍ର ଝାରସୁଗୁଡ଼ା ରେଳ ଷ୍ଟେସନରେ ଓହ୍ଲାଇଥିଲେ। ସେଠାରେ ଝାରସୁଗୁଡ଼ା ଜିଲ୍ଲା ବିଜେପି ପକ୍ଷରୁ କାଉନସିଲର ଦେବବ୍ରତ ପାଣ୍ଡେ, ବନ୍ଦନା ମୁଦ୍ରା, ତରଙ୍ଗ ଦୁବେ ପ୍ରମୁଖଙ୍କ ସହ ସହର ମଣ୍ଡଳ ସଭାପତି ଅରବିନ୍ଦ ପାଠକ, ସୋନୁ ଥିରାଣୀ, ବାବକୁ ସିଂ, ବିବେକ ଶ୍ରୀବାସ ପ୍ରମୁଖ ବିଧାୟକ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

## ସୁଶୀଳା ମହାନନ୍ଦଙ୍କ ପରଲୋକ



ପଦ୍ମପୁର,୧୧।୯ (ସମିସ): ପଦ୍ମପୁର ସ୍ଥିତ ଶାନ୍ତିନଗର ପଡା ନିବାସୀ ଜ୍ୟୋତିଷ ମହାନନ୍ଦଙ୍କ ଧର୍ମପତ୍ନୀ ସୁଶୀଳା ମହାନନ୍ଦ (୫୫)ଙ୍କ ଅକାଳ ବିୟୋଗ ଘଟିଛି। ସେ ହଠାତ୍ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କ ପରଲୋକ ହୋଇଥିଲା। ତାଙ୍କ ପଛରେ ସ୍ୱାମୀ, ପୁଅ ସୁଶାନ୍ତ ମହାନନ୍ଦ, ପ୍ରଶାନ୍ତ ମହାନନ୍ଦ ବହୁ ଦିକ୍ଷା ମହାନନ୍ଦଙ୍କ ସମେତ ପରିବାର ବର୍ଗ ବନ୍ଧୁ ବାନ୍ଧବ ରହିଛନ୍ତି। ତାଙ୍କର ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବର ପାଇଁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ବଡ ପୁଅ ସୁଶାନ୍ତ ମହାନନ୍ଦ ମୁଖାଗ୍ନି ଦେଇଥିଲେ।

## ଗୁଛାପାଲିରେ ନୂଆଁଖାଇ ଭେଟ୍‌ଘାଟ୍




କୋଲାବିରା,୧୧।୯ (ସମିସ): କୋଲାବିରା ବ୍ଲକ୍ ସୋଡ଼ାମାଲ ପଞ୍ଚାୟତ ଗୁଛାପାଲି ଠାରେ ସମନ୍ୱିତ ଆଦିବାସୀ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ମହାଆଡମ୍ବର ସହିତ ଧୂମଧାମରେ ପାଳନ ହୋଇଯାଇଛି। ଆଖପାଖ ଅଞ୍ଚଳର ମହିଳା ପୁରୁଷ ମାନଙ୍କ ସହ ଅନେକ ସାଂସ୍କୃତିକ ଦଳ ଏଥିରେ ସାମିଲ ହୋଇ ନାଚଗୀତ ମାଧ୍ୟମରେ ଗାଁ ପରିକ୍ରମା କରି ପଟାଭାଡି ପଡା ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ସଂଗଠନ ସଭାନେତ୍ରୀ ପଦ୍ମିନୀ ମୁଣ୍ଡାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ ଉପ ସଭାପତି ପ୍ରେମସାଗର ଧୁରୁଆ, ଏସଟି ଏସସି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ବରିଷ୍ଠ ଓକିଲ ଲକ୍ଷ୍ମୀଚରଣ ପାଲ, ସଂଗଠନ ସଂପାଦକ ପ୍ରଭାକର ଓରାମ, ସଂପାଦକ ରବୀନ୍ଦ୍ର ସୋହେଲା, ଛାତ୍ରନେତା ତଥା ଓକିଲ ଜିତେନ୍ଦ୍ରୀୟ ଧୁରୁଆ, ଅସୀମ ପଟେଲ, ସରପଞ୍ଚ ଚନ୍ଦନ ପଟ୍ଟନାୟକ, ସମାଜସେବୀ ସୁରେନ୍ଦ୍ର ନାଏକ, ତ୍ରିଲୋଚନ ଡନସନା, ସମାସିଂହା ରମାଦେବୀ ଅନୁସୂଚିତ ଜାତି ମହିଳା ସଭାପତି ସୂର୍ଯ୍ୟକାନ୍ତି ଚାନ୍ଦ, ନିଲେନ୍ଦ୍ରୀ କାଲୋ ପ୍ରମୁଖ ଯୋଗ ଦେଇଥିଲେ। ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ଚିନ୍ତାମଣି ଗୁରୁ ଓ ଅର୍ଜୁନ ପଟେଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରାହୋଇଥିଲା। ଉତ୍ସବ ପାଳନ ଅବସରରେ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସାଂସ୍କୃତିକ ଦଳ ଜୟ ମାଁ କରମସାନୀ ଅମନାପାଲି, ଉଜାଲା ଗ୍ରୁପ ଗୁଛାପାଲି, ମାଁ କରଲା ଖାଇ ନାଚ ଦଳ ଗୁଛାପାଲି, ପଟାଭାଡି କୀର୍ତ୍ତନ ମଣ୍ଡଳୀ ଗୁଛାପାଲି ଦଳକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ନୂଆଁ ଚାଉଳରୁ ତିଆରି ହୋଇଥିବା କାକେରା, ଆରିସା ଓ ମଣ୍ଡା ପିଠା ପରସ୍ପର ମଧ୍ୟରେ ବଣ୍ଟନ କରି ନୂଆଁଖାଇ ଭେଟଘାଟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଂପାଦକ ତପନ କାଲୋ ପରିଚାଳନା କରିଥିବା ବେଳେ ଦିଲୀପ ଲୁହା, ଖୁସିରାମ ଲୁହା, ଡିଲେଶ୍ୱର କିସାନ, ଜୟମଙ୍ଗଳ ଲୁହା, ସନ୍ତୋଷ ପ୍ରଧାନ, ରାଜେଶ ଲୁହା, ବିନୋଦ ଡନସନା, ରାଜେଶ ନାଏକ, ନିରୁପମା କାଲୋ, ପଙ୍କଜିନୀ ଡନସନା, ନମିତା ପ୍ରଧାନ, ଖୁସି ପୁଝାରୀ, ନିଲିମା ଚାରଦିଆ ପ୍ରମୁଖ ସହଯୋଗ କରିଥିଲେ।

## ଯାଦବ ସମାଜର ନୂଆଁଖାଇ ଭେଟ୍‌ଘାଟ୍

ପାଇକମାଲ,୧୧।୯ (ସମିସ): ପାଇକମାଲ ବ୍ଲକ୍ ନୃସିଂହନାଥ ସମଲେଶ୍ୱରୀ ମନ୍ଦିର ପରିସରରେ ପାଇକମାଲ ଯାଦବ ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ପାଇକମାଲ, ଝାରବନ୍ଧ, ଗାଇସିଲେଟ, ପଦ୍ମପୁର, ଦହିତା ସର୍କଲ, ନୂଆପଡା ଜିଲ୍ଲା କୁଳିଆବନ୍ଧା ସର୍କଲର ଯାଦବ କର୍ମକର୍ତ୍ତା ଯୋଗ ଦେଇଥିଲେ। ଡୋଲାମଣୀ ମାହାର ମଞ୍ଚ ପରିଚାଳନା କରିଥିଲେ। ସଭାରେ ଆରଦ୍ରା ବାଗ, ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେ, ବ୍ଲକ୍ ସଭାପତି ବନମାଳୀ ଚନ୍ଦନ, ଯୁବା ସଭାପତି ମାନସ ନାଗ, ଝାରବନ୍ଧ ବ୍ଲକ୍ ସଭାପତି ଧ୍ରୁବଚରଣ ହାତୀ, ପଦ୍ମପୁର ଏନଏସି ଗଙ୍ଗାଧର ଚିରଗୁନ, ଦହିତା ସର୍କଲ ସଭାପତି ମୋତିରାମ ପୋଢ଼, ଗାଇସିଲେଟ ବ୍ଲକ୍ ପୂର୍ବତନ ସଭାପତି ସୁରେଶ୍ୱର ଭୋଇ, କୁଳିଆବନ୍ଧା ସର୍କଲ ଉପସଭାପତି ହରେକୃଷ୍ଣ ଭୋଇ, ପଦ୍ମପୁର ଏନଏସି ଯୁବ ସଭାପତି ବିଜୟ ମାଝୀ ସମସ୍ତ ଯାଦବ କର୍ମକର୍ତ୍ତା ଯୋଗ ଦେଇଥିଲେ। ପାଇକମାଳ ଜୋନ ସଭାପତି ନଳିନୀ ଥପା, ମନୋହର ପୁଞ୍ଜି, ଭାସ୍କର ଭୋଇ, ମନ୍ଦିର କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାଗ ସମେତ ଯାଦବ ସମାଜର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ପାଇକମାଳ ବ୍ଲକ୍ ସମ୍ପାଦକ ବାଳକୃଷ୍ଣ ବନଛୋର ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ଡିଜେଲ ଚୋରି ଉଦ୍ୟମ ପଣ୍ଡ



ଦେବଗଡ଼,୧୧।୯ (ସମିସ): ଦେବଗଡ଼ ଥାନା ଅଧୀନ ବଳମ କଣ୍ଟାପାଲି ରାସ୍ତା ୪୯ ନମ୍ବର ଜାତୀୟ ରାଜପଥରେ ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକ ରହିଛି। ଗତକାଲି ରାତିରେ ସେହି ଟ୍ରକରୁ ଅନ୍ୟ ଏକ ଟ୍ରକକୁ କିଛି ଦୁର୍ବୃତ୍ତ ଡିଜେଲ ଚୋରି ଉଦ୍ୟମ ବେଳେ ଦୁର୍ଘଟଣା ଗ୍ରସ୍ତ ଟ୍ରକ ଚାଳକଙ୍କ ଚିତ୍କାର ଶୁଣି କେତେକ ଗ୍ରାମବାସୀ ଘଟଣା ସ୍ଥଳକୁ ମାଡି ଆସିବାରୁ ଟ୍ରକ ଛାଡି ଡିଜେଲ ଚୋର ମାନେ ଫେରାର ହୋଇଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚୋରି ହୋଇଥିବା ୧୦୦ ଲିଟର ଡିଜେଲ ଜବତ କରିବା ସହ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗତ କିଛି ଦିନ ପୂର୍ବେ କାଞ୍ଜିପାଣି ଘାଟିରେ ଏକ ଟ୍ରକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଗତକାଲି ରାତିରେ ଅନ୍ୟ ଏକ ଟ୍ରକ ସାହାଯ୍ୟରେ ଟୁଚନ କରି ଟ୍ରକଟିକୁ ମରାମତି ପାଇଁ ସମ୍ବଲପୁର ନିଆଯାଉଥିଲା। ବିଳମ୍ବିତ ରାତିରେ ଟୁଚନ ଟ୍ରକ ଚାଳକକୁ ନିଦ ଆସିବାରୁ ୪୯ ନମ୍ବର ଜାତୀୟ ରାଜପଥ ବଳମ କଣ୍ଟାପାଲି ଛକ କଡରେ ଗାଡି ଅଟକାଇ ଉଭୟ ଗାଡିର ଚାଳକ ଓ କର୍ମଚାରୀ ମାନେ ଗାଡିରେ ଶୋଇ ପଡିଥିଲେ। କିଛି ସମୟପରେ ଅନ୍ୟ ଏକ ଟ୍ରକ ଆସି ଦୁର୍ଘଟଣା ଗ୍ରସ୍ତ ଟ୍ରକ ପାଖରେ ଅଟକିବା ସହ ସେଥିରୁ ଲୋକ ବାହାରି ଡିଜେଲ ଚୋରି ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଗାଡିରେ ଶୋଇଥିବା କର୍ମଚାରୀଙ୍କ ନିଦ ଭାଙ୍ଗିଥିଲା। ଏହା ଜାଣିପାରି ୫ ଜଣ ଦୁର୍ବୃତ୍ତ ଜେକରଡ ଓ ଛୁରୀ ଦେଖାଇ ଗାଡିରେ ଥିବା ଚାଳକ ଓ ସହାୟକ କର୍ମଚାରୀଙ୍କୁ ଭୟଭୀତ କରି ପାଟି କଲେ ହତ୍ୟା ଧମକ ଦେଇଥିଲେ। ମାତ୍ର ଦୁର୍ଘଟଣା ଗ୍ରସ୍ତ ଟ୍ରକ ଚାଳକ ଭୟଭୀତ ନ ହୋଇ ଜୋରରେ ଚିତ୍କାର କରିବାରୁ କିଛି ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଲୋକଙ୍କୁ ଦେଖି ଚୋର ଦଳ ସେମାନଙ୍କ ଟ୍ରକ ଛାଡି ଫେରାର ହୋଇଯାଇଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ଚୋରି ଡିଜେଲ ଉଦ୍ଧାର କରିଥିବା ଜଣାପଡିଛି।

**ଗ୍ରାମବାସୀଙ୍କୁ ଦେଖି ଚୋର ଫେରାର**

## ନିଷ୍ଠା ପରିବାର ପକ୍ଷରୁ ଅଜଣା ଶବସତ୍କାର

ବରଗଡ଼,୧୧।୯ (ସମିସ): ବରଗଡ଼ ଜୀରା ନଦୀ ପାଖରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ୪୦ରୁ ୪୫ ବର୍ଷୀୟ ବ୍ୟକ୍ତିଙ୍କ ଶବ ଟାଉନ ଥାନା ପୁଲିସ ଉଦ୍ଧାର କରିଥିଲା। ଏ ନେଇ ଏକ କେସ୍ ରୁଜୁ କରି ଘଟଣାର ତନାଘନା କରିଥିଲା ପୁଲିସ ଓ ଶବକୁ ସଂରକ୍ଷଣ ଗୃହରେ ରଖାଯାଇଥିଲା। ବହୁ ଚେଷ୍ଟା ପରେ ମଧ ତାଙ୍କର କୌଣସି ପରିଚୟ ମିଳିପାରି ନ ଥିଲା। ଏ ନେଇ ନିଷ୍ଠା ପରିବାରକୁ



ବରଗଡ଼ ଟାଉନ ଥାନା ପୁଲିସ ଶବ ସତ୍କାର ପାଇଁ ଲିଖିତ ଅନୁମତି ଦେଇଥିଲେ। ବରଗଡ଼ ଡେପୁଟି କଲେକ୍ଟର ଇପସୀତା ମିଶ୍ର ଓ ଏସଆଇ ରାଜେଶ ରଜନିଶଙ୍କ ଉପସ୍ଥିତିରେ ନିଷ୍ଠା ପରିବାର ତରଫରୁ ସସମ୍ମାନେ ତାଙ୍କର ଶବ ସତ୍କାର କରାଯାଇଥିଲେ। ଏହି ମହତ କାର୍ଯ୍ୟରେ ନିଷ୍ଠା ପରିବାର ମାନସ ମେହେର, ଶୁଭ୍ରାଂଶୁ ସରାଫ, ଅମିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମକାଣ୍ଡୀୟ ସମିତିର ତ୍ରିଦିବସୀୟ କର୍ମଶାଳା ଉଦ୍‌ଯାପିତ

ବରଗଡ଼,୧୧।୯ (ସମିସ): ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତି ଜ୍ୟୋତିଷ, କର୍ମକାଣ୍ଡ, ଧର୍ମଶାସ୍ତ୍ର ସମ୍ବନ୍ଧୀୟ ତ୍ରିଦିବସିୟ କର୍ମଶାଳା ଶ୍ରୀଶ୍ରୀ ଗୌରୀଶଙ୍କର ମନ୍ଦିର ବରଗଡ଼ଠାରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସଭାପତି ପଣ୍ଡିତ କିର୍ତ୍ତୀଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ସମିତିର ମୁଖପାତ୍ର ପଣ୍ଡିତ ଜୟଦେବ ପଣ୍ଡାଙ୍କ ସଂଯୋଜନାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଅତିଥି ଭାବେ ସଂସ୍ଥାପକ ପଣ୍ଡିତ ହିମାଂଶୁ ଶେଖର ରଥ, ପୂର୍ବତନ କୋଷାଧ୍ୟକ୍ଷ ପଣ୍ଡିତ ମୂରଲୀଧର ପଣ୍ଡା, ପଦ୍ମପୁର ବ୍ଲକ୍ ସଭାପତି ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ, ଭେଡେନ ବ୍ଲକ୍ ସଭାପତି ପଣ୍ଡିତ ପ୍ରିୟବ୍ରତ କର, ଭଟଲି ବ୍ଲକ୍ ସଭାପତି ପଣ୍ଡିତ ଟିକେଶ୍ୱର ମହାପାତ୍ର ପ୍ରମୁଖ କର୍ମଶାଳାରେ ସମିତିର ପଣ୍ଡିତ ମାନଙ୍କ ଦ୍ୱାରା ଜ୍ୟୋତିଷ, କର୍ମକାଣ୍ଡ, ଧର୍ମଶାସ୍ତ୍ର ବିଷୟ ଉପରେ କରାଯାଇଥିବା ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଉପସଭାପତି ପଣ୍ଡିତ ରଘୁନନ୍ଦନ ବିର୍ତ୍ତିଆ, ଯୁଗ୍ମ ସଂପାଦକ ପଣ୍ଡିତ ହେମଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ପଣ୍ଡିତ କିଶୋରଚନ୍ଦ୍ର ଦାଶ ଏବଂ ସଭ୍ୟ ପଣ୍ଡିତ ବାବୁଲାଲ ପାଣ୍ଡିଆ ଶାସ୍ତ୍ରୀୟ ସେବା ଯୋଗାଇଥିଲେ। ସୁରେଶ୍ୱର ଦାଶ, ଉପେନ୍ଦ୍ର ଦେବତା, ନିସର୍ଗେଶ ମିଶ୍ର, ଆଲୋକ ଷଡଙ୍ଗୀ, ଆଦର୍ଶ ପଣ୍ଡା, ବିଜୟ ଦାଶ ପ୍ରମୁଖ ସମସ୍ତ ପ୍ରକାର ସହଯୋଗ ଦେଇଥିଲେ।

# 'ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ସାହିତ୍ୟର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ'

ସମ୍ବଲପୁର, ୧୧।୯ (ସମିସ)



ଜିଏମ୍ୟୁରେ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା

ପରିବେଶ ମନୁଷ୍ୟ କେନ୍ଦ୍ରିକ ନହୋଇ ସମସ୍ତ ସଜୀବ ଓ ନିର୍ଜୀବ ଜଗତର ସମାହାର ଉପରେ ନିର୍ଭର କରେ। ସମ୍ପ୍ରତି ବିଶ୍ୱ ତାପମାନରେ ବୃଦ୍ଧି ଏବଂ ତାହାରି ପ୍ରଭାବରେ ହିମପ୍ରବାହ ଜଳବାୟୁ ସନ୍ତୁଳନରେ ପରିବର୍ତ୍ତନ ଆଣୁଛି। ପୃଥିବୀର ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ସାହିତ୍ୟର ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରମୋଦ ନାୟାର ମତବ୍ୟକ୍ତ କରିଛନ୍ତି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଦ୍ୱାରା ଅଧ୍ୟାପନା ପ୍ରକୋଷ୍ଠ-୧ରେ ଆଜି ପୂର୍ବାହ୍ଣରେ ଚତୁର୍ଥ ପ୍ରଫେସର ପ୍ରଫୁଲ୍ଲ ପତି ସ୍ମାରକୀ ବକ୍ତୃତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ନାୟାର ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଦ କ୍ଲାଇମେଟ୍ ବିଲ୍ଡଙ୍ଗସ୍‌ରୋମାନ୍ : ଲିଟ୍‌ରେଚର୍ ଆଣ୍ଡ ମଲ୍ଟିସ୍ପେସିସ୍ କମନ୍ସ୍ ଇନ୍ ଦି ଏଜ୍ ଅଫ୍ ପ୍ଲାନେଟାରୀ ପ୍ରିକାରିଟି' ଶୀର୍ଷକ ବିଷୟବସ୍ତୁ ଉପରେ ତଥ୍ୟଭିତ୍ତିକ ଓ ଯୁଗପୋଯୋଗୀ ବକ୍ତବ୍ୟ ରଖିଥିଲେ। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ବିଭାଗ ସମୂହ ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ, କୁଳସଚିବ ସନତ କୁମାର ନାଏକ, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ତଥା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡଃ ପି. ମୁରଲୀଧର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱର୍ଗତ ପ୍ରଫେସର ପତିଙ୍କ ପୁଅ ହିମାଂଶୁ ପତି ତାଙ୍କ ପିତାଙ୍କ ସ୍ମୃତିଚାରଣ କରିଥିଲେ। ବିଭାଗମୁଖ୍ୟ ଡଃ ତ୍ରିପାଠୀ ପ୍ରଫେସର ପତିଙ୍କର ଶିକ୍ଷାପ୍ରତି ପ୍ରତିବଦ୍ଧତା, ସାହିତ୍ୟ ପ୍ରତି ଦୃଷ୍ଟିକୋଣ ଓ ନୂଆ ପିଢ଼ିଙ୍କୁ ପ୍ରେରିତ କରିବାର ସାମର୍ଥ୍ୟ କଥା ଉଲ୍ଲେଖ କରିଥିଲେ। ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର ଅଶୋକ ମହାପାତ୍ର, ପ୍ରଫେସର ସବିତା ତ୍ରିପାଠୀ, ଡଃ କାମଦେବ ସାହୁ, ଡଃ ବିଷ୍ଣୁପ୍ରିୟା ହୋତା, କିଶୋର ବହିଦାର, ଡଃ ଦାଶରଥି ପାତ୍ର, ଡଃ ସୁରେନ୍ଦ୍ର ପଣ୍ଡା ଓ ଡଃ ଗୌର ପାଣିଗ୍ରାହୀଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଡଃ ବ୍ରହ୍ମାନନ୍ଦ ପାତ୍ର, ଡଃ ସଞ୍ଚୟିତା ତ୍ରିପାଠୀ, ଡଃ ନମ୍ରତା ବେହେରା, ଜସ୍ୱାଲ କୌର ପ୍ରମୁଖ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଶିକ୍ଷା ଓ ଗବେଷଣା ସମ୍ବନ୍ଧିୟ ଅନେକ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ତଥା ଏହି ବିଭାଗର ଛାତ୍ରଛାତ୍ରୀ ମାନେ ଜାତୀୟସ୍ତରର ପରୀକ୍ଷାରେ କୃତକାର୍ଯ୍ୟ ହେଉଥିବା ବିଷୟକୁ ଅତିଥି ମାନେ ପ୍ରଶଂସା କରିଥିଲେ।

# ହୀରାକୁଦ ଜଳସ୍ତର ୬୨୮ .୬୫ ଫୁଟ୍

**ସମ୍ବଲପୁର, ୧୧।୯ (ସମିସ):** ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୬୫ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୩, ୪୨୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୧, ୬୭୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬, ୩୩୪ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୦, ୭୨୭ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪, ୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୭୫ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୦୬ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୫.୨୭ ଫୁଟ୍ ରହିଥିଲା।

# ବିରଳ ରକ୍ତ ଦେଇ ଜୀବନ ବଞ୍ଚାଇଲେ ସ୍ୱେଚ୍ଛାସେବୀ



**ସମ୍ବଲପୁର, ୧୧।୯ (ସମିସ):** ଭିମସାରରେ ବହୁସମୟରେ ରକ୍ତାଭାବ ଦେଖାଦେଉଥିବାବେଳେ ଛୋଟ ଛୋଟ ଶିବିର କରିବାକୁ ଅନୁରୋଧ କରାଯାଉଛି। ଏଭଳି ସ୍ଥିତିରେ ବୌଦ୍ଧ ଜିଲ୍ଲାର ଜଣେ ରୋଗୀକୁ ଅତ୍ୟନ୍ତ ବିରଳ ରକ୍ତ ଏବି-ନେଗେଟିଭ ଆବଶ୍ୟକତା ପଡ଼ିଥିଲା। ରୋଗୀଙ୍କର ରକ୍ତବାନ୍ତି ହେଉଥିଲା। ବୁର୍ଲା ରକ୍ତଭଣ୍ଡାରରେ ଗୋଟିଏ ବି ରକ୍ତ ନ ଥିଲା। ରକ୍ତଭଣ୍ଡାରର ଦେବାଶିଷ ମିଶ୍ର ଏବଂ ଦଲେଇପଡ଼ାର ପ୍ରିତିଶ ବାରିକ 'ସମ୍ବଲ' ଅନୁଷ୍ଠାନର ସମାଜସେବୀ ରାମଦାସ ପଣ୍ଡାଙ୍କୁ ରକ୍ତ ପାଇଁ ଯୋଗାଯୋଗ କରିଥିଲେ। ଖବରପାଇ ରାମଦାସ ପଣ୍ଡା ସମ୍ବଲ ଅନୁଷ୍ଠାନର ନିୟମିତ ରକ୍ତଦାତା ସନ୍ତକ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ସନ୍ତକ ଭାଇ ସମ୍ବଲପୁରରୁ ବୁର୍ଲାକୁ ଯାଇ ରକ୍ତଦାନ କରି ଗୋଟିଏ ରୋଗୀର ଜୀବନ ବଞ୍ଚେଇବା ପାଇଁ ଚେଷ୍ଟା କରିଛନ୍ତି। ଏଥିରେ ରକ୍ତଭଣ୍ଡାରର ଦେବାଶିଷ ମିଶ୍ର ଏବଂ ମଞ୍ଜୁ ପ୍ରଧାନ ସହଯୋଗ କରିଥିଲେ। ରୋଗୀକୁ ଆହୁରି ରକ୍ତର ଆବଶ୍ୟକତା ଥିବାବେଳେ ଧନୁପାଲିର ଦିବ୍ୟାଂଶୁ ଘୋଷ ମଧ ଗୋଟିଏ ୟୁନିଟ୍ ଏବି-ନେଗେଟିଭ ରକ୍ତଦାନ କରିଛନ୍ତି। ରକ୍ତପାଇ ରୋଗୀ ସମ୍ପର୍କୀୟ ସନ୍ତକ ପଣ୍ଡା, ଦିବ୍ୟାଂଶୁ ଘୋଷ ଏବଂ ରାମଦାସ ପଣ୍ଡାଙ୍କୁ ଧନ୍ୟବାଦ ଜଣେଇଛନ୍ତି।

# ଭିସୁଟ୍‌ରେ ସଟ୍‌ସର୍କିଟ୍‌ରୁ ନିଆଁ

**ସମ୍ବଲପୁର, ୧୧।୯ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ର ୱାର୍କସପ୍ ନିକଟରେ ଥିବା ଏକ ଲାବୋରେଟୋରୀରେ ବିଦ୍ୟୁତ୍ ସଟ୍‌ସର୍କିଟ ହୋଇ ନିଆଁ ଲାଗିଥିବା ସୂଚନା ମିଳିଛି। ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ବାରଣ୍ଡାରେ ଥିବା ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ଭୟରେ ଛାତ୍ରଛାତ୍ରୀ ଦୌଡ଼ି ପଳାଇ ଯାଇଥିଲେ। ନିଆଁକୁ ତୁରନ୍ତ ଆୟତ୍ତ କରାଯାଇଥିବା ବେଳେ କେହି ଆହତ ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଲାବୋରେଟୋରୀର କିଛି ଉପକରଣ ପୋଡ଼ିଯାଇଥିବା ସୂଚନା ମିଳିଛି। ଏହି ଲ୍ୟାବ୍‌ରେ ଥିବା କ୍ଲାସକୁ ଆଜି ବାତିଲ କରାଯାଇଛି। ଏନେଇ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ କହିଛନ୍ତି ଯେ, ଲାବୋରେଟୋରୀ ନୁହଁ କମ୍ପ୍ୟୁଟର ବିଭାଗରେ ସଟ୍‌ସର୍କିଟ୍ ଯୋଗୁଁ ଧୂଆଁ ବାହାରୁଥିଲା, ନିଆଁ ଲାଗିବା ସମୟରେ ତୁରନ୍ତ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ତାହାକୁ ଆୟତ୍ତ କରାଯାଇଥିଲା। ସେଭଳି କିଛି କ୍ଷୟକ୍ଷତି ହୋଇନାହିଁ ବୋଲି ଶ୍ରୀ ଡାଙ୍ଗ କହିଛନ୍ତି।

# ସରକାରୀ କ୍ୱାର୍ଟର୍ସ ନଛାଡ଼ିବାରୁ ନୋଟିସ୍

**ସମ୍ବଲପୁର, ୧୧।୯ (ସମିସ) :** ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜଣେ ମହିଳା କର୍ମଚାରୀଙ୍କୁ ସରକାରୀ କ୍ୱାଟର ଛାଡ଼ିନଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୂଚନା ଅନୁଯାୟୀ ଉକ୍ତ କର୍ମଚାରୀ ଜଣକ ୟୁପିଏଚ୍‌ସି ଧନକଉଡ଼ାରେ କାର୍ଯ୍ୟ କରିବା ସମୟରେ ସରକାରୀ କ୍ୱାଟରରେ ରହୁଥିଲେ। ତାଙ୍କୁ ଗତ ଫେବୃଆରୀ ୨୪ ତାରିଖରୁ କୁନ୍ତରା ସିଏଚ୍‌ସି ଅନ୍ତର୍ଗତ ସାଲେଭାଡ଼ି ଏସ୍‌ସିକୁ ବଦଳି କରାଯାଇଛି। ତେବେ, ବାରମ୍ବାର ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ କର୍ମଚାରୀ ଜଣକ ଧନକଉଡ଼ା ସରକାରୀ କ୍ୱାଟର ଏପର୍ଯ୍ୟନ୍ତ ଛାଡ଼ିନାହାନ୍ତି। ଏନେ ଆଜି ସିଡିଏମ୍‌ଓ ତିନିଦିନ ମଧ୍ୟରେ କାରଣ ଦର୍ଶାଅ ନୋଟିସର ଜବାବ ରଖିବାକୁ ସମୟ ଦେଇଛନ୍ତି, ଅନ୍ୟଥା ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

# ରିଲ୍ସ ପାଇଁ ୧୧ ହଜାର ଜରିମାନା

**ସମ୍ବଲପୁର, ୧୧।୯ (ସମିସ):** ରିଲ୍ସ ନିଶା ପଡ଼ିଛି ମହଙ୍ଗା। ବିପଦପୂର୍ଣ୍ଣ ଭାବେ ଗାଡ଼ି ଚଳାଇ ଭିଡ଼ିଓ ଅପଲୋଡ କରିବା ଯୋଗୁଁ ମୋଟା ଅଙ୍କର ଫାଇନ ଦେବାକୁ ପଡ଼ିଛି। ଏଥିପାଇଁ ସମ୍ବଲପୁର ଆରଟିଓ ସମ୍ବଲପୁର ପକ୍ଷରୁ ୧୧ ହଜାର ଟଙ୍କା ଜରିମାନା କରାଯାଇଛି। ସୂଚନା ଅନୁସାରେ ରେଢାଖୋଲ ଅଞ୍ଚଳର ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ କୋଳରେ ବସାଇ ଚାରିଚକିଆ ଗାଡ଼ି ଚାଳନା ଶିଖାଉଥିଲେ। ଅନ୍ୟକେହି ଜଣେ ଗାଡ଼ି ଭିତରୁ ଏହାର ଭିଡ଼ିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଛାଡିଥିଲେ। ଏ ନେଇ ଜଣେ ମହିଳା ଏକ୍ସରେ ପୋଷ୍ଟ କରିଥିଲେ। ଏଥିପାଇଁ ଆରଟିଓ ଫାଇନ କାଟିଥିଲେ। ପରେ ଦମ୍ପତିଙ୍କୁ ରେଢାଖୋଲ ଥାନାକୁ ଡକାଯାଇଥିଲା। ଦମ୍ପତି ଏପରି ଆଗକୁ ଭୁଲ କରିବେ ନାହି ବୋଲି କହିଥିଲେ।

# ମହୁଲମୁଣ୍ଡା ଗ୍ରାମରେ ଇନ୍ଦ୍ର ପୂଜା



**ରେଢ଼ାଖୋଲ, ୧୧।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କଦଳୀଗଡ଼ ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମରେ ଗୁରୁବାର ଦିନ ଇନ୍ଦ୍ରପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନାବୃଷ୍ଟି ଓ ଫସଲରେ ରୋଗପୋକ ଦାଉରୁ ଫସଲ ରକ୍ଷା, ଅଧିକ ବର୍ଷା ହେବା ସହିତ ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ପୂଜା ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ପାଳିତ ହୋଇ ଆସୁଥିବା ଗ୍ରାମବାସୀ କହିଛନ୍ତି। ଇନ୍ଦ୍ରପୂଜାରେ କର୍ତ୍ତା ଭାବରେ ବିଦେଶୀ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ସଞ୍ଜୟ ଦାଶ ପୂଜାର୍ଚ୍ଚନା କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଗ୍ରାମର ଚାଣକ୍ୟ ପ୍ରଧାନ ଋଷ୍ୟଶୃଙ୍ଗ ମୁନି ଅଭିନୟ କରିଥିଲେ। ଏଥିରେ ପୁରାଣ ବର୍ଣ୍ଣିତ ରୀତିନୀତି ମୁତାବକ ଦିନତମାମ ଆଦ୍ୟ କାଣ୍ଡ ପଠନ, ବେଲବରଣ, ଘରକୁ ଘର ବନ୍ଦାଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ଭାଗବତ ଟୁଙ୍ଗୀରେ ନାମ ସଙ୍କୀର୍ତ୍ତନ ସହ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମ ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ପ୍ରହ୍ଲାଦ ଚରଣ ସାହୁ, ରାମଚନ୍ଦ୍ର ସାହୁ, ଉପେନ୍ଦ୍ର ପ୍ରଧାନ, ଚିନ୍ତାମଣି ସାହୁ, ବେଲାରସେନ ସାହୁ, ମନ୍ଦରଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିରିଆନି ଦେବାରେ ବିଳମ୍ବରୁ ହତ୍ୟା ଉଦ୍ୟମ ଅଭିଯୋଗ, ମହିଳା ଗିରଫ

**ସମ୍ବଲପୁର, ୧୧।୯ (ସମିସ):** ହୋଟେଲକୁ ଯାଇ ବିରିଆନି ଅର୍ଡର କଲେ।ହେଲେ ଭିଡ଼ ଥିବାରୁ ଦେବାରେ ବିଳମ୍ବ ହେଲା। ଏତିକିରେ ଉତ୍ୟକ୍ତ ହୋଇ ପଥରରେ ଛେଚିବାକୁ ପଛାଇଲେନି ଜଣେ ମହିଳା। ସମ୍ବଲପୁର ଅଇଁଠାପାଲି ଥାନା ଆଦର୍ଶ ମାର୍ଗରେ ଥିବା ଏକ ହୋଟେଲ୍‌ରେ ଏଭଳି କାଣ୍ଡ ଘଟିଛି। ଖବର ପାଇ ପୁଲିସ ବହୁ ଚର୍ଚ୍ଚିତ ମହିଳା ଅମୂଲ୍ୟା ବିଶିକୁ ଗିରଫ କରିଛି। ଅଭିଯୋଗ ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୦.୩୦ରେ ଅମୂଲ୍ୟା ବିଶି ଅଇଁଠାପାଲି ଆଦର୍ଶମାର୍ଗସ୍ଥିତ ଏକ ବିରିଆନି ଦୋକାନକୁ ଯାଇଥିଲେ।ସେଠାରେ କାମ କରୁଥିବା ପୂର୍ଣ୍ଣିମା ବରୁଆଙ୍କୁ ବିରିଆନି ମାଗିଥିଲେ। କିନ୍ତୁ ବିରିଆନି ପାଇଁ ବିଳମ୍ବ ହେବ ବୋଲି କହିଥିଲେ ପୂର୍ଣ୍ଣିମା।ପରେ ଅମୂଲ୍ୟା ଓ ତାଙ୍କର ଜଣେ ବାନ୍ଧବୀ ଗଳିଗୁଲଜ କରିଥିଲେ। ପୂର୍ଣ୍ଣିମାଙ୍କୁ ମାଡ଼ ମାରିଥିଲେ। ହୋଟେଲ୍ ମାଲିକ ଦେଖି ହସ୍ତକ୍ଷେପ କରିଥିଲେ କିନ୍ତୁ ତାଙ୍କୁ ମଧ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏହି ସମୟରେ ଅମୂଲ୍ୟା ଓ ତାଙ୍କ ବନ୍ଧବୀଙ୍କ ମଧ୍ୟରୁ ଜଣେ ଏକ ପଥର ଆଣି ପୂର୍ଣ୍ଣିମାଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ସେ ସେଠାରୁ ଘୁଞ୍ଚିଯିବାରୁ ଜୀବନ ଅଳ୍ପକେ ରକ୍ଷା ପାଇଥିଲା। ଏହାକୁ ନେଇ ପୂର୍ଣ୍ଣିମା ଅଇଁଠାପାଲି ଥନାରେ ଏତଲା ଦେଇଛନ୍ତି। ଅଇଁଠାପାଲି ଥାନା ମାମଲା ୧୨୯/୨୫ରେ ପୁଲିସ୍ ଅମୂଲ୍ୟାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ତାଙ୍କ ନାଁରେ ୨୦୨୧ରୁ ୨୦୨୫ ମଧ୍ୟରେ ୧୬ଟି ମାମଲା ରହିଛି। ଟାଉନ ଥାନାରେ ୯ଟା, ଧନୁପାଲିରେ ୩ଟା ଏବଂ ଅଇଁଠାପାଲିରେ ୩ଟା ମାମଲା ରହିଛି। ଏହାସହ କଟକ ଲାଲବାଗ୍ ଥାନାରେ ମଧ ଏକ ମାମଲା ରହିଛି।

■ ଅଗ୍ନିଶମ ଅଫିସ ସମ୍ମୁଖରେ ବାଇକ୍ ଦୁର୍ଘଟଣା

# ଚାଳକ ଗୁରୁତର, ଜଣେ ଆହତ

**ଜମନକିରା, ୧୧।୯(ସମିସ):** ଚିନିମହୁଲ-ଷଣ୍ଢପଥର ଅଗ୍ନିଶମ ଅଫିସ୍ ସମ୍ମୁଖ ବୁଲାଣିରେ ବୁଧବାର ସନ୍ଧ୍ୟା ସାଢ଼େ ୬ ଟା ରେ ବାଇକ୍ ଦୁର୍ଘଟଣା ଘଟିଥିଲା। ଚିନିମହୁଲ ଗାଁର ବାସିନ୍ଦା ବାଇକ ଚାଳକ ରଞ୍ଜନ ନାଏକ (୫୧)ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ସେହି ଗାଁର ପ୍ରଦୀପ ପଟେଲ୍ (୩୦)ଗୁରୁତର ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଉଭୟେ ହିରୋହୋଣ୍ଡା ସିଡ଼ି ଡିଲକ୍ସ ବାଇକ୍ ନଂ ଓଡ଼ି ୧୫ ଏସ ୩୬୭୩ ଯୋଗେ ଚିନିମହୁଲ ଗାଁକୁ ଫେରୁଥିଲେ। ଅଗ୍ନିଶମ ଅଫିସ୍ ସମ୍ମୁଖ ବୁଲାଣିରେ ବାଇକ୍ ଚାଳକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲ। ଜଣାପଡ଼ିନାହିଁ। ତାଙ୍କୁ ଅଗ୍ନିଶମ ଗାଡ଼ିରେ ଫାଶିମାଲ୍ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତ ରଞ୍ଜନକୁ ବୁର୍ଲାରେ ଆଇସିୟୁନ ମିଳିବାରୁ ସେଠାରୁ ଜୟପ୍ରକାଶ ମେଡିକାଲ ରାଉରକେଲା ପଠାଯାଇଥିଲ। ୧୦୮ ଗାଡି ଅଭାବରୁ ପ୍ରଦୀପ ପଟେଲ ଭଲ ସେବାରୁ ବଞ୍ଚିତ ହୋଇ ଥିଲେ।

# ୫୦୦କିସାନ ଜାତି ସମାଜ କେନ୍ଦ୍ରଗୁଡ଼ି କୁଆଗୋଲାର ନୂଆଖାଇ ଭେଟ୍‌ଘାଟ୍



**ଜମନକିରା, ୧୧।୯(ସମିସ):** ଜମନକିରା ମୁକ୍ତେଶ୍ୱର ମନ୍ଦିରରେ ୫୦୦ କିସାନ ଜାତି ସମାଜ କେନ୍ଦ୍ର ଗୁଡ଼ି କୁଆଗୋଲାର ନୂଆଖାଇ ଭେଟ୍‌ଘାଟ ସମାଜସେବୀ ମହେନ୍ଦ୍ର ବାଘଙ୍କ ସଭାପତିତ୍ୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଶୋଭାରାମ ପ୍ରଧାନ କିସାନ ଜାତି ସମାଜ ସମ୍ବଲପୁର ଜିଲ୍ଲା ସଭାପତି, ମୁଖ୍ୟବକ୍ତା ଭାବରେ ସୀତାରାମ ପ୍ରଧାନ ସାଧାରଣ ସମ୍ପାଦକ କୁଚିଣ୍ଡା ମହା ଗୁଡ଼ି, ଭଗବାନ ବାଘ ରାଜ୍ୟ ଉପସଭାପତି, ଉଦେକର ପ୍ରଧାନ, ସୀତା ରାମ ପ୍ରଧାନ, ଉଜଳ କିସାନ, ମନଫୁଲ ମାଝୀ, ବିଭୀଷଣ ପଧାନ, ଗୁଣନିଧି ପଧାନ, ସଦାନନ୍ଦ ପଧାନ, ପ୍ରଦୀପ କୁମାର ଚାରଦିଆ, ରାମ ପ୍ରସାଦ ପଧାନ, ଚିନ୍ତାମଣୀ ପଧାନ, ବିଛାଲାଲ ବାଘ, ମହେନ୍ଦ୍ର ମାଝୀ, ସକୀର୍ତ୍ତନ କିସାନ, ବିଶି କେଶନ ଦେହୁରୀ, ଲଳିତ ପଧାନ। ପ୍ରଥମେ ଧର୍ମ ଦେବତାଙ୍କୁ ପୂଜା ଆରାଧନା କରି ଗୁଡ଼ିର ଆଞ୍ଚଳିକ କର୍ମ କର୍ତ୍ତାମାନଙ୍କୁ ତିଳକ, ପୁଷ୍ପ ଗୁଚ୍ଛଓ ଉପ ଧୋଇଦେଇ। ସମାଜର ପାରମ୍ପରିକ ନାଚ ଗୀତ ହୋଇଥିଲା।ଏଥିରେ କେନ୍ଦ୍ର ଗୁଡ଼ିର ୧୩ଟି କମିଟିର ସମାଜର ପୁରୁଷ ମହିଳା ଉପସ୍ଥିତ ଥିଲେ।ବୈଠକରେ ଶ୍ରୀପତି ଦେହୁରୀ, କିଶୋର ବାଘ, ଅଙ୍ଗଦ ବାଘ, କୃଷ୍ଣ ଚନ୍ଦ୍ର ବାଘ, ଖିର ସାଗର ପ୍ରଧାନ, ରିତା ବାଘ, ହେମମତି ପିଙ୍ଗ, ମନ୍ଦୋଦରୀ କିସାନ, ଯମୁନା କିସାନ, ଧନମତି କିସାନ, କନକ ପଧାନ, ତିଳୋତ୍ତମା ବାଘ, ରଜନୀ ପିଙ୍ଗ, ଶାନ୍ତି ପଧାନ ପ୍ରଭୃତି ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ଦୀନବନ୍ଧୁ ବାଘ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରେଙ୍ଗାଲିରେ ଏସ୍‌ଡିପିଓ କାର୍ଯ୍ୟାଳୟ ପାଇଁ ଦାବି



**ସମ୍ବଲପୁର, ୧୧।୯(ସମିସ):** ରେଙ୍ଗାଲିରେ ଉପଖଣ୍ଡ ପୁଲିସ ଅଧିକାରୀଙ୍କ କାର୍ଯ୍ୟାଳୟ (ଏସଡିପିଓ) ପ୍ରତିଷ୍ଠା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ରାଜ୍ୟ ସମ୍ପାଦକ ପ୍ରଦେଶ କଂଗ୍ରେସ କମିଟି ତଥା ବିଧାୟକ ପ୍ରାର୍ଥୀ ଇଂ ଦିଲିପ କୁମାର ଦୁରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମ୍ବଲପୁର ଏସପି ଓ ଜିଲ୍ଲାପାଳଙ୍କ ଭେଟି ଦାବି ପତ୍ର ଦେଇଛନ୍ତି। ସେମାନେ କହିଛନ୍ତି, ରେଙ୍ଗାଲିକୁ ବର୍ତ୍ତମାନ ଏନଏସି ଭାବେ ଘୋଷଣା କରାଯାଇଛି। ତେଣୁ ରେଙ୍ଗାଲିରେ ଏସ୍‌ଡିପିଓ କାର୍ଯ୍ୟାଳୟର ଗୁରୁତ୍ୱ ରହିଛି। ଦାବିପତ୍ର ଦେବା ସମୟରେ ତାପସ କୁମାର ରାଜ୍ୟ ସମ୍ପାଦକ (ଅନୁସୂଚିତ ଜାତି ସେଲ), ଯୁବ ନେତା ରମେଶ ଷଣ୍ଢ, ଆଶିଷ ଚୌଧୁରୀ, କୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମଣିଷ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ

**ସମ୍ବଲପୁର, ୧୧।୯ (ସମିସ):** ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ଓ ପ୍ରଥମ ଶିକ୍ଷା ଫାଉଣ୍ଡେସନର ମିଳିତ ସହଯୋଗରେ ଲପଙ୍ଗା ବଂଶୀମାଳ ଗ୍ରାମରେ ଗୁରୁଦିବସ ପାଳିତ ହୋଇଛି। ମଣିଷ ଗଠନରେ ଗୁରୁଙ୍କ ଭୂମିକା ଓ ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ପରେ ସମ୍ବଲପୁରୀ ଲୋକନୃତ୍ୟ, ଗୀତ ଓ ନାଚ ପ୍ରଦର୍ଶିତ ହୋଇଥିଲା। ଫାଉଣ୍ଡେସନ ସିଏସଆଇ ମୁଖ୍ୟ ବିଶାଳ ରାଜ, ପ୍ରଥମର କାର୍ଯ୍ୟକ୍ରମ ମୁଖ୍ୟ ମନସିନୀ ବେହେରା, ଅବସରପ୍ରାପ୍ତ ଶିକ୍ଷକ କ୍ଷାମାସିଳା ମେହେର ଏବଂ ବୃଷଭାନୁ ଭୋଇ, ୱାର୍ଡ ସଦସ୍ୟ ସନ୍ତୋଷ କୁମାର ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। 'ହମାରା ଗାଁ' କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ସ୍ଥାନୀୟ ଶିକ୍ଷା ସ୍ୱେଚ୍ଛାସେବକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏପରି କାର୍ଯ୍ୟକ୍ରମ ପାଇଁ କମ୍ପାନୀକୁ ସ୍ଥାନୀୟ ମହଲରେ ପ୍ରଶଂଶା କରାଯାଇଥିଲା।




# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ପ୍ରସ୍ତୁତି

**ସମ୍ବଲପୁର, ୧୧।୯ (ସମିସ) :** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ଆସନ୍ତା ଅକ୍ଟୋବର ୮ ତାରିଖରେ ସମ୍ବଲପୁରରୁ ଅଯୋଧ୍ୟା-ବାରାଣାସୀ ଅଭିମୁଖେ ସମ୍ବଲପୁରରୁ ଯାତ୍ରା ଆରମ୍ଭ ହେବ। ଏଥିରେ ୮ଟି ଜିଲ୍ଲାର ୭୭୫ ଜଣ ଯାତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆଜି ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ସମ୍ବନ୍ଧରେ ସବିଶେଷ ଭାବେ ଆଲୋଚନା କରାଯାଇଥିଲା। ସମ୍ବଲପୁରରୁ ଯାତ୍ରାରେ ବାହାରିବାକୁ ଥିବା ୭୭୫ ଜଣ ଯାତ୍ରୀ ସମ୍ବଲପୁରରେ ଆସି ପହଞ୍ଚିଲା ପରେ ସେମାନଙ୍କ ସକାଶେ ସାମୟିକ ଆଶ୍ରୟସ୍ଥଳୀ ବ୍ୟବସ୍ଥା କରାଯିବ। ସେଠାରେ ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ଓ ଡାକ୍ତରୀ ଦଳ ରହିବେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ସମ୍ବଲପୁର ପାନ୍ଥନିବାସଠାରେ ସମ୍ବଲପୁର ଜିଲ୍ଲାର ୮୯ ଜଣ, ସୁବର୍ଣ୍ଣପୁର ଜିଲ୍ଲାର ୫୨ ଜଣ, ଦେବଗଡ଼ ଜିଲ୍ଲାର ୨୭ ଜଣ ଯାତ୍ରୀ ରହିବେ। ସେହିଭଳି ସମ୍ବଲପୁରର ରେଳବାଇ ତାଲିମ କେନ୍ଦ୍ରଠାରେ ଅନୁଗୋଳ ଜିଲ୍ଲାର ୧୦୯ ଜଣ ଯାତ୍ରୀ ରହିବାକୁ ଥିବାବେଳେ ରେଲୱେ କମ୍ୟୁନିଟି ହଲ୍‌ଠାରେ ଝାରସୁଗୁଡ଼ା ଜିଲ୍ଲାର ୫୦ ଜଣ, ସୁନ୍ଦରଗଡ଼ ଜିଲ୍ଲାର ୧୮୦ ଜଣ ଓ ବଲାଙ୍ଗୀର ଜିଲ୍ଲାର ୧୪୧ ଜଣ ଯାତ୍ରୀ ଏବଂ କ୍ଷେତରାଜପୁରସ୍ଥିତ ମାରୱାଡ଼ି ପଞ୍ଚାୟତି ଧର୍ମଶାଳାରେ ବରଗଡ଼ ଜିଲ୍ଲାର ୧୨୭ ଜଣ ଯାତ୍ରୀ ସାମୟିକ ରହିବା ପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ଜିଲ୍ଲାରୁ ମନୋନୀତ ତୀର୍ଥଯାତ୍ରୀ ମାନେ ସେମାନଙ୍କ ଜିଲ୍ଲାରେ ଡାକ୍ତରୀ ଯାଞ୍ଚ ପରେ ଜିଲ୍ଲା ପ୍ରଶାସନର ବସ୍ ଯୋଗେ ଆସି ସମ୍ବଲପୁରରେ ପହଞ୍ଚିବେ। ତୀର୍ଥଯାତ୍ରାରୁ ଫେରିବା ପରେ ମଧ ବିଭିନ୍ନ ଜିଲ୍ଲାକୁ ବସ୍ ଯୋଗେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି।

# କମଲି ବଜାର ନୂତନ ପିଣ୍ଡି ଅଲୋଡ଼ା

ସମ୍ବଲପୁର, ୧୧।୯ (ସମିସ)

ସମ୍ବଲପୁର ସହରର ଶହ ଶହ ବର୍ଷ ପୁରୁଣା ଐତିହାସିକ ହାଟ ହେଉଛି କମଲି ବଜାର ହାଟ। ଏହା ପ୍ରତି ରବିବାର ବସିଥାଏ। ଏହି ହାଟର ବିଶେଷତ୍ୱ ହେଉଛି ଏଠାରେ ଛୁଞ୍ଚିଠାରୁ ଆରମ୍ଭ କରି ପଲଙ୍କ ପର୍ଯ୍ୟନ୍ତ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଠାରୁ ଆରମ୍ଭ କରି ବିବାହୋତ୍ସବରେ ଆବଶ୍ୟକ ସାମଗ୍ରୀ ପର୍ଯ୍ୟନ୍ତ ମିଳିଥାଏ। ତେବେ, ଗତ ୨୦୨୧-୨୨ ମସିହାରେ 'ସମଲେଇ' ପ୍ରକଳ୍ପ ଆରମ୍ଭ ହେବାପରେ ଏହି ହାଟକୁ ଉଚ୍ଛେଦ କରାଯାଇଥିଲା। ଏହାପରେ ଓବିସିସି ଦ୍ୱାରା ନିର୍ମିତ କମଲିବଜାର ଏବେ ମହାନଗର ନିଗମ ପକ୍ଷରୁ ଆବଣ୍ଟନ ହେଉନଥିବାରୁ କୋଟି କୋଟି ଟଙ୍କା ଅପଚୟ ହେଉଛି।



କମଲିବଜାର ସାପ୍ତାହିକ ହାଟରେ ବସୁଥିବା ପରିବା ବିକାଳିଠାରୁ ଆରମ୍ଭ କରି ଅନ୍ୟ ବେପାରୀମାନେ ଏବେ ବାଲିବନ୍ଧା ସୋମନାଥ ବାବା ମନ୍ଦିର ସମ୍ମୁଖ ରାସ୍ତାକଡ଼ରେ ବସୁଛନ୍ତି। ଫଳରେ ରବିବାର ଦିନତମାମ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ରାସ୍ତା ଜାମ୍ ହେଉଛି। ସମଲେଇ ପ୍ରକଳ୍ପ ଆରମ୍ଭରୁ ତତ୍କାଳୀନ ସରକାରଙ୍କ ପକ୍ଷରୁ ଐତିହାସିକ କମଲିବଜାରକୁ ସୁଦୃଶ୍ୟ ଭାବେ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ସେଠାରେ ଏବେ ତିନୋଟି ଧାଡ଼ିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପିଣ୍ଡି ବିକ୍ରେତା ମାନଙ୍କ ପାଇଁ ନିର୍ମାଣ କରାଯାଇଛି। ତେବେ, ତାହା ବର୍ଷାଧିକ କାଳ ହେଲା ଅଲୋଡ଼ା ହୋଇ ପଡ଼ିରହିଛି। ନୂଆ ପିଣ୍ଡି ବଦଳରେ ରାସ୍ତାକଡ଼ରେ ବସିବାକୁ ବେପାରୀମାନେ ପସନ୍ଦ କରୁଛନ୍ତି। ସୋମନାଥ ବାବା ମନ୍ଦିର ସମ୍ମୁଖ ରାସ୍ତା ତଥା ରିଂରୋଡକୁ ସଂଯୋଗ କରୁଥିବା ରାସ୍ତାରେ ବସୁଥିଲେ ହେଁ ଗ୍ରାହକ ଆସୁନଥିବା କାରଣ ଦର୍ଶାଇ ନବନିର୍ମିତ ଓ ସ୍ଥାୟୀ ପିଣ୍ଡିରେ ବସିବାକୁ ଅମଙ୍ଗ ହେଉଛନ୍ତି।

ପୁରୀର ଶ୍ରୀମନ୍ଦିର ଓ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ପରେ ଷୋଡ଼ଶ ଶତାବ୍ଦୀରେ ନିର୍ମିତ ମା' ସମଲେଶ୍ୱରୀଙ୍କ ପୀଠର ବିକାଶ ପାଇଁ ରାଜ୍ୟ ସରକାର ସମଲେଶ୍ୱରୀ ଟେମ୍ପଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ୍ ଇକୋନୋମି ଇନିସିଏଟିଭସ୍ (ସମଲେଇ) ଯୋଜନା ଆରମ୍ଭ କରାଯାଇଥିଲା। ସେହି ସମୟରେ ସାପ୍ତାହିକ ହାଟ କମଲିବଜାରକୁ ଉଚ୍ଛେଦ କରାଯାଇଥିଲା। ପରେ ବେପାରୀଙ୍କୁ ଥଇଥାନ କରିବା ନିମନ୍ତେ ଏହି ପ୍ରକଳ୍ପ ସଂଲଗ୍ନ ଅଞ୍ଚଳରେ ହାଟ ବସାଇବାକୁ ସ୍ଥାୟୀ ପିଣ୍ଡି କାମ ଆରମ୍ଭ କରାଯାଇଥିଲା। ଏବେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସୁଦୃଶ୍ୟ ପିଣ୍ଡି ନିର୍ମାଣ କରାଯାଇଥିଲେ ହେଁ ତାହା ଉପଯୋଗ ହୋଇପାରୁନି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଏହି ହାଟକୁ ବେପାରୀମାନଙ୍କୁ ଆବଣ୍ଟନ କରାଯାଇନାହିଁ। ଏହାକୁ ଏକ ଖୋଲା ହାଟ ଭାବେ ବ୍ୟବହାର କରିବା ଏବଂ ନିର୍ଦ୍ଦିଷ୍ଟ ଭାବେ କାହାରିକୁ ଆବଣ୍ଟନ କରାଯିବାକୁ ଯୋଜନା ରହିନଥିବା ଜଣାପଡ଼ିଛି। ଏହାକୁ ଆବଣ୍ଟନ ନକରି ପକାଇ ରଖିଲେ ଆଗାମୀ ଦିନରେ ନଷ୍ଟହେବା ସହ ଭାଙ୍ଗିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।

ମହାନଗର ନିଗମର ଜଣେ ଅଧିକାରୀଙ୍କ ଅନୁଯାୟୀ, ଏହି ହାଟରେ ନିର୍ମାଣ ହୋଇଥିବା ପିଣ୍ଡି ଅନୁଯାୟୀ ୧୦୦ରୁ ଉର୍ଦ୍ଧ୍ୱ ବିକ୍ରେତା ବସିପାରିବେ। ପ୍ରଥମେ ପରିବା ବିକାଳିଙ୍କୁ ଏଠାରେ ବସା ଯାଇଥିଲା, ତେବେ ସଂଖ୍ୟାରେ ଅଧିକ ହେବାସହ ଭିତର ଆଡ଼କୁ ହେଉଥିବାରୁ ସେମାନେ ବସିବା ପାଇଁ ରାଜି ହୋଇନଥିଲେ। ଏହି ହାଟ ଓବିସିସି ପକ୍ଷରୁ ନିର୍ମାଣ କରାଯାଇଥିବାବେଳେ ବାଲିବନ୍ଧା ପଟକୁ ମହାନଗର ନିଗମ ପକ୍ଷରୁ ପିଣ୍ଡି ତିଆରି କରି ଆଉ ଏକ ଅଂଶ ନିର୍ମାଣ କରାଯାଉଛି। ସେଠାରେ ପେଭର ବ୍ଲକ ମଧ ପକାଯାଉଛି। ତାହା ସମ୍ପୂର୍ଣ୍ଣ ହେଲେ ବିଭିନ୍ନ ସାମଗ୍ରୀ ଅନୁଯାୟୀ ସେଠାରେ ବସିବାକୁ କୁହାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଐତିହାସିକ କମଲିବଜାର

ଶତାଧିକ ବର୍ଷ ଧରି ପ୍ରତି ରବିବାର ବସୁଥିବା କମଲି ବଜାର ବା ରଏବାର୍ ହାଟ୍ ଇତିହାସ ପାଲଟି ଯାଇଛି। ୧୮୬୪ ମସିହା ଜାନୁଆରୀ ୧୯ ତାରିଖ ଆଲେକ୍‌ଜାଣ୍ଡାର ବୁଲ୍‌ଷ୍ଟ୍ରୋକ୍ କମର୍ଲେଜ୍ ଡେପୁଟି କମିଶନର ହୋଇ ଯୋଗଦେଲେ। ସେ ବହୁ ଜନହିତକର କାମ କରିଥିଲେ। ତାଙ୍କ ସମୟରେ କମର୍ଲେଜ୍‌ଙ୍କ ନାମ ଅନୁସାରେ କମଲି ବଜାର ହୋଇଥିବା ଶୁଣିବାକୁ ମିଳେ। ଗାଇଗୋରୁଠୁ ଆରମ୍ଭ କରି ବ୍ରତବିବାହ ଉତ୍ସବର ସମସ୍ତ ସାମଗ୍ରୀ ଏଠାରେ ମିଳୁଥିଲା। କବିରାଜି ଔଷଧ, ହାଣ୍ଡିସରେଇ, ବାଉଁଶ ଟୋକେଇ, ବାସନକୁସନ, କୋଡ଼ିକୋଦାଳ ଆଦି ଲୁହା ସାମଗ୍ରୀ, ବିଭିନ୍ନ ପ୍ରକାର ଦଉଡ଼ି, ଗାଇମଇଁଷିଙ୍କ ଚମଡ଼ା, ଚପଲଯୋତା, ମାଛମରା ସାମଗ୍ରୀ, ତେଜରାତି ସାମଗ୍ରୀ, ଶାଢ଼ୀକପଡ଼ା, ଲିଆହୁରୁମ୍, ଦାନ୍ତରୀ ଖଜା ଆଦି ମିଷ୍ଟାନ୍ନ ପରି କିସମ କିସମ ପାରମ୍ପରିକ ସାମଗ୍ରୀ ପାଇଁ କମଲି ବଜାର ଏକ ଭିନ୍ନ ମାନ୍ୟତା ଲାଭ କରିଥିଲା। ଏଠାରେ ଦୁଇଶହରୁ ଉର୍ଦ୍ଧ୍ୱ ବିକ୍ରେତା ସେମାନଙ୍କ ସାମଗ୍ରୀ ବିକ୍ରୟ କରୁଥିଲେ।

# କନ୍ଧମାଳ ବ୍ଲକ୍ ଗସ୍ତରେ ଜିଲ୍ଲାପାଳ



**ଶଗଡ଼ା, ୧୧।୯ (ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତିଭୂଷଣ ନାଏକ ଆଜି କଣ୍ଟାମାଳ ବ୍ଲକଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଥିଲେ। ବ୍ଲକର ଗୁଡ଼ଭେଲି ପଦର, ବିଳାସପୁର, ବରଗୋଛା ଆଦି ପଞ୍ଚାୟତ ପରିଦର୍ଶନ କରିବା ସହ 'ଏକ ପେଡ ମାଁ କି ନାମ' ଯୋଜନାରେ ହେବାକୁ ଥିବା ଚାରାରୋପଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଯୋଜନାର ସଫଳ ରୂପାୟନ କରିବା ସହ କିଭଳି ଅଧିକରୁ ଅଧିକ ଚାରାରୋପଣ ହୋଇ ପାରିବ ସେ ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ପଞ୍ଚାୟତ ପରିଦର୍ଶନ ପରେ ବୌଦ୍ଧ ବ୍ଲକ ଶଗଡ଼ା, ଗୁନ୍ଦୁଳିଆ ଆଦି ପଞ୍ଚାୟତ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ଶ୍ରୀ ନାଏକଙ୍କ ସହିତ ବୌଦ୍ଧ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସେନା, କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଣ୍ଟୀ, ସହକାରୀ ଯନ୍ତ୍ରୀ ଜୟ ମହନ୍ତ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

**ବରିଷ୍ଠ ନାଗରିକ ସଂଗଠନ ତରଫରୁ ଦାବିପତ୍ର ପ୍ରଦାନ**

# ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଭଣ୍ଡାର ଓ ଡାଏଲିସିସ୍ ସେଣ୍ଟର୍ ଦାବି

**ବୀରମହାରାଜପୁର, ୧୧।୯ (ସମିସ)**



ବରିଷ୍ଠ ନାଗରିକ ସଂଗଠନ ତରଫରୁ ବୀରମହାରାଜପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ବନ୍ଦଥିବା ରକ୍ତ ଭଣ୍ଡାରକୁ ଚାଲୁ କରିବାକୁ ଆଜି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘ ସଦସ୍ୟମାନେ ଆଜି ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାକୁ ଯାଇ ଏକ ଡାଇଲିସିସସେଣ୍ଟର୍ ସ୍ଥାପନ କରିବା, ରକ୍ତଭଣ୍ଡାର କାର୍ଯ୍ୟକ୍ଷମ କରିବା, ଚକ୍ଷୁ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି, ସାପ ଓ କୁକୁର କାମୁଡ଼ା ବିଷାକ୍ତ ଔଷଧ ମଜଭୁତରଖିବା, ବରିଷ୍ଠ ନାଗରିକ, ବିକଳାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ିରେ ଡାକ୍ତରଙ୍କୁ ଦେଖାଇବାର ବ୍ୟବସ୍ଥା, ଡାକ୍ତରଖାନାସବୁବେଳେ ସ୍ୱଚ୍ଛତା ରଖିବା, ଆଦି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଏସ୍ ବେହେରା ବରିଷ୍ଠ ନାଗରିକ ସମସ୍ତ ସଦସ୍ୟମାନଙ୍କୁ ଡାକ୍ତରଖାନା ପରିସର ବୁଲାଇ ଦେଖାଇଥିଲେ। ଡାକ୍ତରଖାନାରେ ଆବଶ୍ୟକୀୟ ଡାକ୍ତର ଓ କର୍ମଚାରୀ ନଥିବାରୁ ରୋଗୀ ସେବା ପ୍ରଦାନରେ କେତେକାଂଶରେ ଅସୁବିଧା ହେଉଥିବା କହିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ସଂଗଠନର ସଭାପତି ପ୍ରଫୁଲ୍ଲ ରଥ, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ପ୍ରତାପ ପାଣିଗ୍ରାହୀ, ବାସୁଦେବ ପଣ୍ଡା, କୃଷ୍ଣଚନ୍ଦ୍ର ପାଢ଼ୀ, ସତ୍ୟନାରାୟଣ ନାଏକ, ଚାମରା ମହକୁର, ସୁରୁ ସହୁ, ନାରାୟଣ ନାୟକ, ଦ୍ୱିତିକୃଷ୍ଣ ପଣ୍ଡା, ଅକ୍ରୁର ଦନ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରାଘାତରେ ଚାଷୀ ମୃତ

**ସୁବଳୟା/ ବୀରମହାରାଜପୁର, ୧୧।୯ (ସମିସ):** ସୁବଳୟା ଥାନା ଅଧୀନ ଜଟେସିଂହା ଗ୍ରାମରେ ବଜ୍ରାଘାଟରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀହେଲେ ରସାନନ୍ଦ ସାହୁ (୫୫)। ସେ ବିଲରେ ଚାଷକାମ କରୁଥିବାବେଳେ ବଜ୍ରାଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ରସାନନ୍ଦ ନିଜଚାଷ ଜମିରେ କାମ କରିବାକୁ ଯାଇଥିଲେ, ଘଡ଼ଘଡି ବର୍ଷା ହେବାରୁ ରସାନନ୍ଦ ଘରକୁ ଫେରୁଥିବା ସମୟରେ ବଜ୍ରାଘାତରେ ଟଳିପଡ଼ିଥିଲେ। ରସାନନ୍ଦଙ୍କ ମୃତ୍ୟୁ ଖବର ପ୍ରଚାରିତ ହେଲାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରିବାରକୁ ସରକାରୀ ସହଯୋଗ ଯୋଗାଇଦେବା ପାଇଁ ଦାବି ହେଉଛି।


# ସଂସ୍କୃତ ଜ୍ଞାନ ପରୀକ୍ଷାରେ ଘଣ୍ଟାପଡ଼ା କଲେଜର ଛାତ୍ରୀଙ୍କ କୃତିତ୍ୱ



**ଶଗଡ଼ା, ୧୧।୯ (ସମିସ):** ରାଜ୍ୟସ୍ତରୀୟ ଭାରତୀୟ ସଂସ୍କୃତ ଜ୍ଞାନ ପରୀକ୍ଷାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଟିକେଏସ୍ଏମ୍ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀ ସୋନାଲୀ ହାତୀ ଦ୍ୱିତୀୟ ସ୍ଥାନ ହାସଲ କରି ଘଣ୍ଟାପଡ଼ା କଲେଜ ତଥା ଜିଲ୍ଲାକୁ ଗୌରବାନିତ୍ୱ କରିଛନ୍ତି। ଗୁରୁବାର ଏନେଇ ଘଣ୍ଟାପଡ଼ା କଲେଜ ପରିସରରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଉତ୍କୃଷ୍ଟ ସେବା ପୁରସ୍କାରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ଛାତ୍ରୀ ସୁନେଲୀ ହାତୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଚଳିତ ମାସ ୭ ତାରିଖରେ ଭୁବନେଶ୍ୱରଠାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁ ସଭାରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷାବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଅଧ୍ୟାପକ ଝସକେଦନ ଡାଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ଅଧ୍ୟାପକ ପରେଶ କୁମାର ସାହୁ, ନୀଳକଣ୍ଠ ସା, ସତ୍ୟନାରାୟଣ ପଣ୍ଡା, ରାଜକିଶୋର ଭୋଇ, କ୍ଷୀରୋଦ୍ର ସାହୁ, ଅଶୋକ ଦେହୁରୀ, ଦେବରାଜ ବିଶି, ବିନୟ ପ୍ରଧାନ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ

**ବୌଦ୍ଧ, ୧୧।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସାମ୍ବାଦିକ କୁନା ବେହେରାଙ୍କ ବାପା ତପେଶ୍ୱର ବେହେରା( ୯୩)ଙ୍କ ବିୟୋଗ ଘଟିଛି।



ତଳଗାଁ ପଞ୍ଚାୟତ ଗଣ୍ଡକ୍ଷପାଜୁ ସ୍ଥିତ ନିଜ ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ପରଉପକାରୀ, ନୀତି ଆଦର୍ଶବାନ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ଦୁଃଖଦ ଖବର ଶୁଣିବା ପରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ହରଭଙ୍ଗା ବ୍ଲକର ସମସ୍ତ ସଦସ୍ୟ ଶୋକ ପରିକାଶ କରିଥିଲେ। ଶେଷସମୟରେ ତାଙ୍କ ୩ପୁଅ, ବୋହୂ, ନାତିନାତୁଣୀ, ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। କୁନା ବେହେରା ମୁଖାଗ୍ନି ଦେଇଥିଲେ।

# ଚିନାଜୁରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପକ୍ଷରୁ ଶାଶୂ-ବୋହୂ ସମ୍ମିଳନୀ

**ଡୁଙ୍ଗୁରିପାଲି, ୧୧।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଧୀନ ତିତେରକୁଣ୍ଡ ଅଙ୍ଗନବାଡ଼ିକେନ୍ଦ୍ରଠାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଚିନାଜୁରୀ ଆନୁକୂଲ୍ୟରେ ଶାଶୂ ବୋହୂ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଗୋଷ୍ଠୀ ସ୍ୱାସ୍ଥ୍ୟଧିକାରୀ ଏଲିଜାରାଣୀ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡୁଙ୍ଗୁରିପାଲିର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସେ ତାଙ୍କ ବକ୍ତବ୍ୟରେ ପରିବାର ନିୟୋଜନ ଦ୍ୱାରା ମାତୃ ଓ ଶିଶୁ ମୃତ୍ୟୁକୁ ରୋକାଯାଇପାରିବା ସହ ଏକ ସୁସ୍ଥ ପରିବାର ଗଠନ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଯକ୍ଷ୍ମାରୋଗ ପରିଦର୍ଶକ ସୌମ୍ୟରଞ୍ଜନ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିବାର ନିୟୋଜନ ସମ୍ବନ୍ଧୀୟ ଏକ କୁଇଜ୍ ପ୍ରତିଯୋଗିତାରେ ଶ୍ରେଷ୍ଠ ତିନି ଜଣ ଶାଶୂ-ବୋହୂ ଯୋଡ଼ିଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସମସ୍ତ ଶାଶୂ ବୋହୂ ଯୋଗ ଦେଇଥିଲେ। ଏଲିଜାରାଣୀ ସାହୁ ପରିଚାଳନା କରିଥିବାବେଳେ ସ୍ୱାସ୍ଥ୍ୟକର୍ମୀ ଜ୍ୟୋସ୍ନାମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସ୍ୱାଗତ



**ବୌଦ୍ଧ, ୧୧।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ନୂତନ ଭାବେ ଯୋଗଦାନ କରିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନଙ୍କୁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଠିଡ଼ିକାଯୋର (ଚାରିଛକ) ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ ମନ୍ଦିରର ଉନ୍ନତୀକରଣ ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ପ୍ରସଙ୍ଗ ଉପରେ ମନ୍ଦିର ପରିଚାଳନା କମିଟି ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧ୍ୟ ମନ୍ଦିରର ଉନ୍ନତୀକରଣ ପାଇଁ ଯଥା ସମ୍ଭବ ସହଯୋଗ କରିବାସହିତ ଚାରିଛକ ବଜାରର ପରିମଳ ଓ ସ୍ୱଚ୍ଛତାଉପରେ ମନ୍ଦିରକମିଟି ସହିତ ଆଲୋଚନା କରିଥିଲେ। କମିଟିର ସମ୍ପାଦକ ବାମଦେବ ଦାସଙ୍କ ସହିତ କୋଷାଧ୍ୟକ୍ଷ ସିକନ ଦାସ, ସଭ୍ୟ ଅର୍ଜୁନ କହ୍ନର, ସୁରେଶ ବେହେରା, ବେଦବର ପ୍ରଧାନ, ହରିଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ସମୀକ୍ଷା କଲେ ଜିଲ୍ଲାପାଳ

**ବୌଦ୍ଧ, ୧୧।୯ (ସମିସ):** ବୌଦ୍ଧ ଜିଲ୍ଲାପାଳ ବିଭୁତିଭୁଷଣ ନାୟକ ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଅଧୀନ ଇଚ୍ଛାପୁର ଗ୍ରାମକୁ ପରିଦର୍ଶନ କରିଥିଲେ। ଉକ୍ତ ଗ୍ରାମରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧୀନ ହେବାକୁ ଥିବା ଚାରାରୋପଣ କାର୍ଯ୍ୟକ୍ରମ ପାଇଁ ଚାଲିଥିବା ଗାତଖୋଳା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଦେଶୀ ମଦ ଜବତ; ୩ ଗିରଫ

**ବୌଦ୍ଧ, ୧୧।୯ (ସମିସ):** ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ୩ଟି ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ପରିମାଣର ମଦ ଜବତ କରିବା ସହ ୩ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଛି। ବୌଦ୍ଧ ଥାନା ଇଚ୍ଛାପୁର ଗ୍ରାମ୍ୟ ରାସ୍ତାରେ ବେଆଇନ ଭାବରେ ମଦ ବିକ୍ରି ହେଉଥିବା ଖବରପାଇ ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ପ୍ରକାଶ ମିର୍ଦ୍ଧା ନିକଟରୁ ୨୨ ଲିଟର ଦେଶୀ ମଦ ଜବତ କରିଥିବାବେଳେ ଏକ ମାମଲା ରୁଜୁକରି ମାଫିଆକୁ କୋର୍ଟଚାଲାଣ କରିଥିବା ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ ବୌଦ୍ଧ ଥାନା ଟୁଟୁମ ସିଂ ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ସଞ୍ଜୁ ନାଏକ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରି ଏକ ମାମଲା ରୁଜୁ କରି ତାକୁ କୋର୍ଟ ଚାଲାଣ କରା ଯାଇଥିବା ଅବକାରୀ ଏସଆଇ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ଅବକାରୀ ଟିମ ମଥୁରା କୁଡ଼ସାହି ଗ୍ରାମ୍ୟ ରାସ୍ତା ନିକଟରେ ଚଢ଼ାଉ କରି ଏକ ବାଇକରୁ ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଏକ ମାମଲା ରୁଜୁ କରି ମାଫିଆ ବିଜ୍ଞାନ ବେହେରାକୁ ଗିରଫକରି କୋର୍ଟ ଚାଲାଣ କରିଛି।





# ଗଣ୍ଡପାଲି ପ୍ରାଥମିକ ବିଦ୍ୟାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର

**ସୁବଳୟା, ୧୧।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ କଳାପଥର ପଞ୍ଚାୟତ ଅଧୀନ ଗଣ୍ଡପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମେଗା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଅରୁଣ କୁମାର ଦାସ ଓ ନର୍ସିଂ ଅଫିସର ଆଘାରାଣୀ ପଡ଼ିଆ ଯୋଗଦାନ କରିଥିଲେ। ବିଦ୍ୟାଳୟର ୩୮ ଜଣ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରୁ ୪ ଜଣ ଛାତ୍ର ଛାତ୍ରୀଙ୍କ ଦାନ୍ତ ସମସ୍ୟା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସୋନପୁର ଯିବାପାଇଁ ପରାମର୍ଶ ଦିଆଯାଇଥିଲା। ଉକ୍ତ ସ୍ୱାସ୍ଥ୍ୟ ଶିବିର ସହକାରୀ ଶିକ୍ଷକ ମୁରାରୀ କର୍ମିଙ୍କ ତତ୍ତ୍ୱାବଧାନରେ ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ମିଶ୍ରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା।

# ବିପୁଳ ମହୁଲ ପୋଚ ଓ ମଦ ଜବତ

**ଶଗଡ଼ା, ୧୧।୯ (ସମିସ):** ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ସହ ଦେଶୀ ମଦ ଜବତ କରାଯାଇଛି। ମନମୁଣ୍ଡା ଥାନା ଘଣ୍ଟପାଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ବେଆଇନ ଭାବରେ ମଦ ପ୍ରସ୍ତୁତି ହେଉଥିବା ଖବରପାଇ ମନମୁଣ୍ଡା ଅବକାରୀ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ ଚଢ଼ଉ କରି ୩୫୦ କେଜି ମହୁଲ ପୋଚ ସହ ୧୫ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ବୌଦ୍ଧ ଅବକାରୀ ଇନ୍ସପେକ୍ଟର ଗଦାଧର ମହାରଣାଙ୍କ ନେତୃତ୍ୱରେ ଏକ ଟିମ ମନମୁଣ୍ଡା ଥାନା ରକ୍ସା ଗ୍ରାମ ନିକଟସ୍ଥ ନାଳରେ ଚଢ଼ଉ କରି ୪ଶହ କେଜି ମହୁଲ ପୋଚ ସହ ୧୦ ଲିଟର ଦେଶୀ ମଦ ନଷ୍ଟ କରିଛି। ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ଏସଆଇ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ମନମୁଣ୍ଡା ଥାନା ବାଗଡ଼ିଆ ଗ୍ରାମ ଜଙ୍ଗଲରେ ଚଢ଼ଉ କରି ୯ଶହ କେଜି ମହୁଲ ପୋଚ ସହ ୮୦ ଲିଟର ଦେଶୀ ମଦ ଜବତ କରି ଘଟଣାସ୍ଥଳରେ ନଷ୍ଟ କରିଛି। ମାଫିଆମାନେ ଘଟଣାସ୍ଥଳରୁ ଫେରାର ମାରିଛନ୍ତି। ଏନେଇ ୩ଟି ପୃଥକ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ଥିବା ସୂଚନା ମିଳିଛି।

# ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ପ୍ରତିଯୋଗିତା

**ଡୁଙ୍ଗୁରିପାଲି, ୧୧।୯ (ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅଧୀନ ପଣ୍ଡରାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଷଷ୍ଠ, ସପ୍ତମ ଶ୍ରେଣୀକୁ ନେଇ କନିଷ୍ଠ ବର୍ଗ ପାଇଁ ପିତାମାତା ମୋର ପ୍ରେମମୟ ଭଗବାନ ବିଷୟ କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତା ରେ ୩୧ ଜଣ ଓ ଅଷ୍ଟମ, ନବମ, ଦଶମ ଶ୍ରେଣୀକୁ ନେଇ ବରିଷ୍ଠ ବର୍ଗ ପାଇଁ ଆଧ୍ୟାତ୍ମିକତା ଏକ ଜୀବନ ଶୈଳୀ ବିଷୟରେ ଅନୁଷ୍ଠିତ ପ୍ରବନ୍ଧ ପ୍ରତିଯୋଗିତାରେ ୧୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ବିଦ୍ୟାଜ୍ୟୋତି ନିର୍ବାହକ ପ୍ରଦୀପ ଖମାରୀ, ଗିଧମାଲ ସେବା ସମିତିର ଆବାହକ ଦେବେନ୍ଦ୍ର ସାହୁ, ସ୍ଥାନୀୟ ସିଆରସିସି ନରେନ୍ଦ୍ର କୁମାର ପୁରୋହିତ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଭୀମସେନ ଖମାରୀ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ସ୍ଥାନୀୟଶିକ୍ଷକ ସୂର୍ଯ୍ୟଭାନୁ ରାଉତ, ଅଜୟ ପଧାନ, ବିଶ୍ୱଦେବ ବେରିଆ, କୁଶ ପୁଟେଲ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ନନ୍ଦକିଶୋର ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଙ୍କୀପାଲି କ୍ଲଷ୍ଟର ଅନ୍ତର୍ଗତ କାନ୍ଦଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ କନିଷ୍ଠ ବର୍ଗ ରେ ୧୨ ଜଣ ଓ ବରିଷ୍ଠ ବର୍ଗରେ ୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜକ ଶ୍ରୀବତ୍ସ ପାଣ୍ଡେ, ଗିଧମାଲ ସେବା ସମିତି ର ଆବାହକ ଦେବେନ୍ଦ୍ର ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ସନ୍ତୋଷ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ପଞ୍ଚସଖା ଶିକ୍ଷାସେତୁ କମିଟି ଗଠିତ

**ବୌଦ୍ଧ, ୧୧।୯ (ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତ ଅଧୀନ ତୁକୁଲୁଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପଞ୍ଚସଖା ଶିକ୍ଷାସେତୁ କମିଟି ଗଠନ ହୋଇଯାଇଛି। ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ, ପଞ୍ଚାୟତିରାଜ ପ୍ରତିନିଧି, ସ୍ୱେଚ୍ଛାସେବୀ, ସମାଜସେବୀଙ୍କ ମଧ୍ୟରୁ ସର୍ବସମ୍ମତିକ୍ରମେ ପ୍ରତାପ କିଶୋର ନାୟକ ସଭାପତି ଓ ସଞ୍ଜୟ କୁମାର ନାୟକ ଉପସଭାପତି ସହିତ ୨୦ ସଦସ୍ୟ ବିଶିଷ୍ଟ ଆଲୁମିନି କମିଟି ଗଠନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ବିକାଶ ପାଇଁ ସମସ୍ତ ପ୍ରକାର ସହଯୋଗ କରିବାକୁ ଶପଥ ପାଠ କରିଥିଲେ। ଉପସ୍ଥିତ ସଭ୍ୟସଭ୍ୟାମାନେ ସ୍ୱେଚ୍ଛାକୃତ ଭାବେ ଜଣଜଣ କରି ଚାଳିଶ ହଜାର ଦାନ କରିବାକୁ ଘୋଷଣା କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଫେବୃୟାରୀ ମାସ ୧୨ ତାରିଖ କୁ ପଞ୍ଚସଖା ଶିକ୍ଷାସେତୁ ଉତ୍ସବ ଭାବେ ପାଳନ କରିବାକୁ ସ୍ଥିର କରାଯାଇଛି।



## ପ୍ରସ୍ତାବିତ ଷ୍ଟିଲ୍‌ପ୍ଲାଣ୍ଟକୁ ନେଇ ଅଶାନ୍ତି

ତୁରୁମୁଙ୍ଗା, ୧୧।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟକୁ ନେଇ ଦିନକୁ ଦିନ ଅଞ୍ଚଳ ଅଶାନ୍ତ ହୋଇ ପଡୁଛି। ବୁଧବାର ଅପରାହ୍ନ ୪ଟା ସମୟରେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ, ଭାରପ୍ରାପ୍ତ ଥାନାଧିକାରୀ ସୌରଭ ପ୍ରଧାନ ପ୍ରମୁଖ ଗୋଡିପୋଖରୀ, ଭୃଙ୍ଗରାଜପଶି, ଯମୁନାପଶି କୋଡ଼ଖମଣ ଆଦି ଗ୍ରାମକୁ ଯାଇଥିଲେ। ଏହି ସମୟରେ କମ୍ପାନୀ ସପକ୍ଷରେ ଆସିଥିବା କହି ଶତାଧିକ ମହିଳା ଓ ପୁରୁଷ ତହସିଲଦାରଙ୍କ ଗାଡ଼ି ସମ୍ମୁଖରେ ଛିଡ଼ା ହୋଇ ରାସ୍ତା ଅବରୋଧ କରିବା ସହ ସରକାର, କମ୍ପାନୀ, ପ୍ରଶାସନ ଓ ପୁଲିସ ବିରୋଧରେ ନାରାବାଜୀ କରିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ଗାଁ ଭିତରକୁ ପ୍ରବେଶ କରିବାକୁ ଦେଇ ନଥିଲେ। ପ୍ରାୟ ଏକ ଘଣ୍ଟା ପରେ ବୁଝାସୁଝା ପରେ ପୁଲିସ ଓ ତହସିଲଦାର ସେଠାରୁ ମୁକୁଳିଥିଲେ। ଏନେଇ ଜିନ୍ଦଲ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି, କାହାକୁ ଅଟକ ରଖି ନଥିଲୁ; କେବଳ ଚାଷ ଜମିରେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ବିରୋଧ ଦାବି କରି ଦାବିପତ୍ର ପ୍ରଦାନ କରିଛୁ।

## ସେବାପକ୍ଷ ପାଳନ ପ୍ରସ୍ତୁତି

ରାମଚନ୍ଦ୍ରପୁର, ୧୧।୯ (ସମିସ): ସେପ୍‌ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ସେବାପକ୍ଷ' ପାଳନ ପାଇଁ ଦେଓଗାଁ ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରାଙ୍କ ସଭାପତିତ୍ୱରେ ଘସିପୁରା ବ୍ଲକ ଖଲଣା ଆମ୍ବତୋଟାଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମଣ୍ଡଳ ସଭାପତି ରଞ୍ଜନ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବୃକ୍ଷରୋପଣ ନମୋ ପାର୍କ, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର ସହ ପଣ୍ଡିତ ଦୀନଦୟାଲ ଜୟନ୍ତୀ ବୁଥ ସ୍ତରରେ ପାଳନ କରାଯିବା ନେଇ ଆଲୋଚନା ହୋଇଛି। ମଣ୍ଡଳର ସକ୍ରିୟ କାର୍ଯ୍ୟକର୍ତ୍ତା ସୁଦର୍ଶନ ମାଝୀ, ମନୋଜ ମାଝୀ, କରୁଣା ଜେନା, ପଞ୍ଚୁ ସାହୁ, ମାୟା ରଣା, ବିଜୁ ଜେନା, ବୁଲୁ ବେହେରା, ସୁଶାନ୍ତ ମହାରଣା ପ୍ରମୋଦ ପରିଡା, କୁନୁ ଭାଇ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ ପ୍ରସ୍ତୁତି

କେନ୍ଦୁଝର, ୧୧।୯ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଓ ତାଲୁକ ଆଇନସେବାସମିତିଆନନ୍ଦପୁର, ଚମ୍ପୁଆ, ବଡବିଲ, ତେଲକୋଇ, ଘଟଗାଁ, ହାଟଡିହୀରେ ଆସନ୍ତା ୧୩ ତାରିଖ ରାଷ୍ଟ୍ରୀୟ ଲୋକ ଅଦାଲତର ଆୟୋଜନ କରାଯିବ। ଜାତୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣ (ନାଲସା ଓ ସାଲସା) ର ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବାକୁ ଥିବା ଅଦାଲତର ମକଦ୍ଦମା ସଂଖ୍ୟା ହ୍ରାସ ଓ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇ ଜନସାଧାରଣ ଏହାର ସୁଫଳ ପାଇ ପାରିବାର ପ୍ରୟାସ ଜିଲ୍ଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ଦ୍ୱାରା କରାଯାଉଛି। ଏହି ରାଷ୍ଟ୍ରିୟ ଲୋକ ଅଦାଲତରେ ଯେଉଁ ମକଦ୍ଦମାଗୁଡିକ ସମାଧାନ କରାଯିବ ତାହାକୁ ଏକ ସୁଯୋଗ ଭାବେ ପରିଗଣିତ କରାଯାଇ ଜନସାଧାରଣଙ୍କ ନିକଟରେ ଏହାର ସୁଫଳ ପହଞ୍ଚାଇବାକୁ ଏହି ପ୍ରୟାସ ଫଳବତୀ ହୋଇପାରିବ ବୋଲି ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଜଣାଇଛନ୍ତି।

## ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ



ତୁରୁମୁଙ୍ଗା, ୧୧।୯ (ସମିସ): ପାଟଣା ବ୍ଲକ ତୁରୁମୁଙ୍ଗା ସରକାରୀ ଦଧିବାମନ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ତୁରୁମୁଙ୍ଗା ସିଆରସିସି ଲିପଟନ୍ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିବାଳା ସାହୁ, ସହକାରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ମୋଟ ୧୪୦ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ଶିକ୍ଷକଶିକ୍ଷୟିତ୍ରୀ ଦମୟନ୍ତି ମହାନ୍ତ, ଅନିମା ମହାରଣା, ସସ୍ମିତା ଲେଙ୍କା, ଧର୍ମେନ୍ଦ୍ର ପାତ୍ର ସହଯୋଗ କରିଥିଲେ।

## ପ୍ରତୀକ ଧର୍ମଘଟରେ ପ୍ରାଣୀ ଚିକିତ୍ସକ; ସେବା ଠପ୍



ଚମ୍ପୁଆ, ୧୧।୯ (ସମିସ): ଦୀର୍ଘ ୨୨ ବର୍ଷ ଧରି ରାଜ୍ୟରେ ପ୍ରାଣୀ ଚିକିତ୍ସକଙ୍କୁ ସରକାର ଅବହେଳା ପ୍ରଦର୍ଶନ କରି ଆସୁଥିବା ଅଭିଯୋଗରେ ପ୍ରାଣୀ ଚିକିତ୍ସକମାନେ କଳା ବ୍ୟାଜ ପିନ୍ଧି ପ୍ରତୀକ ଧର୍ମଘଟରେ ଅଛନ୍ତି। ଯାହା ଫଳରେ ପ୍ରାଣୀ ଚିକିତ୍ସା ଗୁରୁତର ପ୍ରଭାବିତ ହୋଇଛି। ସେମାନେ ଚାକିରିରେ ପଦୋନ୍ନତି, ଦରମାରେ ଅସଙ୍ଗତି ଆଦିକୁ ନେଇ ରାଜ୍ୟ ପ୍ରାଚୀନ ସଂଘର ଆହ୍ୱାନକ୍ରମେ ଅଗଷ୍ଟ ୨୫ରୁ କଳା ବ୍ୟାଜ ପରିଧାନ କରି ଆସୁଛନ୍ତି। ଏପର୍ଯ୍ୟନ୍ତ ସରକାର ସଂଘ ସହ କୌଣସି ଆଲୋଚନା କରିନାହାନ୍ତି। ରାଜ୍ୟରେ ୫୦୦୦ପ୍ରାଣୀ ଚିକିତ୍ସକ ଆବଶ୍ୟକ ଥିବା ବେଳେ ଅଛନ୍ତି ମାତ୍ର ୧୦୦୦ ଜଣ। ଫଳରେ ସେମାନଙ୍କ ଉପରେ ପ୍ରବଳ ଚାପ ପଡୁଛି। ସେହିପରି ୪୦ପ୍ରତିଶତ ଅଧସ୍ତନ କର୍ମଚାରୀ ପଦ ଖାଲି ପଡ଼ିଥିବାରୁ ସେମାନେ ଅଧିକ ମାନସିକ ଚାପଗ୍ରସ୍ତ ହୋଇ କାମ କରୁଛନ୍ତି। ଯେଉଁଥିପାଇଁ ରାଜ୍ୟରେ ପ୍ରାଣୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି।

### ନାହିଁ ନାହିଁରେ ଚାଲିଛି ସ୍ତ୍ରୀ ଓ ପ୍ରସୂତି ବିଭାଗ

# ବର୍ଷେ ହେଲା ଡାକ୍ତର ଅଭାବ, ନର୍ସଙ୍କ ହାତରେ ରୋଗୀଙ୍କ ଭାଗ୍ୟ

ଚମ୍ପୁଆ,୧୧।୯ (ସମିସ)



ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ହନ୍ତସନ୍ତ ହେଉଛନ୍ତି ଚମ୍ପୁଆବାସୀ। ଉପଖଣ୍ଡର ରେଫରାଲ ଚିକିତ୍ସାଳୟ ଭାବେ ପରିଚିତ ପାଇଲାଣି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ। ଦିନେ ରୋଗୀ ସେବା ପାଇଁ ପ୍ରମୁଖ ଏହି ଚିକିସାôଳୟ ଆଜି ଶ୍ରୀହୀନ ହେବାକୁ ବସିଲାଣି। ଜରୁରିକାଳୀନ ସେବା ଯୋଗାଉଥିବା ସ୍ତ୍ରୀ ପ୍ରସୂତି ବିଭାଗରେ ନାହିଁ ନଥିବା ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ୧୯୧୦ରେ ନିର୍ମିତ ଏହି ଚିକିତ୍ସାଳୟ ମୟୂରଭଂଜ, ସୁନ୍ଦରଗଡ, ଝାଡଖଣ୍ଡ ସମେତ ସ୍ଥାନୀୟ ରୋଗୀସେବାକୁ ଗୁରୁତ୍ୱ ଦେଇଆସୁଥିଲେ ହେଁ ଆଜିର ସମୟରେ ଏହି ଚିକିତ୍ସାଳୟ ଉପରେ ରୋଗୀଙ୍କ ଭରସା ତୁଟିବା ଆରମ୍ଭ କଲାଣି।

ପ୍ରାପ୍ତ ସୂଚନା ଅନୁସାରେ, ସ୍ତ୍ରୀ-ପ୍ରସୂତି ରୋଗ ବିଭାଗରେ ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ମଧ୍ୟରେ ଓପିଡିରେ ୧୬୬୧ ଜଣ ରୋଗୀ ଚିକିତ୍ସା ହୋଇଥିବା ବେଳେ ୫୬୪ଜଣଙ୍କର ଡେଲିଭରି କରାଯାଇଛି। ଦୀର୍ଘ ୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଚିକିତ୍ସାଳୟର ସ୍ତ୍ରୀ ପ୍ରସୂତି ବିଭାଗରେ ନିୟମିତ ଡାକ୍ତର ନାହାନ୍ତି। ଡାକ୍ତର ଅଭାବ କାରଣ ଦେଖାଇ ୩ ବର୍ଷ ଧରି ଜିଲ୍ଲା ଖଣିଜ ପାଣ୍ଠିରୁ ୨ ଜଣ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା।

**ଅଧିକାରୀଙ୍କ ପ୍ରତିଶ୍ରୁତି ପାଣିର ଗାର**

ସ୍ତ୍ରୀ ଓ ପ୍ରସୂତି ବିଭାଗ ଏକ ଜରୁରୀ ବିଭାଗ ଭାବରେ ବିବେଚନା କରାଯାଉଥିବା ବେଳେ ଦୀର୍ଘ ୩ ବର୍ଷ ଧରି ଖଣିଜ ପାଣ୍ଠିରୁ ନିଯୁକ୍ତ ଡାକ୍ତର କାମ ଚଳାଇ ଆସୁଥିଲେ। ମାତ୍ର ପ୍ରାୟ ୧ ବର୍ଷ ହେବ ଉଭୟ ଡାକ୍ତର କାମ ଛାଡି ଦେବାରୁ ଏହି ପଦବି ଖାଲି ପଡିଛି। ଏନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଜିଲ୍ଲା ବିଭାଗୀୟ ଅଧିକାରୀଙ୍କୁ ଡାକ୍ତର ପାଇଁ ଦାବି କରିଆସୁଥିଲେ ହେଁ ତାହା ପୂରଣ ହୋଇପାରୁ ନାହିଁ। ଫଳରେ ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ରୋଗୀମାନେ ନାନା ସମସ୍ୟା ଭୋଗୁଥିବା ଦେଖାଯାଇଛି। ବର୍ତ୍ତମାନ ସପ୍ତାହରେ ୬ ଦିନ ଧରି ୬ ଜଣ ଡାକ୍ତରଙ୍କୁ ଡେପ୍ୟୁଟେସନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେମାନେ କେବଳ ସୀମିତ ସମୟ ସେବା ଯୋଗାଇ ଫେରିଯାଉଛନ୍ତି। ମାତ୍ର ଏହି ବିଭାଗଟି ଜରୁରୀ ବିଭାଗ ହୋଇଥିବାରୁ ବିଭିନ୍ନ ସମୟରେ ସ୍ତ୍ରୀ ଓ ପ୍ରସୂତି ରୋଗୀ ଭରସା କରି ଆସୁଛନ୍ତି ସତ କିନ୍ତୁ ନର୍ମାଲ ଡେଲିଭରି କ୍ଷେତ୍ରରେ ନର୍ସମାନେ ସେବା ଯୋଗାଉଛନ୍ତି। ଅନ୍ୟପକ୍ଷରେ ଅସ୍ତ୍ରୋପଚାର ଜନିତ ସମସ୍ୟା ଉପୁଜିଲେ ରୋଗୀଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଦିଆଯାଉଛି। ଏନେଇ ଏସଡିଏମଓ ଉମାକାନ୍ତ ସାହୁ କହିଛନ୍ତି, ଡାକ୍ତର ଅଭାବ ଜନିତ କାରଣରୁ ରୋଗୀସେବା ବ୍ୟାଘାତ ଘଟୁଛି। ଜିଲ୍ଲା ଅଧିକାରୀଙ୍କ ସହ ଆଲୋଚନା କରିଛି, ସେ ୧୫ ଦିନ ଭିତରେ ଏହି ଡାକ୍ତର ବ୍ୟବସ୍ଥାର ସମାଧାନ କରିବେ ବୋଲି ସୂଚନା ଦେଇଥିଲେ ହେଁ ଆଜକୁ ଏକ ମାସରୁ ଅଧିକ ସମୟ ପରେ ବି ଏହି ବିଭାଗରେ ଡାକ୍ତର ନିଯୁକ୍ତି ହୋଇନାହାଁନ୍ତି।

### ● ବାଲିପାଳରେ ଜମି ଜବରଦଖଲକୁ ନେଇ ବିବାଦ

## ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

ଆନନ୍ଦପୁର, ୧୧।୯ (ସମିସ): ଘସିପୁରା ଥାନା ଅନ୍ତର୍ଗତ ବାଲିପାଳ ଗ୍ରାମରେ ପଟ୍ଟାଭୁକ୍ତ ଜମି ଜବରଦଖଲକୁ ନେଇ ବିବାଦ ସୃଷ୍ଟି ହୋଇଛି। ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କ ପଟ୍ଟାଭୁକ୍ତ ଜମିକୁ ଜବରଦଖଲରେ ରଖି ବିକ୍ରି କରିବାକୁ ମସୁଧା କରୁଥିବା ଚର୍ଚ୍ଚାକୁ ଆସିଛି। ଜବରଦଖଲରେ ରହିଥିବା ଜମିରୁ ଜବରଦଖଲ ହଟାଇବାକୁ ଜମି ମାଲିକ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ଜବରଦଖଲକାରୀ କର୍ଣ୍ଣପାତ କରୁ ନଥିବା ଅଭିଯୋଗ ହୋଇଛି। ଓଲଟି ଜମି ମାଲିକଙ୍କୁ ଆକ୍ରମଣର ଧମକ ଦିଆଯିବା ଭଳି ଘଟଣା ଚର୍ଚ୍ଚାକୁ ଆସିଛି। ଯାହାକୁ ନେଇ ଜମି ମାଲିକ ଘସିପୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘସିପୁରା ତହସିଲ ବାଲିପାଳ ମୌଜା ଖାତା ନଂ ୩୧୩/୧୩୬ ପ୍ଲଟ ନଂ ୬୭୫ ଏ୦.୦୬୦ ଜମିକୁ କେଶଦୁରାପାଳର ମଙ୍ଗୁଳି ଚରଣ ଓଝା ଜବରଦଖଲରେ ରଖିଥିବା ଜମି ମାଲିକ ପ୍ରଜ୍ଞା ପରମିତା ସାହୁ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜବରଦଖଲକାରୀ ୬୬୬ ନଂ ପ୍ଲଟକୁ କିଣିଥିବାବେଳେ ଏହାର ସଂଲଗ୍ନ ପ୍ଲଟ ନଂ ୬୭୫କୁ ମଧ୍ୟ ନିଜ ଅକ୍ତିଆରରେ ରଖିଥିବା ଚର୍ଚ୍ଚାକୁ ଆସିଛି। ବିବାଦୀୟ ଜମି ସ୍ଥାନୀୟ ଆରଆଇଙ୍କ ଦ୍ୱାରା ତଦନ୍ତ କରାଯାଇ ରିପୋର୍ଟ ମଧ୍ୟ ତହସିଲ କାର୍ଯ୍ୟାଳୟରେ ପଇଠ ହୋଇଛି। ଦୀର୍ଘ ୩ ବର୍ଷ ଧରି ଏହି ପଟ୍ଟାଭୁକ୍ତ ଜମି ଜବରଦଖଲରେ ରହିଥିବାରୁ ଜମି ମାଲିକ କିଣିଥିବା ଜମିକୁ ବ୍ୟବହାର ବ୍ୟବହାର ଉପଯୋଗୀ କରିପାରୁ ନାହାନ୍ତି। ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

### ସମସ୍ୟା ଘେରରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ

## ପରିଚାଳନା ଅବ୍ୟବସ୍ଥା ପାଇଁ ରୋଗୀ ଦୁର୍ଦ୍ଦଶାରେ

ଆନନ୍ଦପୁର,୧୧।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଅବ୍ୟବସ୍ଥା ଦିନକୁ ଦିନ ଚରମ ସୀମାରେ ପହଞ୍ଚିଲାଣି। ପରିଚାଳନାଗତ ତ୍ରୁଟି ଯୋଗୁଁ ପ୍ରତିଦିନ ରୋଗୀ ହେଉଛନ୍ତି ହୀନସ୍ତା। ମା' ଓ ଶିଶୁ ବିଭାଗରେ ଥିବା କାଉଣ୍ଟର ଅଚଳ ଯୋଗୁଁ ମୁଖ୍ୟ ଟିକେଟ କାଉଣ୍ଟରରେ ନାହିଁ ନଥିବା ଭିଡ଼ ହେଉଛି। ସାଉଣ୍ଡ ସିଷ୍ଟମ ନଥିବାରୁ ଟିକେଟ ପାଇଁ ଦୀର୍ଘ ସମୟ ଅପେକ୍ଷା କରିବା ପରେ ଡାକ୍ତର ପରାମର୍ଶ ପାଇଁ ସମସ୍ୟା ହେଉଛି। ବିଦ୍ୟୁତ ସରବରାହ ସମୟରେ ଜେନେରେଟର ଚାଳନା ଠିକ ଭାବେ ହେଉ ନଥିବାରୁ ଅସହ୍ୟ ଗୁଳଗୁଳିରେ ରୋଗୀ ଦୁର୍ଦ୍ଦଶା ଭୋଗ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ଉପଖଣ୍ଡ ସମେତ ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାରୁ ଶହ ଶହ ରୋଗୀ ଏହି ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ବିଶେଷ କରି ମହିଳା ଓ ଶିଶୁ ରୋଗୀମାନେ ସୁବିଧା ଅଭାବରୁ ହନ୍ତସନ୍ତ ହେଉଛନ୍ତି। ଉପଖଣ୍ଡ ଚିକିତ୍ସାଳୟର ମହିଳା ଓ ଶିଶୁ ବିଭାଗ ତିନିତଳ ବିଶିଷ୍ଟ ହୋଇଥିବା ବେଳେ ଶଯ୍ୟା ଅଭାବରୁ ୱାର୍ଡ଼ ବାରଣ୍ଡାରେ ରୋଗୀ ଚିକିତ୍ସା ହେଉଥିବା ଚିନ୍ତାର



କାରଣ ହୋଇଛି। ୱାର୍ଡ଼ ମଧ୍ୟରେ ରୋଗୀମାନଙ୍କର ସଂଖ୍ୟା ଅଧିକ ରହିଥିବା ବେଳେ ଗୋଟିଏ ମାତ୍ର ପାଇଖାନା କାର୍ଯ୍ୟକ୍ଷମ ଥିବା ଏବଂ ୧୩ନଂ ରୁମ୍ ପାଇଖାନାଟି ତାଲା ପଡ଼ି ରହିଥିବାରୁ ରୋଗୀମାନେ ଶୌଚ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ମହିଳା ରୋଗୀମାନେ ନାହିଁ ନଥିବା ହଇରାଣ ହରକତ ହେଉଥିବା ଦେଖାଯାଇଛି। ସେମାନେ ଅସୁରକ୍ଷିତ ପରିସ୍ଥିତିରେ ଚିକିତ୍ସିତ ହେଉଛନ୍ତି। ଏଣୁ ଏହି ଚିକିତ୍ସାଳୟର ସମସ୍ୟାରେ ସୁଧାର ଆଣିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ପ୍ରାଥମିକ ସ୍କୁଲ ଶ୍ରେଣୀ କୋଠରୀରେ ଛାତ୍ରୀକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତ ହାତରେ ଥିଲା ସ୍କୁଲ ଚାବି; ଶିକ୍ଷା ବିଭାଗ ନିଦାବିଷ୍ଟ

ବାଲିବନ୍ଧ, ୧୧।୯ (ସମିସ): ଗଣେଶ ପୂଜା ପରଦିନ ଝୁମ୍ପୁରା ଥାନା ନହବେଡା ପଞ୍ଚାୟତ ଅଞ୍ଚଳର ଏକ ସରକାରୀ ପ୍ରାଥମିକ ସ୍କୁଲ୍ ଶ୍ରେଣୀ କୋଠରୀ ଭିତରେ ୧୫ ବର୍ଷର ନାବାଳିକାକୁ ବଳାତ୍କାର ଅଭିଯୋଗ ହୋଇଥିଲା ବେଳେ ଝୁମ୍ପୁରା ପୁଲିସ୍ ଲକ୍ଷ୍ମୀଧର ମୁଣ୍ଡା (୩୦) କୁ ଏକ ମାମଲା ରୁଜୁକରି ଗିରଫ କରିଛି। ତେବେ, ଏହି ଘଟଣାରେ ଏକ ତଥ୍ୟ ଘଟଣାକୁ ରୋଚକ କରିଛି। ସ୍କୁଲ ଛୁଟିଥିବାରୁ ଶିକ୍ଷକ ସ୍କୁଲ ଆସି ନଥିବାବେଳେ ଖୋଦ୍ ଅଭିଯୁକ୍ତ ଘରେ ସ୍କୁଲର ଚାବି ଛାଡ଼ିଥିବା ଜଣାପଡ଼ିଛି। ଘରୁ ଚାବି ଆଣି ସ୍କୁଲ ଖୋଲିବା ସହିତ ସ୍କୁଲ ପରିସରରେ ମ୍ୟୁଜିକ ସିଷ୍ଟମ ବଜାଇ ଛୋଟ ଛୋଟ ଶିଶୁଙ୍କୁ ଆକୃଷ୍ଟ କରିବା ପୂର୍ବକ ନିଜର ହୀନ ଉଦ୍ଦେଶ୍ୟ ଚରିତାର୍ଥ କରିଥିବା ଘଟଣା ସାମ୍ନାକୁ ଆସିଛି। ଘଟଣାସ୍ଥଳକୁ ଯାଇ ପୁଲିସ୍ ଜେରା କରିବା ସମୟରେ ସ୍ଥାନୀୟ ଲୋକେ ବୟାନ ଦେଇଛନ୍ତି ଏବଂ ସ୍କୁଲର ପ୍ରଧାନଶିକ୍ଷକ ମଧ୍ୟ ସ୍କୁଲ ଚାବି ତାଙ୍କ ଘରେ ରଖି ଯାଇଥିବା କଥା ପୁଲିସ୍ ଆଗରେ ସ୍ୱୀକାର କରିଛନ୍ତି। ତେବେ ଅଭିଯୁକ୍ତ ଜଣକ ନିଶାସକ୍ତ ଏବଂ ଅସାମାଜିକ ବ୍ୟକ୍ତି ଭାବେ କୁଖ୍ୟାତ ଥିବାବେଳେ ଏକାଧିକ ପତ୍ନୀ ଥିବା ସୂଚନା ମିଳିଛି। ଏଭଳି ବ୍ୟକ୍ତି ଘରେ କିପରି ସ୍କୁଲ ଚାବି ରହୁଥିଲା ଯାହା ସ୍କୁଲର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଅପରପକ୍ଷେ ସ୍କୁଲରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନେ ବହୁ ଦୂରରୁ ଯିବାଆସିବା କରି ବିଳମ୍ବରେ ପହଞ୍ଚୁଥିବାରୁ ଚାବି ତାଙ୍କ ଘରେ ଛାଡ଼ିଦେଉଥିବା କଥା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହା ଶିକ୍ଷକଙ୍କ କର୍ତ୍ତବ୍ୟରେ ଅବହେଳା ଦର୍ଶାଇ ଅସନ୍ତୋଷ ପ୍ରକାଶ ପାଇଛି। ଝୁମ୍ପୁରା ପୁଲିସ ଅଭିଯୁକ୍ତ ଲକ୍ଷ୍ମୀଧର ମୁଣ୍ଡାକୁ ଗିରଫ କରିବା ପରେ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛି ଏବଂ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଛି। ଏହା ସ୍ପର୍ଶକାତର ଘଟଣା ହୋଇଥିବାବେଳେ ଶ୍ରେଣୀ ଗୃହ ମଧ୍ୟରେ ଏପରି ଅଭାବନୀୟ ଘଟଣା ସଂଘଟିତ ହୋଇଥିବାରୁ ଅଭିଭାବକମାନେ ସେମାନଙ୍କ ଶିଶୁଙ୍କ ସୁରକ୍ଷାକୁନେଇ ଆଶଙ୍କାରେ ରହିଛନ୍ତି।

ଏନେଇ ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ ଭଗବାନ ମିଶ୍ର କହିଛନ୍ତି, ତାଙ୍କ ପାଖରେ କିଛି ଖବର ନାହିଁ। ପ୍ରକାଶ ଥାଉ କି, ଗଣେଶପୂଜା ପରଦିନ ଅର୍ଥାତ୍ ଗତ ଅଗଷ୍ଟ ୨୮ ତାରିଖ ଗୁରୁବାର ଅଭିଯୁକ୍ତ ଲକ୍ଷ୍ମୀଧର ମୁଣ୍ଡା, ସ୍କୁଲ୍ ଖୋଲି ସ୍କୁଲ ପରିସରରେ ମ୍ୟୁଜିକ ସିଷ୍ଟମ ବଜାଉଥିଲା। ଏହା ଶୁଣି କିଛି ଶିଶୁ ସ୍କୁଲକୁ ଆସିଥିଲେ। ଏହାର ସୁଯୋଗ ନେଇ ପୀଡ଼ିତା ଜଣଙ୍କୁ ସ୍କୁଲର ଏକ କୋଠରୀ ଭିତରେ ରଖି ଅନ୍ୟ ଶିଶୁଙ୍କୁ ଉକ୍ତ କୋଠରୀରୁ ବାହାର କରିଦେଇଥିଲା। କବାଟ ଝରକା ବନ୍ଦ କରି ଦେଇଥିଲା। ପୀଡ଼ିତା ଜଣକ ଚିତ୍କାର କରିବାରୁ ତାଙ୍କ ପାଟି ବନ୍ଦ କରି ଦୁଷ୍କର୍ମ କରିଥିଲା। ଏପରିକି ଜୀବନରୁ ମାରି ଦେବାକୁ ଧମକ ମଧ୍ୟ ଦେଇଥିଲା। ସେପ୍ଟେମ୍ବର ୨ ତାରିଖରେ ବାପା-ମା' ଛେଉଣ୍ଡ ପୀଡ଼ିତା ଜଣକ ତାଙ୍କ ବଡ଼ଭଉଣୀଙ୍କ ଆଗରେ ଏ ସମ୍ବନ୍ଧରେ ଜଣାଇଥିଲା। ଏହାପରେ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାର ଧମକ ଦେଇଥିଲା ଅଭିଯୁକ୍ତ। ଥାନାର ଦ୍ୱାରସ୍ଥ ହୋଇ ପୀଡ଼ିତାଙ୍କ ପାଇଁ ନ୍ୟାୟ ଭିକ୍ଷା କରିଥିଲେ ବଡ଼ଭଉଣୀ। ଝୁମ୍ପୁରା ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି



ତୁରୁମୁଙ୍ଗା, ୧୧।୯ (ସମିସ): ପାଟଣା ବ୍ଲକ ସଭାଗୃହଠାରେ ବୁଧବାର ମନରେଗା ୨୦୨୪-୨୫ ଏବଂ ୨୦୧୩ ଖାଦ୍ୟ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏପିଓ ଦୀପକ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସମୀକ୍ଷକ ଚନ୍ଦନ ଅମୃତାୟନ୍ ଆଇଚ ଓ ବ୍ଲକ୍ ଯୋଗାଣ ଅଧିକାରୀ ସୁନିତା ମାର୍ଣ୍ଡି ପ୍ରମୁଖ ଯୋଗ ଦେଇ ୪୫ଟି ଅଭିଯୋଗ ମଧ୍ୟରୁ ୪୦ଟି ମାମଲାର ସମାଧାନ କରିଥିଲେ। ଅନ୍ୟ ୫ ଅଭିଯୋଗକୁ ଖୁବ୍ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୭ଲକ୍ଷ ୬୬ହଜାର ୧୯୮ଟି କର୍ମ ଦିବସ ସୃଷ୍ଟି ହୋଇଥିବା ବେଳେ ମୋଟ ୧୫ହଜାର ୩ ଶହ ଲୋକଙ୍କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ୯୮୬ ଜବକାର୍ଡଧାରୀଙ୍କୁ ୧ ଶହ ଦିନର କାର୍ଯ୍ୟ ଯୋଗାଇ ଦିଆଯାଉଛି। ମୋଟ ୨୨କୋଟି ୧୭ଲକ୍ଷ ୮୬ହଜାର ଟଙ୍କାବ୍ୟୟରେ ୪ହଜାର ୩୬୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଯୋଗାଣ ବିଭାଗର ୧୨ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଖାତାକୁ କିଭଳି ଚାଉଳ ଗଲା ତାହାର ସବିଶେଷ ତଥ୍ୟ ଖୁବ୍ ଶୀଘ୍ର ଦେବାକୁ ଉପଜିଲ୍ଲାପାଳ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ସମ୍ବଳ ବ୍ୟକ୍ତି, ଜଙ୍ଗଲ ବିଭାଗ, ପିଡି ୱାଟରସେଡ, ଉଦ୍ୟାନ କୃଷି ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

### ଉତ୍ପାତ କରୁଛନ୍ତି ୨୧ ଟିକିଆ ହାତୀପଲ

# ଘର ଭାଙ୍ଗିଲା ଦନ୍ତା, କାନ୍ଥ ପଡ଼ି ପରିବାରର ୩ ଗୁରୁତର






କେନ୍ଦୁଝର,୧୧।୯ (ସମିସ): କେନ୍ଦୁଝର ସଦର ବନାଞ୍ଚଳ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତ ଡାଳିମାପୁର ଗାଁରେ ୨୧ ଟିକିଆ ହାତୀପୋଲ ପୋଶି ଉତ୍ପାତ କରୁଛନ୍ତି। ଗତକାଲି ସଲରାପେଣ୍ଟ ଦେଇ ମଦରଙ୍ଗାଯୋଡି ଜିଆଣି ଜଙ୍ଗଲରୁ ହାତୀପଲ ଅତିକ୍ରମ କରି ଡାଳିମାପୁର ଡ୍ୟାମ ପାଣି ଭିତର ଦେଇ ଗାଁ ମୁହାଁ ହୋଇଥିଲେ। ଡାଳିମାପୁର ଅଙ୍ଗନବାଡିକେନ୍ଦ୍ର ପାଚେରି ଓ ମମତା ଗୃହ କବାଟ ଗୋଡରେ ମାରି ଭାଙ୍ଗି ଦେଇଛନ୍ତି। ପରେ ପାତ୍ରସାହି ଦେଇ ଯାଉଥିବାବେଳେ ସୁରେଖା ଦାସ(୫୬), ଝିଅ ତିଲୋତ୍ତମା ଦାସ(୩୦), ନାତି ଯଶରାଜ ପାତ୍ର(୭)ଙ୍କୁ ଏକ ଦନ୍ତା ଗୋଡ଼ାଇଥିଲା। ଦନ୍ତା ହାତୀ ପକ୍କାଘର କାନ୍ଥକୁ ଭାଙ୍ଗି ଦେଇଥିଲା। ଇଟାକାନ୍ଥ ଉପରେ ପଡିଯିବା ଯୋଗୁଁ ତିନିଜଣ ଗୁରୁତର ହୋଇଥିବାବେଳେ ଘରଭିତରେ ଥିବା ଆବାସପତ୍ର ଧାନ ଚାଉଳ ନଷ୍ଟ ହୋଇଯାଇଛି। ଗୁରୁତରଙ୍କୁ ମେଡିକାଲ ନେବାକୁ ୧୦୮ ଫୋନ କରିଥିଲେହେଁ କାଳିମାଟି ଅଞ୍ଚଳରୁ ଆମ୍ବୁଲାନ୍ସ ଆସିବାକୁ ସୂଚନା ଦେବାରୁ ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ କେନ୍ଦୁଝର ମେଡିକାଲକୁ ଆଣି ଭର୍ତ୍ତି କରିଥିଲେ। ସକାଳେ ପୁଣି ହାତୀପୋଲ ଜିଆଣି ଜଙ୍ଗଲ ମୁହାଁ ହୋଇଛନ୍ତି। ଧାନଫସଲକୁ ସରକ୍ଷା ଦେବା ପାଇଁ ସ୍ଥାନୀୟ ସଲରାପେଣ୍ଟ, ମଦରଙ୍ଗାଯୋଡି, ଡାଳିମାପୁର, କେନ୍ଦୁପୋଶି, ବରଦାପାଳ,ଟିକରପଡା, ରତମରା, ବୁରୁଡିସାହି ଆଦି ଗାଁର ବହୁ ସଂଖ୍ୟକ ଜନସାଧାରଣ ନିଆଁ ଜାଳି ଠେଙ୍ଗା ବାଡି ଧରି ହାତୀଙ୍କୁ ଘୋଉଡାଇବାକୁ ବିଭିନ୍ନ ସ୍ଥାନରେ ଜଗି ରହିଥିଲେ। ଗଜସାଥୀ ହାତୀ ଘୋଉଡାଇବା ସ୍କ୍ୱାଡ୍ ବନକର୍ମଚାରୀ ଥିଲେହେଁ ନାକେଦମ୍ ହୋଇଥିଲେ। ଡାଳିମାପୁରର ଭିମସେନ ଦାସ, ବେଣୁଧର ଦାସ ସମେତ ଏକାଧିକ ଚାଷୀଙ୍କ ଧାନ ଫସଲ ନଷ୍ଟ କରିଥିଲେ। ଘରଭାଙ୍ଗିଥିବା ସୁରେଖାଙ୍କ ପରିବାରଙ୍କୁ ଆବାସ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ରମେଶ ମୁଣ୍ଡା କହିଛନ୍ତି। ପଳାଶପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ ସକାଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଗୁରୁତରଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଓ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ସରକାର୍ କା ମାଲ୍...

## ରକ୍ଷଣାବେକ୍ଷଣ ଅଭାବ; ସୁଆଁପଦା ପଥପ୍ରାନ୍ତ ସୁବିଧାକେନ୍ଦ୍ର ଜରାଜୀର୍ଣ୍ଣ

ରାମଚନ୍ଦ୍ରପୁର,୧୧।୯ (ସମିସ): ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତରଫରୁ ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ହାଟ ନିକଟରେ ୨ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପଥପ୍ରାନ୍ତ ସୁବିଧାକେନ୍ଦ୍ର ଏବେ ପରିତ୍ୟକ୍ତ, ଜରାଜୀର୍ଣ୍ଣ ହୋଇ ପଡ଼ିଛି। ଏହା ବ୍ୟବହାର ହେଉନାହିଁ ଏବଂ ଧୀରେ ଧୀରେ ରକ୍ଷଣାବେକ୍ଷଣ ଅଭାବରୁ ବ୍ୟବହାର ଅନୁପୋଯୋଗୀ ହେବାକୁ ଯାଉଛି। ଏପରିକି ଏକପ୍ରକାର ଭୂତକୋଠି ପାଲଟିଛି ଏହି ପଥପ୍ରାନ୍ତ କୋଠା। ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ଜାତୀୟ ରାଜପଥ କଡ଼ରେ



ଲୋକଙ୍କ ସୁବିଧା ପାଇଁ ସ୍ୱଳ୍ପ ରହଣି, ବିଶ୍ରାମସ୍ଥଳ, ଶୌଚାଳୟ, ଚା'ପାଣି ଆଦି ବ୍ୟବସ୍ଥା କରାଯାଇଥିଲା। ମାତ୍ର ବର୍ଷ କେଇଟାରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଭୂତକୋଠି ପାଲଟିଗଲା। ଉଦାସୀନତା ଏବଂ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ତାହା କୌଣସି କାର୍ଯ୍ୟରେ ନଲାଗି ଜରାଜୀର୍ଣ୍ଣ ହୋଇପଡିଲାଣି। ମୁଖ୍ୟଫାଟକ ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ସ୍ଥାନରେ ପାଚେରି ଗଳି ପଡ଼ିଲାଣି। ସେପଟେ ପ୍ରଥପ୍ରାନ୍ତ ପରିସର ଅନାବନା ଘାସଲଟାରେ ପରିପୂର୍ଣ୍ଣ ହୋଇ ପଡ଼ିଛି। କେତେକ ମୁଷ୍ଟିମେୟ ଲୋକ ଅବାଧରେ ପ୍ରବେଶ କରି ପରିସରକୁ ଗାଡି ପାର୍କିଂ ସ୍ଥଳ କରିଦେଲେଣି। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀ କହିଛନ୍ତି ଯେ ସୁଆଁପଦା ପଥପ୍ରାନ୍ତ ସୁବିଧା କେନ୍ଦ୍ରକୁ ଏକ ମହିଳା ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ତେବେ, ଏସମ୍ପର୍କରେ ବିଭାଗୀୟ ଅଧିକାରୀ ନିର୍ମାଣଜନିତ ତ୍ରୁଟିକୁ ଲୁଚାଇବାକୁ ଯାଇ ଦାୟିତ୍ୱରେ ଥିବା ମିଶନଶକ୍ତି ଆଡକୁ ଦୋଷ ଠେଲୁଥିବା ଅଭିଯୋଗ ହେଉଛି। ଉଚ୍ଚ ପଦାଧିକାରୀ ଘଟଣାକୁ ଗୁରୁତ୍ୱ ସହକାରେ ନେଇ ତୁରନ୍ତ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

# ଲଜ୍‌ରେ ସେକ୍ସ ର୍ୟାକେଟ; ଯୁବତୀ ଉଦ୍ଧାର, ୪ ଗିରଫ



ବ୍ରହ୍ମପୁର,୧୧।୯ (ସମିସ): ଟାଉନ୍ ଥାନା ଅନ୍ତର୍ଗତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛକ ନିକଟରେ ଥିବା ମିଡ୍ ଟାଉନ ଲଜ୍‌ରେ ସେକ୍ସ ରାକେଟ ଚାଲୁଥିବା ସୂଚନା ପାଇ ପୁଲିସ ଚଢ଼ଉ କରିଥିଲା। ସେଠାରୁ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଲଜ୍ ମ୍ୟାନେଜରଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଫାଷ୍ଟଗେଟ୍ ଡୁଡୁମା କଲୋନୀ କାଶୀନଗର ୩ୟ ଲାଇନର ଆକାଶ ବିଷୋୟୀ(୨୪), ଅଜୟ ବେହେରା ଓରଫ ମଣ୍ଟୁ(୨୫), ଲାଞ୍ଜିପଲ୍ଲୀ ଗଣେଶନଗରର ଚିନ୍ମୟ ପାତ୍ର(୨୨) ଏବଂ ପାଟପୁର ପୋହାମାରୀ ନିକଟ ପେଣ୍ଡୁରା ଗ୍ରାମର ଜି. କୃଷ୍ଣ ପାତ୍ର(୩୧)। ଲଜ୍‌ରୁ ପୁଲିସ କଣ୍ଡୋମ୍ ସହ ଔଷଧ ଜବତ କରିଛି। ଏହି ଲଜ୍‌ରେ ଅନେକଦିନ ହେବ ଦେହ ବ୍ୟବସାୟ ଚାଲୁଥିବା ଖବର ମିଳିବା ପରେ ଟାଉନ୍ ଥାନା ଏସ୍ଆଇ ସୁଜାତା କଅଁର ଓ ତାଙ୍କ ଟିମ୍ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଲଜରେ ସେକ୍ସ ରାକେଟ ଚଳାଇବାକୁ ଜଣେ ଯୁବତୀଙ୍କୁ ରଖାଯାଇଥିଲା। ମ୍ୟାନେଜର ଓ ମଧ୍ୟସ୍ଥିଙ୍କ ଜରିଆରେ ଗ୍ରାହକ ଯୋଗାଡ଼ କରାଯାଇ ଦେହ ବ୍ୟବସାୟ ଚାଲୁଥିଲା। ଏନେଇ ଟାଉନ୍ ଥାନାରେ ନଂ.୩୯୫/୨୫ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

● ପେଟ୍ରୋଲ ଢାଳି ହୋଇ ଯୁବକଙ୍କ ଆତ୍ମାହୂତି ଉଦ୍ୟମ ଘଟଣା

# ଗୁରୁତର ଅବସ୍ଥାରେ ଚିକିତ୍ସା ଜାରି

ବ୍ରହ୍ମପୁର,୧୧।୯ (ସମିସ): ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଗୁରୁତର ହୋଇ ପଡ଼ିଥିବା ବଡ଼ବଜାର ଥାନା ଅନ୍ତର୍ଗତ ତଳମେଣ୍ଟୁ ଛକର ଯୁବକ ସୁରଜ ସାହୁଙ୍କ ଚିକିତ୍ସା ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଜାରି ରହିଛି। ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ ତାକୁ ନେଇ ଚର୍ଚ୍ଚା ଚାଲିଥିବାବେଳେ ପ୍ରେମ ସମ୍ପର୍କ କିମ୍ବା ପାରିବାରିକ କଳହକୁ କେନ୍ଦ୍ରକରି ଏଭଳି ଘଟିଥିବା ସନ୍ଦେହ କରାଯାଉଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ କହିଛନ୍ତି। ସୁରଜଙ୍କ ପରିବାର ପକ୍ଷରୁ ଘଟଣାକୁ ନେଇ ଏଯାଏଁ ଅଭିଯୋଗ ହୋଇନଥିଲେ ମଧ୍ୟ ବଡ଼ବଜାର ଥାନା ପୁଲିସ ନିଜଆଡୁ ତଦନ୍ତ ଆରମ୍ଭ କରିଛି। ତଦନ୍ତ ଶେଷ ପରେ ହିଁ କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ପି କହିଛନ୍ତି। ସେହିପରି ଯଦି ସେ କୌଣସି ନିକଟସ୍ଥ ଦୋକାନ କିମ୍ବା ପେଟ୍ରୋଲ ପମ୍ପରୁ ବୋତଲରେ ପେଟ୍ରୋଲ ଆଣିଥିବେ ସେହି କ୍ରେତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ପ୍ରକାଶଥାଉକି, ସୁରଜ ଓ ତାଙ୍କ ପରିବାର ଲୋକେ ତଳମେଣ୍ଟୁ ଛକରେ ଏକ ଜଳଖିଆ ଦୋକାନ ଚଳାଇଛନ୍ତି। ଗତକାଲି ରାତି ୮ଟାରେ ସୁରଜଙ୍କ ବାପା ଓ ମାଆ ଦୋକାନ ବନ୍ଦକରି ଯିବା ପରେ ସୁରଜ ସେହିଠାରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ।

# ଅବକାରୀ କାର୍ଯ୍ୟାଳୟରେ ପଶି ଅଧିକାରୀଙ୍କୁ ଆକ୍ରମଣ; ବାପ-ପୁଅ ଗିରଫ

ବ୍ରହ୍ମପୁର,୧୧।୯ (ସମିସ)

ଜବତ ହୋଇଥିବା ମଦ ଫେରାଇବାକୁ ବ୍ରହ୍ମପୁର ଅବକାରୀ କାର୍ଯ୍ୟାଳୟ-୧ ଭିତରେ ପଶି କାର୍ଯ୍ୟରତ ଅଧିକାରୀଙ୍କୁ ଗାଳିଗୁଲଜ ଓ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୨ଜଣଙ୍କ ଗିରଫ କରିଛି। ଏହି ଘଟଣାରେ ସଂପୃକ୍ତ ମଦ ବ୍ୟବସାୟୀ ନାରାୟଣ ସାହୁ ଓ ତାଙ୍କର ସହଯୋଗୀ ଫେରାର ହୋଇ ଯାଇଛନ୍ତି। ଗିରଫ ୨ଅଭିଯୁକ୍ତ ହେଲେ ନାରାୟଣ ସାହୁଙ୍କ ଭାଇ ତୋଫାନ କୁମାର ସାହୁ(୫୮) ଓ ତାଙ୍କ ପୁତୁରା ସାଗର କୁମାର ସାହୁ(୨୬)।

ସୂଚନା ପ୍ରକାରେ, ନାରାୟଣଙ୍କ ଗୋପାଳପୁର ଜଙ୍କସନଠାରେ ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ରହିଛି। ଗତକାଲି ସନ୍ଧ୍ୟାରେ ଅବକାରୀ



ବିଭାଗ ଏଏସ୍ଆଇ ବଳରାମ ବେହେରା ଓ ତାଙ୍କ ଟିମ୍ ଗୋପାଳପୁର ଜଙ୍କସନଠାରେ ଯାଞ୍ଚ କରୁଥିଲେ। ଏହି ସମୟରେ ସନ୍ତୋଷ ମଣ୍ଡଳ ନାମକ ଜଣେ ଯୁବକ ଏକ ସ୍କୁଟିରେ ୫ଟି କାର୍ଟୁନରେ ଭର୍ତ୍ତି ହୋଇଥିବା ୩୯ଲିଟର ବିଦେଶୀ ମଦ ଧରି ଯାଉଥିବା ବେଳେ ଅବକାରୀ ଅଧିକାରୀ ଧରି ଉକ୍ତ ସ୍କୁଟି ଓ ୩୯ଲିଟର ବିଦେଶୀ ମଦ

**ପୁଲିସ ସ୍କାନରରେ ମଦ ବେପାରୀ ନାରାୟଣ ସାହୁ**

ଜବତ କରି କାର୍ଯ୍ୟାଳୟକୁ ନେଇଥିଲେ। କିଛିସମୟ ପରେ ମଦ ବ୍ୟବସାୟୀ ନାରାୟଣ ସାହୁ ତାଙ୍କ ଭାଇ ତୋଫାନ, ପୁତୁରା ସାଗର ଓ ଜିତୁ ନାମକ ଜଣେ ଯୁବକ ଅବକାରୀ କାର୍ଯ୍ୟାଳୟକୁ ଯାଇ ପାଟିତୁଣ୍ଡ କରିବା ସହ ଅଟକ ସନ୍ତୋଷକୁ ସାଙ୍ଗରେ ନେଇଯିବାକୁ ଚେଷ୍ଟା କରିବା ସହ ଜବତ ମଦ ମଧ୍ୟ ନେଇଯିବାକୁ ଚେଷ୍ଟା କରିଥିଲେ। ଏହାଦେଖି କାର୍ଯ୍ୟାଳୟରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ କାର୍ଯ୍ୟରତ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି କାର୍ଯ୍ୟାଳୟ ଭିତରେ ଥିବା ଚେୟାରଗୁଡ଼ିକ ଅଧିକାରୀଙ୍କ ଉପରକୁ ଫିଙ୍ଗିଥିଲେ। ସାଙ୍ଗରେ ନେଇଥିବା ଏକ ଲୁହା ରଡରେ ଏଏସ୍ଆଇ ବଳରାମଙ୍କୁ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଅବକାରୀ ବିଭାଗର ୨ମହିଳା ଅଧିକାରୀ ଇନ୍ସପେକ୍ଟର ମନିଷା ଭୋଳ ଓ ଏସ୍ଆଇ ସସ୍ମିତା ମଲ୍ଲିକଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଘଟଣାକୁ ନେଇ ଏଏସ୍ଆଇ ବଳରାମ ବେହେରା ଅବକାରୀ ଅଧୀକ୍ଷକଙ୍କୁ ଜଣାଇବା ପରେ ଅଧୀକ୍ଷକଙ୍କ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସେହି ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

## ପୃଥକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ

ବ୍ରହ୍ମପୁର,୧୧।୯ (ସମିସ): ସଦର ଥାନା ଅନ୍ତର୍ଗତ ବାଲିପଡା ଓ ଆମ୍ବଗଡ ପୃଥକ ସ୍ଥାନରେ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ବଜାର ନିଳାଦ୍ରୀ ବିହାରରେ ରହୁଥିବା ମୁରଲୀଧର ପ୍ରଧାନ(୬୬) ଓ ଅଲାରିଗଡ଼ର କୃଷ୍ଣ ନାହାକ(୩୩)। ପୁଲିସ ଗୁରୁବାର ଦୁଇଟି ଯାକ ମୃତଦେହ ଏମକେସିଜି ମୃତଦେହ ସଂରକ୍ଷଣ ଗୃହରୁ ଜବତ କରିଛି। ଏନେଇ ଅଭିଯୋଗ ପରେ ୨ଟି ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।ସୂଚନାଯୋଗ୍ୟ ଯେ, ମୁରଲୀଧର ବୁଧବାର ସନ୍ଧ୍ୟାରେ ନିଜ ଗାଁ କେ.ନୂଆଗାଁ ଥାନା ଅନ୍ତର୍ଗତ ହାତିଆଡ଼ି ଗ୍ରାମକୁ ଯାଉଥିଲେ। ସେ ନିଜ ସ୍କୁଟିରେ ଯାଉଥିବା ବେଳେ ବାଲିପଡ଼ା ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ ଏମକେସିଜି ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ବୁଧବାର ରାତ୍ର ୧୦ଟାରେ ଆମ୍ବଗଡ଼ ଛକରେ ଏକ ଗାଡ଼ି ଧକ୍କାରେ ଅଲାରିଗଡ଼ର କୃଷ୍ଣ ନାହାକ ନାମକ ଜଣେ ଯୁବକ ଗୁରୁତର ହୋଇଥିଲେ। ତାକୁ ଉଦ୍ଧାର କରି ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ସଦର ଥାନା ପୁଲିସ ପୃଥକ ଭାବେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ନାବାଳିକାଙ୍କ ଫଟୋ ବ୍ୟବହାର କରି ଇନ୍‌ଷ୍ଟାଗ୍ରାମ ଆଇଡ଼ି ଖୋଲି ଯୁବକ ଗିରଫ

ବ୍ରହ୍ମପୁର,୧୧।୯ (ସମିସ): ଜଣେ ନାବାଳିକାଙ୍କ ଫଟୋ ବ୍ୟବହାର କରି ଇନ୍‌ଷ୍ଟାଗ୍ରାମ ଆଇଡ଼ି ଖୋଲିବା ଓ ସେଥିରେ ନାବାଳିକାଙ୍କ ମୋବାଇଲ୍ ନମ୍ବର ଏବଂ ଆପତ୍ତିଜନକ ମେସେଜ୍ ସହିତ ତାଙ୍କ ଫଟୋ ସେୟାର କରିବା ଅଭିଯୋଗରେ ବ୍ରହ୍ମପୁର ସାଇବର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବେଲଗାଁ ଥାନା ଅନ୍ତର୍ଗତ ଦୁର୍ବନ୍ଧ ଗ୍ରାମର ଶିବାନନ୍ଦ ରାଉଳ(୨୪)। ଅଭିଯୁକ୍ତଙ୍କଠାରୁ ପୁଲିସ ଗୋଟିଏ ମୋବାଇଲ ଜବତ କରିଛି। ସୂଚନାଯୋଗ୍ୟ ଯେ, ଜଣେ ୧୪ବର୍ଷୀୟା ନାବାଳିକାଙ୍କ ଅଭିଯୋଗ କରିଥିଲେ ଯେ, କେହି ଜଣେ ତାଙ୍କ ନାମରେ ଏକ ନକଲି ଇନ୍‌ଷ୍ଟାଗ୍ରାମ ଆଇଡି ଖୋଲି ତାଙ୍କ ମୋବାଇଲ୍ ନମ୍ବର ଏବଂ ଆପତ୍ତିଜନକ ମେସେଜ୍ ସହିତ ତାଙ୍କ ଫଟୋ ସେୟାର କରିଛନ୍ତି। ତାଙ୍କୁ ଅନେକ ଲୋକ ହଇରାଣ କରୁଛନ୍ତି। ତଦନ୍ତବେଳେ ନାବାଳିକାଙ୍କ ପଡୋଶୀ ଶିବାନନ୍ଦ ରାଉଳ ନାମକ ଯୁବକ ଏପରି କରିଥିବା ଜଣାପଡିଥିଲା। ସାଇବର ଥାନାରେ ଅଭିଯୋଗ ପରେ ପୁଲିସ ଶିବାନନ୍ଦକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ କେନାଲରୁ ଉଦ୍ଧାର

ବ୍ରହ୍ମପୁର,୧୧।୯ (ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଏକ କେନାଲ ଭିତରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ଜଗଦଳପୁର ଗ୍ରାମର ହାଡୁ ସେଠୀ(୪୫)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ହାଡୁ ଦୁଇଦିନ ହେଲା ନିଖୋଜ ଥିବାବେଳେ ଗୁରୁବାର ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନଥିବା ପୁଲିସ କହିଛି। ଅନ୍ୟପଟେ ତାଙ୍କ ପରିବାରବର୍ଗ ହାଡୁଙ୍କ ମୃତ୍ୟୁକୁ ନେଇ କୌଣସି ଅଭିଯୋଗ ମଧ୍ୟ କରିନାହାନ୍ତି ବୋଲି ପୁଲିସ କହିଛି। ମୃତଦେହ ନିମଖଣ୍ଡି କେନାଲ ଭିତରେ ପଡ଼ିଥିବା ପୁଲିସ ଖବର ପାଇଥିଲା। ତାଙ୍କ ପୁଅ ଚିକୁନ ସେଠୀ ପହଞ୍ଚି ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ।

# ଆମେ ଭିନ୍ନ-ଅନନ୍ୟ ; ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ



**ଶ୍ରୀ ଦେବଦତ୍ତ ସ୍ୱାଇଁ**
ଅଧ୍ୟକ୍ଷ
ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ

**୧୯୯୯ ମସିହାରେ କଟକରେ ଏକ ଛୋଟ କୋଠରୀରେ ଆରମ୍ଭ ହୋଇଥିବା ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଆଜି ପରିଣତ ହୋଇଛି ବିଶାଳ ଅନୁଷ୍ଠାନରେ । ସେହି ଅନୁଷ୍ଠାନ ହେଉଛି ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ । ସାମ୍ପ୍ରତିକ ଆବାସିକ ଓ ଦିବାଧ୍ୟାୟୀ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଗ୍ରୁପ୍‌ର ଶିକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ, ସ୍ୱତନ୍ତ୍ର ଓ ଅନନ୍ୟ । ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନଟି ଦ୍ୱିତୀୟ ଗୃହ ଅର୍ଥାତ୍ 'ହୋମ୍ ଫାର୍ ଫ୍ରମ୍ ହୋମ୍' । ସମନ୍ୱିତ ଶିକ୍ଷଣ ବ୍ୟବସ୍ଥା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶ ଓ ଆନ୍ତରିକ ପରିବେଶ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଏକ ଭିନ୍ନ ଶିକ୍ଷାନୁଷ୍ଠାନର ପରିଚୟ ଦେଇଛି । ଏ ସଂକ୍ରାନ୍ତରେ ଶିକ୍ଷା ପ୍ରତିଷ୍ଠାନ ସମୂହର ଅଧ୍ୟକ୍ଷ ଦେବଦତ୍ତ ସ୍ୱାଇଁଙ୍କ ସହ ଆନ୍ତରିକ ବାର୍ତ୍ତାଳାପ...**

୧. **କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

● ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି। ତରୁଣମାନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅତୁଟ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା। ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା।

୨. **ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

● ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ। ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ। ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍‌ଡ୍ ଲର୍ଣ୍ଣି, କ୍ୱିଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ। ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ।

୩. **ଆପଣଙ୍କ ଇନଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

● ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାନ ଦେଉଛୁ। ଆମର ଫରକ୍ ହେଉଛି ଏକ 'ହୋଲିଷ୍ଟିକ୍ ଆପ୍ରୋଚ୍'। ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ। ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ।

୪. **କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

● କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି। ଏହା ଏକ ଷ୍ଟାଣ୍ଡାର୍ଡାଇଜଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ। ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ। ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ।

୫. **ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

● ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ'। ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ। ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ। ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ।

୬. **ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

● ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ। ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ଣ୍ଣି ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ। ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ। ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ। ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି।

୭. **ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ୍, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଇଛନ୍ତି?**

● ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି। ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ। ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ।

୮. **କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

● PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ। AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭଇଣ୍ଟରନେଟ୍ ଆବଶ୍ୟକ। ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ। ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ।

୯. **ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍ଟ୍ ଆଶାତୀତ, ଏ ବିଷୟରେ କଣ କହିବେ?**

● ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାନ ଦେଇଆସିଛୁ। ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ। ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱୟଂଭାବେ ଭଲ ହୋଇଆସୁଛି।

୧୦. **ଚଳିତ ବର୍ଷ ଆପଣଙ୍କ ଇନଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍ପର, ଏ ଶ୍ରେୟ କାହାକୁ ଦେବେ?**

● ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ। ଏହା ଏକ ସାମୂହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ।

୧୧. **ବିଭିନ୍ନ ଘରୋଇ କଲେଜରେ ଫାକୁଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

● ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ। ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖୁ ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍। ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ ( Faculty-Student Ratio) ବଜାୟ ରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ।

୧୨. **ସାଂପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

● ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ୱଚ୍ଛ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ। ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି। ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ। ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ।

୧୩. **ରାଜ୍ୟର ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି। ଆପଣଙ୍କ ଇନଷ୍ଟିଚ୍ୟୁଟ୍‌ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

● ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟ ଅସ୍ତିତ୍ୱହୀନ। ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ। ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ। କୌଣସି ପ୍ରକାରର ଉତ୍ପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ।

୧୪. **ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

● 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ। ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ। ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ। ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

୧୫. **ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ ରଖୁଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

● କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି। କେବଳ ଏକାଡେମିକ୍ ମାର୍କ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ। ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ। ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ। ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି।

୧୬. **ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

● ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି। ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ଜିବିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି। ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

୧୭. **ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

● ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ। କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର । ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି। ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ।

୧୮. **ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

● ଅଭିଭାବକମାନେ ଆମର ଅଭିନ୍ନ ଅଂଶ। ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ହୋଇନଥାନ୍ତା । ଅଭିଭାବକଙ୍କର ଭୂମିକା କେବଳ ଫି ଦେବାରେ ସୀମିତ ନୁହେଁ। ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ। ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ।

୧୯. **ଅଧ୍ୟକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

● ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା | ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ। ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

୨୦. **ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ? ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍**

● ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କରାଇ ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ । ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିସ୍ମୃତ ହୁଅ ନାହିଁ। ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ। ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ ।

## ନାହିଁ ଯାତ୍ରୀ ବିଶ୍ରାମଗାର

# ହନ୍ତସନ୍ତ ହେଉଛନ୍ତି କଲେଜ ଛାତ୍ରଛାତ୍ରୀ

କବାଟବନ୍ଧ,୧୧।୯ (ସମିସ)




ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କନ୍ତପଡ଼ା ଛକ ନିକଟରେ କୌଣସି ଯାତ୍ରୀ ବିଶ୍ରାମଗାର (ବସ୍‌ଷ୍ଟପ) ନ ଥିବାରୁ ଦୈନିକ ଶହ ଶହ ଜନସାଧାରଣ ଏବଂ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନରେ ରହିଥିବା ଏହି କନ୍ତପଡ଼ା ଛକ ସ୍ଥାନୀୟ ଅଞ୍ଚଳର ଏକ ମୁଖ୍ୟ ଛକ ଅଟେ। ମାତ୍ର ଏହି ଛକ ଉପରେ ନିର୍ଭର କରୁଥିବା ଜନସାଧାରଣ କିମ୍ବା ଯାତ୍ରୀଙ୍କ ପାଇଁ କୌଣସି ସୁବିଧା ନାହିଁ। ଯାହା ଫଳରେ ଯାତ୍ରୀମାନେ ଅସୁବିଧା ଭୋଗ କରି ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। କଲେଜ ଛାତ୍ରଛାତ୍ରୀ ବିପଦପୂର୍ଣ୍ଣ ଭାବେ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇ ଯିବା ଆସିବା ପାଇଁ ଗାଡ଼ିକୁ ଅପେକ୍ଷା କରିଥାନ୍ତି। ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥର ଏହି କନ୍ତପଡ଼ା ଛକ ଦେଇ ଦୈନିକ ଶତାଧିକ ସରକାରୀ ଏବଂ ବେସରକାରୀ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଗାଡ଼ି ଯିବା ଆସିବା କରେ। ଏହି ଛକରୁ ସ୍ଥାନୀୟ କନ୍ତପଡ଼ା, ବଳରାମପୁର, ତାଳଜଙ୍ଗ, ରେଖିଦେଇପୁର, ପାଇକରାପୁର ଆଦି ଅଞ୍ଚଳର ବହୁ ଲୋକ ଦୈନିକ ବିଭିନ୍ନ ସ୍ଥାନକୁ ଯିବା ଆସିବା କରନ୍ତି। ମାତ୍ର ଏଠାରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଦୈନିକ ମୁକୁନ୍ଦପାତ୍ର କଲେଜକୁ ଆସୁଥିବା ଶହଶହ ଛାତ୍ରଛାତ୍ରୀ ଏହି ସମସ୍ୟାକୁ ସାମ୍ନା କରିବା ସହିତ ବିପଦପୂର୍ଣ୍ଣ ଭାବରେ ଉକ୍ତ ସ୍ଥାନରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ବସ୍‌କୁ ଅପେକ୍ଷା କରିବା ପାଇଁ ଛକ ନିକଟରେ ଏକ ଛୋଟ ପିସ୍ତା ବାଦାମ ଗଛ ଏବଂ ଠେଲା ଗାଡ଼ି ଛାଇ, ଟ୍ରକ୍ ଛାଇ ଆଦି ଭରସା ହୋଇଛି। ଡୁବୁରୀ କିମ୍ବା ଚଣ୍ଡିଖୋଲରୁ ଆସୁଥିବା ପିଲାମାନେ ଖରାରେ ଦୀର୍ଘ ସମୟ ରାସ୍ତା କଡ଼ରେ ଠିଆ ହୋଇ ରହୁନ୍ତି। ଅତ୍ୟଧିକ ଖରା ସହି ନପାରି ବାଧ ହୋଇ ଟ୍ରକ ଛାଇ କଡ଼ରେ କିମ୍ବା ଠେଲା ଦୋକାନ ପାଖରେ ଠିଆ ହୋଇ ରହୁଛନ୍ତି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ସମ୍ପ୍ରସାରଣ ହେଉଥିବା ରାସ୍ତା ଉପରେ ମଧ ଛାତ୍ରଛାତ୍ରୀ ମାନେ ଅପେକ୍ଷା କରୁଛନ୍ତି। ଯାହାକି କେତେବେଳେ ଦୁର୍ଘଟଣାର କାରଣ ହୋଇପାରେ। ବର୍ଷା ଦିନ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥାଏ। ବର୍ଷାରେ ଓଦା ହୋଇ ଛାତ୍ରଛାତ୍ରୀ ମାନେ ବହୁ କଷ୍ଟରେ ଅପେକ୍ଷା କରୁଛନ୍ତି। ଏହି ଛକ ପାଇଁ ଯାତ୍ରୀ ବିଶ୍ରାମଗାର ଟିଏ ଅତ୍ୟନ୍ତ ଜରୁରୀ। ମାତ୍ର ଦୀର୍ଘ ଦିନ ଧରି ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ ଏଥିପ୍ରତି ଧ୍ୟାନ ଦେଉ ନଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ଏହି ରାଜପଥ ଉପରେ ଯାନବାହନ ଚଳାଚଳ ଅପେକ୍ଷାକୃତ ଅଧିକ। ଯାହା ଫଳରେ ଲୋକମାନେ ଦୈନିକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଛକରେ ଗଳି ପୋଲଟିଏ ନିର୍ମାଣର ଯଥେଷ୍ଟ ଆବଶ୍ୟକତା ରହିଛି। ନଚେତ ଭବିଷ୍ୟତରେ ଅନେକ ଦୁର୍ଘଟଣା ଘଟି ନିରୀହ ଜନଜୀବନ ପ୍ରଭାବିତ ତଥା ଜୀବନ ହାନିର ସମ୍ଭାବନାକୁ ଏଡ଼େଇ ଦିଆ ଯାଇପାରିବ ନାହିଁ। ତେଣୁ ଏଠାରେ ଏକ ଗଳି ପୋଲ ସହିତ ଏକ ଯାତ୍ରୀ ବିଶ୍ରାମଗାରଟିଏ ନିର୍ମାଣ କରି ଜନସାଧାରଣଙ୍କ ଯଥାର୍ଥ ଦାବିକୁ ପୂରଣ କରି ନିରୀହ ଧନଜୀବନକୁ ସୁରକ୍ଷିତ ରଖିବା ସହିତ ସ୍ଥାନୀୟ ଜନସାଧାରଣ ମାନଙ୍କ ସୁବିଧା ପାଇଁ ଗଳି ପୋଲ ନିର୍ମାଣ କରିବା ପାଇଁ ଦାବି ହୋଇଛି।

## ● ପଲିଥିନ ତଳେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

# ଦସ୍ତାବିଜ୍ ନଷ୍ଟ ହେବା ଆଶଙ୍କା

କୋରେଇ,୧୧।୯ (ସମିସ): ସରକାରୀ କାର୍ଯ୍ୟାଳୟ ଭିତରେ ବର୍ଷା ପାଣିରୁ ରକ୍ଷା ପାଇଁ ପଲିଥିନ ତଳେ ଅତି ଦରକାରୀ କାଗଜପତ୍ର। ଜମିଜମା କାଗଜପତ୍ର ଠାରୁ ଆରମ୍ଭ କରି ବିଭିନ୍ନ ସେବା ଯୋଗାଉଥିବା ଗୁରୁତ୍ୱପୂର୍ଣ୍ଣ ପାଣିରୁ ରକ୍ଷା ପାଇବା ପାଇଁ ଛାତ ଉପରେ ପକା ଯାଇଛି ପଲିଥିନ। ତଥାପି ବର୍ଷା ପାଣି ଗଳୁ ଥିବାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଯିବା ଆଶଙ୍କା କରି ତା' ଉପରେ ପଲିଥିନ ଢଙ୍କା ଯାଇଛି। କାଗଜପତ୍ରରେ ସରକାରୀ କାର୍ଯ୍ୟାଳୟର ଏପରି ଅବସ୍ଥା ଦେଖି ଲୋକମାନେ ଥଟ୍ଟା ମଜା କରିବା ସହିତ କ୍ଷୋଭ ପ୍ରକାଶ କରୁଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲାର ବ୍ୟାସନଗର ତହସିଲ ଅନ୍ତର୍ଗତ ପଛିକୋଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ।



ବିପଦ ସଙ୍କୁଳ କୋଠାରେ ଚାଲିଛି ଏହି କାର୍ଯ୍ୟାଳୟଟି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଏହି କାର୍ଯ୍ୟାଳୟର କୋଠାଟି ୩୦ରୁ ଊର୍ଦ୍ଧ୍ୱବର୍ଷ ତଳେ ନିର୍ମାଣ ହୋଇଥିଲା। ମରାମତି ଅଭାବରୁ ଏହା ବିପଦପୂର୍ଣ୍ଣ ଅବସ୍ଥାରେ ଅଛି। ଛାତରୁ କଙ୍କ୍ରିଟ ଖସି ଲୁହା ଛଡ ଜଳ ଜଳ ହୋଇ ଦେଖା ଯାଉଛି। କାନ୍ଥରୁ ସିମେଣ୍ଟ ପ୍ଲାଷ୍ଟର ଖସି ଇଟା ଦିଶୁଛି। ସ୍ଥାନେ ସ୍ଥାନେ ଛାତ ଫାଟି ଆଁ କଲାଣି। ଟୋପାଏ ବର୍ଷା ହେଲେ ଗଳୁଛି ପାଣି। ବର୍ଷା ମଧ ଉଇ ଲାଗି ଯାଉଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜର ନଥିବା ସାଧାରଣରେ ଆଲୋଚନା ହେଉଛି। ମରାମତି ଅଭାବରୁ କୋଠାଟି ଭାଙ୍ଗିରୁଜି ଯିବା ସହିତ ବିପଦ ସଙ୍କୁଳ ଅବସ୍ଥାରେ ଅଛି। କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବାର ସମ୍ଭବତାକୁ ଏଡାଇ ଦିଆଯାଇ ନପାରେ। ଖୁବଶୀଘ୍ର ଏହି କାର୍ଯ୍ୟାଳୟଟିକୁ ମରାମତି କରାଯାଉ ନହେଲେ ନୂତନ ଗୃହ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ● ତୃତୀୟ କିସ୍ତିରୁ ବଞ୍ଚିତ ସୁଭଦ୍ରା ହିତାଧିକାରୀ

# ବ୍ଲକରେ ମିଳୁନି ତଥ୍ୟ; ଆଶା ନିରାଶାରେ ମହିଳା

କୋରେଇ,୧୧।୯ (ସମିସ): ସୁଭଦ୍ରା ଯୋଜନାର ତୃତୀୟ କିସ୍ତିରୁ ବହୁ ହିତାଧିକାରୀ ବଞ୍ଚିତ। ଗତ ୯ ତାରିଖରେ ରାଜ୍ୟ ସରକାର ଏକ କୋଟି ମହିଳାଙ୍କୁ ତୃତୀୟ କିସ୍ତିର ଟଙ୍କା ପୈଠ କରିଥିଲା ବେଳେ ଏଥିରୁ ଅଧିକାଂଶ ଯୋଗ୍ୟ ହିତାଧିକାରୀ ଯେଉଁମାନେ କି ଦୁଇଟି କିସ୍ତିରେ ୨ଥର ଟଙ୍କା ପାଇଥିଲା ବେଳେ ତୃତୀୟ କିସ୍ତିର ଟଙ୍କା ସେମାନଙ୍କ ଜମା ଖାତାକୁ ଆସିନାହିଁ। ଫଳରେ ଏହି କିସ୍ତିରୁ ବଞ୍ଚିତ ହୋଇଥିବା ଯୋଗ୍ୟ ମହିଳା ହିତାଧିକାରୀ ଆଶା ନିରାଶା ଓ ଦ୍ୱନ୍ଦରେ ଥିଲା ବେଳେ ଧିରେ ଧିରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି।
ଖବର ମୁତାବକ ଏହି ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ ୪୪ହଜାର ହିତାଧିକାରୀ ଚୟନ କରାଯାଇଛି। ଏମାନେ ୨ଟି ଲେଖାଏଁ କିସ୍ତି ପାଇଥିବାର କିଛି ମହିଳା ପ୍ରକାଶ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ତୃତୀୟ କିସ୍ତି ସେମାନଙ୍କ ଜମା ଖାତାକୁ ଆସି ନାହିଁ। ବାରମ୍ବାର ବ୍ୟାଙ୍କ ଓ ଜନସେବା କେନ୍ଦ୍ରକୁ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। କିନ୍ତୁ କିଛି ବି ତଥ୍ୟ ମିଳୁନି। କେଉଁଥିପାଇଁ ଜମା ଖାତାକୁ ଟଙ୍କା ଆସିନାହିଁ କି ସମ୍ପୂର୍ଣ୍ଣ ଭାବେ ଏହି ଯୋଜନାରୁ ବଞ୍ଚିତ ହେଲେ ତାହା ବି ଜାଣି ପାରୁନାହାଁନ୍ତି। ତେଣୁ ଏହି ବ୍ଲକରେ ବଞ୍ଚିତ ହୋଇଥିବା ଅନେକ ମହିଳା ଆଶା ନିରାଶା ମଧ୍ୟରେ ଗତି କରିବା ସହିତ ସେମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ଯୋଜନାର ଏହି ତୃତୀୟ ପର୍ଯ୍ୟାୟ କିସ୍ତି କେବେ ମିଳିବ ଏବଂ ମିଳିବ କି ନାହିଁ ଏମିତି ନାନା ପ୍ରଶ୍ନକୁ ନେଇ ଦ୍ୱନ୍ଦରେ ପଡ଼ିଛନ୍ତି ଅନେକ ହିତାଧିକାରୀ। ଏ ନେଇ ବ୍ଲକର ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ସେମାନେ ପ୍ରକାଶ କରିଥିଲେ କି ଏ ପର୍ଯ୍ୟନ୍ତ ଅପଡେଟ୍ ହୋଇନାହିଁ। ଅପଡେଟ ହେଲେ ସମ୍ପୂର୍ଣ୍ଣ ତଥ୍ୟ ମିଳିବା ସହିତ କେତେ ଜଣଙ୍କ ଜମା ଖାତାକୁ ଟଙ୍କା ଆସିନାହିଁ ତାହା ମଧ ଜଣାପଡିବ। ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ସରକାର ଯଦି ତୁରନ୍ତ ଏଥିପ୍ରତି ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗକୁ ଏହା ଜନ ଆନ୍ଦୋଳନର ରୂପ ନେବ ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ କହିଛନ୍ତି। ତୃତୀୟ କିସ୍ତିକୁ ନେଇ ବହୁ ମହିଳାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସରକାରଙ୍କ କାର୍ଯ୍ୟକଳାପ ପ୍ରତି ମଧ ସନ୍ଦେହ ସୃଷ୍ଟି ହେଲାଣି ବୋଲି ଅନ୍ଧାରୀ ପଞ୍ଚାୟତ ସମିତିସଭ୍ୟା ରଶ୍ମିତା କର କହିଛନ୍ତି। ତୃତୀୟ କିସ୍ତି ଅଧା ହିତାଧିକାରୀଙ୍କୁ ମିଳିଥିବା ବେଳେ ଅଧା ଏଥିରୁ ବଞ୍ଚିତ ଅଛନ୍ତି। ଆଗକୁ ପ୍ରତ୍ୟେକ କିସ୍ତିରେ ଏହି ସଂଖ୍ୟା ଧିରେ ଧିରେ କମି ଏହା ଲୋପ ପାଇଯିବ ବୋଲି ସନ୍ଦେହରେ କହିଛନ୍ତି ଅସନଝର ପଞ୍ଚାୟତ ସମିତିସଭ୍ୟ ଶିତୁ କୁମାର ଜେନା।

# ଟ୍ରକ୍ ଚାଳକଙ୍କୁ ୱାଟର ଫିଲ୍ଟର ବଣ୍ଟନ

ବଡ଼ଚଣା,୧୧।୯ (ସମିସ): ଆଜି ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ଗରୱାରେ ଟେକ୍ନିକାଲ ଫେବ୍ରିକ୍ସ ତରଫରୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତର୍ରାଷ୍ଟ୍ରୀୟ ଅଗ୍ରୱାଲ ସମ୍ମେଳନ (ପଞ୍ଜି) ଆନୁକୂଲ୍ୟରେ ଓ ମୋଦି ଏଣ୍ଟର ପ୍ରାଇଜର୍ସ ସହଯୋଗରେ ଚଣ୍ଡିଖୋଲ ଅଞ୍ଚଳର ଟ୍ରକ୍ ଚାଳକ ମାନଙ୍କୁ ମାଗଣାରେ ୱାଟର ଫିଲ୍ଟର ବଣ୍ଟନ କରାଯାଇଥିଲା। ଏଥିରେ ଅତିଥି ଭାବେ ଆଞ୍ଚଳିକ ପ୍ରବନ୍ଧକ ରାହୁଲ ଝା, ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ସଭାପତି ପୁଷ୍ପରାଜ ନାୟକ ସମ୍ପାଦକ କୀର୍ତ୍ତିରାଜ୍ ସ୍ୱାଇଁ, ଅମିତ୍ ମୋଦି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ନାୟକ, ସତ୍ୟବ୍ରତ ଖଣ୍ଡାୟୀ, ସତ୍ୟଜିତ ବଳ, ଦେବରଞ୍ଜନ ସ୍ୱାଇଁ, ରତିକାନ୍ତ ସ୍ୱାଇଁ, ବସନ୍ତ କୁମାର ନାୟକ. ଜାହିଦ ଖାଁ, ବିଶ୍ୱଜିତ୍ ବିଶ୍ୱାଳ, ଉମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗନଗରବାସୀଙ୍କ ଚିନ୍ତା ବଢ଼ାଉଛି ନିଶା କାରବାର

ଦାନଗଦି,୧୧।୯ (ସମିସ): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏବେ ନିଶାକାରବାର ଖୁବ ବଢୁବାରେ ଲାଗିଛି। ଏଥିନେଇ ଅପରାଧ ବି ଦିନକୁ ଦିନ ବୃଦ୍ଧି ପାଉଛି। ଅବକାରୀ ବିଭାଗର ଉଦାସୀନତା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଅପରପକ୍ଷରେ ପୁଲିସ ନିଶାବେପାରୀକୁ ଧରୁଥିବା ବେଳେ ଅବକାରୀ ବିଭାଗର ନୀରବତା ଅଧିକ ରହସ୍ୟମୟ ହୋଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅଣ ଓଡ଼ିଆଙ୍କ ସଂଖ୍ୟା ଦୈନନ୍ଦିନ ବଢୁଥିବାରୁ ଏଠାରେ ନିଶାକାରବାର ଅବାଧରେ ବୃଦ୍ଧିପାଉଥିବା ଅନ୍ୟ ଏକ କାରଣ। ଚୋରା ନିଶାବେପାରୀଙ୍କ ସଂଖ୍ୟା ବୃଦ୍ଧି ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳର ଅଧିକାଂଶ ଯୁବକ ନିଶା ଦ୍ରବ୍ୟ ଖାଇ ଅବାଟକୁ ଚାଲି ଯାଉଥିବା ଦେଖାଯାଉଛି। ପାନ ଦୋକାନ, ଢାବା, ଗ୍ରୋସରୀ ଦୋକାନମାନଙ୍କରେ ନିଶା ଦ୍ରବ୍ୟ ଚୋରାରେ ବିକ୍ରି ହେଉଛି।

ଗତ ବର୍ଷ ଦୁଇ ଦୁଇ ଥର ଶିଳ୍ପାଞ୍ଚଳରୁ ବ୍ରାଉନସୁଗାର ଜବତ ହୋଇଥିବା ନଜିର ରହିଛି। ଯାହାକି ଢେଙ୍କାନାଳ, ସମ୍ବଲପୁର ଆଦି ଜିଲ୍ଲାରୁ ଗଞ୍ଜାଇ, ଦେଶୀ ରନ୍ଧା ମଦ ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ପଙ୍କପାଳ ବଙ୍ଗଳା ଛକ, ବିଭିନ୍ନ ଦୋକାନ, ଡୁବିରୀ ଛକ, ଡୁବୁରୀ-ବଙ୍ଗଳା ଛକ ମଧ୍ୟରେ ଥିବା ବିଭିନ୍ନ ଛକ ଦୋକାନ, ଯଖପୁରା ଥାନା ଅଞ୍ଚଳର ପଙ୍କପାଳ ଛକ, ମନୋହରପୁର ଦିଗାମ୍ବରପୁର ଛକ, ବିଜୁ ପଟ୍ଟନାୟକ ମାର୍ଗ ପାଶ୍ୱର୍ ବିଭିନ୍ନ ଦୋକାନ, ଯଖପୁରା, ମାନତିରା, ରାବଣା, ତେଲିବାହାଳୀ, ଦାନଗଦି, ବାରାଖାଇ, ମାନପୁର, ଟମକା ଆଦି ଛକର ବିଭିନ୍ନ ଢାବା ଓ ଦୋକାନ ମାନଙ୍କରେ ଅବାଧରେ ନିଶା ଦ୍ରବ୍ୟ ବିକ୍ରି ଚାଲିଛି। ଉପର ଟମକାରେ ଦେଶୀ ମଦ ରନ୍ଧା ହେଉଥିବା ଅଭିଯୋଗ ହେଉଛି। ଗତ ମାସରେ ଚୋରା ଗଞ୍ଜାଇ ବୋଝେଇ ଗାଡି ଝୁମ୍ପାଣ ନିକଟରେ ଦୁର୍ଘଟଣା ଗ୍ରସ୍ତ ହେବାରୁ କଳିଙ୍ଗନଗର ପୁଲିସ ୭୧ କେଜି ଗଞ୍ଜେଇ ଗାଡ଼ିରୁ ଜବତ କରିବାରେ ସକ୍ଷମ ହୋଇଥିଲା। ଏହିଁ ଗଞ୍ଜେଇ ସମ୍ବଲପୁରରୁ ଡୁବୁରୀ, ଟମକା, କେନ୍ଦୁଝର ହରିଚନ୍ଦନପୁର ଯାଉଥିବା ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ପୁଲିସ ଏବଂ ଅବକାରୀ ବିଭାଗର ଉଚ୍ଚ ପଦାଧିକାରୀ ସ୍ଥାନୀୟ ଅସାଧୁ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କଲେ ଚୋରା ନିଶାବେପାରୀଙ୍କ ସଂଖ୍ୟା ହ୍ରାସ ପାଇପାରନ୍ତା। ସନ୍ଧ୍ୟା ହେଲେ ଡୁବୁରୀ, ଦାନଗଦି, ଟମକା ଓ ଯଖପୁରା ଆଦି ଛକ ମାନଙ୍କରେ ଯୁବକ ମାନେ ଗୋଟିଏ ଗୋଟିଏ ବାଇକ ଧରି ବାହାରି ପଡୁଛନ୍ତି ନିଶା ସେବନ ପାଇଁ। ବ୍ରାଉନସୁଗାର ବ୍ୟବସାୟୀମାନେ କଳିଙ୍ଗନଗରରେ ଡେରା ପକାଉଛନ୍ତି। ନିଯୁକ୍ତି ନ ପାଇ ସ୍ଥାନୀୟ ଯୁବକମାନେ ଏଭଳି ରାସ୍ତାକୁ ଆପଣାଇ ନେଉଥିବା କୁହାଯାଉଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଶିଳ୍ପାଞ୍ଚଳ ବାସୀ ଦାବି କରିଛନ୍ତି।

## ● ଲୋକାୟୁକ୍ତ ନିଯୁକ୍ତି ନେଇ ସରକାରଙ୍କୁ ଝଟକା

# ଜନସ୍ୱାର୍ଥ ମାମଲାର ଶୁଣାଣି କରି ରିପୋର୍ଟ ତଲବ କଲେ ହାଇକୋର୍ଟ

ଯାଜପୁର,୧୧।୯ (ସମିସ): ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ତ୍ୱରିତ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସରକାର ପ୍ରତ୍ୟେକ ରାଜ୍ୟରେ ଲୋକାୟୁକ୍ତ ଗଠନ କରିଥିଲେ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତିକୁ ଗ୍ରହଣ କରିଥିବାର କହୁଥିବା ରାଜ୍ୟର ମୋହନ ସରକାରକୁ ଶକ୍ତ ଝଟକା ଲାଗିଛି। ଦୀର୍ଘ ମାସ ଧରି ଲୋକାୟୁକ୍ତ ପଦବୀ ଖାଲି ପଡିଥିଲେ ମଧ ମୋହନ ସରକାର ଏଥିନେଇ କୌଣସି ପ୍ରକାର ତତ୍ପରତା ପ୍ରଦର୍ଶନ କରୁନାହାନ୍ତି। ଫଳରେ ଦୁର୍ନୀତି ବିରୋଧରେ ଶତାଧିକ ମାମଲା ପଡି ରହିଥିବା ବେଳେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ମାଲେମାଲ ହେଉଛନ୍ତି। ଏଥିନେଇ ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କ ଆବେଦନ ଅଧାରରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ନମ୍ବର ଡବ୍ଲ୍ୟୁ ପିସି (ପିଆଇଏଲ) ୨୩୩୫୧/୨୦୨୫ ରୁଜୁ ହୋଇଛି। ଆଜି ଡିଭିଜନ ବେଞ୍ଚରେ ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ସୁରହରି ଶ୍ରୀରମଣ ଏଥିନେଇ ଘୋର ଉଦ୍‌ବେଗ ପ୍ରକାଶ ସହ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି।

# ଦାଗି ନେତାଙ୍କୁ ବିଜେପି କୋଳାଇବା ଘଟଣାକୁ ପ୍ରମିଳାଙ୍କ କଟାକ୍ଷ

ଯାଜପୁର/ମଙ୍ଗଳପୁର,୧୧।୯ (ସମିସ): ବିଜୁ ଜନତା ଦଳରେ ରହି ସାଧାରଣ ଲୋକଙ୍କ ଠାରୁ ଟଙ୍କା ଠକେଇ କରିଥିବା ଦାଗୀ ନେତାମାନଙ୍କୁ ବିଜେଡି ଦଳରୁ ବହିଷ୍କାର କରାଯାଇଥିବା ବେଳେ ସେହି ନେତାମାନଙ୍କୁ ବିଜେପି ଦଳ କୋଳେଇ ନେଉଥିବା ଅଭିଯୋଗ କରିଛନ୍ତି ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ। ଦଶରଥପୁର ବ୍ଲକ ନନ୍ଦିପୁର ପଞ୍ଚାୟତ ମା' ବୁଢ଼ୀ ଜାଗୁଳାଇ ପୀଠରେ ଆୟୋଜିତ ବିଜେପିର ମିଶ୍ରଣ କାର୍ଯ୍ୟକ୍ରମରେ ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର ବିଜେପିରେ ସାମିଲ ହୋଇଥିଲେ। ବିଷ୍ଣୁଙ୍କ ବିରୋଧରେ ନାନା ଅଭିଯୋଗ ଆସିବା ପରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ସେଥିପାଇଁ ନନ୍ଦିପୁର ପଞ୍ଚାୟତର ମୂଳ ବିଜେପି କର୍ମୀ ମାନେ ବିଷ୍ଣୁଙ୍କ ମିଶ୍ରଣକୁ ବିରୋଧ କରିଥିଲେ। ସ୍ଥାନୀୟ ବିଜେପି ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ବିଷ୍ଣୁଙ୍କୁ ଦଳରେ ମିଶାଇବା ପାଇଁ ଯୋଜନା କରୁଥିବା ବେଳେ ପ୍ରଥମେ ଫସର ଫାଟିଥିଲା। ବିଷ୍ଣୁଙ୍କ ବିରୋଧରେ ରହିଥିବା ବିଭିନ୍ନ ଅଭିଯୋଗ ସତ୍ତ୍ୱେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟଙ୍କ ଉଦ୍ୟମ କ୍ରମେ ଆଜି ଏହି ମିଶ୍ରଣ କାର୍ଯ୍ୟକ୍ରମ କରାଯାଇଛି। ଯାହାକୁ କଡ଼ା ସମାଲୋଚନା କରି ଯେଉଁମାନଙ୍କ ପାଇଁ ଆମ ଦଳ ବଦନାମ ହେଉଥିଲା ସେମାନେ ଯେଉଁ ଦଳକୁ ଯିବା କଥା ଯା'ଆନ୍ତୁ ସେଥିରେ ଆମର କିଛି କହିବାର ନାହିଁ ବୋଲି କହିଥିଲେ।

## ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବୈଠକ

ଦାନଗଦି,୧୧।୯ (ସମିସ): ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଏକ ବୈଠକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଅଧ୍ୟକ୍ଷତା କରି ଛାତ୍ରୀ ଓ ମହିଳା କର୍ମଚାରୀମାନଙ୍କ ଉପରେ କୌଣସି ପ୍ରକାରର ଶୋଷଣକୁ ବରଦାସ୍ତ କରାଯିବ ନାହିଁ, ଏଥପାଇଁ ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା ଓ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ କମିଟି ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ମାନଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ନୋଡାଲ ଅଫିସର ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଚେୟାରମ୍ୟାନ୍ ମୀରାମ୍ବିକା ସାହୁ, ଅଧ୍ୟାପକ ଲକ୍ଷ୍ମୀଧର ବେହେରା, ଅଧ୍ୟାପିକା ପାରିଜାତ ମହାନ୍ତି, ଇତିଶ୍ରୀ ମଲ୍ଲିକ, କଲ୍ୟାଣୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ଛାତ୍ରଛାତ୍ରୀଙ୍କ ପ୍ରତିନିଧି ରଘୁନାଥ ମୁଣ୍ଡା ଓ ଶୁଭଶ୍ରୀ କର ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଘଟଣା ମୁକ୍ତ ପାଇଁ ରାଜପଥ ପାର୍ଶ୍ୱ ଗ୍ରାମରେ ସର୍ଭେ



ପାଣିକୋଇଲି,୧୧।୯ (ସମିସ): ଦିନକୁ ଦିନ ବଢ଼ିଚାଲିଥିବା ଦୁର୍ଘଟଣା ଜିଲ୍ଲା ପ୍ରଶାସନ ଓ ପରିବହନ ବିଭାଗର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିପରି ଏହାକୁ ରୋକାଯାଇପାରିବ ସେ ନେଇ ପରିବହନ ବିଭାଗ ଚିନ୍ତିତ। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶ କ୍ରମେ ଆଜି ଯାଜପୁର ପରିବହନ ବିଭାଗ ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥ ଓ ୨୦ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ଗ୍ରାମଗୁଡିକୁ ସର୍ଭେ କରାଯାଇଥିଲା। ରାଜପଥକୁ ଲାଗି ରହିଥିବା ଗ୍ରାମଗୁଡିକୁ ଦେଖିବା ପରେ କେଉଁଠି କିପରି କଲେ କ'ଣ କଲେ ଦୁର୍ଘଟଣା ରୋକାଯାଇ ପାରିବ ସେ ନେଇ ସର୍ଭେ କରିଥିଲେ। ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର, ପଥରପଦା, ଶର୍ମାଟାଙ୍ଗି, ମଣିପୁର, ଟିକର ଓ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର, ମହମ୍ମଦ ଜମାଲପୁର, ଓଉପଦା, ଆଲିଆ ଆଦି ସ୍ଥାନରେ ଯାଞ୍ଚ କରିଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଆର୍‌ଟିଓ ଧିରେନ୍ଦ୍ର କୁମାର ନାୟକ, ଏମଭିଆଇ ରଞ୍ଜିତା ମଲ୍ଲିକ, ଜୁନିଅର ଏମଭିଆଇ ପ୍ରତିଶ୍ରୁତି ମଲ୍ଲିକ, ଆସିଷ୍ଟାଣ୍ଡ ଏମ୍‌ଭିଆଇ ପ୍ରଦୀପ କିଶୋର ବେହେରା, କନଷ୍ଟେବଲ ପି. କିଶୋର କୁମାର ପ୍ରମୁଖ ସାମିଲ ଥିଲେ।

## ବଡ଼ ବିରୁହାଁରୁ ଚାବି ଭାଙ୍ଗି ଚୋରି ଅଭିଯୋଗ

ପାଣିକୋଇଲି, ୧୧।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମରେ ତାଲା ଭାଙ୍ଗି ଘରେ ପଶି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ବଡ଼ବିରୁହାଁ ଗ୍ରାମର କୀର୍ତ୍ତନ ମହାପାତ୍ରଙ୍କ ପୁଅ ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ଥିବା ତାଙ୍କ ଘରେ ତାଲା ପକାଇ ସପରିବାର କଟକରେ ରୁହନ୍ତି। ବୁଧବାର ରାତ୍ରିରେ କେହି ଦୁର୍ବୃତ୍ତ ଘରର ଚାବି ଭାଙ୍ଗି ଘରେ ପଶି ସମସ୍ତ ଆସବାସପତ୍ର ଯଥା-ପିତ୍ତଳ ହଣ୍ଡା, ମାଣ୍ଡିଆ, ଗରା, ବାଲଟି, ରୁପା ଅଳଙ୍କାର, ଠାକୁରଙ୍କ ବାସନ କୁସନ ସମତେ ରୁପା କଏନ ଓ ଦାମୀ ଲୁଗାପଟା ଆଦି ଚୋରି କରିନେଇଛି। ଖବରପାଇ ଆସି ଦେଖିବା ବେଳକୁ ଘରୁ ସବୁ ଚୋରି ହୋଇଯାଇଛି। ପୁଲିସ ଅଭିଯୋଗ ପାଇବା ପରେ ତଦନ୍ତ କରୁଛି।

## ଅଧ୍ୟାପକ ଓ କର୍ମଚାରୀ ସଙ୍ଘର ଧାରଣା ଜାରି

ବଡ଼ଚଣା,୧୧।୯ (ସମିସ): ଅନୁଦାନ ଦାବିରେ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ କଲେଜ ସମ୍ମୁଖରେ ଦିଆଯାଇଥିବା ଧାରଣା ଜାରି ରହିଛି। ହେଲେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନେଉ ନଥିବାରୁ ଧାରଣାକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣାରେ ଅଧ୍ୟାପକ ମନୋରଞ୍ଜନ ବେହେରା, ସତ୍ୟପ୍ରକାଶ ନାୟକ, ଶ୍ରାବଣୀ କନ୍ୟା ସ୍ୱାଗତିକା, ଗୀତାଞ୍ଜଳି ମହାନ୍ତି, ସସ୍ମିତା ବେହେରା, ଦିପ୍ସା ପ୍ରିୟଦର୍ଶିନୀ ନାୟକ ଓ କର୍ମଚାରୀ ସର୍ବଶ୍ରୀ ବଳ, ଅନମୂଳ ପାୟଲ, ସୁରେନ୍ଦ୍ର ଜେନା, ଚିତ୍ତରଞ୍ଜନ ସିଂହ, ଦୀପକ କୁମାର ଗୋଚ୍ଛାୟତ, ବିଶ୍ୱଜିତ ମହାନ୍ତି, ସଙ୍ଗୀତା ବଳ ଓ ସୁମନ୍ତ କୁମାର ଦାସ ପ୍ରମୁଖ ସାମିଲ ହୋଇଛନ୍ତି।

## ଜରିରେ ବ୍ୟାପକ ଚୋରା ମଦ କାରବାର

ସିଂହପୁର,୧୧।୯ (ସମିସ): ବିଞ୍ଝାରପୁର ଥାନା ତଥା ଜରି ଫାଣ୍ଡି ଅନ୍ତର୍ଗତ ଜରି ଅଢେଇ ସାହିରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ଅଭିଯୋଗ ହେଉଛି। ଏହି ସାହିର ୩/୪ଟି ସ୍ଥାନରେ ବିପୁଳ ପରିମାଣରେ ଚୋରା ମଦ ବିକ୍ରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ମଦ କାରବାର ସନ୍ଧ୍ୟାରେ ଅଧିକ ହେଉଛି। ସନ୍ଧ୍ୟାରେ ମଦ୍ୟପ ମାନେ ନିଶା ଗ୍ରସ୍ତ ହୋଇ ଗ୍ରାମରେ ଅସାମାଜିକ କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଛନ୍ତି। ବିଶେଷତଃ ମହିଳା ମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ନିକଟରେ ଜରି ଫାଣ୍ଡି ଥିଲେ ମଧ ବେଧଡ଼କ ଭାବେ ଚୋରା ମଦ କେମିତି ବିକ୍ରି ହେଉଛି। ବିଞ୍ଝାରପୁର ଥାନା ଅଧିକାରି ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେଇ ଚୋରା ମଦ ବେପାରିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## କାମରେ ଲାଗୁନି ଆନିକଟ ପୋଲ

# ହଜାର ହଜାର ଏକର ଜମି ଧୋଇନେଉଛି ବନ୍ୟା ଜଳ

ଯଖପୁରା,୧୧।୯ (ସମିସ)



୫ବର୍ଷ ପୂର୍ବେ ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତଠାରେ ୫୩ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ପୋଲ ଠାରୁ ମନୋହରପୁର ପେଟିବନ୍ଧ ମଧ୍ୟରେ ଥିବା ସୁଇଚୟାର୍ଡ ବା ଆନିକଟ ପୋଲ କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଏହାର କୌଣସି ପ୍ରକାର ସୁବିଧା ଚାଷୀମାନେ ପାଇପାରୁନାହାନ୍ତି। ବହୁ ପ୍ରତିକ୍ଷିତ ରାଇଆ ନାଳ ଉପରେ ଯାହା କି ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଆନିକଟ ନିର୍ମାଣ କରାଯାଇଛି। ୫ କୋଟି ୧୧ଲକ୍ଷ ଟଙ୍କା ଅର୍ଥ ବ୍ୟୟରେ ନିର୍ମିତ ଏହି ଆନିକଟ ନିର୍ମାଣ ୨୦୧୪ ମସିହାରେ ଆରମ୍ଭ ହୋଇ ୨୦୨୦ ମସିହାରେ ଶେଷ କରାଯାଇଥିଲା।
ପ୍ରତିବର୍ଷ ରାଇଆ ନାଳ ଦେଇ ବ୍ରାହ୍ମଣୀ ନଦୀର ବନ୍ୟାଜଳ ଅନ୍ୟାୟସରେ ପ୍ରବେଶ କରି ହଜାର ହଜାର ଏକର ଚାଷଜମି ଜମିକୁ ନଷ୍ଟ କରିଥାଏ। ଏହାକୁ ରୋକିବା ପାଇଁ ପଙ୍କପାଳ ପଞ୍ଚାୟତର ନୀଳମଣିଦେଇପୁର ଗ୍ରାମ ନିକଟରେ ଥିବା ରାଇଆ ନାଳ ଉପରେ ଏକ ଆନିକଟ ପୋଲ ନିର୍ମାଣ ଲାଗି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆନିକଟ କାର୍ଯ୍ୟ ଆଜକୁ ୫ବର୍ଷ ପୂର୍ବେ ଶେଷ ହୋଇଥିବା ବେଳେ ଏହାର 'ସଟର' ଆଜି ପର୍ଯ୍ୟନ୍ତ ଲାଗିପାରିନଥିବାରୁ ଏହାର ସୁଫଳ ପାଇବାରୁ ଚାଷୀମାନେ ବଞ୍ଚିତ ହେଉଛନ୍ତି। ଆନିକଟର କାର୍ଯ୍ୟ ନଦୀ ପାଣିକୁ ନିୟନ୍ତ୍ରଣ କରି ଆବଶ୍ୟକ ଅନୁସାରେ ପ୍ରବେଶ ଓ ନିଷ୍କାସନ ବ୍ୟବସ୍ଥା କରିଥାଏ। ମାତ୍ର ଢଳାଇ କାର୍ଯ୍ୟ ପୋଲ ଶେଷ ହୋଇସାରିଥିଲେ ମଧ ଏହା ସହିତ ସଟର ଲାଗିପାରି ନଥିବାରୁ କୋଟି କୋଟି ଟଙ୍କାରେ ନିର୍ମିତ ଆନିକଟଟି ଚାଷୀ ତଥା ସାଧାରଣ ଲୋକଙ୍କ କାର୍ଯ୍ୟରେ ଲାଗିପାରୁ ନାହିଁ।

ଏନ୍‌ଏଚ୍ ୫୩ ବ୍ରାହ୍ମଣୀ ପୋଲ ଠାରୁ ମନୋହରପୁର ପେଟିବନ୍ଧ ପର୍ଯ୍ୟନ୍ତ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ଆନିକଟ କାର୍ଯ୍ୟ କେବେ ସରିବ ତାହା କେବଳ ଜଳସମ୍ପଦ ବିଭାଗକୁ ହିଁ ଜଣା। ଜଳସମ୍ପଦ ବିଭାଗ ଏସ୍‌ଡିଓ ଜାରକାଙ୍କୁ ଏ ସଂପର୍କରେ ପଚାରିବାକୁ ଏବେ ସଟର କାର୍ଯ୍ୟ କରିବାର ଦାୟିତ୍ୱ ମେକାନିକାଲ ବିଭାଗର ଥିବାରୁ କାର୍ଯ୍ୟଟି ବନ୍ଦ ହୋଇ ରହିଛି। ନିର୍ମାଣଧୀନ ଆନିକଟ ଠାରୁ ମନୋହରପୁରା ପେଟିବନ୍ଧ ପର୍ଯ୍ୟନ୍ତ ବନ୍ଧ ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ କରାଯାଇ ପାରିନାହିଁ। ଏବେ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟକ୍ରମ ହେଉଛି ଓ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ। ପ୍ରଶାସନ ଏହି ଆଡିବନ୍ଧ ଓ ଆନିକଟକୁ ତୁରନ୍ତ କାର୍ଯ୍ୟକାରୀ କରାଇଲେ ହଜାର ହଜାର ଏକର ଚାଷଜମି ନଷ୍ଟ ହେବାରୁ ବଞ୍ଚିତ ହେବା ସହ ନଦୀବଢ଼ି ସମୟରେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ସଡ଼କଟି ନୀଳମଣିଦେଇପୁର ଗ୍ରାମରୁ ବିଚ୍ଛିନ୍ନ ହୁଅନ୍ତା ନାହିଁ ବୋଲଇ ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ସକାଳ THE SAKALA



## ଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଝାଡୁରେ ପିଟିବା ଘଟଣା

# କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣାରେ ବସିବେ ପୂର୍ବତନ ବିଧାୟକ

ପାଲଲହଡ଼ା, ୧୧।୯ (ସମିସ)



ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଜମରଡିହ ବାଳିକା ସେବାଶ୍ରମରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଦେବଯାନୀ ପ୍ରଧାନ ଝାଡୁରେ ମାଡ଼ ମାରିବା ଅଭିଯୋଗକୁ ଇତିମଧ୍ୟରେ ୧୦ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ବ୍ଲକ ବିଜେଡି ପକ୍ଷରୁ ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ୭ ଦିନ ମଧ୍ୟରେ ତଦନ୍ତ ଶେଷ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଧବାର ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ବୁଧବାର ପୂର୍ବତନ ବିଧାୟକ ପାଲଙ୍କ ନେତୃତ୍ୱରେ ବ୍ଲକ ବିଜେଡି କାର୍ଯ୍ୟକର୍ତ୍ତାମାନେ ପୀଡ଼ିତା ଛାତ୍ରୀ ଏବଂ ତାଙ୍କ ପରିବାରକୁ ଭେଟିଥିବା ବେଳେ ଗୁରୁବାର ଉପଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାସନର ତଦନ୍ତ ସରି ନ ଥିବା ବେଳେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଅଭିଯୁକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କୁ କ୍ଲିନ୍ ଚିଟ୍ ଦେବା ଘଟଣା ସନ୍ଦେହ ସୃଷ୍ଟି କରୁଛି। ବିଧାୟକ ତଦନ୍ତକୁ ପ୍ରଭାବିତ କରି ଏପରି ଏକ ସ୍ପର୍ଶକାତର ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଥିବା ଏଥିରୁ ସ୍ପଷ୍ଟ ହେଉଛି। ବିଧାୟକ ଏବଂ ପ୍ରଶାସନର ଏହି ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ। ସରକାର ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରୁଥିବା ବେଳେ ତାକୁ ସଠିକ୍ ଭାବେ ପରିଚାଳନା ନ କରିବା ଦୁର୍ଭାଗ୍ୟଜନକ ଏବଂ ଦାୟିତ୍ୱରେ ଅବହେଳା ବୋଲି ବିବେଚନା କରାଯିବ ବୋଲି ପୂର୍ବତନ ବିଧାୟକ ପାଲ ଗଣମାଧ୍ୟମକୁ କହିଛନ୍ତି। ଆଗାମୀ ସାତ ଦିନ ମଧ୍ୟରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବିଜେଡି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବ୍ଲକ ବିଜେଡି ସଭାପତି ରଞ୍ଜିତ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ନରେନ୍ଦ୍ର ଭୁକ୍ତା, ନବକିଶୋର ନାଏକ, ପ୍ରତାପ ସାମଲ, ଗିରିଧାରୀ ବେହେରା, ରଞ୍ଜନ କୁମାର ସାହୁ, ତନ୍ମୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୁ ରଣାସାପ ଉଦ୍ଧାର

ବଇଣ୍ଡା, ୧୧।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଇସିଣା ଗ୍ରାମର ଲିପନ ଦେହୁରିଙ୍କ ଘରୁ ବୁଧବାର ଏକ ରଣାସାପ ଉଦ୍ଧାର କରାଯାଇଛି। ସାପକୁ ଉଦ୍ଧାର କରିବା ପାଇଁ ଲିପନ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ସୂଚନା ଦେଇଥିଲେ। ପାଇଁ ସିଦ୍ଧେଶ୍ୱର ପହଞ୍ଚି ସୁରକ୍ଷିତ ଅବସ୍ଥାରେ ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ିଛନ୍ତି।

## ଜରଡ଼ା ଖଣିବନ୍ଦ ଆନ୍ଦୋଳନ ପ୍ରତ୍ୟାହୃତ

କଣିହାଁ, ୧୧।୯ (ସମିସ): ପ୍ରସ୍ତାବିତ ପଥରମୁଣ୍ଡା ପୁନର୍ବସତି ସ୍ଥାନରେ ଥଇଥାନ ଦାବିରେ ଜରଡ଼ା ଗ୍ରାମର ମହିଳାମାନେ କରିଥିବା ଖଣିବନ୍ଦ ଆନ୍ଦୋଳନ ୩ୟ ଦିନରେ ପ୍ରତ୍ୟାହୃତ ହୋଇଛି। ପୁନର୍ବସତି ସ୍ଥାନରେ ବାକି ଥିବା ଜରଡ଼ା ଲୋକଙ୍କୁ ପ୍ଲଟ ବଣ୍ଟନ, ସେଠାରେ ଶୁକ୍ରବାରଠାରୁ ଉନ୍ନତିମୂଳକ କାମ କରାଯିବା ସହ ପ୍ଲଟ ପାଇଥିବା ଲୋକ ଘର କରିପାରିବେ ବୋଲି ଏମସିଏଲ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ବୁଧବାର ସନ୍ଧ୍ୟା ସାଢ଼େ ୬ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ପଥରମୁଣ୍ଡା ଗ୍ରାମର ଚାକିରି ପାଇବାକୁ ଥିବା ୩୩ ପରିବାର ଚାକିରି ଦାବିରେ ଦୀର୍ଘ ମାସ ଧାରି ପ୍ରସ୍ତାବିତ ପଥରମୁଣ୍ଡା ଥଇଥାନ କରିବାକୁ ଥିବା ଜମି ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ଏମସିଏଲ ସେଠାରେ କୌଣସି ଉନ୍ନୟନ କାମ କିମ୍ବା ଗ୍ରାମବାସୀଙ୍କୁ ପ୍ଲଟ ବଣ୍ଟନ କରିପାରୁ ନ ଥିଲା। ବୁଧବାର ଅପରାହ୍ନରେ ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏମସିଏଲ ଜିଏମ ଓ ଅନ୍ୟ ଅଧିକାରୀ, ପଥରମୁଣ୍ଡାର ଚାକିରି ଆଶାୟୀ ୩୩ ପରିବାରଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ସେମାନଙ୍କୁ ସାଢ଼େ ୪ମାସ ମଧ୍ୟରେ ଚାକିରି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ମିଳିବା ପରେ ୩୩ ପରିବାର ଆନ୍ଦୋଳନରୁ ଓହରିଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ କେବେ?

ତାଳଚେର, ୧୧।୯ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ମେ ୨୩ରେ ତାଳଚେର ପୁରୁଣା ଯୁବରାଜ ହାଇସ୍କୁଲ ନିକଟ ପଡ଼ିଆରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଦୀର୍ଘ ୪ ମାସ ବିତି ଯାଇଥିଲେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଏହି ପଡ଼ିଆ ଏବେ ଗୋରୁଗାଈଙ୍କ ଚରାଭୂଇଁ ପାଲଟିଛି। ଏହି ବିଦ୍ୟାଳୟ କେବେ ନିର୍ମାଣ ହେବ ତାକୁ ନେଇ ଅଞ୍ଚଳବାସୀ ଆଶଙ୍କାରେ ରହିଛନ୍ତି।




## ୟୁରିଆ ପାଇଁ ରାସ୍ତାରେ ଚାଷୀଙ୍କ ଲମ୍ବା ଲାଇନ



କିଶୋରନଗର, ୧୧।୯ (ସମିସ): ଏବେ ଚାଷଜମିରେ ୟୁରିଆର ଅତ୍ୟନ୍ତ ଆବଶ୍ୟକତା ଥିବା ବେଳେ କିଶୋରନଗର ବ୍ଲକ ଅଞ୍ଚଳରେ ଏହାର କୃତ୍ରିମ ଅଭାବ ଦେଖିବାକୁ ମିଳିଛି। ରାଜ୍ୟ ସରକାର ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ୟୁରିଆ ଯୋଗାଇ ଦେଉଛନ୍ତି। ହେଲେ ଚାଷୀଙ୍କୁ ଆବଶ୍ୟକ ପରିମାଣର ସାର ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଧଉରାପାଲ୍ଲୀ ସେବା ସମବାୟ ସମିତିକୁ ୫୫୦ ବସ୍ତା ୟୁରିଆ ଆସିଥିଲା। ସାର ନେବା ପାଇଁ ବହୁ ସଂଖ୍ୟାରେ ଚାଷୀ ରାସ୍ତାରେ ଆଧାର କାର୍ଡ ରଖି ପ୍ରଚଣ୍ଡ ଖରାରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା।

## ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର



ବଇଣ୍ଡା, ୧୧।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ତଳବାହାଲି ଓ ବାଘୁଆନାଳି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ପାଇଁ ବୁଧବାର ବିଜେପିର ଏକ ପ୍ରତିନିଧି ଦଳ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ବିଜେପି ଉପସଭାପତି ଅର୍ଜୁନ କୁମାର ସାହୁଙ୍କ ନେତୃତ୍ୱରେ ଗ୍ରାମର ଯୋଗେଶ୍ୱର ପ୍ରଧାନ, କ୍ଷୀରୋଦ ପ୍ରଧାନ, ମାନସ ଦେହୁରି, ରାମଚନ୍ଦ୍ର ପ୍ରଧାନ, ରବିନାରାୟଣ ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଭୁବନେଶ୍ୱରରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦୁଇଟି ରାସ୍ତାରେ ଅନେକ ଲୋକ ନିର୍ଭରଶୀଳ। ହେଲେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ପାଣି ଜମୁଛି। ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହି ଦୁଇ ରାସ୍ତା ନିର୍ମାଣ କରିବା ପାଇଁ ସେମାନେ ଅନୁରୋଧ କରିଛନ୍ତି।

## ପେନସନ ବୃଦ୍ଧି ଦାବି
# ଏଆଇସିପିଏସ ପକ୍ଷରୁ ୧୫ରେ ଧାରଣା




ତାଳଚେର, ୧୧।୯ (ସମିସ): ତାଳଚେରର ବିଭିନ୍ନ କୋଇଲାଖଣିରେ କାର୍ଯ୍ୟକରି ବହୁ କର୍ମଚାରୀ ଓ ଶ୍ରମିକ ଅବସର ନେଇଥିବା ବେଳେ ସେମାନଙ୍କୁ ଉପଯୁକ୍ତ ପେନସନ ମିଳୁନାହିଁ। ପେନସନ ବୃଦ୍ଧି ଓ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଆସୁଛନ୍ତି। ୪ ଦଫା ଦାବି ନେଇ ଆସନ୍ତା ୧୫ ତାରିଖ କୋଲକୋତାସ୍ଥିତ କୋଲ ଇଣ୍ଡିଆ ମୁଖ୍ୟାଳୟଠାରେ ଦିନିକିଆ ଧାରଣା ଦିଆଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅଲ ଓଡ଼ିଶା କୋଲ ପେନସନର୍ସ ଆସୋସିଏସନ୍ ଏମସିଏଲ ତାଳଚେର ଶାଖା ତରଫରୁ ସଭାପତି ବିଭୂତି ସାହୁ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ସାହୁ, ବାବୁଲାଲ ଖଣ୍ଡୁଆଳ, ତ୍ରିପୁର ଦେହୁରୀ, କୁଞ୍ଜବନ ସାହୁ, ପ୍ରକାଶ କୁଣ୍ଡ, ପ୍ରହଲ୍ଲାଦ ପରିଡ଼ା, କରୁଣାକର ଖଣ୍ଡୁଆଳ, ପ୍ରକାଶ ଚନ୍ଦ୍ର ପ୍ରଧାନ, ସଙ୍ଗୀତ ପ୍ରଧାନ, ଉଦୟନାଥ ନାୟକ, ବିଏନ ମହାପାତ୍ର, କିଶୋରଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇଥିଲେ।

## ମହିଳା କମିଶନ ସଦସ୍ୟାଙ୍କ ଅନୁଗୋଳ ଗସ୍ତ



ଅନୁଗୋଳ, ୧୧।୯ (ସମିସ): ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ ଓ ନିରୀକ୍ଷକ ସସ୍ମିତା ଦାସ ବୁଧବାର ଦିନିକିଆ ଅନୁଗୋଳ ଗସ୍ତରେ ଆସି ଜିଲ୍ଲାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ବୁଲି ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ କରିବା ସହ ତାଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ସମସ୍ତ ନଥିପତ୍ର ଯାଞ୍ଚ କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ କିଭଳି ସେମାନେ ପାଇପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବାହ୍ନରେ କମିଶନ ସଦସ୍ୟା ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସଖୀ ସେଣ୍ଟର ପରିଦର୍ଶନ କରିଥିଲେ। ପରେ ଅନୁଗୋଳ ଜିଲ୍ଲା କାରାଗାର ପରିଦର୍ଶନ କରି ମହିଳା ଅନ୍ତେବାସୀମାନେ କିପରି ସମାଜରେ ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ନେଇ ପରାମର୍ଶ ଦେଇଥିଲେ। ଅପରାହ୍ନରେ ଦୁଇଟି ଶକ୍ତି ସଦନ ପରିଦର୍ଶନ କରି ହିତାଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଘରୋଇ ହିଂସା ସୁରକ୍ଷା ଅଧିକାରିଣୀ ଦ୍ରୌପଦୀ ମାର୍ଣ୍ଡିଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗୁରୁପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ




ଅନୁଗୋଳ, ୧୧।୯ (ସମିସ): ସ୍ଥାନୀୟ ଡିଭାଇନ୍ ପବ୍ଲିକ୍ ସ୍କୁଲର ନିର୍ଦ୍ଦେଶକ ବିଜୟଲକ୍ଷ୍ମୀ ପାଢ଼ୀଙ୍କୁ ତାଙ୍କ ଗତିଶୀଳତା ଏବଂ ଦକ୍ଷତା ସହ ସ୍କୁଲ ପରିଚାଳନାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି। ଗୁରୁଦିବସ ଅବସରରେ ବଚପନ ସ୍କୁଲର ୟୁକେଜି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ପୁରସ୍କାର ବଣ୍ଟନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଚେତନା ଏ ମିଶନର ପ୍ରତିଷ୍ଠାତା ବାଣୀ ଦେବ ମୁଖ୍ୟଅତିଥି, ବିଇଓ ଅଶୋକ ପ୍ରଧାନ, ମଧୁସୂଦନ ଶର୍ମା, କଲ୍ୟାଣୀ ଶ୍ରୀକାନ୍ତ ଏବଂ ଡ. ମାଇକେଲ ଜନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରିନ୍ସିପାଲ୍ ଏଭାଲିନ୍ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପରିଚାଳନା ପ୍ରଭାରୀ ନିଜାର ଅଲି ଦମାନି ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ପ୍ରତିଭା ଆମ ପରିଚୟ ପକ୍ଷରୁ ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ



ତାଳଚେର, ୧୧।୯ (ସମିସ): ତାଳଚେରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟର ସ୍ୱତନ୍ତ୍ର ଉତ୍ସବରେ ଚିତ୍ରଶିଳ୍ପୀ ମାନସ କୁମାର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଗୋପୀନାଥପୁରର ମାନସ କୁମାର ନାଏକ ଉଭୟ ଧର୍ମ ଏବଂ କଳାକୁ ସମ୍ମାନ ଦେଇ କାର୍ଯ୍ୟ କରିଆସୁଛନ୍ତି। ଫାଇନ ଆର୍ଟ, ମଡର୍ଣ୍ଣ ଆର୍ଟ, ୱାଲ୍ ଆର୍ଟ, କାନଭାସ ପେଣ୍ଟିଂ ଆଦିରେ ସେ ପ୍ରସିଦ୍ଧି ଲାଭ କରିଛନ୍ତି। ଆମ ପ୍ରତିଭା ଆମ ପରିଚୟର ସ୍ୱତନ୍ତ୍ର ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ମହେଶ ସାହୁ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଏଡିପିଓ ଭରତ ଚନ୍ଦ୍ର ସାହୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ମାନସ ପୂର୍ବତନ ସାଂସଦ ସାହୁଙ୍କୁ ତାଙ୍କର ଏକ ତୈଳଚିତ୍ର ଉପହାର ଦେଇଛନ୍ତି।

## କିଶୋରନଗର ସିଟି ସ୍କୁଲରେ ସ୍ୱାସ୍ଥ୍ୟ ସଚେତନତା



କିଶୋରନଗର, ୧୧।୯ (ସମିସ): କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ବୁଧବାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ଶିବାନୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଶାସନିକ ମୁଖ୍ୟ ଡା. ଜିଜ୍ଞା ତ୍ରିପାଠୀ ମୁଖ୍ୟଅତିଥି ଏବଂ ଡା. ଦିବ୍ୟଜିତ୍ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଗ୍ରନ୍ଥାଗାରିକ ବିଭୂତି ଭୂଷଣ ମହାରଣା ସଭା ପରିଚାଳନା କରିଥିବା ବେଳେ ଶିକ୍ଷକ ପ୍ରଶିକ୍ଷକ ସୁବ୍ରତ କୁମାର ପାଣିଗ୍ରାହୀ ଓ ଅତିଥି ପ୍ରଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଅତିଥିମାନେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ଓ ମଧୁମେହ ରୋଗ ସମ୍ପର୍କରେ ଧାରଣା ଦେଇଥିଲେ। ପ୍ରଥମବର୍ଷର ଗୁରୁଛାତ୍ର ଅସିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ନିମନ୍ତେ ପ୍ରସ୍ତୁତି

କିଶୋରନଗର, ୧୧।୯ (ସମିସ): ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ନିମନ୍ତେ କିଶୋରନଗର ବ୍ଲକ ବିଜେପି ପକ୍ଷରୁ ବୁଧବାର ସାଧୁପାଳସ୍ଥିତ କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କିଶୋରନଗର ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ବ୍ଲକ ପ୍ରତିନିଧି ସରୋଜ ସାହୁ, ଡା. ଅଲେଖ ପ୍ରଧାନ, ଅଜିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜନ୍ମଦିନ ପାଳନ ଅବସରରେ ଚାରାରୋପଣ, ସ୍ୱଚ୍ଛତା ଅଭିଯାନ ସହ ସେବା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦଳୀୟ କାର୍ଯ୍ୟକର୍ତ୍ତା ଜଳଧର ପ୍ରଧାନ, ରତ୍ନାକର ପ୍ରଧାନଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ସେହିପରି ନାକଚି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ନାକଚି ମଣ୍ଡଳ ସଭାପତି ସଞ୍ଜୀବ ପାତ୍ରଙ୍କ ସଭାପତିତ୍ୱରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ହୋଇଛି।

## ● ଓଡ଼ିଶାର ଶ୍ରେଷ୍ଠ ଡିଆଇଇଟି ହେଲା ଅନୁଗୋଳ ଡିଆଇଇଟି
# ଉନ୍ମୋଚିତ ହେଲା ସ୍ମାରକୀ ସ୍ତମ୍ଭ



ଛେଣ୍ଡିପଦା, ୧୧।୯ (ସମିସ): ଅନୁଗୋଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ରାଜ୍ୟର ଶ୍ରେଷ୍ଠ ଡିଆଇଇଟି ଭାବେ ମୁଖ୍ୟମନ୍ତ୍ରୀ ପୁରସ୍କାର ଲାଭ କରିଛି। ଏହି ସଫଳତାକୁ ଅବିସ୍ମରଣୀୟ କରିବା ପାଇଁ ଛେଣ୍ଡିପଦାସ୍ଥିତ ଡିଆଇଇଟି କ୍ୟାମ୍ପସରେ ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏକ ସ୍ମାରକୀ ସ୍ତମ୍ଭ ଉନ୍ମୋଚନ କରାଯାଇଛି। ଏହା ଡିଆଇଇଟି ଅନୁଗୋଳର ଅଦମ୍ୟ ପରିଶ୍ରମ, ଶ୍ରେଷ୍ଠତା ଏବଂ ଦୃଢ଼ ସଙ୍କଳ୍ପର ପ୍ରତୀକ ଭାବେ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବ ବୋଲି କୁହାଯାଇଛି। ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଛେଣ୍ଡିପଦା ତହସିଲଦାର ମାନସ ରାୟ, ପ୍ରତିଷ୍ଠାନର ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ ଡିଆଇଇଟିର ସଫଳତାର ଯାତ୍ରାକୁ ଅବ୍ୟାହତ ରଖିବା ପାଇଁ କହିଥିଲେ। ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ମଦନ ସୁନ୍ଦର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଶିକ୍ଷିକା ମମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ରାମକୃଷ୍ଣ ପରିଚ୍ଛା ମଞ୍ଚ ସଞ୍ଚାଳନ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ଡ. ଗଣେଶ୍ୱର ସାହୁ ଏବଂ ଛୋଟରାୟ ଟୁଡୁ ସହଯୋଗ କରିଥିଲେ।

# ଗଠିତ ହେଲା ଅନୁଗୋଳ ଜିଲ୍ଲା ଫଟୋଗ୍ରାଫର କ୍ଲବ୍

ଅନୁଗୋଳ, ୧୧।୯ (ସମିସ)



ଜିଲ୍ଲାର ଯୁବ ଫଟୋଗ୍ରାଫରମାନଙ୍କୁ ନେଇ ଗଠନ ହୋଇଛି ଅନୁଗୋଳ ଜିଲ୍ଲା ଫଟୋଗ୍ରାଫର କ୍ଲବ୍। ବୁଧବାର କ୍ଲବ୍‌ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାର ୨୦୦ରୁ ଅଧିକ ଫଟୋଗ୍ରାଫର ଯୋଗଦେଇଥିଲେ। ଜିଲ୍ଲାରେ ଫଟୋଗ୍ରାଫରମାନେ କିପରି ଭଲରେ କାମ କରିବେ ସେ ନେଇ ଆଲୋଚନା ହୋଇଥିଲା। ଏହାସହ କ୍ଲବର କର୍ମକର୍ତ୍ତା ଚୟନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଗୋପାଳ ଚନ୍ଦ୍ର ନାଥଙ୍କୁ କ୍ଲବର ଆଇନ ପରାମର୍ଶଦାତା ଭାବେ ଚୟନ କରାଯାଇଛି। ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋଜ ପାଳ, କାର୍ଯ୍ୟକାରୀ ସଭାପତି ଭାବେ ରଘୁନାଥ ଦାସ, ସମ୍ପାଦକ ଭାବେ ରୂପେଶ ବେହେରା, ଯୁଗ୍ମ ସମ୍ପାଦକ ଭାବେ ସିଦ୍ଧାନ୍ତ କୁମାର ପରିଡ଼ା ଓ କୋଷାଧ୍ୟକ୍ଷ ଭାବେ ବିଶ୍ୱଜିତ୍ ସାହୁଙ୍କୁ ଚୟନ କରାଯାଇଛି।

ସେହିପରି ଉପସଭାପତି ଭାବେ ନୀଳମଣି ବେହେରା, ସଲିଭ ପ୍ରଧାନ, ଅନିଲ ସାହୁ, ସୁନୀଲ ସାହୁ ଏବଂ ସହ ସମ୍ପାଦକ ଭାବେ ଆଲୋକ ବେହେରା, ପ୍ରଦୀପ ନାୟକ, ଯୋଗିନାଥ ସାହୁ, ବାଜି, ସୁନୀଲ ମହାନ୍ତି, ଅବିନାଶ ମହାରଣା, କୈଳାସ ବେହେରା ଓ ରାଜୁଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ମାନସ ରଞ୍ଜନ ମିଶ୍ର, ଶୁଭରଞ୍ଜନ ନାଥ, ଶୁଭ୍ରଜିତ ସ୍ୱାଇଁ, ସୁଜିତ କୁମାର ସାହୁ, ଦେବରାଜ ସେଠୀ, ସତ୍ୟବ୍ରତ ସ୍ୱାଇଁ, ହେମାନନ୍ଦ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ସହ ପଡ଼ୋଶୀ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏବଂ ପରଜଙ୍ଗ ଅଞ୍ଚଳରୁ ମଧ୍ୟ ଅନେକ ଫଟୋଗ୍ରାଫର ଯୋଗଦେଇଥିଲେ। ଆଗାମୀ ଦିନରେ କ୍ଲବ୍‌ର ପଞ୍ଜୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା।

## ବ୍ରାଉନସୁଗର ଜବତ, ଜଣେ ଗିରଫ

**ଜଗତସିଂହପୁର, ୧୧।୯ (ସମିସ):** ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ନୂଆପୋଲ ନିକଟରେ ଚଢ଼ଉ କରାଯାଇ ଏକ ବାଇକ୍ ସହ ୫୫ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏଥିସହ ନିଶା ବ୍ୟବସାୟ କରୁଥିବା ତରିକୁନ୍ଦ ଅଞ୍ଚଳର ଅବଦୁଲ ସତାର ଖାଁ ନାମକ ଜଣେ ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ଉରେ ଏଏସ୍ଆଇ ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍ଆଇ ଶ୍ରୀଧର ସିଂ, ଜଗତସିଂହପୁର ଅବକାରୀ ଥାନା ଓଆଇସି ସନ୍ତୋଷ ନାୟକ, ଏଏସ୍ଆଇ ପିନାକୀ ରାଉତରାୟ, କନେଷ୍ଟବଳ ସବିତା ନାୟକ ଓ ସୁକାନ୍ତ ମାଝି ପ୍ରମୁଖ ସାମିଲ ଥିଲେ।

# ୪ ମାସ ଧରି ବିଦ୍ୟାଳୟରେ ଝୁଲୁଛି ତାଲା

**ରାଜନଗର, ୧୧।୯ (ସମିସ)**



ରାଜନଗର ବ୍ଲକ ସଦର ମହକୁମାସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ବିଦ୍ୟାପୀଠ ଗ୍ରୀଷ୍ମ ଛୁଟି ପରେ ତାଲା ଖୋଲି ନ ଥିବା ଅଭିଯୋଗ ହୋଇଛି। କୁନୁର ଛାତ୍ରଛାତ୍ରୀ ଏ ପର୍ଯ୍ୟନ୍ତ କ୍ଲାସ୍ କରିନାହାନ୍ତି। ଏହି ମଧ୍ୟମା ବିଦ୍ୟାଳୟରେ ଶିକ୍ଷକ ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠପ୍ ହୋଇଯାଇଛି। ଫଳରେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସି ଫେରିଯାଉଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ମେ' ମାସରେ ବିଦ୍ୟାଳୟର ପ୍ରଧାନପଣ୍ଡିତ ତଥା ଏକମାତ୍ର ଶିକ୍ଷକ ସଚିନ୍ଦ୍ର ପରିଡ଼ା ଅବସର ନେବା ପରେ କେହି ଜଣେ ବି ଏହି ବିଦ୍ୟାଳୟରେ ଶିକ୍ଷକ କିମ୍ବା ଶିକ୍ଷକ ନାହାନ୍ତି। ଯେଉଁ ଶିକ୍ଷକଙ୍କୁ ଏହି ଅନୁଷ୍ଠାନରେ ଯୋଗଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା ସେମାନେ ଏହି ବିଦ୍ୟାଳୟକୁ ଆସିବାକୁ ଅନିଚ୍ଛା ପ୍ରକାଶ କରି ଆସୁ ନ ଥିବା କୁହାଯାଉଛି।

ଅନ୍ୟପକ୍ଷରେ ଏହି ବିଦ୍ୟାଳୟ ପାଇଁ ଅତିଥି ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଉନାହିଁ। ଏଭଳି ପରିସ୍ଥିତିରେ ମଧ୍ୟମାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏକ ପ୍ରକାର ଅନ୍ଧକାର ଆଡ଼କୁ ଚାଲିଯାଇଥିବା ଅଭିଭାବକ ପ୍ରକାଶ କରୁଛନ୍ତି। ଅନ୍ୟ ବିଦ୍ୟାଳୟରେ ପାଠ୍ୟ ଖସଡ଼ା ଅନୁଯାୟୀ ଶିକ୍ଷାଦାନ ଦିଆଯାଉଥିବାବେଳେ ସଂସ୍କୃତ ଶିକ୍ଷା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି। କେବେ ଏହି ଶହେ ବର୍ଷର ଅନୁଷ୍ଠାନରେ ଶିକ୍ଷକ ନିଯୁକ୍ତି ହୋଇ ଛାତ୍ରଛାତ୍ରୀ ପାଠପଢ଼ିବେ, ତାହାକୁ ନେଇ ଅଭିଭାବକ ଚିନ୍ତାରେ ପଡ଼ିଛନ୍ତି।

**ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ**

ଏ ସମ୍ପର୍କରେ ରାଜନଗର ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ମୁଁ ଜାଣିଛି, ଶିକ୍ଷକ ନାହାନ୍ତି। ୪ ମାସ ହେବ ତାଲା ଝୁଲୁଛି ବୋଲି ଜାଣିନାହିଁ। ସିଆରସିସିଙ୍କଠାରୁ ବୁଝିକି କହିବି ବୋଲି କହିଛନ୍ତି। ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଥିବା ଏହି ପ୍ରାଚୀନ ସଂସ୍କୃତ ବିଦ୍ୟାଳୟ ଖୋଲିବ ନା ବନ୍ଦ ହୋଇଯିବ, ତାହା ଦେଖିବାକୁ ବାକି ରହିଲା। ସେହିଭଳି ଏହି ବିଦ୍ୟାଳୟରେ ପିଅନ ଭାବେ ଦୀର୍ଘ ୨୦ ବର୍ଷ ହେଲା କାମ କରୁଥିବା ରବିନାରାୟଣ ଦାସଙ୍କୁ ଏ ପର୍ଯ୍ୟନ୍ତ ଦରମା ମିଳିନାହିଁ କି ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ରବିନାରାୟଣ ପ୍ରତିଦିନ ସକାଳ ୯ଟାରେ ଆସି ବିଦ୍ୟାପୀଠ ଖୋଲିଥିଲେ ମଧ୍ୟ କେହି ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ଅଭିଭାବକ ଆସି ଅସନ୍ତୋଷ ପ୍ରକାଶ କରିଯାଉଛନ୍ତି। ଏହି ଶହେ ବର୍ଷର ଶିକ୍ଷାନୁଷ୍ଠାନରେ କେବେ ସ୍ଥାୟୀ ଶିକ୍ଷକ ନିଯୁକ୍ତି ହେଉଛନ୍ତି, ତାହା ବାକି ରହିଲା।

**ଚାଷୀ ଶ୍ରମିକ ସଂଘର ଦାବି ପୂରଣ**

## ଛତାରେ ହେବ ବସ୍‌ଷ୍ଟାଣ୍ଡ; ଜମି ଯୋଗାଇଦେଲେ ତହସିଲଦାର

**ଡେରାବିଶ, ୧୧।୯ (ସମିସ):** ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଡେରାବିଶ ବ୍ଲକ ଅଞ୍ଚଳରେ ଏକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଆସିଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଡେରାବିଶ ବ୍ଲକର ପ୍ରମୁଖ ସ୍ଥାନ ଛତାଠାରେ ନିର୍ମାଣ କରାଯିବାକୁ ଦାବି ହୋଇଥିଲା। କିଛି ଅଧିକାରୀ ଛତାରେ ସ୍ଥାନ ଅଭାବ ଦର୍ଶାଇ ଏହାକୁ ଅନ୍ୟତ୍ର ପ୍ରତିଷ୍ଠା କରିବା ପାଇଁ ମସୁଧା ଚଳାଇଥିଲେ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘ ଜାଣିବା ପରେ ଡେରାବିଶ ବ୍ଲକର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଚାଟରାଚକଡ଼ା ପଞ୍ଚାୟତର ଛତାଠାରେ ଅବସ୍ଥିତ ହୋଇଥିବାରୁ ଦୈନିକ ଏଠାକୁ ହଜାର ହଜାର ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସୁଥିବାରୁ ଏଠାରେ ନିର୍ମାଣ କରିବାକୁ ଦାବି କରିବା ସହିତ ତହସିଲ, ବ୍ଲକ, ଜିଲ୍ଲା ପ୍ରଶାସନ, ରାଜସ୍ୱ ସଚିବ ଓ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହି ସ୍ଥାନରେ ବସ୍‌ଷ୍ଟାଣ୍ଡ ପାଇଁ ଆବଶ୍ୟକ ହେଉଥିବା ସରକାରୀ ଜମି ଥିବାବେଳେ ଯଦି ବସ୍‌ଷ୍ଟାଣ୍ଡ ଏଠାରେ କରା ନ ଯାଇ ଅନ୍ୟ ସ୍ଥାନରେ କରାଯାଏ ତେବେ ଚାଷୀ ଶ୍ରମିକ ସଂଘ ସଦସ୍ୟ ୧୫ ତାରିଖ ଦିନ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ଏହି ଘଟଣାରେ ତହସିଲ ପ୍ରଶାସନ ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କୁ ଡକାଇ ଅନଶନରୁ ବିରତ ରହିବା ପାଇଁ କହିବା ସହ ଏକ ବୈଠକର ଆୟୋଜନ କରିଥିଲେ। ୮ ତାରିଖରେ ଅନୁଷ୍ଠିତ ବୈଠକରେ ତହସିଲଦାର ଚିଠି ନଂ ୬୨୯୫/ ୮।୯।୨୫ ଅନୁଯାୟୀ ଛତା ନିକଟସ୍ଥ ଚାଟରାଚକଡ଼ା ପଞ୍ଚାୟତରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ ହୋଇଥିବା କହିଥିଲେ। ତହସିଲଦାର ସରୋଜକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଡ଼କ ପରିବହନ ନିଗମ ଅଧିକାରୀ, ଅତିରିକ୍ତ ତହସିଲଦାର, ସଂଘ ସଭାପତି ଶ୍ରୀ ମିଶ୍ର, ସମ୍ପାଦକ କୃତ୍ତିବାସ ଦାସ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫଳରେ ଚାଷୀ ଶ୍ରମିକ ସଂଘର ଦାବି ପୂରଣ ହୋଇଥିବାରୁ ଆସନ୍ତା ୧୫ ତାରିଖରେ ତହସିଲ ସମ୍ମୁଖରେ ଛତାରେ ବସ୍‌ଷ୍ଟାଣ୍ଡ ପାଇଁ ହେବାକୁ ଥିବା ଅନଶନକୁ ସ୍ଥଗିତ ରଖାଯାଇଥିବା ସଭାପତି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ମହିଳା ଗୁରୁତର

**ଆଳି, ୧୧।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ପଞ୍ଚାୟତ ଗୌଡ଼ପାଟଣା ଗ୍ରାମର ମହିଳା ମିନତୀ ମଲିକ(୪୮) ସାପ କାମୁଡ଼ାରେ ଗୁରୁତର ହୋଇପଡ଼ିଛନ୍ତି। ସେ ସନ୍ଧ୍ୟାରେ ବାଡିକୁ ଯାଇଥିବାବେଳେ ତାଙ୍କ ବାମ ଗୋଡ଼କୁ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

## ବ୍ରଜକିଶୋର ରାଉତଙ୍କ ପରଲୋକ



**ଗୋବିନ୍ଦପୁର, ୧୧।୯ (ସମିସ):** କୁଆଣିଆ ପଞ୍ଚାୟତ ଉପର କୁଆଣିଆ ଗ୍ରାମର ଆଦର୍ଶ କୃଷକ ବ୍ରଜକିଶୋର ରାଉତଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ, ଝିଅ, ନାତି ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ସ୍ୱର୍ଗତ ରାଉତଙ୍କ ବିୟୋଗରେ ବହୁ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି। ବଡ଼ପୁଅ ଦେବଦତ୍ତ ରାଉତ ମୁଖାଗ୍ନି ଦେଇଥିଲେ।

## ରାଜନୀତି ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

**ଡେରାବିଶ, ୧୧।୯ (ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ପ୍ରଦୀପ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଅକ୍ଷୟ ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଦିବ୍ୟ କୁମାର ଦାସ ସ୍ୱାଗତ ସଙ୍ଗୀତ ଓ ବିଦାୟୀ ସଙ୍ଗୀତ ଗାନ କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିବାବେଳେ ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ତେଜସ୍ୱିନୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ରାକ୍ଷୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାନପୁର ଇଣ୍ଡିଆନ ବ୍ୟାଙ୍କ ଶାଖାର ଜନସୁରକ୍ଷା ଅଭିଯାନ

**ଡେରାବିଶ, ୧୧।୯ (ସମିସ):** ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁରସ୍ଥ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ଜନସୁରକ୍ଷା ଅଭିଯାନ ଅନ୍ତର୍ଗତ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାକକ୍ଷରେ ଆୟୋଜିତ ସଭାରେ ଶାଖା ପରିଚାଳକ ଡାଲଟନ୍ ନାୟକ ସଭାପତିତ୍ୱ କରିଥିଲେ। ଆରବିଆଇର ଡିଜିଏମ୍ ମଧୁକର ଆନନ୍ଦ ମୁଖ୍ୟଅତିଥି ଓ ଆରବିଆଇର ପରିଚାଳକ ଅବିନାଶ ରାଉତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଜୀବନଜ୍ୟୋତି ବୀମା, ଅଟଳ ପେନ୍‌ସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ପୁନଃ ଇ-କେୱାଇସି ଦ୍ୱାରା ଅଚଳ ହୋଇଯାଇଥିବା ବ୍ୟାଙ୍କ ଜମାଖାତାକୁ ଚଳତକ୍ଷମ କରିବା ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ବ୍ୟାଙ୍କର ବିସିଙ୍କ ସହ ଶାଖା ପରିଚାଳକ ଓ ଅଧିକାରୀ ଇ-କେୱାଇସି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡ଼ା ଲିଡ୍ ବ୍ୟାଙ୍କର ପରିଚାଳକ ରମାକାନ୍ତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

**ବିଶ୍ୱ ବନ ସହିଦ ଦିବସ ପାଳିତ**

## ସହିଦ ପରିବାରକୁ ସମ୍ବର୍ଦ୍ଧିତ କଲେ ଡିଏଫ୍‌ଓ



**ରାଜନଗର, ୧୧।୯ (ସମିସ):** ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳଠାରେ ଥିବା ସହିଦ ସ୍ତମ୍ଭ ନିକଟରେ ବିଶ୍ୱ ବନ ସହିଦ ଦିବସ ପାଳିତ ହୋଇଯାଇଛି। ଭିତରକନିକା ଆର୍ଦ୍ରଭୂମି ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ଓ ସଂରକ୍ଷଣ ପାଇଁ ନିରନ୍ତର ସେବା ଯୋଗାଇବା ସମୟରେ ମାଫିଆଙ୍କ ଆକ୍ରମଣ ଓ ବନ୍ୟଜନ୍ତୁଙ୍କ ଆକ୍ରମଣରେ ସହିଦ ହୋଇଥିବା ବନ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଡାଙ୍ଗମାଳଠାରେ ଥିବା ସହିଦ ସ୍ମୃତିସ୍ତମ୍ଭରେ ଡିଏଫଓ ଭରଦରାଜ ଗାଓଁଙ୍କର, ସହକାରୀ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ, ସହକାରୀ ବନ ସଂରକ୍ଷକ ମାନସ ଦାସ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଜିସୁଦ୍ଧା ୪ ଜଣ ବନ କର୍ମଚାରୀ ମାଫିଆଙ୍କ ଆକ୍ରମଣରେ ସହିଦ ହୋଇଥିବାବେଳେ ଜଣେ କର୍ମଚାରୀ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ଏହି ୫ ବନ କର୍ମଚାରୀଙ୍କ ବଳିଦାନକୁ ମନରେ ରଖିବା ଓ ଭବିଷ୍ୟତ ପିଢି କ୍ଷେତ୍ର କର୍ମଚାରୀଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ରାଜନଗର ବନବିଭାଗ ପକ୍ଷରୁ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି। ଏହି ସହିଦ ସ୍ମୃତିସ୍ତମ୍ଭ ନିକଟରେ ଡିଏଫଓ ସହିଦ ୫ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବନ କର୍ମଚାରୀଙ୍କ ବଳିଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗହୀରମଥା ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନ, ଗବେଷକ ପ୍ରସନ୍ନ ନାୟକ, ଫରେଷ୍ଟର ପ୍ରଶାନ୍ତ ସିଂ, ବିଭୂତି ଭୂଷଣ ତରାଇ, ବିଜୟ ପାତ୍ର, ରଞ୍ଜନ ପାଣି, ନବୀନ ମଲ୍ଲିକ, ସୁନୀଲ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

**ଗାନ୍ଧୀ ମୂର୍ତ୍ତି ଭଙ୍ଗା ଘଟଣା**

## ଅପରାଧୀଙ୍କୁ ଗିରଫ ଓ ପ୍ରତିମୂର୍ତ୍ତି ପୁନଃସ୍ଥାପନ ଦାବି

**କେନ୍ଦ୍ରାପଡ଼ା, ୧୧।୯ (ସମିସ):** ରକ୍ତପାତ ଓ ଯୁଦ୍ଧ ବିଭୀଷିକାର ବାରୁଦ ଗଦା ଉପରେ ଠିଆ ହୋଇଥିବା ସମଗ୍ର ବିଶ୍ୱ ଏବେ ଗାନ୍ଧିଜୀଙ୍କ ସତ୍ୟ ଓ ଅହିଂସାର ବିଚାରକୁ ଆଦର କରୁଥିବା ଓ ବିଶ୍ୱର ବିଭିନ୍ନ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହେଉଥିବାବେଳେ ଆମ ଦେଶରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ବିଖଣ୍ଡିତ କରାଯିବା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଏଭଳି ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରାଯିବା ସହ କଠୋର ଦଣ୍ଡ ବିଧାନ କରିବା ନିମନ୍ତେ ଦାବି କରାଯାଇଛି। ଦେଶରେ ସର୍ବୋଦୟ ଆନ୍ଦୋଳନର ଉଦଗାତା ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଡେରାବିଶ ବ୍ଲକ ଅନ୍ତର୍ଗତ ନୀଳିକଣା ବିଦ୍ୟାଳୟ ପରିସରରେ ଅବସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପ୍ରତିବାଦରେ କେନ୍ଦ୍ରାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡସ୍ଥ ଗାନ୍ଧୀମୂର୍ତ୍ତି ସମ୍ମୁଖରେ ଆୟୋଜିତ




ପ୍ରତିବାଦ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଦାବି କରିଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଜିଲ୍ଲା ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ାଙ୍କ ସଭାପତିତ୍ୱ ଓ ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ଆୟୋଜିତ ଏହି ପ୍ରତିବାଦ ସଭାରେ ବିଧାୟକ ଗଣେଶ୍ୱର ବେହେରା, ଉତ୍କଳ ସର୍ବୋଦୟ ମଣ୍ଡଳ ଜିଲ୍ଲା ସଭାପତି ଅକ୍ରୁର ପଲାଇ, ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ଡ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ରମଣୀରଞ୍ଜନ ରାଉତରାୟ, ଫକୀର ଖଟୁଆ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଗୟାଧର ଧଳ, ମୁକ୍ତାର ଖାଁ, ଡ. ଚୈତନ୍ୟ ଚରଣ ପରିଡ଼ା, ଆଇନଜୀବୀ ବିଜୟ ପରିଡ଼ା, ସଞ୍ଜୟ ଜେନା, ରବୀନ୍ଦ୍ର ଜେନା, ବୈଷ୍ଣବ ସ୍ୱାଇଁ, ନୃସିଂହ ତ୍ରିପାଠୀ, ଅମରେନ୍ଦ୍ର ଦାସ, ଧୀରେନ୍ ବେହେରା ପ୍ରମୁଖ ଯୋଗଦେଇ ଅପରାଧୀଙ୍କୁ କଠୋର ଦଣ୍ଡବିଧାନ ସହ ପ୍ରତିମୂର୍ତ୍ତି ପୁନଃସ୍ଥାପନ ଦାବି କରିଥିଲେ।

## ପ୍ରଧାନଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ରାଜନଗର, ୧୧।୯ (ସମିସ):** ରାଜନଗର ବ୍ଲକ ବାହାରଗଡ଼ସ୍ଥ ଠାକୁର ନିଗମାନନ୍ଦ ଆଶ୍ରମ ପରିସରରେ ପ୍ରଧାନଶିକ୍ଷକ ବୈଲୋଚନ ରାଉତଙ୍କ ଆତ୍ମାର ସଦଗତି ନିମନ୍ତେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଅନୀଲ ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥିମାନେ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ନିରଞ୍ଜନ ଶତପଥୀ, ବିଜୟ ଜେନା, ଅଭିମନ୍ୟୁ ବରାଳ, ସୁକାନ୍ତ ମହାନ୍ତି, ନୃସିଂହ ଜେନା, ନଳିନୀ ରାଉତ, ରଙ୍ଗାଧର ଜେନା, ବାସନ୍ତୀ ଜେନା, ନଳିନୀ ବିଶ୍ୱାଳ, ଗୋକୁଳ ମାହାନ୍ତ, ଗୌରୀ ପଣ୍ଡା, ବିଭୂତି ଭୂଷଣ ରାଉତ, ବିଶ୍ୱଭୂଷଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ବିବେକାନନ୍ଦ ବକ୍ତୃତାମାଳା**

## 'ସ୍ୱାମୀ ବିବେକାନନ୍ଦ ଜାତୀୟତାର ପ୍ରତୀକ'

**କେନ୍ଦ୍ରାପଡ଼ା, ୧୧।୯ (ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ମହାବିଦ୍ୟାଳୟ ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠ ଦ୍ୱାରା ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଯୁବ ଶାଖା ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୁବ ବିଭାଗର ମୁଖ୍ୟ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟ ଆଭ୍ୟନ୍ତରିକ ଗୁଣବତ୍ତା ଆଶ୍ୱାସନ ପ୍ରକୋଷ୍ଠର ସଂଯୋଜିକା ଡ. ଦିପ୍ତୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲୋକ ସଂସଦର ବିଚାରଧାରା ବିଭାଗ ରାଜ୍ୟ ଅଧ୍ୟକ୍ଷ ଜଗତ କିଶୋର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାମୀଜୀଙ୍କ ଅଦ୍ୱୈତ ବେଦାନ୍ତ ଦର୍ଶନର ତର୍ଜମା କରିଥିଲେ। ପୂର୍ବ ସମ୍ପାଗର ବିଚାରଧାରା ଅଧ୍ୟକ୍ଷ ଡ. ପ୍ରମୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୀମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଉକ୍ତ ସଭାରେ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡ଼ା, ଲୋକ ସଂସଦର ଜିଲ୍ଲା ସଭାପତି ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ, ବାୟାବାବା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ଦ୍ୱିବେଦୀ, ଅଧ୍ୟାପକ ରଞ୍ଜିତ ଦାସ, ଲୋକ ସଂସଦ ସଭ୍ୟ ସୁରେନ୍ଦ୍ର ନାଥ ପଣ୍ଡା, ମଞ୍ଜୁଶ୍ରୀ ବରାଳ, ଅଧ୍ୟାପକ ଡ. ଦେବକାନ୍ତ ଷଡଙ୍ଗୀ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ଆନନ୍ଦ ନାୟକ, ଅଧ୍ୟାପିକା ରତ୍ନମଞ୍ଜରୀ ଦାଶ, ରୀନାରାଣୀ ପଡ଼ିଆରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଧୋଆଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦାବି

**ପଟ୍ଟାମୁଣ୍ଡାଇ, ୧୧।୯ (ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଓ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଚିରଅବହେଳିତ ଧୋଆଅଞ୍ଚଳର ଅଳପୁଆ, ତରଡିପାଳ, ପେଣ୍ଠପାଳ, ସିଂହଗାଁ, ବଲୁରିଆ, ଅଣ୍ଡରା, ଅମୃତମଣୋହି ପ୍ରଭୃତି ୭ଟି ପଞ୍ଚାୟତ ସାମଗ୍ରିକ ବିକାଶର ବହୁ ପଛରେ ରହିଛି। ଏଭଳି ଅଭିଯୋଗ କରିଛି ବନ୍ୟାଞ୍ଚଳ ଅଗ୍ରସର କର୍ମଚାରୀ ପରିଷଦ। ପରିଷଦ ପକ୍ଷରୁ କୁହାଯାଇଛି, ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ମରୁଡ଼ି ଏ ଅଞ୍ଚଳର ଅଧିବାସୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ଧୋଆଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ ଓ କୃଷି କ୍ଷେତ୍ରରେ ବହୁ ପଛରେ ରହିଥିବାବେଳେ ଆଶାନୁରୂପ ଉନ୍ନତି ହୋଇପାରିନାହିଁ। ଧୋଆଅଞ୍ଚଳର ଯୁବକ ସ୍ଥାନୀୟ ଅଞ୍ଚଳରେ କର୍ମସଂସ୍ଥାନ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟ ଓ ଦେଶକୁ ଯାଉଛନ୍ତି। ଧୋଆଅଞ୍ଚଳର ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ କଟକ, ଭୁବନେଶ୍ୱର ଯାଇ ଚିକିତ୍ସା ନାମରେ ଦଲାଲଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ବିଦ୍ୟାଳୟ ମାନଙ୍କରେ ଛାତ୍ର ସଂଖ୍ୟା ଅନୁପାତରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବ୍ୟାହତ ହେଉଛି। ପଞ୍ଚାୟତର ବିଭିନ୍ନ ପଡ଼ା ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଦୈନିକ ୨୦ରୁ ଅଧିକ ଥର ବିଦ୍ୟୁତ କାଟ ହେଉଛି। ପାଟପାରିରେ ୫ ଶହ ହେକ୍ଟର ଚାଷ ଜମିଥିଲେ ହେଁ ନାଳ ପାରି ହେବାକୁ ପୋଲ ନ ଥିବାରୁ ଜମି ଚାଷ ନ ହୋଇ ବେଣା ବାରିରେ ପରିଣତ ହେଲାଣି। ପେଣ୍ଠପାଳର ବାଘୁଆ ନାଳ ଓ ଅଣ୍ଡରାର ଗୁଡିଆ ଯୋର ଉପରେ ପୋଲ ନିର୍ମାଣ ହୋଇପାରୁନାହିଁ। ତରଡିପାଳ ପଞ୍ଚାୟତର ରାମ ନାୟକଡିଆରେ ଥିବା ଝାଡ ବଣକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପାଇଁ ଦାବି ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଧୋଆଅଞ୍ଚଳର ସାମଗ୍ରିକ ବିକାଶ ସରକାରୀ ସ୍ତରରେ ଉଦ୍ୟମ ହେଉ ନ ଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।

# ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡ଼ା, ୧୧।୯ (ସମିସ):** କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାର ସଫଳ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମ୍ୟୁନିସିପାଲିଟି ଟାଉନ ହଲରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ମ୍ୟୁନିସିପାଲିଟି ଚେୟାରମ୍ୟାନ ସରିତା ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ପୂଜା କମିଟି ସଦସ୍ୟ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା, ଅନୁମତିପତ୍ର ପ୍ରଦାନ, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟ ସେବା, ପରିମଳ, ଆଲୋକ ଯୋଗାଣ, ଜଳଯୋଗାଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମେତ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହୋଇଥିଲା। ସିଙ୍ଗଲ ଉଇଣ୍ଡ ଅନୁମତିପତ୍ର ପ୍ରଦାନ ନିମନ୍ତେ ବ୍ୟବସ୍ଥା କରିବାକୁ ପୂଜା କମିଟି ପ୍ରସ୍ତାବ ଦେଇଛନ୍ତି। ଏଥିସହିତ ଡିଜେ ସାଉଣ୍ଡ, ଭାଇବ୍ରେଟରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଭସାଣି ଦୁଇଦିନ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ସହରରେ ସମ୍ପୂର୍ଣ୍ଣ ଷ୍ଟ୍ରିଟ୍‌ଲାଇଟ ବ୍ୟବସ୍ଥା ଇତ୍ୟାଦି ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପୂଜାକୁ ସଫଳତାର ସହ ଆୟୋଜନ ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ବେଆଇନ ନିର୍ମାଣ ଉପରେ ପୁଣି ନାଲି ପତାକା ଲଗାଇଲା ପ୍ରଶାସନ

**ମାଳିପୁର, ୧୧।୯ (ସମିସ)**

ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରସାରଣ ପରେ ବେଆଇନ ନିର୍ମାଣ ଉପରେ ପୁଣି ପ୍ରଶାସନ ପକ୍ଷରୁ ନାଲି ପତାକା ଲଗାଯାଇଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ଦୁଇବର୍ଷ ପୂର୍ବେ ମା' ରାମଚଣ୍ଡୀଙ୍କ ମନ୍ଦିର ନିକଟରେ ସରକାରୀ ଜମିରେ ଜଣେ ବ୍ୟକ୍ତି ବେଆଇନ ଭାବେ ଦୁଇବଖରା ଘର ନିର୍ମାଣ କରୁଥିଲେ। ଉକ୍ତ ଘରକୁ ବେଆଇନ ଦର୍ଶାଇ ପ୍ରଶାସନ ପକ୍ଷରୁ ତହସିଲଦାର ଓ ପୁଲିସ ଟିମ ଉପସ୍ଥିତିରେ ଭାଙ୍ଗି ଦିଆଯାଇଥିଲା। ତତସହିତ ଉକ୍ତ ସ୍ଥାନରେ ବେଆଇନ ନିର୍ମାଣ ଉପରେ ରୋକ ଲଗାଯାଇ ନାଲି ପତାକା ମଧ୍ୟ ଲଗାଇ ଦିଆଯାଇଥିଲା। ସମ୍ପୃକ୍ତ ବେଆଇନ ନିର୍ମାତାଙ୍କ ଉପରେ ସରକାରଙ୍କ ପକ୍ଷରୁ ମୋକଦ୍ଦମା ମଧ୍ୟ କରାଯାଇଥିଲା। କିନ୍ତୁ ଗତ କିଛିଦିନ ହେବ ପ୍ରଶାସନକୁ ଚ୍ୟାଲେଞ୍ଜ କରି ଉକ୍ତ ଭଙ୍ଗାଯାଇଥିବା ଘର ଉପରେ ପୁନର୍ବାର ନିର୍ମାଣ କରାଯାଉଥିବା ନଜରକୁ ଆସିଥିଲା। ଏ ସମ୍ବନ୍ଧରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପରେ ଗତ କିଛିଦିନ ଧରି ଚାଲିଥିବା ବେଆଇନ ନିର୍ମାଣ ବିରୁଦ୍ଧରେ ସ୍ଥାନୀୟ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହିତ ନିଜେ ଶ୍ରୀରାମପୁରରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ତାଙ୍କ ଉପସ୍ଥିତିରେ ବେଆଇନ ନିର୍ମିତ କୋଠା ଉପରେ ଲାଲ ପତାକା ଲଗାଯାଇଥିଲା। କିନ୍ତୁ ଦୁର୍ବୃତ୍ତ ରାତିରେ ଉକ୍ତ ପତାକାକୁ ଫୋପାଡ଼ି ଦେଇ ଛୁଟିଦିନ ଦେଖି ପୁନଶ୍ଚ ନିର୍ମାଣ କାର୍ଯ୍ୟ କରିବାକୁ ମସୁଧା ଚଳାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏହି ନିର୍ମାଣ ଗାଁର ମୌଳିକ ଭିତ୍ତିଭୂମିକୁ ପ୍ରଭାବିତ କରିବା ସହିତ ସାଧାରଣ ରାସ୍ତା ଓ ଗୃହପାଳିତ ପଶୁଙ୍କ ଚାରଣ ଭୂମିକୁ ମଧ୍ୟ ଅବରୋଧ କରିବା ସହିତ ଭବିଷ୍ୟତରେ ଏହି ବେଆଇନ ନିର୍ମାଣ ଗାଁରେ ବିଶୃଙ୍ଖଳା ସୃଷ୍ଟି କରିପାରେ ବୋଲି ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ବେଆଇନ ନିର୍ମାଣରେ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ନିର୍ମାଣରେ ସହଯୋଗ କରୁଥିବା ମିସ୍ତ୍ରି ଓ ଶ୍ରମିକଙ୍କ ବିରୁଦ୍ଧରେ ପୁଲିସ ସହାୟତାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗଢ଼ାଯାଇଥିବା ଘରକୁ ଭାଙ୍ଗିବା ପାଇଁ ପ୍ରଶାସନ ନିକଟରେ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

- ପତାକାକୁ କାଢ଼ି ଫିଙ୍ଗିଦେଲେ ଦୁର୍ବୃତ୍ତ
- ଛୁଟି ଦିନରେ କାମ କରିବାକୁ ଅବୈଧ ନିର୍ମାତାଙ୍କ ମସୁଧା

**ସକାଳ ପ୍ରଭାବ**

